

ଗୀତ ଗାଇଲେ ସୁହାନା

▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/thesakalanews

/TheSakala

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-159 ♦BHUBANESWAR ♦MONDAY ♦4 DECEMBER 2023 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୫୯ ♦ଭୁବନେଶ୍ୱର ♦ସୋମବାର ♦୪ ଡିସେମ୍ବର ୨୦୨୩ ♦ପୃଷ୍ଠା-୧୬ ♦ଟ.୬.୦୦


### ବିଧାନସଭା ନିର୍ବାଚନ ଫଳ: ଫେଲ୍ ମାରିଲା ବୁଥ୍ ବାହୁଡ଼ା ମତ

# ବିଜେପିକୁ ବହୁମତ

## ଛତିଶଗଡ଼, ରାଜସ୍ଥାନରେ ବିଜେପି ଗଢ଼ିବ ସରକାର

## ମଧ୍ୟପ୍ରଦେଶରେ ଦଳ ବଜାୟ ରଖିଲା ପୂର୍ବ ସ୍ଥିତି

## ବିଆର୍ଏସ୍‌କୁ ଝଟ୍‌କା: କଂଗ୍ରେସ କବ୍‌ଜାରେ ତେଲଙ୍ଗାନା

■ **ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି):** ବହୁଚର୍ଚ୍ଚିତ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ମଧ୍ୟରୁ ରବିବାର ୪ ରାଜ୍ୟର ଫଳାଫଳ ପ୍ରକାଶ ପାଇଛି। ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଏବଂ ତେଲଙ୍ଗାନା ଆଦି ରାଜ୍ୟର ଫଳାଫଳ ପ୍ରକାଶ ପାଇଥିଲା ବେଳେ ଏଥିମଧ୍ୟରୁ ତିନି ରାଜ୍ୟରେ ବିଜେପି ବାଜିମାତ୍ କରିଥିବା ବେଳେ ତେଲଙ୍ଗାନାରେ ବିଆର୍ଏସ୍‌କୁ ଝଟ୍‌କା ଦେଇ କଂଗ୍ରେସ ବିଜୟୀ ହୋଇଛି।

ସବୁ କଳ୍ପନାଜଳ୍ପନାକୁ ପଛରେ ପକାଇ ରାଜସ୍ଥାନ ଏବଂ ଛତିଶଗଡ଼ ଭଳି ଦୁଇ କଂଗ୍ରେସଶାସିତ ରାଜ୍ୟରେ ବିଜେପି ବିପୁଳ ଆସନରେ ବିଜୟୀ ହେବା ସାଧାରଣ ଭୋଟରଙ୍କ ଠାରୁ ଆରମ୍ଭ କରି ରାଜନୀତିକ ମହଲକୁ ବିସ୍ମିତ କରିଦେଇଛି। ବୁଥ୍ ବାହୁଡ଼ା ସର୍ଭେ ରିପୋର୍ଟରେ ଯାହା ଆକଳନ କରାଯାଇଥିଲା, ତାହା ମଧ୍ୟ ଭୁଲ୍ ପ୍ରମାଣିତ ହୋଇଛି। ଛତିଶଗଡ଼ ଫଳାଫଳ କଂଗ୍ରେସ ସପକ୍ଷରେ ଯିବ ବୋଲି ଅଧିକାଂଶ ସର୍ଭେ ରିପୋର୍ଟରେ ଆକଳନ କରାଯାଇଥିଲା। କିନ୍ତୁ ଏଠାରେ ବିଜେପି ବହୁ ସଂଖ୍ୟାରେ ବିଜୟୀ ହୋଇଛି। ୯୦ ଆସନ ବିଶିଷ୍ଟ ଛତିଶଗଡ଼ରେ ବିଜେପି ୫୪ ଆସନରେ ବିଜୟୀ ହୋଇଥିଲା ବେଳେ କଂଗ୍ରେସକୁ ମାତ୍ର ୩୫ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

ସେହିପରି ରାଜସ୍ଥାନର ୨୦୦ ବିଧାନସଭା ଆସନ ମଧ୍ୟରୁ ଚଳିତଥର ୧୯୯ ଆସନରେ ନିର୍ବାଚନ ହୋଇଥିଲା ବେଳେ ବିଜେପି ୧୧୫ ଆସନରେ ବିଜୟୀ ହୋଇଛି। କଂଗ୍ରେସକୁ ୬୯ ଆସନ ମିଳିଥିଲା ବେଳେ ବିଏସପି ୨ ଏବଂ ଆରଏଲପି ୨ ଆସନରେ ବିଜୟୀ ହୋଇଛନ୍ତି। ତେବେ ମଧ୍ୟପ୍ରଦେଶ ଫଳାଫଳ ସମସ୍ତଙ୍କ ଚକିତ କରିଦେଇଛି। ୨୩୦ ଆସନ ବିଶିଷ୍ଟ ଏହି ରାଜ୍ୟରେ ବିଜେପି ସର୍ବାଧିକ ୧୬୪ ଆସନରେ ବିଜୟୀ ହୋଇଥିବା ବେଳେ କଂଗ୍ରେସକୁ ମାତ୍ର ୬୫ ଆସନ ମିଳିଛି। ଅନ୍ୟପକ୍ଷରେ ତେଲଙ୍ଗାନାରେ କଂଗ୍ରେସ ବିଜୟୀ ହୋଇ ଶାସକ ବିଆରଏସକୁ ଚକମା ଦେଇଛି। ଏଠାରେ ୧୧୯ ଆସନରେ ନିର୍ବାଚନ ହୋଇଥିଲା ବେଳେ କଂଗ୍ରେସ ସର୍ବାଧିକ ୬୪ ଆସନରେ ବିଜୟୀ ହୋଇଛି। କେସିଆରଙ୍କ ଦଳ ବିଆରଏସ୍‌କୁ ମାତ୍ର ୩୯ଟି ଆସନ ମିଳିଛି।




| ଛତିଶଗଡ଼ | ୯୦ |
|---|---|
| ବିଜେପି | ୫୪ |
| କଂଗ୍ରେସ | ୩୫ |
| ଅନ୍ୟ | ୧ |




| ମଧ୍ୟପ୍ରଦେଶ | ୨୩୦ |
|---|---|
| ବିଜେପି | ୧୬୪ |
| କଂଗ୍ରେସ | ୬୫ |
| ଅନ୍ୟ | ୧ |




| ରାଜସ୍ଥାନ | ୧୯୯ |
|---|---|
| ବିଜେପି | ୧୧୫ |
| କଂଗ୍ରେସ | ୬୯ |
| ସ୍ୱାଧୀନ | ୮ |
| ଅନ୍ୟ | ୫ |




| ତେଲଙ୍ଗାନା | ୧୧୯ |
|---|---|
| କଂଗ୍ରେସ | ୬୪ |
| ବିଆର୍ଏସ୍ | ୩୯ |
| ବିଜେପି | ୮ |
| ଅନ୍ୟ | ୮ |

### ଶକ୍ତିଶାଳୀ ହେଉଛି ବାତ୍ୟା 'ମିଚାଉଁ'

# ଆଜିଠାରୁ ଦକ୍ଷିଣ ଓଡ଼ିଶାରେ ଝଡ଼ବର୍ଷା

■ **ଭୁବନେଶ୍ୱର, ୩।୧୨ (ସମିସ):** ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ମିଚାଉଁ (ବର୍ମିଜ୍ ଭାଷାରେ ମିଗ୍‌ଜୋମ୍) ପ୍ରଭାବରେ ରାଜ୍ୟରେ ପାଗ ବଦଳିଯାଇଛି। ରବିବାରଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମେଘୁଆ ସହ ଦକ୍ଷିଣ ଓଡ଼ିଶାରେ ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହୋଇଛି। ସୋମବାର ଏହି ସ୍ଥିତିରେ ଆହୁରି ପରିବର୍ତ୍ତନ ଆସିବା ସହ ରାଜ୍ୟର କିଛି ସ୍ଥାନରେ ବାତ୍ୟା ଯୋଗୁଁ ପ୍ରବଳ ବର୍ଷାର ଆଶଙ୍କା ରହିଛି। ଧୀରେ ଧୀରେ ବର୍ଷାର ପ୍ରକୋପ ବୃଦ୍ଧି ହେବା ସହ ୫ ତାରିଖରେ ବାତ୍ୟାର ସର୍ବାଧିକ ପ୍ରଭାବ ପଡ଼ିବ ବୋଲି ଆପଣିପାଗ କେନ୍ଦ୍ର ଆକଳନ କରିଛି। ସେହିଦିନ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହ ରାଜ୍ୟର ଦକ୍ଷିଣ ଉପକୂଳବର୍ତ୍ତୀ କିଛି ଜିଲ୍ଲାରେ ପବନର ବେଗ ବଢ଼ି ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବ ବୋଲି ଜଣାପଡ଼ିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବାତ୍ୟା ମିଚାଉଁ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ରହିଛି। ଏହା ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଘନୀଭୂତ ହେବା ସହ ଘଣ୍ଟା ପ୍ରତି ୮ କିମି. ବେଗରେ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ରବିବାର ସନ୍ଧ୍ୟା ସୁଦ୍ଧା ପୁଡୁଚେରୀଠାରୁ ୨୪୦ କିଲୋମିଟର ପୂର୍ବ, ଚେନ୍ନାଇଠାରୁ ୨୧୦ କିମି. ଏବଂ ନେଲୋର୍‌ଠାରୁ ୩୩୦ କିମି. ଦୂରରେ ରହିଛି। ଏହା ପରବର୍ତ୍ତୀ ସମୟରେ ଆଗକୁ ବଢ଼ିବା ସହ ୪ ତାରିଖ ପୂର୍ବାହ୍ନ ବେଳକୁ ଅଧିକ ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ନିକଟସ୍ଥ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ନିକଟତର ହେବ। ଏହାପରେ ମିଚାଉଁ ଉତ୍ତର ଦିଗରେ ପ୍ରାୟ ସମାନ୍ତରାଳ ଭାବେ ଗତିକରିବା ସହ ଭୀଷଣ ବାତ୍ୟାର ରୂପନେଇ ୫ ତାରିଖ ପୂର୍ବାହ୍ନରେ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳର ନେଲୋର ଏବଂ ମଛଲିପଟ୍ଟନମ୍ ମଧ୍ୟରେ ସ୍ଥଳଭାଗ ଛୁଇଁବ। ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ଘଣ୍ଟା ପ୍ରତି ୯୦ ରୁ ୧୦୦ କିମି. ▶ପୃଷ୍ଠା-୯

**୫ରେ ରାଜ୍ୟରେ ପଡ଼ିବ ସର୍ବାଧିକ ପ୍ରଭାବ**

**ସବୁ ବନ୍ଦର ପାଇଁ ୨ ନଂ ବିପଦ ସଙ୍କେତ**




**'ଶୂନ୍ୟମୃତ୍ୟୁ ସପ୍ତାହ'ରେ ବଡ଼ ଦୁର୍ଘଟଣା**

## ଦୁଇ ଦିନରେ ୨୦ ମୃତ

■ **ଭୁବନେଶ୍ୱର, ୩।୧୨ (ସମିସ):** ଶୂନ୍ୟ ମୃତ୍ୟୁ ସପ୍ତାହ ଆରମ୍ଭ ହେବାର ପ୍ରଥମ ଦୁଇ ଦିନରେ ଦୁର୍ଘଟଣାରେ ଯାଇଛି ୨୦ ଜୀବନ। ଏହା ପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୁଲିସ ଓ ପରିବହନ ବିଭାଗ ଅଧିକାରୀଙ୍କ ଚେତା ପଶିଛି। ବିଭିନ୍ନ ସ୍ଥାନରେ ଆଜି ସକାଳୁ ସକାଳୁ ବେଆଇନ ପାର୍କିଂ ଓ ବେପରୁଆ ଗାଡ଼ି ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବେଆଇନ ପାର୍କିଂ କରିଥିବା ଗାଡ଼ିଗୁଡ଼ିକ ଉପରେ ଚାଲାଣ କରାଯାଇଛି। କେବଳ ଗାଡ଼ି ଚାଳକ ନୁହେଁ; ରାସ୍ତା କଡ଼ରେ ଥିବା ଦୋକାନ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇଛି। ▶ପୃଷ୍ଠା-୯

**ଏନ୍ଏଚ୍‌ରେ ବେଆଇନ୍ ପାର୍କିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ**

## ଏନ୍ଏଚ୍ଏଆଇର ପାଟ୍ରୋଲିଂ ଇନ୍‌ଚାର୍ଜଙ୍କୁ ପୁଲିସ୍‌ର ଚେତାବନୀ

■ **କେନ୍ଦୁଝର, ୩।୧୨ (ସମିସ):** ଗତ ଶୁକ୍ରବାର ଘଟଗାଁ ଥାନା ବାଲିଯୋଡ଼ି ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୮ ଜଣଙ୍କ ମୃତ୍ୟୁ ଘଟଣାରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ବିରୋଧରେ ମାମଲା ରୁଜୁ କରିଛି ଘଟଗାଁ ପୁଲିସ। ଏନ୍ଏଚ୍ଏଆଇର ଅବହେଳା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ନେଇ ▶ପୃଷ୍ଠା-୯

## ଲୋକକଥା



ତିନି ରାଇଜରେ ନିର୍ବାଚନ ଜିତି
କୁଲୁକୁଲୁ ହୁଏ 'ଫୁଲ',
ମନଭାବରୁ ତ ଜଣା ପଡ଼ିଲାଣି
ବଢ଼ିବ ଦରବ ମୂଲ।
ଲୋକେ ହେବେ କଲବଲ,
ନିର୍ବାଚନ ବେଳେ ଦରକୁ କମେଇ
ହୋଇବେ ସତେକି ଭଲ !!

### ଶାଳୀ ପ୍ରେମରେ ଅନ୍ଧହେଲା ଭାଇ

## ସାଙ୍ଗଙ୍କ ଦ୍ୱାରା ଭଉଣୀକୁ ଦୁଷ୍କର୍ମ ପରେ ହତ୍ୟା

■ **ଫୁଲବାଣୀ, ୩।୧୨(ସମିସ):** ଶାଳୀ ପ୍ରେମରେ ଭାଇ ଅନ୍ଧ ହୋଇ ନିଜ ଭଉଣୀକୁ ସାଙ୍ଗଙ୍କ ଦ୍ୱାରା କରାଇଛି ଦୁଷ୍କର୍ମ। ଚକାପାଦ ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ତଥା ବୀଭତ୍ସ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ନିଜ ଭଉଣୀକୁ ହତ୍ୟା କରିଥିବା ଅଭିଯୋଗରେ ଭାଇକୁ ଗିରଫ କରାଯାଇଛି। ଏଥିସହ ଭାଇ ଆଖିଆଗରେ ସାଙ୍ଗମାନେ ପୀଡ଼ିତାଙ୍କୁ ଦୁଷ୍କର୍ମ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଉ ଜଣେ ଫେରାର ରହିଛି।

ସୂଚନା ଅନୁଯାୟୀ, ଚକାପାଦ ଥାନା ଚାହାଳି ପଞ୍ଚାୟତ ଲିଙ୍ଗାଗଡ଼ ଗ୍ରାମର ପୁଷ୍ପାଞ୍ଜଳି ଭୋଇ ବାପା ଭରତଙ୍କ ସହ ରହୁଥିଲେ। ଘର ନିକଟରେ ତାଙ୍କ ବଡ଼ଭାଇ ପରେଶ ଭୋଇ ସ୍ତ୍ରୀଙ୍କ ସହିତ ଅଲଗା ରହୁଛନ୍ତି। ତେବେ କିଛି ଦିନ ହେଲା ସେ ନିଜ ଶାଳୀଙ୍କୁ ଆଣି ପାଖରେ ରଖିଥିଲେ। ଶାଳୀଙ୍କ ସହ ସମ୍ପର୍କକୁ ନେଇ ପୁଷ୍ପାଞ୍ଜଳି ଭାଇଙ୍କୁ ବିରୋଧ କରି ଆସୁଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ମନାନ୍ତର ହୋଇଥିଲା। ନଭେମ୍ବର ୩ ତାରିଖ ଦିନ ପୁଷ୍ପାଞ୍ଜଳି ଶିଆଳି ପତ୍ର ସଂଗ୍ରହ ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ପରେଶ ମଧ୍ୟ ସେହି ସ୍ଥାନକୁ ଗାଈ ଚରାଇବା ପାଇଁ ଯାଇଥିଲେ। ପୁଷ୍ପାଞ୍ଜଳିଙ୍କୁ ସେଠାରେ ଦେଖି ପ୍ରତିଶୋଧ ନେବା ପାଇଁ ଯୋଜନା କରିଥିଲେ ପରେଶ। ଏହାପରେ ସେ କିଛି ସାଙ୍ଗଙ୍କୁ ଫୋନ କରି ସେଠାକୁ ଡକାଇ ଥିଲେ। ସମସ୍ତେ ମିଶି ସେଠାରେ ମଦ ପିଇବା ପରେ ପରେଶଙ୍କ ସାଙ୍ଗ ମାନେ ପୁଷ୍ପାଞ୍ଜଳିଙ୍କ ସହ ଦୁଷ୍କର୍ମ କରିଥିଲେ। ଏଥିରେ ପୁଷ୍ପାଞ୍ଜଳି ପ୍ରତିରୋଧ କରିବା ସହ ପାଟି କରିବାରୁ ପରେଶ ▶ପୃଷ୍ଠା-୯

**୫ ଗିରଫ, ଜଣେ ଫେରାର**

# ସବୁ ଜିଲ୍ଲାରେ ହେବ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର

## ପ୍ରାରମ୍ଭିକ ପର୍ଯ୍ୟାୟରେ ୯ ଜିଲ୍ଲାରେ ପାଇଲଟ୍ ପ୍ରକଳ୍ପ

■ **ଭୁବନେଶ୍ୱର, ୩।୧୨ (ସମିସ):** ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ସ୍ଥାପନ ହେବ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର (ଏଆର୍‌ସି)। ଜନ୍ମରୁ ହେଉ ବା ଦୁର୍ଘଟଣାର ଶିକାର ହୋଇ ଅଙ୍ଗ ହରାଇଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଏଠାରେ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଯୋଗାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ୯ଟି ଜିଲ୍ଲାରେ ଏଆରସି ପ୍ରତିଷ୍ଠା କରାଯିବ ଓ ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ୨୧ ଜିଲ୍ଲାରେ ଏହି କେନ୍ଦ୍ର ସ୍ଥାପନ ହେବ। ପ୍ରତି ଏଆରସି ପାଇଁ ୨୭ କୋଟିରୁ ୩୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ରାଜ୍ୟରେ ମାତ୍ର କିଛି ହାତ ଗଣତି ସ୍ଥାନରେ ଏଆରସି ଥିବାରୁ କୃତ୍ରିମ ଅଙ୍ଗ ପ୍ରତିରୋପଣ ପାଇଁ ଲୋକେ ଭୁବନେଶ୍ୱର, ରାଉରକେଲା ଯିବାକୁ ବାଧ୍ୟ ହେଉଛନ୍ତି। ତେଣୁ ଏକ ଯୁଗାନ୍ତକାରୀ ନିଷ୍ପତ୍ତିକ୍ରମେ ସବୁ ଜିଲ୍ଲାରେ ଏଆରସି ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଦିବ୍ୟାଙ୍ଗ, ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କର ବହୁତ ବଡ଼ ସମସ୍ୟାର ସମାଧାନ ହୋଇପାରିବ। ସେମାନେ ମଧ୍ୟ ସ୍ୱାଭାବିକ ଜୀବନ ଯାପନ କରିବା ପାଇଁ ସାମର୍ଥ୍ୟ ପାଇବେ ବୋଲି କୁହାଯାଇଛି। ସମ୍ପ୍ରତି ଭୁବନେଶ୍ୱର, ସୁନ୍ଦରଗଡ଼, କେନ୍ଦୁଝର ଓ ଅନୁଗୁଳରେ ଏଆରସି ସ୍ଥାପନ କରାଯାଇଛି। ତେବେ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ଥିବା ଏଆରସି ଉପରେ ଅଧିକ ଚାପ ପଡୁଛି। ▶ପୃଷ୍ଠା-୯

**ପ୍ରତ୍ୟେକ କେନ୍ଦ୍ର ପାଇଁ ବ୍ୟୟହେବ ୩୦ କୋଟି ଟଙ୍କା**

**ଭୁବନେଶ୍ୱର ଏବଂ ଅନ୍ୟ ଜିଲ୍ଲା ଉପରେ କମିବ ଚାପ**








PARAMEDICS & ALLIED HEALTH COURSES :

Certificate Courses:
- Ophthalmic Assistance
- Dialysis Technician
- Operation Theatre (OT) Technician
- Electrocardiogram (ECG) Technician
- Electroencephalogram (EEG) Technician
- Electromyography (EMG) Technician
- Blood Collection Technician
- Ward Technician
- Ophthalmic Surgical Assistant

Diploma Courses:
- Medical Laboratory Technology
- Medical Radiology Technology

Bachelor Courses:
- B.Sc. Medical Laboratory Technology
- B.Sc. Clinical Microbiology
- B.Sc. Medical Radiation Technology (Radiology)
- B.Sc. Operation Theatre Technology
- B.Sc. Optometry
- B.Sc. Anesthesia Technology
- B.Sc. Emergency Medicine Technology
- Bachelor in Physiotherapy
- Nursing

Masters Courses:
- M.Sc. in Medical Laboratory Technology
- M.Sc. in Applied & Clinical Microbiology
- M.Sc. Optometry

CAMPUSES: PARALAKHEMUNDI | BHUBANESWAR | VIZIANAGARAM | BOLANGIR | RAYAGADA | BALASORE | CHATRAPUR



## ଗୀତ ଗାଇଲେ ସୁହାନା

କିଙ୍ଗ୍ ଖାନ୍ ଶାହରୁଖଙ୍କ ଝିଅ ସୁହାନା ଖାନ୍ ତାଙ୍କ ଆଗାମୀ ସିନେମା 'ଦ ଆର୍ଚିଜ୍' ପାଇଁ ଚର୍ଚ୍ଚାରେ ଅଛନ୍ତି। ସେ ଏହି ସିନେମାରୁ ବଲିଉଡ୍‌ରେ ପାଦ ରଖିବେ। ତେବେ ଏହା କେବଳ ଅଭିନୟରେ ସୁହାନାଙ୍କ ବଲିଉଡ୍ ଡେବ୍ୟୁ ନୁହେଁ, ସେ ଏହି ସିନେମାରେ ଗୀତ ମଧ୍ୟ ଗାଇଛନ୍ତି। ଜୋୟା ଅଖତରଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ସୁହାନା, 'ଜବ୍ ତୁମ୍ ନା ଥି...' ଗୀତରେ କଣ୍ଠଦାନ କରିଛନ୍ତି। ସେହିପରି ଖୋଦ୍ ସୁହାନା ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଏ ବାବଦରେ ସମସ୍ତଙ୍କୁ ଜଣାଇଛନ୍ତି। ସେ ଗୀତର ସ୍କ୍ରିନ୍‌ସଟ୍ ସେୟାର୍ କରି ଲେଖିଛନ୍ତି, 'ମୁଁ ମୋର ପ୍ରଥମ ଗୀତ ଗାଇଛି। ଜୋୟା ଅଖତର ଓ ଶଙ୍କର ମହାଦେବନ୍‌ଙ୍କୁ ଧନ୍ୟବାଦ। ଦୟାକରି ଗୀତଟିକୁ ସମସ୍ତେ ଶୁଣନ୍ତୁ।' ଏବେ ତାଙ୍କ ଗୀତ ଗାଇବା କଳାକୁ ଦେଖି ତାଙ୍କ ପ୍ରଶଂସକମାନେ ଖୁବ୍ ଖୁସି ହୋଇଛନ୍ତି। ଏହି ସିନେମାରେ ସୁହାନାଙ୍କ ବ୍ୟତୀତ ଶାହରୁଖ, ଅଗସ୍ତ୍ୟ ନନ୍ଦା, ଖୁସି କପୁର ପ୍ରମୁଖ ନଜର ଆସିବେ। ଡିସେମ୍ବର ୭ରେ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହେବ 'ଦ ଆର୍ଚିଜ୍'।

## ଭାରତୀୟ ନୌସେନା ଦିବସ

ଭାରତୀୟ ନୌସୈନିକଙ୍କ ଶୌର୍ଯ୍ୟକୁ ସମ୍ମାନ ଜଣାଇ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ନୌସେନା ଦିବସ ପାଳିତ ହୁଏ। ୧୯୭୧ ମସିହା ଡିସେମ୍ବର ୩ ତାରିଖରେ ପାକିସ୍ତାନୀ ସେନା ଭାରତୀୟ ବାୟୁସୀମା ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଆକ୍ରମଣ ପାଇଁ ଉଦ୍ୟମ କରୁଥିଲା। 'ଅପରେସନ ଟ୍ରାଇଡେଣ୍ଟ' ଜରିଆରେ ପାକିସ୍ତାନ ନୌସେନା ଉପରେ ଆକ୍ରମଣ କରିଥିଲା ଭାରତ। ଏଥିରେ ପାକିସ୍ତାନର କିଛି ଜାହାଜ ଓ ତେଲ ଡିପୋ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଧ୍ୱଂସର ପ୍ରଭାବ ଏତେ ଥିଲା ଯେ, ୭ ଦିନ ପର୍ଯ୍ୟନ୍ତ ଏହି ଡିପୋଗୁଡ଼ିକ ଜଳିଥିଲା। ଆକ୍ରମଣ ଯୋଗୁଁ ପାକିସ୍ତାନୀ ନୌସେନାର ଡେଷ୍ଟ୍ରୟର୍ ପିଏନ୍‌ଏସ୍ ଖାଇବର ଓ ମାଇନ୍ ସ୍ୱିପର ପିଏନ୍‌ଏସ୍ ମୁହାଫିଜ ଧ୍ୱଂସ ହୋଇଯାଇଥିଲା। ଏଥିରେ ୭୨୦ ପାକିସ୍ତାନୀ ନୌସୈନିକ ପ୍ରାଣ ହରାଇଥିଲେ। ଶେଷରେ ପାକିସ୍ତାନ ନୌସେନା ଭାରତ ନିକଟରେ ଆତ୍ମ ସମର୍ପଣ କରିଥିଲା। ତେବେ ଭାରତୀୟ ନୌସେନାର ଏହି ବଡ଼ ବିଜୟକୁ ମନେ ପକାଇବା ସହ ସେମାନଙ୍କ ବୀରତ୍ୱକୁ ସଲାମ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ନୌସେନା ଦିବସ ପାଳନ କରାଯାଇ ଆସୁଛି।





## ଆଙ୍ଗୁଠି ନଖରେ ଚେସ୍‌ବୋର୍ଡ

ରାଜସ୍ଥାନ ଚୁରୁ ଜିଲ୍ଲାର ମାଲଚାନ୍ଦ ଜାଗିଦଙ୍କ ପରିବାର କାଠ କାରିଗରୀ ପାଇଁ ଖୁବ୍ ଜଣାଶୁଣା। ଜଣେ କାଠ କାରିଗର ଭାବେ ମାଲଚାନ୍ଦ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ବହୁ ସୁନାମ ଅର୍ଜନ କରିବା ସହ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି। ତାଙ୍କ ପରିବାର ମଧ୍ୟ ଏହି ବୃତ୍ତିକୁ ପିଢ଼ି ପରେ ପିଢ଼ି ବଞ୍ଚାଇ ରଖି ଆସିଛନ୍ତି। ନିକଟରେ ଏହି ପରିବାରର ଚତୁର୍ଥ ପିଢ଼ିର ୧୫ ବର୍ଷର ବାଳକ ସୁମନ୍ କାରିଗରୀ କ୍ଷେତ୍ରରେ ଅସାଧାରଣ କାମ କରି ଗିନିଜ୍ ବିଶ୍ୱ ରେକର୍ଡରେ ନିଜ ନାମକୁ ସାମିଲ୍ କରିପାରିଛନ୍ତି। ସେ ହାତ ଆଙ୍ଗୁଠି ନଖରେ ଏକ କ୍ଷୁଦ୍ର ଚେସ୍‌ବୋର୍ଡ ଅଙ୍କନ କରି ଏହି ବିରଳ କୃତିତ୍ୱ ହାସଲ କରିଛନ୍ତି। ଯାହାକୁ ଏବେ ବିଶ୍ୱର ସବୁଠୁ ଛୋଟ ଚେସ୍‌ବୋର୍ଡ ବୋଲି କୁହାଯାଉଛି। ସୁମନଙ୍କ ପିତା ଏନେଇ କହିଛନ୍ତି, ଏଭଳି ଛୋଟ ଚେସ୍‌ବୋର୍ଡ ତିଆରି କରିବା ଏତେ ସହଜ ନଥିଲା। ସେଥିପାଇଁ ସେ ପ୍ରଥମେ ୨ ଇଞ୍ଚ ପରେ ଦେଢ଼ ଇଞ୍ଚ, ତା' ପରେ ଅଧା ଇଞ୍ଚ ଶେଷରେ ଏକ ଇଞ୍ଚର ଚାରି ଭାଗରୁ ଭାଗେ ଅର୍ଥାତ୍ ୭ ଏମ୍‌ଏମ୍ ଚେସ୍ ଓ ୩୨ ଗୋଟି ତିଆରି କରିଛି। ନବମ ଶ୍ରେଣୀରେ ପଢୁଥିବା ସୁମନ କୁହନ୍ତି, ଏହି ଛୋଟ ଚେସ୍ ତିଆରି କରିବା ପାଇଁ ତାଙ୍କୁ ମାସେ ଲାଗିଥିଲା।

## ଦୁଇଥାକିଆ ସାଇକଲ୍



ସାଧାରଣତଃ ଦୁଇଥାକିଆ ବସ୍ ତଥା ଟ୍ରେନ୍ ବାବଦରେ ସମସ୍ତେ ଜାଣନ୍ତି। କିନ୍ତୁ କେହି କେବେ ଦୁଇଥାକିଆ ସାଇକଲ ଦେଖି ନ ଥିବେ। କିନ୍ତୁ ନିକଟରେ ଏପରି ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଯେଉଁଥିରେ ଜଣେ ବୃଦ୍ଧ ଏକ ଦୁଇଥାକିଆ ସାଇକଲ ଚଳାଉଥିବାର ନଜର ଆସିଛନ୍ତି। ଏହି ଭିଡିଓରେ ଦୃଶ୍ୟମାନ ହେଉଥିବା ସାଇକଲ୍ ସାଧାରଣ ସାଇକଲ ଠାରୁ ଅଧିକ ଉଚ୍ଚ। ଏଥିରେ ଦୁଇଟି ପେଡାଲ ରହିଛି। ଅନ୍ୟପଟେ ଗୋଟିଏ ସାଇକଲ୍ ଉପରେ ଆଉ ଗୋଟିଏ ସାଇକଲର ଫ୍ରେମ୍ ଯୋଡ଼ା ଯାଇଛି। ବୃଦ୍ଧ ଜଣଙ୍କ ଏହି ସାଇକଲ୍ ଉପରେ ବସି ଖୁବ୍ ଜୋର୍‌ରେ ପେଡାଲ୍ ମାରୁଛନ୍ତି। ସାଇକଲ୍ ହ୍ୟାଣ୍ଡେଲ୍ ବଦଳରେ ଏଥିରେ ଷ୍ଟିୟରିଂ ଲଗାଯାଇଛି ଏବଂ ସେ ଖୁବ ଦକ୍ଷର ସହକାରେ ଏହା ଉପରେ ବସି ଚଳାଉଛନ୍ତି।

## ସଚିନଙ୍କ ନାମରେ ରେଳ ଷ୍ଟେସନ

ଭାରତୀୟ ରେଳକୁ ବିଶ୍ୱର ଚତୁର୍ଥ ସବୁଠୁ ବଡ଼ ନେଟୱାର୍କ କୁହାଯାଏ। ଭାରତରେ ଆଜି ବି ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ରେଳ ଯାତାୟାତ କରୁଛି। ରେଳ ଷ୍ଟେସନକୁ ନେଇ ବିଭିନ୍ନ ସମୟରେ ଅଜବ ଘଟଣା ଦେଖିବାକୁ ମିଳିଥିଲେ ହେଁ ନିକଟରେ ନାମକରଣକୁ ନେଇ ରେଳ ଷ୍ଟେସନ ଚର୍ଚ୍ଚାରେ ରହିଛି। ଭାରତର ଏମିତି ଏକ ରେଳ ଷ୍ଟେସନ ରହିଛି, ଯାହାର ନାଁ ରହିଛି ସଚିନ। ଭାରତୀୟ କ୍ରିକେଟର ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କର ନିକଟରେ ଗୁଜରାଟ, ସୁରଟ ନିକଟରେ ଥିବା ସଚିନ ରେଳ ଷ୍ଟେସନ ଠାରେ ଏକ ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର କରିଥିଲେ। ନିଜ ପସନ୍ଦର ବ୍ୟକ୍ତିଙ୍କ ନାଁରେ ରେଳ ଷ୍ଟେସନ ଦେଖି ସୁନୀଲ ଖୁସି ଥିବା କହିଥିଲେ। କ୍ରିକେଟ ବ୍ଲକ୍‌ବ୍ଲାଷ୍ଟରଙ୍କ ନାଁରେ ରେଳ ଷ୍ଟେନସର ନାମକରଣ ହୋଇଥିବାରୁ ସେ ପ୍ରଶଂସା କରିଛନ୍ତି। ସଚିନ ରେଳ ଷ୍ଟେସନ ଗୁଜରାଟ, ସୁରଟରେ ଥିବା ଏକ ଛୋଟିଆ ରେଳ ଷ୍ଟେସନ, ଏହା ମୁମ୍ବାଇ, ଅହମ୍ମଦାବାଦ, ଜୟପୁର, ଦିଲ୍ଲୀକୁ ଯୋଡୁଥିବା ପ୍ରମୁଖ ମାର୍ଗରେ ଅବସ୍ଥିତ। ଏହି ଷ୍ଟେସନରେ ମୋଟ୍ ତିନିଟି ପ୍ଲାଟଫର୍ମ ରହିଛି। ସୁନୀଲ ସେୟାର କରିଥିବା ପୋଷ୍ଟକୁ ଅଧିକରୁ ଅଧିକ ଲୋକ ପସନ୍ଦ କରିଥିବାବେଳେ କେହି କେହି ଏହି ସ୍ଥାନରେ ରହିଥିବା ମତ ରଖିଥିଲେ।




## ଲମ୍ବା କେଶରେ ଭାରତୀୟ ମହିଳାଙ୍କ ବିଶ୍ୱ ରେକର୍ଡ



ଉତ୍ତର ପ୍ରଦେଶର ୪୬ ବର୍ଷୀୟା ସ୍ମିତା ଶ୍ରୀବାସ୍ତବ ୭ ଫୁଟ୍ ୯ ଇଞ୍ଚ ଲମ୍ବା କେଶ ରଖି ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ୧୪ ବର୍ଷ ବୟସରୁ ସେ କେଶ ବଢ଼ାଇ ଆସୁଥିବା କହିଛନ୍ତି। ତାଙ୍କ ସୁନ୍ଦର ଓ ସୁସ୍ଥ କେଶର ଶ୍ରେୟ ସେ ତାଙ୍କ ମା'ଙ୍କୁ ଦେଇଛନ୍ତି। ଏହାବାଦ୍ ୮୦ ଦଶକର ବଲିଉଡ୍ ଅଭିନେତ୍ରୀଙ୍କ କେଶବିନ୍ୟାସରୁ ସେ କେଶ ବଢ଼ାଇବା ପାଇଁ ଅନୁପ୍ରାଣିତ ହୋଇଥିବା କହିଛନ୍ତି। ଏହି ରେକର୍ଡ ପାଇଁ ସ୍ମିତା ଗୋଟିଏ ଚୌକି ଉପରେ ବସିଲେ ଏବଂ ତାଙ୍କ କେଶକୁ ମପା ଯାଇଥିଲା। ସେ ସପ୍ତାହକୁ ଦୁଇଥର କେଶ ସଫା କରନ୍ତି। କେଶ ସଫା କରିବା, ଶୁଖେଇବା ଏବଂ କେଶ ବିନ୍ୟାସ ପାଇଁ ତାଙ୍କୁ ସମୁଦାୟ ତିନି ଘଣ୍ଟା ଲଗେ। ତେବେ ସେ ଝଡ଼ୁଥିବା କେଶକୁ ନ ଫିଙ୍ଗି ତାଙ୍କୁ ସାଇତି ରଖନ୍ତି। ୨୦ ବର୍ଷ ତଳେ ଯେତେବେଳେ ବହୁ ପରିମାଣରେ କେଶ ଝଡ଼ିଲା, ସେ ତାହାକୁ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ସଂଗ୍ରହ କରି ରଖିଲେ। ସେହିପରି ୩୨ ବର୍ଷ ମଧ୍ୟରେ ସ୍ମିତା ଥରୁଟିଏ କେଶ କାଟିଥିବା କହିଛନ୍ତି। ସେ ଚାହୁଁଛନ୍ତି ତାଙ୍କ କେଶ ଆହୁରି ଅଧିକ ବଢୁ। ଲୋକମାନେ ତାଙ୍କର ଏତେ ଲମ୍ବା କେଶ ଦେଖି ଆଶ୍ଚର୍ଯ୍ୟ ହୋଇଥାନ୍ତି ଓ କେଶର ଯତ୍ନ ସମ୍ପର୍କରେ ତାଙ୍କୁ ପଚାରି ବୁଝନ୍ତି। ସେ କହନ୍ତି, ଲମ୍ବା କେଶ ମହିଳାଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। କେଶ ତାଙ୍କ ଜୀବନ ହୋଇଥିବାରୁ ସେ କେଶ କାଟିବେ ନାହିଁ ବୋଲି କହିଛନ୍ତି।

## ସ୍କୁଲରେ ଡେସ୍କ ଶଯ୍ୟା

ସ୍କୁଲରେ ଅନେକ ସମୟରେ ପିଲାଙ୍କୁ ନିଦ ଲାଗେ। ସେଥିପାଇଁ ସେମାନେ ଡେସ୍କରେ ମୁଣ୍ଡ ରଖି ଶୋଇପଡ଼ନ୍ତି। ଅବଶ୍ୟ ପିଲାମାନେ ଏଥିରେ ସେତେ ବେଶି ସହଜ ଅନୁଭବ କରି ନ ଥାନ୍ତି। ତେବେ ଚୀନ୍‌ରେ ସ୍କୁଲରେ ଯେଭଳି ଶୋଇପାରିବେ, ସେଥିପାଇଁ ଶ୍ରେଣୀଗୃହରେ ବିଶେଷ ପ୍ରକାର ଡେସ୍କର ବ୍ୟବସ୍ଥା କରାଯାଇଛି। ଏହି ଡେସ୍କ କିଛି ସମୟରେ ସମ୍ପୂର୍ଣ୍ଣ ଖଟରେ ରୂପାନ୍ତରିତ ହୋଇଥାଏ। ଚୀନ୍‌ରେ କିଛି ସ୍କୁଲରେ ପିଲାଙ୍କ ସ୍ୱାସ୍ଥ୍ୟ ଓ ବୌଦ୍ଧିକ ବିକାଶକୁ ଦୃଷ୍ଟିରେ ରଖି ବିଶ୍ରାମ ସମୟରେ ପିଲାମାନେ ଯେଭଳି ଆରାମ କରିପାରିବେ, ଏହି ବ୍ୟବସ୍ଥା କରାଯାଇଛି। ଏହି ଡେସ୍କକୁ ଫୋଲଡେବଲ୍ ମେକାନିଜମ୍‌ରେ ଡିଜାଇନ କରାଯାଇଛି। ଯାହାକି ଦୁଇପ୍ରକାର କାମ କରିଥାଏ। ପିଲାଙ୍କ ବୋଧଶକ୍ତି ଏବଂ ମାନସିକ ବିକାଶ ଦିଗରେ ଏଭଳି ପରିକଳ୍ପନା କରାଯାଇଛି। ସ୍କୁଲର ଶିକ୍ଷକ ଓ ଅଭିଭାବକ ମଧ୍ୟ ଏହି ପରିକଳ୍ପନାକୁ ବେଶ୍ ପସନ୍ଦ କରୁଛନ୍ତି। ତା'ସହ ଏହା ଦ୍ୱାରା ପିଲାଙ୍କ ବ୍ୟବହାରରେ ସକାରାତ୍ମକ ପରିବର୍ତ୍ତନ ଆସୁଥିବା ଲକ୍ଷ୍ୟ କରାଯାଇଛି।



## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ନିବେଶରୁ ଲାଭ ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। କଳା କ୍ଷେତ୍ରରେ ରୁଚି ବଢ଼ିବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କାର୍ଯ୍ୟରେ ବାଧା ଆସିବ। ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୮୧: ଲସ୍ ଏଞ୍ଜେଲସ୍ ଟାଇମ୍ସର ପ୍ରଥମ ସଂସ୍କରଣ ପ୍ରକାଶ ପାଇଲା।
- ୧୮୮୮: ଐତିହାସିକ ରମେଶ ଚନ୍ଦ୍ର ମଜୁମଦାରଙ୍କ ଜନ୍ମ।
- ୧୯୬୭: ଦେଶର ପ୍ରଥମ ରକେଟ୍ 'ରୋହିଣୀ ଆର୍‌ଏଚ୍-୭୫' ଉତ୍କ୍ଷେପଣ କରାଗଲା।
- ୧୯୭୧: ଭାରତୀୟ ନୌସେନା ପାକିସ୍ତାନ ନୌସେନା ଉପରେ ଆକ୍ରମଣ କଲା।

## କ'ଣ ସଙ୍କେତ ଦେଇଥାଏ ସ୍ୱପ୍ନରେ ଦୁର୍ଘଟଣା ଦୃଶ୍ୟ

**ସ୍ୱପ୍ନ ଶାସ୍ତ୍ର ଅନୁଯାୟୀ, ବ୍ୟକ୍ତିର ଜୀବନ ସହିତ ସ୍ୱପ୍ନର ଗଭୀର ସମ୍ପର୍କ ରହିଥାଏ। ତେବେ ଏପରି ଅନେକ ସ୍ୱପ୍ନ ରହିଛି, ଯାହା ଆମକୁ ଭବିଷ୍ୟତ ପାଇଁ ଭଲ କି ଖରାପ ସଙ୍କେତ ଦେଇଥାଏ। ତେବେ ଜଣେ ବ୍ୟକ୍ତି ସ୍ୱପ୍ନରେ ଦୁର୍ଘଟଣା ଦେଖୁଥିଲେ, ଏହା କେଉଁ ସଙ୍କେତ ଦେଇଥାଏ, ଜାଣି ରଖନ୍ତୁ।**



- ଯଦି ସ୍ୱପ୍ନରେ ଟ୍ରେନ୍ ଦୁର୍ଘଟଣା ଦେଖାଯାଏ, ଭବିଷ୍ୟତରେ କୌଣସି ପ୍ରକାର ବଡ଼ ଧରଣର କ୍ଷତିର ସମ୍ମୁଖୀନ ହେବାର ସମ୍ଭାବନାକୁ ଏହା ସୂଚାଇଥାଏ।
- ସ୍ୱପ୍ନରେ ବାଇକ୍ ଦୁର୍ଘଟଣା ଦେଖିଲେ, ଏହା ଭବିଷ୍ୟତରେ କଳିଝଗଡ଼ା କିମ୍ବା କୌଣସି ଘଟଣାରେ ଫସିବାର ସଙ୍କେତ ଦେଇଥାଏ।
- ସ୍ୱପ୍ନରେ କାର୍ ଦୁର୍ଘଟଣା ଦେଖିବାର ଅର୍ଥ ହେଉଛି ନିକଟ ଭବିଷ୍ୟରେ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବାର ଆଶଙ୍କା ଅଧିକ ରହିଥାଏ।
- ଯଦି ସ୍ୱପ୍ନରେ ଅନ୍ୟ କାହାର ଦୁର୍ଘଟଣା ହେଉଥିବା ଦେଖୁଛନ୍ତି, ଏହା ଅଶୁଭର ସଙ୍କେତ ଦିଏ। ତେଣୁ ଏହି ସମୟରେ ନୂତନ କାମ କରିବାକୁ ଯୋଜନା କରିଥିଲେ କିମ୍ବା କୌଣସି ଶୁଭ କାମ କରିବା ଅନୁଚିତ।
- ସ୍ୱପ୍ନରେ ଯଦି କୌଣସି ବ୍ୟକ୍ତି ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଦେଖୁଛନ୍ତି, ଏହା ଭବିଷ୍ୟତରେ ଆପଣଙ୍କ ଉପରେ ସମସ୍ୟା ବା ବିପଦ ଆସିବାର ସଙ୍କେତ ଦେଇଥାଏ।

## ଦିବ୍ୟାଙ୍ଗଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ

# ସୁଖ ଦୁଃଖ ବୁଝିଲେ, ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି

**ଭୁବନେଶ୍ବର,୩।୧୨(ସମିସ):** ଦିବ୍ୟାଙ୍ଗ ମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ସମ୍ବେଦନଶୀଳତାର ସହ ବିଚାର କରି ଆସିଛନ୍ତି। ଆଜି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ବି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଭେଟିବା ଲାଗି ଭୁଲି ନଥିଲେ। ଆଜି ଓଡ଼ିଶା ପିଏଚ୍ ଇନକ୍ଲୁସିଭ୍ ଏଜୁକେସନ୍ ଭଲ୍ୟୁଣ୍ଟିୟର୍ସ ୱେଲଫେୟାର ଆସୋସିଏସନ୍ ଟ୍ରଷ୍ଟ ଆନୁକୂଲ୍ୟରେ ବହୁ ସଂଖ୍ୟାରେ ଭିନ୍ନକ୍ଷମ ବ୍ୟକ୍ତି ନବୀନ ନିବାସରେ ପହଞ୍ଚି ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ସାକ୍ଷାତ କରିଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଭିନ୍ନକ୍ଷମ ଦିବସର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ପ୍ରତ୍ୟେକ ସୁଖ ଦୁଃଖରେ ରାଜ୍ୟ ସରକାର ସେମାନଙ୍କ ସହ ରହିଛନ୍ତି ଆଉ ଆଗକୁ ମଧ୍ୟ ରହିଥିବେ ବୋଲି ଆଶ୍ବାସନା ଦେଇଥିଲେ। ଭିନ୍ନକ୍ଷମମାନଙ୍କ କଲ୍ୟାଣ ପ୍ରତି ସରକାର ସର୍ବଦା ମାନବୀୟ ଦୃଷ୍ଟିକୋଣରୁ ବିଚାର କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ପରେ ଶ୍ରୀ ପାଣ୍ଡିଆନ୍ ନବୀନ ନିବାସ ଆସିଥିବା ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଭେଟି ସେମାନଙ୍କ ଭଲ ମନ୍ଦ ପଚାରି ବୁଝିଥିଲେ। ସେମାନଙ୍କର ଯାହା ସବୁ ସମସ୍ୟା ରହିଛି ତାହା ଦୂର କରିବା ଲାଗି ମୁଖ୍ୟମନ୍ତ୍ରୀ ନିଶ୍ଚିତ ରୂପେ ପଦକ୍ଷେପ ନେବେ ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷେ ନୂଆ ଦାୟିତ୍ୱ ଗ୍ରହଣ କରିଥିବାରୁ ଭିନ୍ନକ୍ଷମମାନେ ଶ୍ରୀ ପାଣ୍ଡିଆନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଉତ୍ତୋରତର ଉନ୍ନତି କାମନା କରିଥିଲେ। ନୂଆ ଓଡ଼ିଶା, ନବୀନ ଓଡ଼ିଶା ଗଠନରେ ସମସ୍ତ ରାଜ୍ୟବାସୀଙ୍କ ଆକୁଣ୍ଠ ସମର୍ଥନ ରହିବ ବୋଲି ମଧ୍ୟ ସେମାନେ ପ୍ରକାଶ କରିଥିଲେ।



# ଆସନ୍ତାମାସରୁ ଭିମ୍‌ସାର୍‌ରେ ସୁପରସ୍ପେଶାଲିଟି ସେବା

**ସମ୍ବଲପୁର,୩।୧୨(ସମିସ):** ଖୁବ୍‌ଶୀଘ୍ର ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କୁ ନୂଆ ବର୍ଷ ଭେଟି ଦେବାକୁ ଯାଉଛନ୍ତି ରାଜ୍ୟ ସରକାର। ଆସନ୍ତାମାସରୁ ଭିମ୍‌ସାରରେ ସୁପରସ୍ପେଶାଲିଟି ଚିକିତ୍ସା ସେବା ଆରମ୍ଭ ହେବ ଏବଂ ଏଥିପାଇଁ ସମସ୍ତ ପ୍ରାକ୍ ପ୍ରସ୍ତୁତି ଆପାତତଃ ଶେଷ ହୋଇଛି। ଯାହା ଅଳ୍ପ କିଛି କାର୍ଯ୍ୟ ବାକି ଅଛି ତାହାକୁ ଡ଼ିସେମ୍ବର ୩୧ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାକୁ ଭିମସାର କର୍ତ୍ତୃପକ୍ଷ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି।

ନିକଟରେ ଉତ୍ତରାଞ୍ଚଳ ରାଜସ୍ବ କମିସନର ଡ. ସୁରେଶ ଚନ୍ଦ୍ର ଦଳେଇ ମଧ୍ୟ ଭିମସାରର ନିର୍ମାଣ ଓ ଆନୁଷଙ୍ଗିକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଛନ୍ତି। ଡିସେମ୍ବର ମାସ ଶେଷ ସୁଦ୍ଧା ମେଡିକାଲକୁ କୋଠା ହସ୍ତାନ୍ତର କରିବାକୁ ନିର୍ମାଣକାରୀ ସଂସ୍ଥାକୁ ତାଗିଦ୍ କରିଛନ୍ତି। ଅନ୍ୟପକ୍ଷରେ ଭିମସାରରେ ସୁପରସ୍ପେଶାଲିଟି ସେବା ପାଇଁ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ ନିଯୁକ୍ତି ଶେଷ ହୋଇଛି। ବୀର ସୁରେନ୍ଦ୍ର ସାଇ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ସେଣ୍ଟର(ଭିମସାର)ରେ ୯ ମହଲା ବିଶିଷ୍ଟ



ସୁପରସ୍ପେଶାଲିଟି କୋଠା ନିର୍ମାଣ ହୋଇଛି। ଯେଉଁଥିରେ ୫ଟି ନୂତନ, ୫ଟି ସୁପରସ୍ପେଶାଲିଟି ସହିତ ନଅଟି ସୁପର ସ୍ପେସିଆଲିଟି ବିଭାଗ ରହିବ। ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି, ଏଣ୍ଡୋକ୍ରାଇନୋଲୋଜି, କ୍ଲିନିକାଲ୍ ହେମାଟୋଲୋଜି, ପ୍ଲାଷ୍ଟିକ୍ ସର୍ଜରୀ ଓ ପେଡ଼ିଆଟ୍ରିକ୍ ସର୍ଜରୀରେ ସୁପରସ୍ପେଶାଲିଟି ଚିକିତ୍ସା ପ୍ରଦାନ କରାଯିବ। ପ୍ରତ୍ୟେକ ନୂତନ ସୁପରସ୍ପେଶାଲିଟି ବିଭାଗ ପାଇଁ ଜଣେ ପ୍ରଫେସର, ଜଣେ ଆସୋସିଏଟ୍ ପ୍ରଫେସର, ଜଣେ ଆସିଷ୍ଟାଣ୍ଟ ପ୍ରଫେସର ଏବଂ ଜଣେ ସିନିୟର ରେସିଡେଣ୍ଟ ଡାକ୍ତର ନିଯୁକ୍ତିକୁ ଅନୁମୋଦନ ମିଳି ସାରିଛି। ଅନୁରୂପ ଭାବରେ ନେଫ୍ରୋଲୋଜି, ୟୁରୋଲୋଜି, ସ୍ନାୟୁବିଜ୍ଞାନ ଓ ନ୍ୟୁରୋ ସର୍ଜରୀ ବିଭାଗରେ ମଧ୍ୟ ସୁପରସ୍ପେଶାଲିଟି ଚିକିତ୍ସା ସେବା ମିଳିବ। ଏହା ସହିତ ନୂତନ ଭାବରେ ଯୋଡି ହୋଇଥିବା ଆଇସିୟୁ ଶଯ୍ୟା ମଧ୍ୟ ବୃଦ୍ଧି ପାଇବ। ଭିମସାର ଅଧୀକ୍ଷକ ପ୍ରଫେସର ଡାକ୍ତର ଲାଲ ମୋହନ ନାୟକଙ୍କ ସୂଚନା ଅନୁସାରେ ଖୁବ୍ ଶୀଘ୍ର ସୁପରସ୍ପେଶାଲିଟି ଚିକିତ୍ସା ସେବା ଆରମ୍ଭ କରିବାକୁ ପ୍ରୟାସ କରାଯାଉଛି। ଜାନୁଆରୀ ଦ୍ୱିତୀୟ ସପ୍ତାହ ମଧ୍ୟରେ ଏହା ଆରମ୍ଭ ହୋଇପାରେ ବୋଲି ଶ୍ରୀ ନାୟକ କହିଛନ୍ତି।

# ବୃହତ୍ ବିମାନବନ୍ଦର ମାନ୍ୟତା ପାଇବ ରାଜ୍ୟର ୩ ଏୟାରପୋର୍ଟ

- ପରିବହନ ବ୍ୟବସ୍ଥା ଦେଖିବ ରୂପାନ୍ତରଣ
- ରାଉରକେଲା, ଜୟପୁର ଓ ଅମର୍ଦ୍ଦାରୋଡ଼୍‌କୁ ମିଳିବ ୩-ସି ଲାଇସେନ୍ସ
- ବଡ଼ ବିମାନ ଚଳାଚଳ ପାଇଁ ଫିଟିବ ବାଟ, ଲାଗିବ ଆଇଏଲ୍‌ଏସ୍
- ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ପାଇଁ ନିଯୁକ୍ତ ହେଲା ସଂସ୍ଥା

**ଭୁବନେଶ୍ବର,୩।୧୨(ସମିସ):** ସାର୍ବଜନୀନ ପରିବହନ ବ୍ୟବସ୍ଥାରେ ଗୋଟିଏ ପରେ ଗୋଟିଏ ମାଇଲଖୁଣ୍ଟ ଅତିକ୍ରମ କରି ଚାଲିଥିବା ଓଡ଼ିଶା ବେସାମରିକ ପରିବହନ ବ୍ୟବସ୍ଥାରେ ଆଣିବାକୁ ଯାଉଛି ରୂପାନ୍ତରଣ। ରାଉରକେଲା ଏବଂ ଜୟପୁର ବିମାନବନ୍ଦରର ସମ୍ପ୍ରସାରଣ ସହ ପ୍ରସ୍ତାବିତ ଅମର୍ଦ୍ଦରୋଡ଼ ଏୟାରଷ୍ଟ୍ରିପ୍‌କୁ ଏକ ବୃହତ ବିମାନବନ୍ଦର ରୂପ ଦେବା ପାଇଁ ସରକାର ଆରମ୍ଭ କରିଛନ୍ତି ପଦକ୍ଷେପ। ଏଥିଲାଗି ପରିବହନ ବିଭାଗ ଡିପିଆର ପ୍ରସ୍ତୁତି ନିମନ୍ତେ ଭାରତ ସରକାରଙ୍କ ରାଇଟସ୍‌କୁ ଦାୟିତ୍ୱ ଦେଇଛି। ଡିପିଆର ପ୍ରସ୍ତୁତି ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ଫଳରେ ଏହି ବିମାନବନ୍ଦର ଡାଇରେକ୍ଟର ଜେନେରାଲ ଅଫ୍ ସିଭିଲ୍ ଏଭିଏସନ୍ (ଡିଜିସିଏ) ନିକଟରୁ ୩-ସି ଲାଇସେନ୍ସ ପାଇବାକୁ ସକ୍ଷମ ହେବ। ଏହା ସହିତ ଇନଷ୍ଟ୍ରୁମେଣ୍ଟ ଲ୍ୟାଣ୍ଡିଂ ସିଷ୍ଟମ୍ (ଆଇଏଲ୍‌ଏସ୍) ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ଦ୍ୱାରା ଏଠାରେ ରାତ୍ରିକାଳୀନ ବିମାନ ଉଡ଼ାଣ ଓ ଅବତରଣ ସମ୍ଭବ ହୋଇ ପାରିବ।

ଆରସିଏସ୍ ଉଡ଼ାନ୍ ଯୋଜନାରେ ସାମିଲ ଜୟପୁର ଏବଂ ଆରଏସପି ଦ୍ୱାରା ପରିଚାଳିତ ରାଉରକେଲା ବିମାନବନ୍ଦର ପର୍ଯ୍ୟାୟକ୍ରମେ ଲୋକାର୍ପିତ ହେବା ପରେ ବିମାନ ଉଡ଼ାଣ ଜାରି ରହିଛି। ପୁରୁଷ ବିଶ୍ୱକପ୍ ହକିକୁ ଦୃଷ୍ଟିରେ ରଖି ଗତବର୍ଷ ଡିସେମ୍ବର ମାସରେ ଡିଜିସିଏ ରାଉରକେଲା ବିମାନବନ୍ଦରକୁ ୨-ବି ଲାଇସେନ୍ସ ପ୍ରଦାନ କରିଥିଲେ। ଚଳିତ ବର୍ଷ ଜାନୁଆରୀ ୮ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭୁବନେଶ୍ୱର-ରାଉରକେଲା ବିମାନର ଶୁଭାରମ୍ଭ କରିଥିଲେ। ସେହିପରି ଗତବର୍ଷ ଅକ୍ଟୋବର ମାସରୁ ଭୁବନେଶ୍ୱର-ଜୟପୁର ମଧ୍ୟରେ ୯ ସିଟ୍ ବିଶିଷ୍ଟ ବିମାନ ଚଳାଚଳ କରୁଛି। ଅପରପକ୍ଷେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ୟବହାର ହୋଇଥିବା ମୟୂରଭଞ୍ଜର ଅମର୍ଦ୍ଦାରୋଡ଼ ଏୟାରଷ୍ଟ୍ରିପ୍‌କୁ ବିମାନବନ୍ଦରରେ ପରିଣତ କରିବା ଲାଗି ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜୟପୁର ଏବଂ ରାଉରକେଲା ଲାଇସେନ୍ସ ୨-ସି'ରୁ ୩-ସି'କୁ ଉନ୍ନୀତ କରାଯିବ। ସେହିପରି ଅମର୍ଦ୍ଦାରୋଡ଼ ୩-ସି ଲାଇସେନ୍ସରୁ ବିମାନ ଉଡ଼ାଣ ଆରମ୍ଭ କରିବ।

ବିମାନ ଚଳାଚଳ ବିଶେଷଜ୍ଞଙ୍କ ସୂଚନା ଅନୁସାରେ ୩-ସି ଲାଇସେନ୍ସ ପାଇବାକୁ ହେଲେ ବଡ଼ ରନୱେ ସହ ରାତ୍ରକାଳୀନ ଲ୍ୟାଣ୍ଡିଂ, ହ୍ୟାଙ୍ଗର ଏବଂ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଏହି ଲାଇସେନ୍ସରେ ୭୨ ଆସନ ପର୍ଯ୍ୟନ୍ତ ବିମାନ ଉଡ଼ାଣ କରିପାରିବ। ଯାତ୍ରୀ ସଂଖ୍ୟା ଦୃଷ୍ଟିରୁ ଭୁବନେଶ୍ୱର ଏବଂ ଝାରସୁଗୁଡ଼ା ପରେ ଜୟପୁର ଓ ରାଉରକେଲା ବିମାନବନ୍ଦର ଉପରେ ଗୁରୁତ୍ୱ ଦିଆଯାଉଛି। ଉଭୟ ରାଉରକେଲା ଏବଂ ଜୟପୁର ବିମାନବନ୍ଦରର ଚାହିଦା ବଢୁଛି। ଅପରପକ୍ଷେ ଅମର୍ଦ୍ଦାରୋଡ଼ ଏୟାରଷ୍ଟ୍ରିପ୍‌ରେ ବଡ଼ ରନୱେ ନିର୍ମାଣ କରିବାରେ ସମସ୍ୟା ନାହିଁ। ଡିପିଆର ପ୍ରସ୍ତୁତି ପରେ ସମ୍ପ୍ରସାରଣ ପାଇଁ ଚୂଡ଼ାନ୍ତ ରଣନୀତି ଧାର୍ଯ୍ୟ କରାଯିବ। ଅମର୍ଦ୍ଦାରୋଡ଼ ଏୟାରଷ୍ଟ୍ରିପ୍‌ର ନିର୍ମାଣ କାର୍ଯ୍ୟ ରାଜ୍ୟ ସରକାର ନିଜ ହାତକୁ ନେଇଛନ୍ତି। ପୂର୍ତ୍ତ ବିଭାଗ ଏଠାରେ ଭିତ୍ତିଭୂମି ନିର୍ମାଣ କରିବ। ସେହିପରି ଆରସିଏସ୍ ଉଡ଼ାନ୍ ଯୋଜନାରେ ସାମିଲ ହେଉ ଅବା ନ ହେଉ ରାଜ୍ୟ ସରକାର ନିଜ ପାଣ୍ଠିରେ ଭିତ୍ତିଭୂମି ନିର୍ମାଣ କରୁଛନ୍ତି। ବିମାନ ଚଳାଚଳ କମ୍ପାନୀର କ୍ଷତି ଭରଣା ପାଇଁ ଭାୟାବଲ୍ ଗ୍ୟାପ୍ ଫଣ୍ଡିଂ (ଭିଜିଏଫ୍) ଦେଉଛନ୍ତି, ନୂତନ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା ସହିତ ଆଗ୍ନୀକଙ୍କ ନିଯୁକ୍ତି କରାଯାଉଛି।

## ଜୟପୁର ଓ ଉତ୍‌କେଳା ବିମାନବନ୍ଦରରେ ଲାଗିବ ଆପ୍ରୋଚ୍ କଣ୍ଟ୍ରୋଲ ୟୁନିଟ୍

**ଭୁବନେଶ୍ବର,୩।୧୨(ସମିସ):** କଳାହାଣ୍ଡିର ଉତ୍‌କେଳା ଏବଂ କୋରାପୁଟର ଜୟପୁର ବିମାନବନ୍ଦରରେ ଆପ୍ରୋଚ୍ କଣ୍ଟ୍ରୋଲ ୟୁନିଟ୍ (ଏସିୟୁ) ବ୍ୟବସ୍ଥା ଆରମ୍ଭ ହେବ। ସେଥିପାଇଁ ଏବେ ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଅନୁଶୀଳନ କାର୍ଯ୍ୟ ଶେଷ ହୋଇଛି। ଏସିୟୁ କାର୍ଯ୍ୟକ୍ଷମ ହେଲେ ବର୍ଷା, ମେଘୁଆ ପାଗ, ଘନ କୁହୁଡ଼ି କିମ୍ବା ଅନ୍ୟ କାରଣ ପାଇଁ ରନୱେର ଦୃଶ୍ୟ କ୍ଷମତା କମ୍ ଥିଲେ ସୁଦ୍ଧା ବିମାନ ଗୁଡ଼ିକ ସୁରକ୍ଷିତ ଭାବେ ଅବତରଣ କରିପାରିବେ। ଫଳରେ ଖରାପ ପାଗ ଯୋଗୁଁ ବିମାନକୁ ଅନ୍ୟତ୍ର ଡାଇଭର୍ଟ କରିବାକୁ ପଡ଼ିବ ନାହିଁ କିମ୍ବା ବିମାନ ଚଳାଚଳ ବାତିଲ କରିବା ଜରୁରୀ ହେବ ନାହିଁ।

**୫୦୦୦ ମିଟର୍ ବଦଳରେ ୧୫୦୦ ମିଟର୍ ଭିଜିବିଲିଟିରେ ବିମାନ କରିବ ଅବତରଣ**

ସୂଚନା ଅନୁସାରେ ରିଜିଓନାଲ କନେକ୍ଟିଭିଟି ସ୍କିମ୍ (ଆରସିଏସ୍)ରେ ଅନ୍ତର୍ଭୁକ୍ତ ଉତ୍‌କେଳା ଓ ଜୟପୁର ବିମାନବନ୍ଦର ବିମାନର ଉଡ଼ାଣ ଏବଂ ଅବତରଣ ପାଇଁ ଡେ' ଭିଏଫ୍‌ଆର (ଦିବା ଭିଜୁଆଲ ଫ୍ଲାଇଟ୍ ରୁଲସ୍) ବ୍ୟବହାର କରାଯାଉଛି। ଏହି ବ୍ୟବସ୍ଥାରେ ବିମାନ ଅବତରଣ ପାଇଁ ରନୱେ ଭିଜିବିଲିଟି ସର୍ବନିମ୍ନ ୫୦୦୦ ମିଟର୍ ହେବା ଆବଶ୍ୟକ। ନଚେତ ବିମାନ ଅବତରଣ ବିପଦଜ୍ଜନକ ହୋଇପାରେ। ତେବେ ଆପ୍ରୋଚ୍ କଣ୍ଟ୍ରୋଲ ୟୁନିଟ୍ କାର୍ଯ୍ୟକ୍ଷମ ହେଲେ ସ୍ପେଶାଲ ଭିଏଫ୍‌ଆର ବ୍ୟବସ୍ଥାରେ ପରିଚାଳନା କରାଯିବ। ଯଦ୍ବାରା ୫୦୦୦ ମିଟର୍ ବଦଳରେ ମାତ୍ର ୧୫୦୦ ମିଟର୍ ଭିଜିବିଲିଟିରେ ମଧ୍ୟ ବିମାନ ଅବତରଣ କରିପାରିବ। ପ୍ରାଥମିକ ସୁରକ୍ଷା ଅନୁଶୀଳନ ରିପୋର୍ଟ ହସ୍ତଗତ ହେବା ପରେ ଉକ୍ତ ବିମାନବନ୍ଦରର ଏଟିସି ଉପରେ ଆଉ ଏକ ଛୋଟ ଟାୱାର ନିର୍ମାଣ କରାଯିବ ଯାହା ସ୍ପେଶାଲ ଭିଏଫ୍‌ଆର ପରିଚାଳନା କରିବ।

## ■ ନୟାଗଡ଼ରେ ହେଉଛି କି ବ୍ୟାପକ କଲରାପତରିଆ ଶିକାର

# କଲରାପତରିଆ ବାଘ ଛାଲ ଜବତ; ୩ ଗିରଫ

**ନୟାଗଡ଼, ୩।୧୨(ସମିସ):** ନୟାଗଡ଼ ବନଖଣ୍ଡ ଅନ୍ତର୍ଗତ ଇକିରି ପଞ୍ଚାୟତ ଝରଦେଇ ପୀଠ ନିକଟରୁ ବନବିଭାଗ ଓ ମହାନଦୀ ବନ୍ୟପ୍ରାଣୀ ଡିଭିଜନ୍ କଲରାପତରିଆ ବାଘ ଛାଲ ଜବତ କରିବା ସହ ୩ ଜଣଙ୍କୁ ଗିରଫ



କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଇଟାମାଟି ଥାନା ଟିପୁରା ଗ୍ରାମର ସୁନୀଲ ଜେନା, ସୁବାସ ଜେନା ଏବଂ ବିରୁଡା ଗ୍ରାମର ଆକାଶ ମଲ୍ଲିକ। ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ଗଣମାଧ୍ୟମକୁ ସୂଚନା ଦେଇଛି।

କୌଣସି ସୂତ୍ରରୁ ଖବର ପାଇ ଗତ ୧ ତାରିଖରେ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ ଏବଂ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲ୍‌ଗୁନୀ ସାରଥି ମଲ୍ଲିକଙ୍କ ନେତୃତ୍ୱରେ ଚଢଉ କରାଯାଇଥିଲା। ସୁନୀଲ ଜେନା ଏବଂ ଆକାଶ ମଲ୍ଲିକ ଉଭୟ ଚମଡା ବ୍ୟବସାୟ କରିଥାନ୍ତି। ସେମାନେ ବାଘ ଛାଲ ବିକ୍ରି ପାଇଁ ଯୋଜନା କରୁଥିବା ବେଳେ ସୁବାସ ସେମାନଙ୍କୁ ସହଯୋଗ କରୁଥିଲା। ଚଢଉ କରି ବାଘ ଛାଲ ଜବତ ସହ ସେମାନଙ୍କୁ ଗିରଫ କରାଯାଇଥିଲା।

ନୟାଗଡ଼ ବନଖଣ୍ଡ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ବାଘଛାଲ ଗତ ୧ ତାରିଖ ଦିନ ଜବତ କରିଥିବାବେଳେ ୩ ତାରିଖ ସନ୍ଧ୍ୟାରେ କିଛି ଗଣମାଧ୍ୟମକୁ ଏନେଇ ସୂଚନା ଦେଇଛନ୍ତି। ଦୁଇ ଦିନ ଘଟଣା ଲୁଚାଇ ରଖିବାରେ ଦୁଇ ବନଖଣ୍ଡ ଅଧିକାରୀଙ୍କ କି ସ୍ୱାର୍ଥ ରହିଥିଲା ତାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ, ଅଭିଯୁକ୍ତ ମୁହଁ ଲୁଚାଇ ଫଟୋ ଉଠାଯିବା ନିୟମ ଥିବାବେଳେ ଖୋଲା ରଖି ଫଟୋ ଉଠାଯିବାର କାରଣ କ'ଣ ବୋଲି ପ୍ରଶ୍ନ ଉଠିଛି।

ନୟାଗଡ଼ ଜିଲ୍ଲାରୁ ବିଗତ କିଛି ବର୍ଷ ମଧ୍ୟରେ ଅନେକ ବାଘ ଛାଲ ଜବତ ହେଲାଣି। ଏସ୍‌ଟିଏଫ୍ ଅନେକ ବାଘ ଛାଲ ଜବତ କରି ବହୁ ଲୋକଙ୍କୁ ଗିରଫ କରୁଥିବା ବେଳେ ନୟାଗଡ଼ ବନଖଣ୍ଡ ବିଗତ ଦୁଇ ବର୍ଷ ମଧ୍ୟରେ ୩ଟି ବାଘଛାଲ ଜବତ କରିଛି। ବାରମ୍ବାର ନୟାଗଡ଼ ଜିଲ୍ଲାରୁ କଲରାପତରିଆ ବାଘ ଛାଲ ଜବତ ହେଉଥିଲେ ମଧ୍ୟ ବନବିଭାଗ କନ୍ଧମାଳ ଜିଲ୍ଲାରେ କଲରାପତରିଆ ବାଘ ଶିକାର ହେଉଥିବା ଦର୍ଶାଇ ମାମଲା ଲୁଚାଇ ଚାଲିଛି।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ସମାରୋହ ଉଦ୍‌ଯାପିତ

# ଶାରୀରିକ ଅକ୍ଷମତା ବ୍ୟକ୍ତିଗତ ଉନ୍ନତି ଓ ସଫଳତାରେ ପ୍ରତିବନ୍ଧକ ନୁହେଁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ବର, ୩।୧୨(ସମିସ):** ରାଜ୍ୟର ଭିନ୍ନକ୍ଷମ ବ୍ୟକ୍ତିମାନେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ଦେଖାଇଛନ୍ତି। କଳା, ସାହିତ୍ୟ, ଶିକ୍ଷା, କ୍ରୀଡ଼ା ସବୁ କ୍ଷେତ୍ରରେ ସେମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ସାରା ଦେଶର ଯୁବ ସମାଜ ପାଇଁ ଏକ ଆଇକନ୍ ହୋଇପାରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଦେଶର ଗୌରବ ବୃଦ୍ଧି କରିଛନ୍ତି। ତେଣୁ ଶାରୀରିକ ଅକ୍ଷମତା ବ୍ୟକ୍ତିଗତ ଉନ୍ନତି ଓ ସଫଳତାରେ ପ୍ରତିବନ୍ଧକ ନୁହେଁ। ମନୋବଳ ଉପରେ ସବୁ ନିର୍ଭର କରେ। ତେଣୁ ଭିନ୍ନକ୍ଷମମାନେ ଯେପରି ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିପାରିବେ ସେ ଦିଗରେ ସମାଜ ଓ ପରିବାର ତାଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇ ଆଜି ଏହା କହିଛନ୍ତି।



ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଭିନ୍ନକ୍ଷମମାନଙ୍କ ଉଦ୍ୟମକୁ ପ୍ରୋତ୍ସାହନ ଦେବା ଦରକାର। ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିବା ସହ ରାଜ୍ୟ ସରକାର ସବୁବେଳେ ସେମାନଙ୍କ କଲ୍ୟାଣ ପାଇଁ କାମ କରୁଛନ୍ତି ଓ କରିଚାଲିବେ ବୋଲି ପ୍ରକାଶ କରିଛନ୍ତି। ଆଜି ସନ୍ଧ୍ୟାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ତିନିଦିନିଆ ସମାରୋହର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମାବେଶରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଲେ ଯେ ଦୃଷ୍ଟିବାଧିତମାନଙ୍କ ପାଇଁ ଓଡ଼ିଆ ସାହିତ୍ୟର ବିଶିଷ୍ଟ କୃତିଗୁଡ଼ିକର ବ୍ରେଲି ସଂସ୍କରଣ ପ୍ରକାଶ ପାଉଛି। ସେହିପରି ବିଧାୟକ ପାଣ୍ଠିରୁ ଭିନ୍ନକ୍ଷମମାନଙ୍କ ପାଇଁ ବିଦ୍ୟୁତଚାଳିତ ଟ୍ରାଇ-ସାଇକେଲ ଓ ହୁଇଲ୍ ଚେୟାର ଯୋଗାଇ ଦିଆଯାଉଛି। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବାଣିଜ୍ୟ ଓ ପରିବହନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।, ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଭିନ୍ନକ୍ଷମ ବ୍ୟକ୍ତିତ୍ୱ ତଥା କୃତୀ ଫଟୋଗ୍ରାଫରମାନଙ୍କୁ ସମ୍ବର୍ଦ୍ଧିତ ସହ ପୁରସ୍କୃତ କରିଥିଲେ। ମୃତ୍ୟୁଞ୍ଜୟ ବିଶ୍ୱାଳ ଏବଂ ନିବେଦିତା ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଭାଗର ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଧନ୍ୟବାଦ ଦେଇଥିଲେ। ତିନିଦିନ ଧରି ଚାଲିଥିବା ଏହି ସମାବେଶରେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ପେଣ୍ଟିଂ ଓ ଫଟୋଗ୍ରାଫି ପ୍ରଦର୍ଶନୀ, ଭିନ୍ନକ୍ଷମମାନଙ୍କ କ୍ରୀଡ଼ା ପ୍ରତିଯୋଗିତା ଓ ଚଳଚ୍ଚିତ୍ର ଉତ୍ସବ ଆୟୋଜିତ ହୋଇଥିଲା।

# 'କଳାକୁ କାଳଜୟୀ କରେ ସାହିତ୍ୟ'

- କୋଣାର୍କ ଉତ୍ସବରେ ସାହିତ୍ୟ ଆସର
- ସାହିତ୍ୟ ପତ୍ରିକା 'ଧରମା' ଲୋକାର୍ପିତ
- ସମ୍ବର୍ଦ୍ଧିତ ହେଲେ ୮ ସାରସ୍ୱତ ପ୍ରତିଭା

**କୋଣାର୍କ,୩।୧୨(ସମିସ):** କୋଣାର୍କ ଉତ୍ସବ-୨୦୨୩ ଅବସରରେ ରବିବାର ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ନବମ କୋଣାର୍କ ସାହିତ୍ୟ ଆସର ଆୟୋଜିତ ହୋଇଯାଇଛି। ଉତ୍କଳୀୟ କଳା ଭାସ୍କର୍ଯ୍ୟର ଶ୍ରେଷ୍ଠ ନିଦର୍ଶନ କୋଣାର୍କ ସୂର୍ଯ୍ୟମନ୍ଦିର ଶତାବ୍ଦୀ ବ୍ୟାପି ଓଡ଼ିଆ ସାହିତ୍ୟ ସୃଷ୍ଟିର ପ୍ରେରଣାଦାୟୀ କଳାରୂପେ ଅହଂ ଭୂମିକା ନିର୍ବାହ କରିଆସିଛି। ତେବେ ଅବକ୍ଷୟମୁଖୀ କୋଣାର୍କର କଳା ଭାସ୍କର୍ଯ୍ୟକୁ ସାହିତ୍ୟ କାଳଜୟୀ କରିଛି ବୋଲି 'ଓଡ଼ିଆ ସାହିତ୍ୟରେ କୋଣାର୍କ' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିବା ବିଶିଷ୍ଟ ସାହିତ୍ୟିକମାନେ ମତବ୍ୟକ୍ତ କରିଛନ୍ତି। କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସାହିତ୍ୟ ଆସରକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର, ମୁଖ୍ୟବକ୍ତାରୂପେ ଡକ୍ଟର ଦିଲୀପ କୁମାର ସ୍ୱାଇଁ,



ସମ୍ମାନୀୟ ବକ୍ତାରୂପେ ସୁଚେତା ମିଶ୍ର, ସମ୍ମାନନୀୟ ଅତିଥିରୂପେ ନୃତ୍ୟବିଦୁଷୀ ଡକ୍ଟର ଅରୁଣା ମହାନ୍ତି, ଓଟିଡିସିର ମହାପ୍ରବନ୍ଧକ ଡକ୍ଟର ଲଲାଟେନ୍ଦୁ ସାହୁ ଓ ସଙ୍ଗୀତ ବିଦୁଷୀ ଡକ୍ଟର ସଙ୍ଗୀତା ଗୋସାଇଁ ଯୋଗଦେଇଥିଲେ। ଏହି ଅବସରରେ କୋଣାର୍କ ସାହିତ୍ୟ ସଂସଦର ମୁଖପତ୍ର 'ଧରମା'ର ଷଷ୍ଠ ସଂଖ୍ୟାକୁ ଅତିଥିମାନେ ପାଠକାର୍ପଣ କରିଥିଲେ। ଏତଦ୍‌ବ୍ୟତୀତ କବି ଦୀପିକା ଦାଶଙ୍କ ପୁସ୍ତକ 'ମଣିମାନ୍ତେ' ଓ ରମେଶଚନ୍ଦ୍ର ମିଶ୍ରଙ୍କ ପୁସ୍ତକ 'ମଣିଷ ଜୀବନର ସମ୍ବିଧାନ ଗୀତା'ର ଦ୍ୱିତୀୟ ସଂସ୍କରଣକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଦାଶ ବେନହୁରଙ୍କୁ କୋଣାର୍କ ସାହିତ୍ୟ ସମ୍ମାନ, ସୁଚେତା ମିଶ୍ରଙ୍କୁ ଅର୍କପ୍ରଜ୍ଞା ସମ୍ମାନ, ଡକ୍ଟର ଅରୁଣା ମହାନ୍ତିଙ୍କୁ କୋଣାର୍କ ଉତ୍ସବ ସମ୍ମାନ, ରମେଶ ଚନ୍ଦ୍ର ମିଶ୍ରଙ୍କୁ ସାରସ୍ୱତ ପ୍ରତିଭା ସମ୍ମାନ, ମଞ୍ଜୁଲତା ସିଂହଙ୍କୁ ମା' ରୁକ୍ମିଣୀ ଦେବୀ ସ୍ମୃତି ସମ୍ମାନ, ଚିତ୍ରଶିଳ୍ପୀ ମାନସ ରଞ୍ଜନ ସାହୁଙ୍କୁ କୋଣାର୍କ କଳା ସମ୍ମାନ, କଣ୍ଠଶିଳ୍ପୀ ଡକ୍ଟର ରୋହନ ବିଶ୍ୱାଳଙ୍କୁ ଅର୍କସ୍ୱର ସମ୍ମାନ ଓ ପଦ୍ମଲୋଚନ ମହାପାତ୍ରଙ୍କୁ ସାମ୍ବାଦିକ ସଂଗ୍ରାମ ସ୍ମୃତି ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ପୁରୀ ଜିଲ୍ଲା ଯାଦବ ମହାସଭା ସଭାପତି ଗୋପାଳ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ଗୋପୀନାଥ କର, ଡକ୍ଟର ଅରୁନ୍ଧତୀ ଦେବୀ, ଶିକ୍ଷାବିତ୍ କ୍ଷୀରୋଦ କୁମାର ରାୟ ମହାପାତ୍ର ଅତିଥିମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଅପରାହ୍ନରେ ଆୟୋଜିତ କବିତାପାଠ ଅଧିବେଶନରେ ଅତିଥିରୂପେ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଅଧ୍ୟାପକ ରବୀନ୍ଦ୍ରନାଥ ପାଢ଼ୀ, ସାମ୍ବାଦିକ ଇପ୍ସିତ ପ୍ରତିହାରୀ, ପ୍ରାଚୀଧାରା ସମ୍ପାଦକ ଭଗବାନ ସାହୁ, ଶିକ୍ଷାବିତ୍ ବାବାଜୀ ଚରଣ ସାହୁ ଅତିଥିରୂପେ ଯୋଗ ଦେଇଥିଲେ। ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଅନୁଷ୍ଠିତ ସାହିତ୍ୟ ଆସରକୁ ସଂଯୋଜନା କରିଥିଲେ କୋଣାର୍କ ସାହିତ୍ୟ ସଂସଦର ସହ-ସମ୍ପାଦକ ମହେନ୍ଦ୍ର କୁମାର ଦାଶ ଓ କବି କଳ୍ପନା ମିଶ୍ର। ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଆସରର ଉଦ୍ଦେଶ୍ୟ ସ୍ପଷ୍ଟ କରିଥିଲେ। କୋଣାର୍କ ସାହିତ୍ୟ ସଂସଦର କର୍ମକର୍ତ୍ତା ପରିଚାଳନା କରିଥିଲେ।

# ଜାଲ୍ ବିଲ୍ କରି କୋଟି କୋଟି ଠକେଇ

**ଭୁବନେଶ୍ବର,୩।୧୨(ସମିସ):** ମିଥ୍ୟା ବିଲ୍ କରି ସମ୍ବଲପୁର ସିପିଡ଼ବ୍ଲ୍ୟୁଡ଼ି କାର୍ଯ୍ୟାଳୟରୁ କୋଟି କୋଟି ଟଙ୍କା ଠକି ନେଇଛନ୍ତି ଜଣେ କିରାଣି ଓ ଜଣେ ଯନ୍ତ୍ରୀ। ଯନ୍ତ୍ରୀ-କିରାଣି ଗ୍ୟାଙ୍ଗ ମିଛ ବିଲ୍ ଦାଖଲ କରି ବିପୁଳ ଅର୍ଥ ଆତ୍ମସାତ କରିବା ଅଭିଯୋଗରେ ସିବିଆଇ ସିପିଡବ୍ଲ୍ୟୁଡି ସହକାରୀ ଯନ୍ତ୍ରୀ ଚନ୍ଦନ

- ଯନ୍ତ୍ରୀ ଓ କିରାଣିଙ୍କ ବିରୋଧରେ ସିବିଆଇର ମାମଲା
- ଡିଜି ସେଟ୍, କମ୍ପ୍ୟୁଟର, ଏସି, ଡିଜେଲ କିଣା ବିଲ୍ ଜାଲ

କୁମାର(ବିଦ୍ୟୁତ୍ ବିଭାଗ), ରବି କୁମାର ରାଜେଶ, ସପ୍ଲାୟର ନବଦୀପ ସିଂ ଏବଂ ଅଙ୍କିତ କୁମାର ନାମରେ ମାମଲା ରୁଜୁ କରିଛି। ବିଭିନ୍ନ କମ୍ପାନୀ ଓ ଯୋଗାଣକାରୀ ସଂସ୍ଥାକୁ ଲାଭାନ୍ୱିତ କରିବାକୁ ସହକାରୀ ଯନ୍ତ୍ରୀ ଓ ଜଣେ କିରାଣି ଷଡ଼ଯନ୍ତ୍ର କରିଥିବା ସିବିଆଇ ନିକଟରେ ଅଭିଯୋଗ ହୋଇଥିଲା।

କୌଣସି ସାମଗ୍ରୀ କ୍ରୟ ନ କରି ଜାଲ ବିଲ୍ ଯୋଗାଡ଼ କରି ସହକାରୀ ଯନ୍ତ୍ରୀ ଓ କିରାଣି ବିପୁଳ ଟଙ୍କା ଉଠାଇଥିବା ତଥ୍ୟ ସିବିଆଇ ହାତରେ ଲାଗିଛି। ମିଥ୍ୟା ବିଲ୍‌ରେ ଉଠାଯାଇଥିବା ଅର୍ଥ ଠିକାଦାର ଏବଂ ସପ୍ଲାୟର୍ସଙ୍କ ଆକାଉଣ୍ଟକୁ ଯାଇଛି ଏବଂ କିଛି ଅର୍ଥ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଆସିଥିବା ତଦନ୍ତରୁ ଜଣାପଡ଼ିଛି। ଅଙ୍କିତ ଜଣେ କଣ୍ଟ୍ରାକ୍ଟର ହୋଇଥିବା ବେଳେ ତାଙ୍କର ରଞ୍ଜିତ୍ ଷ୍ଟୋର, ଏମ୍‌ଏସ୍ ଏଭିଆଇ ଇଣ୍ଟରପ୍ରାଇସ୍ ଏବଂ ଏମ୍‌ଏସ୍ ବିଶାଲ ଇଣ୍ଟରନ୍ୟାସନାଲ କମ୍ପାନୀ ରହିଛି। ଏହି କମ୍ପାନୀ ଆକାଉଣ୍ଟକୁ ଟଙ୍କା ଆସିବା ପରେ ସେହି ଆକାଉଣ୍ଟରୁ ସହକାରୀ ଯନ୍ତ୍ରୀ ଏବଂ କିରାଣିଙ୍କ ଆକାଉଣ୍ଟକୁ ଯାଇଛି।

୨୦୨୩ ସେପ୍ଟେମ୍ବର ୪ତାରିଖରେ ସପ୍ଲାୟର୍ସ ନବଦୀପ ସିଂ ତାଙ୍କ କମ୍ପାନୀ ଆକାଉଣ୍ଟରୁ ରବି କୁମାର ରାଜେଶଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଛନ୍ତି। ସେପ୍ଟେମ୍ବର ୨୭ ତାରିଖରେ ନବଦୀପ ମଧ୍ୟ ଏକ ମିଥ୍ୟା ବିଲ୍ ସିପିଡବ୍ଲ୍ୟୁଡି ଅଫିସ୍‌ରେ ୧.୨୯ ଲକ୍ଷର ଦାଖଲ କରିଥିଲେ। ଏହି ମିଥ୍ୟା ବିଲ୍‌କୁ ରବି କୁମାର ରାଜେଶ ପାସ୍ କରାଇଥିଲେ। ନବଦୀପଙ୍କ ଆକାଉଣ୍ଟକୁ ଆସିବା ପରେ ପରବର୍ତ୍ତୀ ସମୟରେ ତାଙ୍କର ଦୁଇଟି କମ୍ପାନୀ ଆକାଉଣ୍ଟକୁ ଆସିଛି।

### ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

# ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ପରାମର୍ଶ

ରାଉରକେଲା, ୩।୧୨(ସମିସ)



ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ଏକ ସୁସ୍ଥ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଶାସନ ସଚିବ ଶତ୍ରୁଘ୍ନ କର। ସୁନ୍ଦରଗଡ଼ ଗସ୍ତରେ ଆସି ସେ ଜିଲ୍ଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଏ ବାବଦରେ ଅଧିକାରୀମାନଙ୍କ ଠାରୁ ପଚାରି ବୁଝିଛନ୍ତି। ମତଦାନରୁ ଯେପରି କେହି ବଞ୍ଚିତ ନ ହୁଅନ୍ତି ସେ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସଚେତନତା ସୃଷ୍ଟି କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଆଗାମୀ ଦିନମାନଙ୍କରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟର ସଚେତନତା ବାର୍ତ୍ତା ପ୍ରଚାର ପ୍ରସାର ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁନ୍ଦରଗଡ଼ ଜିଲ୍ଲାରେ ଶତ ପ୍ରତିଶତ ମତଦାନକୁ ଗୁରୁତ୍ୱ ଦେବାସହ ଆଗାମୀ ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଯେପରି ଯୋଗ୍ୟ ବ୍ୟକ୍ତି ସାମିଲ ହୋଇ ପାରିବେ ସେ ଉପରେ ଅଧିକାରୀ ତଥା ବୁଥସ୍ତରୀୟ ଅଧିକାରୀମାନେ ସଚେତନ ରହିବାକୁ ସେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସ୍ଥିତ ସଭାଗୃହରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ପରାମର୍ଶ ଦେଇଛନ୍ତି। ଏହା ସହ ମତଦାନ କେନ୍ଦ୍ର ଗୁଡ଼ିକରେ ମତଦାତା ମାନଙ୍କ ପାଇଁ ପାନୀୟ ଜଳ, ଶୌଚାଳୟ ଭଳି ସମସ୍ତ ପ୍ରକାର ସୁବିଧା ଉପଲବ୍ଧ କରିବା ଉପରେ ସେ ଅଗ୍ରାଧିକାର ଦେଇଛନ୍ତି। ଭୋଟ ପୂର୍ବରୁ ଯେପରି ସମସ୍ତଙ୍କ ପାଖରେ ଭୋଟର କାର୍ଡପହଞ୍ଚିବ ଓ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ନିୟମକାନୁନ ବିଷୟରେ ସେ ଉପସ୍ଥିତ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ଆରଏମସି ଡେପୁଟି କମିଶନର ଗୌରବମୟ ପ୍ରଧାନ, ସୀତାଦେବୀ ମାଝୀ ତଥା ଜିଲ୍ଲାର ଅନ୍ୟ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଜାନୁୟାରୀ ମାସରେ ପ୍ରକାଶିତ ହେବାକୁ ଥିବା ନୂତନ ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ କରିବା ପାଇଁ ନାମ ସଂଶୋଧନ କରିବା ଉପରେ ଗୁରୁତ୍ୱଦେବାକୁ କହିଥିଲେ। ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଶତ୍ରୁଘ୍ନ କର ବଣାଇ ଗସ୍ତରେ ଯାଇ ସେଠାରେ ଉପସ୍ଥିତ ବୁଥସ୍ତରୀୟ ଅଧିକାରୀମାନଙ୍କୁ ଜାନୁୟାରୀ ୫ ତାରିଖରେ ପ୍ରକାଶିତ ହେବାକୁ ଥିବା ନୂତନ ଭୋଟର ତାଲିକାରେ ସେମାନଙ୍କ ଅଞ୍ଚଳର ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ସାମିଲ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସେ ବୀରମିତ୍ରପୁର ମୁନିସିପାଲିଟି ଗସ୍ତରେ ଯାଇ ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ। ଏହା ସହ ଲହୁଣିପଡ଼ାସ୍ଥିତ ପାଉଡି ଭୂୟାଁ ଅଞ୍ଚଳ ଗସ୍ତକରି ଭୂୟାଁ ସମ୍ପ୍ରଦାୟର ଶହେ ପ୍ରତିଶତ ଭୋଟର ତାଲିକା ପଞ୍ଜୀକରଣ ପ୍ରତି ସେ ଗୁରୁତ୍?ାରୋପ କରିଥିଲେ। ରାଉରକେଲାସ୍ଥିତ ଜାତୀୟ ଶିକ୍ଷା ପ୍ରତିଷ୍ଠାନ (ଏନଆଇଟି) ପରିଦର୍ଶନ କରି ସେଠାରେ ସ୍ୱତନ୍ତ୍ର ଶିବିର ମାଧ୍ୟମରେ ଯୁବ ମତାଦାତାମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜିକରଣ ଓ ମତଦାନ ପ୍ରତି ଆକୃଷ୍ଟ କରିବା ପାଇଁ ଶ୍ରୀ କର ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ୨୦୨୪ ଜାନୁୟାରୀ ୧ ତାରିଖ ସୁଦ୍ଧା ୧୮ ବର୍ଷ ପୂରଣ କରୁଥିବା ଯୁବ ବର୍ଗଙ୍କୁ ଭୋଟର ତାଲିକାରେ ପଞ୍ଜିକୃତ କରିବା ସହ ଆଗାମୀ ନିର୍ବାଚନରେ ମତଦାନ କରି ଗଣତନ୍ତ୍ରର ମହାପର୍ବରେ ସାମିଲ କରିବାକୁ ସେ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

# ନଦୀରୁ ନିଖୋଜ ଛାତ୍ରର ଶବ ଉଦ୍ଧାର

**ରାଉରକେଲା, ୩।୧୨(ସମିସ):** ଛେଣ୍ଡ ଥାନା ପ୍ରଧାନପାଲ୍ଲୀ ନିକଟସ୍ଥ କୋଏଲ ନଦୀରେ ବୁଡ଼ି ନିଖୋଜ ହୋଇଥିବା ଲେବର ଟେନାମେଣ୍ଟ ଅଞ୍ଚଳର ଛାତ୍ର ପ୍ରିୟରଞ୍ଜନ ପାଢ଼ୀଙ୍କ ମୃତଦେହ ରବିବାର ଉଦ୍ଧାର କରାଯାଇଛି। କୋଏଲ ନଦୀରେ ଗାଧୋଉଥିବା ବେଳେ ଦୁଇ ନାବାଳକ ନିଖୋଜ ହୋଇ ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଗତକାଲି ପ୍ରିୟାଂଶୁ ଭୋଳ ନାମକ ଜଣେ ନାବାଳକର ମୃତଦେହ ଉଦ୍ଧାର କରାଯାଇଥିଲା। ରବିବାର ସକାଳେ ଏକ ସ୍ୱତନ୍ତ୍ର ଓଡ୍ରାଫ ଦଳର ନିଖୋଜ ନାବାଳକକୁ ଖୋଜିବା ଆରମ୍ଭ କରିଥିଲେ। ଅଗ୍ନିଶମ କର୍ମୀ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ହୋଇଥିବା ଏହି ଉଦ୍ଧାର କାର୍ଯ୍ୟରେ ୧୬ ଜଣିଆ ଦଳ ମଧ୍ୟରେ ବୁଡ଼ାଳି ଦଳ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଉଦ୍ଧାର ହୋଇଥିବା ମୃତ ପ୍ରିୟାଂଶୁ ଭୋଳ ଅଷ୍ଟମ ଶ୍ରେଣୀ ଛାତ୍ର ହୋଇଥିବା ବେଳେ ଅନ୍ୟ ୩ ଜଣ ନବମ ଶ୍ରେଣୀର ଛାତ୍ର ଓ ସମସ୍ତଙ୍କ ବୟସ ୧୩-୧୪ ବର୍ଷ ମଧ୍ୟରେ ହେବ କୁହାଯାଇଛି। ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସୂଚନା ପାଇ ରାଉରକେଲା ବିଧାୟକ ତଥା ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଶ୍ରୀ ନାୟକ ଏହି ଅବସରରେ ଦୁଇ ମୃତ ଛାତ୍ରଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସୂଚନା ମୁତାବକ, ରଘୁନାଥପାଲି ଥାନା ଲେବର ଟେନାମେଣ୍ଟ ଅଞ୍ଚଳର ଅଷ୍ଟମ ଶ୍ରେଣୀ ଛାତ୍ର ପ୍ରିୟାଂଶୁ ଭୋଳ, ନବମ ଶ୍ରେଣୀ ଛାତ୍ର ପ୍ରିୟରଞ୍ଜନ ପାଢ଼ୀ ଓ ଆଉ ଦୁଇ ଜଣ ନବମ ଶ୍ରେଣୀ ଛାତ୍ର ପରୀକ୍ଷା ସରିବା ପରେ ସାଙ୍ଗ ହୋଇ ସାଇକେଲ ଯୋଗେ ପ୍ରଧାନପାଲ୍ଲୀ ସ୍ଥିତ ୧୧ ନମ୍ବର ବ୍ରିଜ କୋଏଲ ନଦୀ ଘାଟକୁ ବୁଲିବାକୁ ଯାଇଥିଲେ। ସେଠାରେ ନଦୀ ଭିତରେ ପ୍ରୀୟାଂଶୁ ଓ ପ୍ରିୟ ରଞ୍ଜନ ଗାଧୋଉଥିଲେ। ଅନ୍ୟ ଦୁଇ ସାଙ୍ଗ ନଦୀ ପଠାରେ ଛିଡ଼ା ହୋଇଥିଲେ। ତେବେ ଦୁଇ ସାଙ୍ଗ ଗାଧୋଇବା ସମୟରେ ବୁଡିବାର ଦେଖି ସେମାନେ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପରେ ପ୍ରୀୟାଂଶୁକୁ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ନିଆଯାଇ ଥିଲା। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ମାତ୍ର ପ୍ରିୟ ରଞ୍ଜନ ପାଣିରେ ବୁଡି ନିଖୋଜ ହୋଇଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ କରିଥିଲେ ହେଁ କୌଣସି ଖୋଜ ଖବର ମିଳି ନ ଥିଲା।

# ନୂଆଗାଁରେ ବାଲ୍ ବିଜ୍ଞାନ ପ୍ରଦର୍ଶନୀ



**ରାଉରକେଲା, ୩।୧୨(ସମିସ):** ବିଜ୍ଞାନମେଳା ଶିଶୁପ୍ରତିଭାକୁ ବିକଶିତ କରିବା ସହ ସେମାନଙ୍କ ବୈଜ୍ଞାନିକ ଚିନ୍ତାଧାରା ସୃଷ୍ଟି କରିବାରେ ସହାୟକ ହୋଇଥାଏ ବୋଲି ନୂଆଗାଁ ପଞ୍ଚାୟତ ସମିତି ହାଇସ୍କୁଲ ପରିସରରେ ଆୟୋଜିତ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ ସସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରିବେଶ ଓ ବିଜ୍ଞାନକୁ ତୁଳନା କରି ପିଲାମାନଙ୍କୁ ଆକୃଷ୍ଟ କଲାଭଳି ନିଜ ବ୍ୟକ୍ତବ ରଖିଥିଲେ। ଏହି ପ୍ରଦର୍ଶନୀରେ ସମ୍ମାନିତ ଅତିଥି ଭାବେ ବିଶ୍ୱସୀ ଟୋପ୍ନ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ନୂଆଗାଁ ବ୍ଲକ ବିଡିଓ ଜ୍ୟାତିବିକାଶ ଦାଶ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ବିଜ୍ଞାନର ଭୂମିକା କିଭଳି ଦେଶର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ତା ଉପରେ ମତାବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବରେ ରାଉରକେଲା ଏନ୍‌ଆଇଟିର ପ୍ରଫେସର ସୁପ୍ରତିମ ଗୁପ୍ତା ଯୋଗ କହିଥିଲେ ଯେ ଶିଶୁମାନେ ଶିକ୍ଷା ପ୍ରାରମ୍ଭ ରୁ ହିଁ ବୈଜ୍ଞାନିକ ଚିନ୍ତାଧାରା ନେଇ ପାଠପଢ଼ିବା ଉଚିତ। ଏଥିପ୍ରତି ଶିକ୍ଷକମାନେ ଶିଶୁମାନଙ୍କୁ ଉତ୍ସାହିତ କରିବା ଉଚିତ ବୋଲି ମତ ଦେଇଥିଲେ। ବ୍ଲକ ସହକାରୀ ଶିକ୍ଷାଧିକାରୀ ବନମାଳି ମଲ୍ଲିକ, ବାନେ କେଛୁଆ, ସୁପ୍ରଭା ପତି ପ୍ରମୁଖ ଯୋଗଦେଇ ବିଜ୍ଞାନ ଓ ପିଲାଙ୍କ କର୍ତ୍ତବ୍ୟ ଉପରେ ନିଜନିଜ ମତ ଦେଇଥିଲେ। ବ୍ଲକର ବରିଷ୍ଠ ଶିକ୍ଷକ ଦିଲୀପ କୁମାର ସାହୁ ଓ ମଙ୍ଗଲ କେର୍କେଟାଙ୍କ ଦ୍ୱାରା ପରିଚାଳିତ ଏହି ବିଜ୍ଞାନ ମେଳାରେ ସମୁଦାୟ ୧୧୫ ଟି ସ୍କୁଲରୁ ମୋଟ ୨୩୪ ଟି ପ୍ରକଳ୍ପ ଆସିଥିଲା। ସେମାନଙ୍କ ମଧ୍ୟରୁ ଜୀବନ ଶୈଳୀ ଉପରେ ୭୬ ଟି ପ୍ରକଳ୍ପ ଆସିଥିବା ବେଳେ ସ୍ୱାସ୍ଥ୍ୟ ଉପରେ ୬୨ଟି, କୃଷି ଉପରେ ୪୩ଟି, ପରିବହନ ଓ ଯୋଗାଯୋଗ ଉପରେ ୨୯ ଟି, କମ୍ପ୍ୟୁଟର ଶିକ୍ଷା ଉପରେ ୧୮ଟି ଓ ବିଜ୍ଞାନ ଉପରେ ମୋଟ ୬ଟି ପ୍ରକଳ୍ପ ମେଳାରେ ସ୍ଥାନ ପାଇଥିଲା। ବିଚାରକ ମଣ୍ଡଳୀ ଭାବରେ ଅମରେଶ ମିଶ୍ର, ବସନ୍ତ କୁମାର ଦାଶ, ସଞ୍ଜୟ କୁମାର ନନ୍ଦ, ବୈକୁଣ୍ଠମୋହନ ସାହୁ, ଆରବିନ୍ଦ ପାତ୍ର ଓ ସଞ୍ଜୟ କୁମାର ମାହତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ବିଜ୍ଞାନ ମେଳାରେ ଶିକ୍ଷକ ମଧୁସୁଦନ କରିଆଲି, ବାସୁଦେବ ତ୍ରିପାଠୀ, ଅନ୍ନଦା ଶଙ୍କର ପାଢ଼ୀ, ରଞ୍ଜିତ ଏକ୍କା, ପର୍ଶୁରାମ ବେହେରା, ସଞ୍ଜୟ ରଥ, ସନ୍ତୋଷ ସିଂ, ଅଶୋକ ସିଂ, ଅରୁଣ ବେହେରା, ପ୍ରଶାନ୍ତ କେର୍କେଟା, ଅଜୟ ସେଠୀ, ଅଘନୁ ବରୁଆ, ଜୟବିହାରୀ ନାୟକ, ଦିଲୀପ ମାଲୱା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ■ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳିତ

# 'ପରିବେଶ ସୁରକ୍ଷା ଉପରେ ଯତ୍ନଶୀଳ ହେବା ଉଚିତ'




**ରାଉରକେଲା, ୩।୧୨(ସମିସ):** ପ୍ରଦୂଷଣ ତଥା ପଲିଥିନମୁକ୍ତ ସ୍ୱଚ୍ଛ ସବୁଜ ପରିବେଶ ଗଠନ, ପରିବେଶ ସୁରକ୍ଷା, ନୂତନ ବନୀକରଣ ଆଦି ଉଦ୍ଦେଶ୍ୟରେ ଦୀର୍ଘଦିନ ଧରି ସୁନ୍ଦରଗଡ଼ ଜିଲ୍ଲାରେ କାର୍ଯ୍ୟ କରି ଆସୁଥିବା ଅନ୍ୟତମ ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ 'ସାଥୀ' ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲାର ମିଳିତ ସହଭାଗିତାରେ ଶନିବାର ବିଶ୍ରା ଛକଠାରେ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳିତ ହୋଇଛି। ଏହି ଅବସରରେ ସାଥୀର କର୍ମକର୍ତ୍ତା ବିଭିନ୍ନ ପ୍ରଚାରପତ୍ର ବାଣ୍ଟି, ହାତରେ ବ୍ୟାନର, ପ୍ଲାକାର୍ଡ ଧରି ତଥା ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଇସ୍ପାତ କାରଖାନା କର୍ମଚାରୀ ତଥା ଅନ୍ୟ ସହରବାସୀଙ୍କୁ ପ୍ରଦୂଷଣ ନିରାକରଣ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ସାଥୀ ସଭାପତି ସଦାନନ୍ଦ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ଆଞ୍ଚଳିକ ଅଧିକାରୀ ଅନୁପ ମଲ୍ଲିକ ଯୋଗଦେଇ କହିଲେ, ପରିବେଶ ଆମ ସମସ୍ତଙ୍କର ଅଟେ। ଏଥିପାଇଁ ଆମ ସମସ୍ତଙ୍କୁ ଯତ୍ନଶୀଳ ହୋଇ ପରିବେଶ ସୁରକ୍ଷା ଉପରେ ଧ୍ୟାନ ଦେବା ଉଚିତ। ଜାଣତ ବା ଅଜାଣତରେ ଆମେ ମଧ୍ୟ ପରିବେଶକୁ କ୍ଷତି ପହଞ୍ଚାଇଥାଉ। ୧୯୮୪ରେ ଘଟିଥିବା ଭୋପାଳ ଗ୍ୟାସ ଦୁର୍ଘଟଣା ମାନବୀୟ ତ୍ରୁଟି ଯୋଗୁ ଘଟିଥିଲା। ଏଣୁ ଆମ ସମସ୍ତଙ୍କୁ ନିଜ ଗୃହ ତଥା କାର୍ଯ୍ୟସ୍ଥଳୀରେ ସୁରକ୍ଷା ତଥା ସାବଧାନତାକୁ ଅଗ୍ରାଧିକାର ଦେଇ କାର୍ଯ୍ୟ କରିବା ଉଚିତ। ଯାହାଦ୍ୱାରା ଆମେ ଭୋପାଳ ଗ୍ୟାସ ଦୁର୍ଘଟଣା ପରି ବିପତ୍ତିକୁ ଏଡ଼ାଇ ପାରିବା ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଉପ ପରିବେଶ ଯନ୍ତ୍ରୀ ବିଜୟ କୁମାର ଭୋଇ କହିଲେ, ପରିବେଶ ସୁରକ୍ଷା କେବଳ ସରକାର କିମ୍ବା ସରକାରୀ ଅଧିକାରୀଙ୍କ କାର୍ଯ୍ୟ ବୋଲି ଲୋକେ ଭାବିବା ଉଚିତ ନୁହେଁ। ଏଥିପ୍ରତି ଆମ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ଜନସାଧାରଣ, ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ ସମସ୍ତେ ମିଳିତ ଭାବେ ଆଗକୁ ଆସି ଏ ଦିଗରେ କାର୍ଯ୍ୟ କଲେ ଆମେ ସୁନ୍ଦର ପରିବେଶ ଗଠନ କରିପାରିବା। ସାଥୀ ସଭାପତି ସଦାନନ୍ଦ ସାହୁ କହିଲେ, ସାଥୀ ପକ୍ଷରୁ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ ପାଇଁ ପ୍ରାଥମିକତା ଦିଆଯାଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଦୀର୍ଘଦିନ ଧରି କରାଯାଇ ଆସୁଛି। ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳନକୁ କେବଳ ଗୋଟିଏ ଦିନରେ ସୀମିତ ନ ରଖି ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ରାଉରକେଲା ସହରର ଆଖପାଖ ଅଞ୍ଚଳ ତଥା ବିଭିନ୍ନ ବିଦ୍ୟାଳୟରେ ଏହି ସଚେତନତା କାର୍ଯ୍ୟକ୍ରମ ଜାରି ରଖାଯିବ। ଏହା ମାଧ୍ୟମରେ ଆମ ସହର ରାଉରକେଲା ତଥା ସମଗ୍ର ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରଚାରପତ୍ର, ଛୋଟ ଛୋଟ ବୈଠକ ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କୁ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଅନୁରୋଧ କରିବା ସହ ସଚେତନ କରାଯିବ। କାର୍ଯ୍ୟକ୍ରମରେ ସାଥୀ ସମ୍ପାଦକ ରଜନୀକାନ୍ତ ସ୍ୱାଇଁ, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ସ୍ୱାଗତିକା ମହାନ୍ତି, ଜସ୍ମିତା ପ୍ରଧାନ, ପଞ୍ଚାନନ ସୁନା, ଦୁର୍ଗା ବାଗ, ସୁସ୍ମିତା ମାହାଲ, ଅରୁନଭ ସେନ, କେ. ରବି, ରେଳ ବିକାଶ ମଞ୍ଚର ଶଶଧର ପାତ୍ର, ଜଗନ୍ନାଥ ରାଉତ ପ୍ରମୁଖ ଯୋଗଦେଇଥିଲେ। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହାୟକ ପରିବେଶ ବୈଜ୍ଞାନିକ ପ୍ରଜ୍ଞାଜ୍ୟୋତି ସେନାପତି, ସହାୟକ ପରିବେଶ ଯନ୍ତ୍ରୀ ପ୍ରୀତମ କୁମାର ପତି ସହଯୋଗ କରିଥିଲେ।

# ପିଆର୍‌ସିଆଇ ରାଉରକେଲା ପକ୍ଷରୁ ସେମିନାର




**ରାଉରକେଲା, ୩।୧୨(ସମିସ):** ସ୍ଥାନୀୟ ରାଉରକେଲା କ୍ଲବଠାରେ ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନାର ଲୋକସମ୍ପର୍କ ବିଭାଗ ଦ୍ୱାରା ପବ୍ଲିକ ରିଲେସନ କାଉନ୍ସିଲ ଅଫ ଇଣ୍ଡିଆ, ରାଉରକେଲା ଅଧ୍ୟାୟ ସହଭାଗିତାରେ 'ଭାବାବେଗ ନିୟନ୍ତ୍ରଣ ଲୋକ ସମ୍ପର୍କ କୌଶଳରେ ନିପୁଣତା ହାସଲ ପାଇଁ ରଣନୀତି' ଉପରେ ଏକ ସେମିନାର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆରଏସ୍‌ପି ଗୁଣବତ୍ତା ବିଭାଗର ସିଜିଏମ୍ ଆତିଶ ଚନ୍ଦ୍ର ସରକାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ କନସଲଟାଣ୍ଟ ସାଇକୋଲୋଜିଷ୍ଟ ତଥା ମୋଟିଭେସନାଲ ସ୍ପିକର ପ୍ରୀତି ସାଇନି ଅତିଥି ବକ୍ତାଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗର ଜିଏମ୍ ତଥା ସଞ୍ଚାରମୁଖ୍ୟ ଏବଂ ପିଆରସିଆଇ ରାଉରକେଲା ଅଧ୍ୟାୟର ଅଧ୍ୟକ୍ଷା ଅର୍ଚ୍ଚନା ଶତପଥୀ, ପିଆରସିଆଇ ରାଉରକେଲା ଅଧ୍ୟାୟର ଉପାଧ୍ୟକ୍ଷ ଜେଜେ ଦାସ ଏବଂ ଡ. ଅଞ୍ଜନା ମୈତ୍ର ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଲୋକସମ୍ପର୍କ ବୃତ୍ତିଧାରୀ, ପିଆରସିଆଇ ରାଉରକେଲା ଅଧ୍ୟାୟର ସଦସ୍ୟମାନେ ଉପସ୍ଥିତ ଥିଲେ।

ସମାବେଶକୁ ସମ୍ବୋଧିତ କରି ଶ୍ରୀ ସରକାର ଏକ ସଂଗଠନରେ ଲୋକସମ୍ପର୍କର ଗୁରୁତ୍ୱ ଉପରେ ଆଲୋକପାତ କରି କହିଲେ ଲୋକସମ୍ପର୍କ ଯେକୌଣସି ସଂସ୍ଥାର ମୁଖବନ୍ଧ ଅଟେ ଏବଂ ଲୋକସମ୍ପର୍କ ବୃତ୍ତିଧାରୀମାନେ ବୃହତର ବୃତ୍ତିଗତ ଆହ୍ୱାନର ସମ୍ମୁଖୀନ ହୋଇଥାନ୍ତି। ଶ୍ରୀମତୀ ସାଇନି 'ଭାବାବେଗ ନିୟନ୍ତ୍ରଣ: ଲୋକ ସମ୍ପର୍କ କୌଶଳରେ ନିପୁଣତା ହାସଲ ପାଇଁ ରଣନୀତି' ଉପରେ ଏକ ପ୍ରାଞ୍ଜଳ ବୃତ୍ତିଗତ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ମତବିନିମୟ ଅଧିବେଶନ ସମ୍ପାଦିତ କରିବା ସହିତ ଅଂଶଗ୍ରହଣକାରୀଙ୍କୁ ଭାବପ୍ରବଣତା ପାଇଁ ବ୍ୟବହାରିକ ପରାମର୍ଶ ପ୍ରଦାନ କରିଥିଲେ। ସଦସ୍ୟମାନେ ସାମଗ୍ରିକ ଶିକ୍ଷଣ ଅଭିଜ୍ଞତାକୁ ଆଗକୁ ନେଇ ଶ୍ରୀମତୀ ସାଇନିଙ୍କ ନେତୃତ୍ୱରେ ଆବେଗ ନିୟନ୍ତ୍ରଣ କାର୍ଯ୍ୟକଳାପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନ ଭାବନା ଏବଂ ପ୍ରଭାବଶାଳୀ ଜନସମ୍ପର୍କ ରଣନୀତି ମଧ୍ୟରେ ସଂଯୋଗର ଗଭୀର ବୁଝାମଣାକୁ ସହଜ କରିଥିଲା। ଲୋକସମ୍ପର୍କ ବିଭାଗର ସହକାରୀ ପ୍ରବନ୍ଧକ ତଥା ପିଆରସିଆଇ ରାଉରକେଲା ଅଧ୍ୟାୟର ସମ୍ପାଦକ ଶଶାଙ୍କ ଶେଖର ପଟ୍ଟନାୟକଙ୍କ 'ଡିପ୍ ଫେକ୍ ର ସମ୍ମୁଖୀନ ହେବା ପାଇଁ ଲୋକସମ୍ପର୍କ ବୃତ୍ତିଧାରୀଙ୍କ ସମ୍ମୁଖରେ ଉଦୀୟମାନ ଆହ୍ୱାନ' ସମ୍ବନ୍ଧରେ ପ୍ରସ୍ତୁତ ଏକ ସାରଗର୍ଭକ ଉପସ୍ଥାପନା ଏହି କାର୍ଯ୍ୟକ୍ରମର ଅନ୍ୟ ଏକ ପ୍ରମୁଖ ଆକର୍ଷଣ ଥିଲା। ଡିପ୍ ଫେକ୍ ଭଳି ବୈଷୟିକ ଆହ୍ୱାନ ପରିପ୍ରେକ୍ଷୀରେ ଲୋକସମ୍ପର୍କର ବିସ୍ତାରିତ ଦିଗ ଉପରେ ଆଲୋକପାତ କରିଥିଲା। ନିଜର ପ୍ରାରମ୍ଭିକ ଭାଷଣରେ ଅର୍ଚ୍ଚନା ଶତପଥୀ ଦୈନନ୍ଦିନ ରୂପେ ଲୋକସମ୍ପର୍କ ବୃତ୍ତିଧାରୀମାନେ ସମ୍ମୁଖୀନ ହେଉଥିବା ବିବିଧ ଆହ୍ୱାନଗୁଡିକ ବିଷୟରେ ଉଲ୍ଲେଖ କରିଥିଲେ। କାର୍ମିକ ବିଭାଗର ଜିଏମ ଧିରେନ୍ଦ୍ର ମିଶ୍ର ଏବଂ ଜେଜେ ଦାସ ମୁଖ୍ୟଅତିଥି ତଥା ସମ୍ମାନିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପିଆରସିଆଇ ରାଉରକେଲା ଅଧ୍ୟାୟର ଯୁଗ୍ମ ସଚିବ ସଙ୍ଗୀତ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପିଆରସିଆଇ ରାଉରକେଲା ସଦସ୍ୟ ଗୀତିକା ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଲାମାନଙ୍କ ସୁରକ୍ଷିତ ଯାତାୟାତ ପାଇଁ ସ୍କୁଲ ବସ୍ ଯୋଗାଣ



**ରାଉରକେଲା, ୩।୧୨(ସମିସ):** ସେଲ ରାଉରକେଲା ଇସ୍ପାତ କାରଖାନାର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ଅଧୀନସ୍ଥ କାଲଟା ଆଇରନ୍ ମାଇନ୍ସ ପକ୍ଷରୁ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ ପଦକ୍ଷେପ ଅନୁଯାୟୀ ଏକ ସ୍କୁଲ ବସ୍ ଯୋଗାଇ ଦିଆଯାଇଛି। ଏହି ସ୍କୁଲ ବସ୍ ପାର୍ଶ୍ୱାଞ୍ଚଳ ଗ୍ରାମରୁ କାଲଟା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଆରାମଦାୟକ ଏବଂ ନିରାପଦ ଦୈନନ୍ଦିନ ଯାତାୟାତ ସୁନିଶ୍ଚିତ କରିବ। ବିଆଇଏମ୍, ଟିଆଇଏମ, କେଆଇଏମର କାର୍ମିକ ଓ ପ୍ରଶାସନ ବିଭାଗର ଜିଏମ୍ ଏନସି ପଣ୍ଡା ଏହି ସ୍କୁଲ ବସ୍‌ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏଜିଏମ୍ (ସିଭିଲ୍) ସିଏସ୍‌ଆର୍, ବି ଦତ୍ତା, ସିନିୟର ମ୍ୟାନେଜର (ମେକାନିକାଲ୍) ଏଚ୍‌ଏଚ ଟୁଙ୍ଗ, ମାଇନିଙ୍ଗ ବିଭାଗର ମ୍ୟାନେଜର କେକେ ଗଡ଼ନାୟକ, ଆସିଷ୍ଟାଣ୍ଟ ମ୍ୟାନେଜର (ସିଭିଲ - ସିଏସଆର) ଏସ୍‌କେ ଘଡ଼ାଇ, କାର୍ମିକ ଓ ପ୍ରଶାସନ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଅଜୟ କୁମାର ସାହୁ ଏବଂ ବହୁ କାର୍ଯ୍ୟନିର୍ବାହୀ ତଥା ଶ୍ରମିକ ସଂଗଠନର ପ୍ରତିନିଧି ଉପସ୍ଥିତ ଥିଲେ। ବିଦ୍ୟାଳୟ ବସ୍ ସେବା ପଦକ୍ଷେପ କାଲ୍ଟା ଆଇରନ୍ ମାଇନ୍ସର ସାମାଜିକ ଦାୟିତ୍ୱର ବ୍ୟାପକ ପ୍ରତିବଦ୍ଧତା ସହିତ ସମାନ୍ତରାଳ ଅଟେ, ଯାହା ଶିକ୍ଷାର ପ୍ରସାରକୁ ସୁଗମ କରିବା ଏବଂ ପାରିପାର୍ଶ୍ୱିକ ଗ୍ରାମଗୁଡିକରେ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ଉନ୍ନତି ପାଇଁ ଲକ୍ଷ୍ୟ ରଖିଛି। ପରିବହନର ଏକ ନିରାପଦ ଏବଂ ଆରାମଦାୟକ ମୋଡ୍ ଯୋଗାଇ କମ୍ପାନୀ ଏହି ଯୁବ ଶିକ୍ଷାର୍ଥୀମାନଙ୍କର ଶିକ୍ଷାଗତ ଯାତ୍ରାରେ ସହଯୋଗ କରିବାକୁ ପ୍ରଚେଷ୍ଟା କରୁଛି।

# ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଓ ଚଷମା ବଣ୍ଟନ



**ରାଉରକେଲା, ୩।୧୨(ସମିସ):** ଆରଏସପି ଆନୁକୂଲ୍ୟରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାରି ଦିନ ଧରି ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନିଃଶୁଳ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ସୁଇଡିହି, ଲାଠିକଟା, ବାରୋପି, ଜଲଦା, ବିଶ୍ରା ଆଦି ପଞ୍ଚାୟତରେ ଶିବିର ହୋଇଥିଲା। ଆରଏସପି ସିଏସଆର୍ ବିଭାଗ ଜିଏମ୍ ମୁନମୁନ ମିତ୍ରା ଶିବିର ଆରମ୍ଭ କରିଥିଲେ। ଆରଏସପିର ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ପ୍ରଫେସର୍ ସୁନିଲ ଝା, ଅରୁନ୍ଧତୀ ବିଶ୍ୱାଳ, ସ୍ୱାଗତିକା, ସାଲୋନୀ ପଟ୍ଟନାୟକ, ଦୁର ସେଠୀ, ସୂର୍ଯ୍ୟରଶ୍ମି ଦାସ ଏବଂ ଅପଟିମେଟିଭ ବିଭାଗ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ଆର୍‌ଏସ୍‌ପିରେ ସ୍ୱଦେଶୀ ଇଲେକ୍ଟ୍ରୋଡ୍ ରେଗୁଲେସନ୍ କଣ୍ଟ୍ରୋଲର ସ୍ଥାପନ




ରାଉରକେଲା, ୩।୧୨(ସମିସ)

ନବସୃଜନ ଏବଂ ସ୍ଥାୟିତ୍ୱ ଦିଗରେ ଏକ ଅଗ୍ରଗାମୀ ପଦକ୍ଷେପ ସ୍ୱରୂପ ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ଲେଡଲ୍ ହିଟିଂ ଫର୍ଣ୍ଣେସ୍-୧ରେ ଏକ ସ୍ୱଦେଶୀ ଇଲେକ୍ଟ୍ରୋଡ୍ ରେଗୁଲେସନ୍ କଣ୍ଟ୍ରୋଲର୍ ସ୍ଥାପନ କରାଯାଇଛି। ସିଜିଏମ୍ ଇନ୍‌ଚାର୍ଜ ଷ୍ଟିଲ ଆରକେ ପାତ୍ର ଏହି ନୂତନ ବ୍ୟବସ୍ଥାକୁ ଏମ୍‌ଏସ୍ ବିଭାଗର ସିଜିଏମ୍ ପିକେ ସାହୁ, ସିଜିଏମ୍ (ଏମ୍‌ଏସ୍) ଏବଂ ଏସ୍‌ଏମ୍‌ଏସ୍-୧ ବିଭାଗର ସିଜିଏମ ପିନାକି ଚୌଧୁରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ଏସ୍‌ଏମ୍‌ଏସ୍-୧ (ଇଲେକ୍ଟ୍ରିକାଲ୍) ବିଭାଗର ଏଜିଏମ୍ ଟିପି ଗରେୱାଲ, ମ୍ୟାନେଜର ସନ୍ଦୀପ ଲାକ୍ରା, ଆସିଷ୍ଟାଣ୍ଟ ମ୍ୟାନେଜର ବି ବେହେରାଙ୍କୁ ନେଇ ଗଠିତ ଏସ୍‌ଏମ୍‌ଏସ୍-୧ ବିଭାଗୀୟ ଉତ୍ସର୍ଗୀକୃତ ଦଳ ଦ୍ୱାରା ବିଭାଗର ଜିଏମ ସିଭିସି ଏକ୍କାଙ୍କର ମାର୍ଗଦର୍ଶନରେ କମିଶନିଙ୍ଗ ହୋଇଛି। ସୂଚନାଯୋଗ୍ୟ ଯେ ଏସ୍‌ଏମ୍‌ଏସ୍-୧ର ଏକ ଗୁରୁତ୍ୱପୂର୍ଣ୍ଣ ୟୁନିଟ୍, ଏଲ୍‌ଏଚ୍‌ଏଫ୍-୧ କାଷ୍ଟିଂ ପ୍ରକ୍ରିୟା ପାଇଁ କାଷ୍ଟରକୁ ସ୍ଥାନାନ୍ତରିତ ହେବା ପୂର୍ବରୁ ତରଳ ଇସ୍ପାତର ସର୍ବୋଚ୍ଚ ତାପମାତ୍ରା ଏବଂ ରସାୟନ ବିଜ୍ଞାନ ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଇଲେକ୍ଟ୍ରୋଡ୍ ରେଗୁଲେସନ୍ କଣ୍ଟ୍ରୋଲର୍ ହେଉଛି ଏକ ଅତ୍ୟାଧୁନିକ ପ୍ରଣାଳୀ ଯାହା ଆର୍କିଙ୍ଗ ସମୟରେ ଇଲେକ୍ଟ୍ରୋଡ୍ ଗତିକୁ ସଠିକ୍ ଭାବରେ ନିୟନ୍ତ୍ରଣ କରିବା ପାଇଁ ଡିଜାଇନ୍ ହୋଇଛି, ଲେଡଲରେ ତରଳାଯାଇଥିବା ଇସ୍ପାତର ତାପମାତ୍ରା ବଢ଼ାଇବା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ। ନୂତନ ସ୍ୱଦେଶୀ ନିୟନ୍ତ୍ରକ ବିଦ୍ୟମାନ ଆମଦାନୀ ହୋଇଥିବା ନିୟନ୍ତ୍ରକକୁ ପ୍ରତିରୋପଣ କରୁଛି ଯାହା ଅତ୍ୟନ୍ତ ପୁରୁଣା ହେବା ସହିତ ଏହାର କୌଣସି ଯନ୍ତ୍ରାଂଶ ଅଥବା ସପୋର୍ଟ ଉପଲବ୍ଧ ନାହିଁ। ଉନ୍ନତିକୃତ ଲେଡଲ ହିଟିଂ ଫର୍ଣ୍ଣେସ୍ ବର୍ତ୍ତମାନ ଡୁଆଲ୍ କଣ୍ଟ୍ରୋଲର୍ ସହିତ କାର୍ଯ୍ୟ କରୁଛି। ସ୍ୱଦେଶୀ ଇଲେକ୍ଟ୍ରୋଡ୍ ରେଗୁଲେସନ୍ କଣ୍ଟ୍ରୋଲରର କାର୍ଯ୍ୟାନ୍ୱୟନରେ ଅନେକ ଲାଭ ରହିଛି। ଏହାଦ୍ୱାରା ଲେଡଲ୍ ହିଟିଙ୍ଗ ପ୍ରକ୍ରିୟା ଉପରେ ବର୍ଦ୍ଧିତ ନିୟନ୍ତ୍ରଣ, ଉନ୍ନତ ଶକ୍ତି ଦକ୍ଷତା ଏବଂ ସମ୍ଭାବ୍ୟ କାର୍ଯ୍ୟକ୍ଷମ ଖର୍ଚ୍ଚ ହ୍ରାସ ହାସଲ ହୋଇପାରିବ। ଏହି ବୈଷୟିକ ଲମ୍ଫ ଶିଳ୍ପ ମାନଦଣ୍ଡର ଅଗ୍ରଭାଗରେ ରହିବା, ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ଏବଂ ପରିବେଶ ସ୍ଥିରତାକୁ ପ୍ରାଧାନ୍ୟ ଦେବାପାଇଁ ଆରଏସପିର ପ୍ରତିବଦ୍ଧତାକୁ ଦର୍ଶାଉଛି।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ନିରୁପମା ଜେନା
ପ୍ରାକ୍ତନ ଶିକ୍ଷୟତ୍ରୀ, ବଙ୍କ ସ୍କୁଲ, ଭଦ୍ରକ

ଆବିର୍ଭାବ: ୧୬.୦୬.୧୯୪୩
ତିରୋଧାନ: ୦୪.୧୨.୨୦୨୨

ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ

# ଶ୍ରଦ୍ଧା ଆନୁକୂଲ୍ୟରେ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ




**ରାଉରକେଲା, ୩।୧୨(ସମିସ):** ରାଉରକେଲାର ଦିବ୍ୟାଙ୍ଗଙ୍କ ପ୍ରତି ସାମାଜିକ ପ୍ରତିବଦ୍ଧତା ରଖି କାର୍ଯ୍ୟ କରୁଥିବା ଶ୍ରଦ୍ଧା ଅନୁଷ୍ଠାନ ଓ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଭଞ୍ଜଭବନ ପରିସରରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଛି। ଆଇନଜୀବୀ ଗିରୀଶ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ସଂଯୋଜନା ତଥା ସାଧାରଣ ସମ୍ପାଦକ କାର୍ତ୍ତିକ ପାଣ୍ଡବଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରିନୁଲତା ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଡ. ଅନ୍ତର୍ଜିତା ନାୟକ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ଫାଦର ବେନିଚାନ୍, ଡାକ୍ତର ସମୀର ପାତ୍ର, ଡ. ରାମକୃଷ୍ଣ ବିଶ୍ୱାଳ, ଓଡ଼ିଶା ମାଇନିଂ କର୍ପୋରେସନର କୋଇଡାର ଆଞ୍ଚଳିକ ପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ନାୟକ, ଏସ୍ଏସ୍ଏସ୍ଓ ମୀନୁ ତାଣ୍ଡି, ଅରୁଣା ମାରାଣ୍ଡି ପ୍ରମୁଖ ଯୋଗଦେଇ ଆଜି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ସମ୍ପାଦକ ଶ୍ରୀ ପାଣ୍ଡବ ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବିବରଣୀ ପାଠ ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଦିବ୍ୟାଙ୍ଗ ପାଇଁ ସମସ୍ତ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡ. ନାୟକ ତାଙ୍କ ବକ୍ତବ୍ୟରେ କହିଲେ ଯେ ଦିବ୍ୟାଙ୍ଗଙ୍କ ମଧ୍ୟରୁ କ୍ଷମତା ବାହାର କରି ତାକୁ ଲୋକ ଲୋଚନକୁ ଆଣିବାକୁ ପଡ଼ିବ। ସେମାନଙ୍କ ପ୍ରତିଭାକୁ ବିକଶିତ କରିପାରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ପାରିଲେ ଆଜି ଦିନ ପାଳନର ସାର୍ଥକତା ରହିବ। ଅନ୍ୟ ଅତିଥିମାନେ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ୱର୍ଣ୍ଣପ୍ରଭା ପାଣ୍ଡବ ମାନପତ୍ର ପାଠ କରିଥିଲେ। ସେହିପରି ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଅନ୍ତେବାସୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଚାଳନାରେ ସୁଜାତା ରାଉତ, ପ୍ରିତୀ ବାରିକ, ଅଞ୍ଜଳି ମହାରଣା, ସୁକୁମାର ପାଣ୍ଡବ, ଆଲୋକ ସାହୁ, ସିପୁନ ବେହେରା, ଦୁର୍ଯୋଧନ ଛତ୍ରିଆ, କାର୍ତ୍ତିକ ରାଉତ, ଧୀରେନ୍ଦ୍ର ସହ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

● ଟ୍ୟାଙ୍କରକୁ ଧକ୍କା ଦେଲା ଟ୍ରକ

# ଟ୍ରକ୍ ଚାଳକ ମୃତ; ୪ ଆହତ

**ଲହୁଣୀପଡ଼ା, ୩।୧୨(ସମିସ):** କେ. ବଲାଙ୍ଗ ଥାନା ୫୨୦ ନମ୍ବର ଜାତୀୟ ରାଜପଥର କୁନ୍ଦୁରୁବୁରୁ ଗ୍ରାମ ନିକଟରେ ଏକ ଟ୍ୟାଙ୍କର ଲହୁଣୀପଡ଼ା ପଟେ ଆସୁଥିବା ବେଳେ ଏକ ଟ୍ରକ୍ ଟ୍ୟାଙ୍କର ପଛରେ ଧକ୍କା ଦେଇ ଥିଲା। ଫଳରେ ଟ୍ରକ୍ ଚାଳକ ଗାଡ଼ି ଭିତରେ ଚାପି ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଚାରି ଜଣ ଆହତ ହୋଇଛନ୍ତି। ଟ୍ରକ୍‌ଟି କୋଇଡ଼ା ଅଞ୍ଚଳରୁ ଲୁହାପଥର ବୋଝେଇ ଲହୁଣୀପଡ଼ା ପଟେ ଆସୁଥିଲା। ଖବର ପାଇ କେବଲାଙ୍ଗ ପୁଲିସ ପହଞ୍ଚି ଆହତ ମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମୃତ ଓ ଆହତଙ୍କ ପରିଚୟ ଜଣାପଡ଼ି ନାହିଁ।

# ବସ୍ ଧକ୍କାରେ ସାଇକଲ ଆରୋହୀ ମୃତ

**ରାଉରକେଲା, ୩।୧୨(ସମିସ):** ରଘୁନାଥପଲ୍ଲୀ ଥାନା ଜଳଦା ଫାଣ୍ଡି ଅଧୀନ ବଜରଙ୍ଗ ଛକ ନିକଟରେ ବସ୍ ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟି ଜଣାପଡ଼ିଛି। ମୃତ ଯୁବକ ଜଣକ ହେଉଛନ୍ତି ଗଗନ କିସ୍କୋ(୪୫)। ତାଙ୍କ ଘର ବ୍ରାହ୍ମଣୀ ତରଙ୍ଗ ଥାନା ପଟୁଆ ଗାଁରେ ବୋଲି ସୂଚନା ମିଳିଛି। ପୁଲିସ ଦୁର୍ଘଟଣା ଘଟାଇଥିବା ପୂର୍ଣ୍ଣିମା ବସ୍‌କୁ ଜବତ କରିଥିବା ଜଣାପଡ଼ିଛି।

ଇସ୍ପାତ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା

# ରଙ୍ଗମଞ୍ଚ ତରଫରୁ 'ଜୀବନ ଏମିତି' ମଞ୍ଚସ୍ଥ

**ରାଉରକେଲା, ୩।୧୨(ସମିସ)**

ଏକତ୍ର ରାଉରକେଲା ଦ୍ୱାରା ଆୟୋଜିତ ପ୍ରଥମ ଇସ୍ପାତ ନାଟ୍ୟ ମହୋତ୍ସବ - ୨୦୨୩ ତୃତୀୟ ସନ୍ଧ୍ୟାରେ ନାଟ୍ୟାନୁଷ୍ଠାନ ରଙ୍ଗମଞ୍ଚ ତରଫରୁ ନାଟକ 'ଜୀବନ ଏମିତି' ମଞ୍ଚସ୍ଥ ହୋଇଥିବା ବେଳେ ନାଟକକୁ ଅଶୋକ ବହିଦାର ରଚନା ଓ ନାଟ୍ୟ ରୂପାନ୍ତର, ଅଭିକଳ୍ପ, ସଙ୍ଗୀତ ଓ ନିର୍ଦ୍ଦେଶନା କୈଳାସ ପାଣିଗ୍ରାହୀ ଦେଇଥିଲେ। ମଞ୍ଚସ୍ଥ ନାଟକରେ ଜୀବନ, ଜୀବିକା ଓ ମାନବିକତା ଭିତରେ ଥିବା ଦ୍ୱନ୍ଦକୁ ଦର୍ଶାଯାଇଛି। ମଣିଷର ଜୀବିକା ଅଲଗା ଅଲଗା ହୋଇପାରେ। ଜୀବନ ଜିଇଁବାର ଶୈଳୀ ବିଭିନ୍ନ ହୋଇପାରେ। କିନ୍ତୁ ମାନବିକତା ସବୁଠି ନଥାଏ। ନାୟକ ମଙ୍ଗଲୁ ବୋଦା ଟିଏ ରଖି ତା'ମାଧ୍ୟମରେ ରୋଜଗାର କରି ସଂସାର ଚଳାଏ। ବୋଦାକୁ ହୀରା ବୋଲି ଡାକେ। ସାପ୍ତାହିକ ହାଟରେ ହୀରାକୁ ଲଢେଇରେ ବାଜି ଲଗାଏ। ହୀରା ଜିତେ। ହୀରା ଜିତିଲେ ଯାହା ମିଳେ ସେଥିରେ ମଙ୍ଗଲୁ ପରିବାର ଚଳାଏ। ବୟସର ଚାପରେ ହୀରା ଦୁର୍ବଳ ହୁଏ। ଏଣେ ମଙ୍ଗଲୁର ଏକମାତ୍ର ପୁଅକୁ ଅଜଣା ରୋଗ ଗ୍ରାସ କରେ। ପୁଅକୁ ଡାକ୍ତରଖାନା ନ ନେଲେ ପୁଅ ବଞ୍ଚିବନି, ଏପଟେ ହୀରାକୁ ହାଟକୁ ନେଲେ ରୋଜଗାର ମିଳିବନି। ମଙ୍ଗଲୁ ଅନ୍ତଦ୍ୱନ୍ଦ୍ୱରେ ଘାଣ୍ଟି ହୁଏ। ପୁଅ ବଡ ନାଁ ହୀରା। ଜୀବନ ନା ଜୀବିକା ? ଏମିତି ଏକ ଅନ୍ତଦ୍ୱନ୍ଦ୍ୱର କାହାଣୀ ଜୀବନ ଏମିତି। ଏହି ନାଟକରେ ପ୍ରଳୟ ଶତପଥୀ ମଞ୍ଚ, ଅମୂଲ୍ୟ ବିଶୋଇ ସଙ୍ଗୀତ ଓ ଆଲୋକ ତଥା ଶବ୍ଦରେ ଶ୍ରୀ ଲାଇଟ୍ସ୍ କ୍ ଓ ସାଗର ସ୍ୱାଇଁ ସହଯୋଗ କରିଥିଲେ। ଅଭିନୟରେ ସୁରେଶ, ସୌମ୍ୟରଞ୍ଜନ, ଶିବାନୀ, ଓମ୍, କୈଳାସ, ହେମନ୍ତ, ଆନନ୍ଦ, ସୌରଭ, ବିଭୁତି ଭୂଷଣ, ଗୌରାଙ୍ଗ ପ୍ରମୁଖ ଅଭିନୟ କରିଥିବା ବେଳେ ମଞ୍ଚ ପରିଚାଳନାରେ ସରୋଜ, ଅରବିନ୍ଦ, ପ୍ରସନ୍ନ, ଅମୀୟ ପ୍ରମୁଖ ସହଯୋଗ କରିଥିଲେ। ଆଜିର ଏହି ନାଟକରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପ୍ରଶାନ୍ତ ବେହେରା ଓ ସମ୍ମାନିତ ଅତିଥି ଭାବେ ଡାକ୍ତର କିରଣ ମିଶ୍ର ଯୋଗଦେଇଥିବା ବେଳେ ଉପସଭାପତି ରମେଶ ମହାନ୍ତି ସ୍ୱାଗତ ଭାଷଣ ଓ ଅନୁଷ୍ଠାନର ଲକ୍ଷ୍ୟ ତଥା ସଦସ୍ୟ ପ୍ରକାଶ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଶ୍ରୀ ବେହେରା ଅନୁଷ୍ଠାନର ଉଦ୍ୟମକୁ ସାଧୁବାଦ ଦେବା ସହ ଏକତ୍ରର ସାହିତ୍ୟ ଓ ସଂସ୍କୃତି ତଥା ନାଟକ ପ୍ରତିବଦ୍ଧତାକୁ ଦୋହରାଇ ଥିଲେ। ସମ୍ମାନିତ ଅତିଥି ଡା. ମିଶ୍ର ତାଙ୍କ ବକ୍ତବ୍ୟରେ ନାଟକ ଆମ ଜୀବନର କଥା କୁହେ ବୋଲି ମତ ରଖିଥିଲେ। ବିଶିଷ୍ଟ ଅତିଥି ସହରସେବା ବିଭାଗର ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁ, ସଭାପତି ରାଜୀବ ପାଣି, ଆଲୋକ ବୋଷ, ସୁମନ ଦତ୍ତ, ପ୍ରଶାନ୍ତ ପତି, ଚନ୍ଦ୍ର ଶେଖର ଶତପଥୀ, ସରୋଜ ଶଙ୍ଖୁଆ, ପ୍ରଜ୍ଞାନନ୍ଦ ମହାନ୍ତି, କନକଲତା ଦାସ, ପ୍ରବୀର କୁମାର ଜେନା, ଆନନ୍ଦ ଚନ୍ଦ୍ର ମହାନ୍ତି, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଝିଲିମା ମହାପାତ୍ର ମଞ୍ଚ ସଂଯୋଜନା କରିଥିଲେ। କଲ୍ୟାଣୀ ଦାସ ଓ କ୍ଷୀରୋଦା ବାରିକ ପରିଚାଳନାରେ ସହଯୋଗ କରିଥିଲେ।



ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

# ଭିନ୍ନକ୍ଷମଙ୍କ ସ୍ୱାବଲମ୍ବୀ ପାଇଁ ସ୍ୱତନ୍ତ୍ର ଯୋଜନାର ଆବଶ୍ୟକତା

**ରାଉରକେଲା, ୩।୧୨(ସମିସ):** ସାମାଜିକ କଲ୍ୟାଣ ଅନୁଷ୍ଠାନ ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ଏବଂ ସ୍ୱତନ୍ତ୍ର ବିଦ୍ୟାଳୟ ଆଶାଦୀପର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଛେଣ୍ଡ ସ୍ଥିତ ସଂସ୍ଥା ଠାରେ ରବିବାର ପାଳିତ ହୋଇଯାଇଛି। ସଂସ୍ଥାର ଅଧ୍ୟକ୍ଷ ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିନ୍ନକ୍ଷମ ମାନଙ୍କୁ ବହୁମୁଖି ଯୋଜନା ମାଧ୍ୟମରେ ସ୍ୱାବଲମ୍ବୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ରାଉରକେଲା ମହାନଗର ନିଗମର ଉପକମିଶନର ରୋନିତ୍ କୁମାର, ପାନପୋଷ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପିନୁ ତାଣ୍ଡିଆ, ଆଇଜିଏଚ୍‌ର ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡ. ସଞ୍ଜୟ କୁମାର ତିୱାରୀ, ଆର୍ ଏପି ସମାଜ କଲ୍ୟାଣ ବିଭାଗ ଉପପରିଚାଳକ ଦେବେନ୍ଦ୍ର କୁମାର ଖୁଣ୍ଟିଆ, କ୍ଲିନ୍ ଓ ଗ୍ରୀନ ସଭାପତି ଡ. ଦେବେନ୍ଦ୍ର ସେଠୀ, ମାରୱାଡି ମହିଳା ମଞ୍ଚ ସମ୍ପାଦିକା କିରଣ ଅଗ୍ରୱାଲ, କଳିଙ୍ଗ ବିହାର ମାରୱାଡି ମହିଳା ମଞ୍ଚସଭା ନେତ୍ରୀ ସ୍ୱପ୍ନା ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସାମଗ୍ରିକ ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ସେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ୩୧ ଜଣ ଭିନ୍ନକ୍ଷମଙ୍କୁ ୧୯ଟି ତିନି ଚକିଆ ସାଇକଲ, ୧୨ଟି ହୁଇଲ୍ ଚେୟାର ବଣ୍ଟନ କରାଯାଇ ଥିଲା। ଆଶାଦୀପ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ପ୍ରଧାନଶିକ୍ଷକ ପ୍ରକାଶ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ନିର୍ଦ୍ଦେଶକ ତ୍ରିଲୋଚନ ପାଢ଼ୀ ଧନ୍ୟବାଦ ଦେଇଥିଲେ। ସବିତା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଛେଣ୍ଡ ଥାନାଠାରୁ ଏକ ଜନ ସଚେତନତା ଶୋଭାଯାତ୍ରା ବାହାରି ରିଙ୍ଗ ରୋଡ ଦେଇ ଆର୍ ଆର୍ ଆର୍ ସି ଠାରେ ପହଞ୍ଚି ଥିଲା। ନୀଲମ ଫାଉଣ୍ଡେସନ, ଏକତା ମହିଳା ସଂଗଠନ, ଅଦ୍ୟାସା ଫାଉଣ୍ଡେସନ, ମିରର ଫାଉଣ୍ଡେସନ, ଅନ୍ୱେଷା, ଡ୍ରିମ୍ ଟିମ୍ ଫାଉଣ୍ଡେସନ, ଆରାଧ୍ୟା ଚାରି ଟେବୁଲ୍ ଟ୍ରଷ୍ଟ ଯୋଗ ଦେଇଥିଲେ। ସବିତା ସାମଲ, ସସ୍ମିତା ଧଳ, ଲୀତାଞ୍ଜଳି ପତି, ସତ୍ୟରଞ୍ଜନ ମଲ୍ଲିକ, ଶାନ୍ତନୁ ପଲେଇ, ଲକ୍ଷ୍ମୀଗିରି, ଅଶୋକ ପଣ୍ଡା, ଚିନ୍ମୟୀ ସାହୁ, ମୁକେଶ କୁମାର, ଗୀତା ସାହୁ, ଦମୟନ୍ତୀ ରାଉତ, ଯଦୁ ଚରଣ ମୁର୍ମୁ, ବିଶିକେଶନ ନାୟକ, ଗୌତମ ମହାନ୍ତି, ମାରି ୟାନସ ଟପୋ, ପ୍ରିୟବ୍ରତ ସାହୁ, ସଲିଳ ସାହୁ, ମୁକେଶ ବାରିକ ପ୍ରମୁଖ ପରିଚାଳନା କରିଥିଲେ।




# ଦନ୍ତା ଆକ୍ରମଣରେ ବୃଦ୍ଧ ଗୁରୁତର

**ବଣାଇ, ୩।୧୨(ସମିସ):** ରବିବାର ଅପରାହ୍ଣରେ ଜର୍କେକଲା ଗ୍ରାମରେ ଲକ୍ଷ୍ମଣ ପାତ୍ର (୫୬) ନିଜ ଜମିରେ ଧାନ କାଟୁଥିବା ବେଳେ ହଠାତ୍ ଏକ ଦନ୍ତାହାତୀ ହାବୁଡରେ ପଡ଼ିଯାଇଥିଲେ। ନିଜକୁ ଦନ୍ତା ଠାରୁ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ ହେଁ ହାତୀ ତାଙ୍କୁ ଟାଣି ନେଇ ତଳେ କଚାଡ଼ି ଦେଇଥିଲା। ବନବିଭାଗ ଅଧିକାରୀ ଗୁରୁତର ଅବସ୍ଥାରେ ତାଙ୍କୁ ବଣାଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାତରିତ କରାଯାଇଥିବା ଜଣାପଡ଼ିଛି।

# ସରକାରୀ ଖୁଚୁରା ବିକ୍ରେତା ସଂଘର ବୈଠକ

**ରାଉରକେଲା, ୩।୧୨(ସମିସ):** ସର୍ବ ଭାରତୀୟ ଡିଲର୍ସ ଫେଡେରେସନ ନିଷ୍ପତ୍ତି କ୍ରମେ ରାଉରକେଲା ସରକାରୀ ଖୁଚୁରା ବିକ୍ରେତା ସଂଘ ଆନୁକୂଲ୍ୟରେ ଉଦିତନଗର ଜଗନ୍ନାଥ ମନ୍ଦିର ସଭାଗୃହରେ ଖୁଚୁରା ବିକ୍ରେତା ବନ୍ଧୁମାନଙ୍କୁ ନେଇ ଆଗାମୀ ଦିନରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ରାଜ୍ୟ ସଭାପତି ନଗେନ୍ଦ୍ର ନାଥ ଜେନା ଓ ସାଧାରଣ ସମ୍ପାଦକ ଦଉହରି ସାମଲ, ଝାରସୁଗୁଡ଼ା ସଭାପତି ମୋହନ ମିଶ୍ର, ଜୋନାଲ ପ୍ରତିନିଧି ଦିଲୀପ କୁମାର ଦାସ, ନବଜ୍ୟୋତି ଏସ୍ଏଚ୍‌ଜି ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଦିଲୀପ କୁମାର ଦାସ ମଞ୍ଚ ପରିଚାଳନା କରିଥିଲା ବେଳେ ସଭାପତି ଶ୍ରୀ ଜେନା ଆଗାମୀ ଦିନରେ କିପରି ସଂଘ ସୁଦୃଢ଼ ହେବ, ସରକାରଙ୍କ ଉପରେ ବକିଥିବା ୩୧ ମାସର ପାରିଶ୍ରମିକ ଅର୍ଥ ରାଶି ପ୍ରଦାନ, ସେଥି ନିମନ୍ତେ ଆସନ୍ତା ଜାନୁଆରୀ ୧ ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଖାଉଟି ସାମଗ୍ରୀ ବଣ୍ଟନ ବନ୍ଦ କରିବା, ଜାନୁଆରୀ ୧୬ରେ ନୂଆଦିଲ୍ଲୀ ସ୍ଥିତ ରାମଲୀଳା ମଇଦାନରେ ବିଶାଳ ଜନ ସମାଗମରେ ଭାଗ ନେବା, ନୂଆଦିଲ୍ଲୀ ସ୍ଥିତ ଆନ୍ଦୋଳନକୁ ସଫଳ କରିବା ଉପରେ ଅଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରୁଦ୍ରନାରାୟଣ ସାହୁ, ଗଙ୍ଗାଧର ନନ୍ଦୀ, ଦିଲୀପ ବୁଦ୍ଧଦେବ, ଜିତେନ୍ଦ୍ର ପ୍ରଧାନ, ସୂର୍ଯ୍ୟନାରାୟଣ ଶୁଦ୍ଧି, ମନ୍ମଥ ଦେ, ଦିଲୀପ ଜେନା, ବାପି ପାଗଳ, ଅମିତାବ ଧଳ, ତପନ ପାତ୍ର, ଜୀବନ ଚୋହାନ, ଲୋକନାଥ ପାତ୍ର, ସମ୍ରାଟ ଧଳ ସାମନ୍ତ, ପ୍ରକାଶ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ମହନ୍ତ, ଖଗେଶ୍?ର ପାତ୍ର, ସୁରେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆପତାବ ଅଲିଖାଁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଅଭିଲାଷ ନାୟକ ସ୍ମୃତି ଚିତ୍ରକଳା ପ୍ରତିଯୋଗିତା




**ରାଉରକେଲା, ୩।୧୨(ସମିସ):** ଛେଣ୍ଡ ସ୍ଥିତ କନକ ମଞ୍ଜରୀ ଇଣ୍ଟରନ୍ୟାସନାଲ ସ୍କୁଲ ଠାରେ କଳାକେନ୍ଦ୍ର ଇନଷ୍ଟିଚ୍ୟୁଟ ଅଫ୍ ଫାଇନ ଆର୍ଟ ଆନୁକୂଲ୍ୟରେ ସ୍ୱର୍ଗତ ଅଭିଲାଷ ନାୟକ ସ୍ମୃତି ଚିତ୍ରକଳା ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ କନକ ମଞ୍ଜରୀ ବିଦ୍ୟାଳୟର ଭାଇସ ପ୍ରିନ୍ସିପାଲ ମୀରା ଶର୍ମା ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦେବେନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମରୁ ତୃତୀୟ ଗ୍ରୁପ ଏ, ଚତୁର୍ଥରୁ ଷଷ୍ଠ ଗ୍ରୁପ ବି, ସପ୍ତମରୁ ଦଶମ ଗ୍ରୁପ ସି ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗ୍ରୁପ୍ ଏରେ ସିନେରି, ଗ୍ରୁପ ବିରେ ଗ୍ରାମ, ଗ୍ରୁପ ସିରେ ଖେଳପଡ଼ିଆ ବିଷୟ ରହିଥିବା ବେଳେ ସ୍ପଟ୍ ପେଣ୍ଟିଂ ପ୍ରତିଯୋଗିତା ହୋଇଥିଲା। ସଫଳ ପ୍ରତିଯୋଗୀଙ୍କୁ ଆଗାମୀ ୨୩ ଡିସେମ୍ବର ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କୁହାଯାଇଛି। ଏଥିରେ ଦେବସ୍ମିତା ବେହେରା, ନିବେଦିତା ଦାସ, ଉଷା ରାଣୀ ଶତପଥୀ, ଲଭଲି ଘୋଷ, ମାଧୁରୀ ପ୍ରଧାନ, ଚନ୍ଦନ ସୋନା, କେ.ବିଜୟ ଭାସ୍କର, ରଶ୍ମୀରେଖା ବିଶ୍ୱାଳ, ସବିତା ବାସା, ସୁପ୍ରିୟା, ପ୍ରିୟା କୁମାରୀ, ନିବେଦିତା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ମଧୁସୂଦନପାଲିରୁ ସ୍କୁଟି ଚୋର ଗିରଫ

**ରାଉରକେଲା, ୩।୧୨(ସମିସ):** ସ୍କୁଟି ଚୋରି କରିବା ଅଭିଯୋଗରେ ଉଦିତ ନଗର ଥାନା ପୁଲିସ ମଧୁସୂଦନପାଲି ବସ୍ତିର ଅନୁପ କୁମାର ଉପାଧ୍ୟାୟକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଠାରୁ ଚୋରି ହୋଇଥିବା ଏକ ସ୍କୁଟିକୁ ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ବାସନ୍ତୀ କଲୋନୀ ଅଞ୍ଚଳରେ ଭୂପେନ୍ଦ୍ର ସିଂ ରୁହନ୍ତି। ଗତ ୧ ଡିସେମ୍ବର ଦିନ ସେ ନିଜ ଘର ସମ୍ମୁଖରେ ସ୍କୁଟି ପାର୍କ କରିଥିଲେ। କିଛି ସମୟ ପରେ ଆସି ଦେଖିବା ବେଳକୁ ସ୍କୁଟି ନଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

● ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବିଜ୍ଞାନୀ ପ୍ରଦର୍ଶନୀ ଉତ୍ସବ

# ବୈଜ୍ଞାନିକ ମନୋବୃତ୍ତି ସୃଷ୍ଟିକରି ବୌଦ୍ଧିକ ବିକାଶ ହିଁ ଲକ୍ଷ୍ୟ

**ରାଉରକେଲା, ୩।୧୨(ସମିସ)**

ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତ୍ତି ସୃଷ୍ଟି କରି ବୌଦ୍ଧିକ ବିକାଶ କରିବା ହିଁ ବିଜ୍ଞାନ ପ୍ରଦର୍ଶନୀ ଆୟୋଜନର ମୁଖ୍ୟ ଲକ୍ଷ୍ୟ ବୋଲି ଜଳଦା ଠାରେ ଆୟୋଜିତ ଲାଠିକଟା ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ ବିଜ୍ଞାନୀ ପ୍ରଦର୍ଶନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିଜ୍ଞାନ ପ୍ରଦର୍ଶନୀର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲାଠିକଟା ବିଡିଓ ଚାରୁଲତା ସିଂ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଲାଠିକଟା ବିଆରସିସି ସିଲଭିଆ ଏକ୍କା ଲାଠିକଟା ଏବିଇଓ ମୀନା କିଷାନ ଓ କୁଳକାନ୍ତ ଖେସ ପ୍ରିନସିପାଲ ସେଣ୍ଟ ଜୋହାନ ସ୍କୁଲ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ବୈଜ୍ଞାନିକ ମନୋବୃତି ସୃଷ୍ଟି କରି ବୌଦ୍ଧିକ ବିକାଶ କରିବା ପାଇଁ ଉତ୍ସାହିତ କରିବା ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ସେମାନେ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ବିଶ୍ରା, ସେକ୍ଟର - ୨୨ସ୍ଥିତ ବାଳିକାଉଚ୍ଚ ବିଦ୍ୟାଳୟ, ଇସ୍ପାତ ଇଂଲିଶ ବିଦ୍ୟାଳୟ, ପ୍ରଗତି ପବ୍ଲିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ମୂଲ୍ୟାୟନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବେ ଲାଠିକଟା ବ୍ଲକ ଚେୟାରମ୍ୟାନ ଦିଲୀପ ଖେସ, ମୁଖ୍ୟ ବକ୍ତା ସମ୍ମାନିତ ଅତିଥି ଭାବରେ ରାଉରକେଲା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ସମୀର ସୌରଭ ପୃଷ୍ଟି, ଜଳଦା ପଞ୍ଚାୟତର ସରପଞ୍ଚ ଗୀତା ଓରାମ, ହାତିବନ୍ଧା ପଞ୍ଚାୟତର ସରପଞ୍ଚ ଭାରତୀ ମୁଣ୍ଡାରୀ ଯୋଗ ଦେଇଥିଲେ। ସମୁଦାୟ ୧୩ଟି କ୍ଲଷ୍ଟରରୁ ୨୩୬ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା ୫ଟି ଥିମରେ ପ୍ରଥମ ସ୍ଥାନରେ ଜସ୍ମିନ ଓରାମ, ଉଚ୍ଚ ପ୍ରାଥମିକ ଲାଠିକଟା ବବିଶଙ୍କର ଭୂମିଜ, ସେଣ୍ଟ ଜୋହାନ ବିଦ୍ୟାଳୟ ବିଶ୍ୱଜିତ ସାହୁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଭିଷେକ ଟପ୍ପୋ, ମୁଣ୍ଡଯୋର ପଞ୍ଚାୟତ ହାଇସ୍କୁଲ, ରଚିତ ଡାଙ୍ଗ, ଜଡାକୁଦର ନୋଡାଲ ହାଇସ୍କୁଲ, ପ୍ରାପ୍ତି ପ୍ରତିଭା ନାୟକ ବିଜ୍ଞାନ ସେମିନାର ଓଡ଼ିଶା ବିଦ୍ୟାଳୟ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ଯିବା ପାଇଁ ମନୋନୀତ ହୋଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଚଳା ପଣ୍ଡା, ହାବିଲ କିଷାନ ମଞ୍ଚ ପରିଚାଳନା କରିଥିଲେ। ଘାଶୀନାଥ ଶତପଥୀ, ରବି ନାୟକ, ଦିବାକର ପରିଡ଼ା, ବିଜ୍ଞାନ ସୁପରଭାଇଜର ବବଲୁ ଜେନା, ଡେଜିନା ପ୍ରଧାନ, ଗୀତାଞ୍ଜଳି ମହାନ୍ତ, ମୋହିନୀ ନାୟକ, ବାଉରୀବନ୍ଧୁ ଦଳେଇ, ମଦନ ବେହେରା, ସୁନନ୍ଦ କୁଅଁର, ସୁନୀଲ ଦାସ, ରଞ୍ଜିତ ଭୂଇଁଆ, ମଦନ ପରିଡ଼ା, ସନ୍ତୋଷ ନାୟକ, ପପୁ ଚୌଧୁରୀ, ବିଜୟ ପରିଡ଼ା, ସମସ୍ତ ସିଆରସିସି, ସେଣ୍ଟ ଜୋହାନ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ମିଳିତ ସହଯୋଗରେ ସମ୍ପାଦନ ହୋଇଥିଲା। ମୀନକେତନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ପ୍ରଦର୍ଶିତ ହେଲା ୧୩ଟି କ୍ଲଷ୍ଟରରୁ ୨୩୬ଟି ପ୍ରକଳ୍ପ**



ସକାଳ THE SAKALA



# ଜାନୁୟାରୀ ପହିଲାରୁ ପାଞ୍ଚ ଦିନିଆ 'ଯତରା' ମହୋତ୍ସବ



**ସୁନ୍ଦରଗଡ଼, ୩।୧୨(ସମିସ):** ସ୍ଥାନୀୟ ସଦ୍‌ଭାବନା ଭବନରେ ଜିଲ୍ଲାପାଳ ଡା. ପରାଗ ଗାଭାଲୀଙ୍କ ଅଧ୍ୟକ୍ଷତାରେ ସୁନ୍ଦରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ଏବଂ ଜିଲ୍ଲା ମହୋତ୍ସବ 'ଯତରା'ର ଆୟୋଜନ ନେଇ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଆଗାମୀ ଯତ୍‌ରା ମହୋତ୍ସବ ଜାନୁୟାରୀ ୧ ତାରିଖ ରୁ ୫ ତାରିଖ ପର୍ଯ୍ୟନ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି। ତେବେ କମିଟି ସଭ୍ୟମାନେ କ୍ଷେତ୍ର ପରିଦର୍ଶନ କରି ଯତରା ନିମନ୍ତେ ସ୍ଥାନ ନିରୂପଣ କରିବେ ବୋଲି ବୈଠକରେ ସ୍ଥିର କରାଯାଇଛି। ଯତରା ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ଥାନୀୟ କଳାକାର ଓ ବୁଦ୍ଧିଜୀବୀ ମାନଙ୍କୁ ନେଇ ବିଭିନ୍ନ କମିଟି ମାନ ଗଠନ କରାଯିବ। ସମ୍ପୃକ୍ତ କମିଟି ଗୁଡ଼ିକ ପରସ୍ପର ସହ ସମନ୍ୱୟ ରକ୍ଷା କରି ନିଜ ନିଜ ବିଭାଗର କାର୍ଯ୍ୟ ଗୁଡିକ ସମ୍ପାଦନ କରିବେ ବୋଲି ଜିଲ୍ଲାପାଳ ଡ଼ା ଗଭାଲୀ କହିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଧାରା ବିବରଣୀ ପାଠ କରିବା ସହିତ ଯତରା ନିମନ୍ତେ ପଦକ୍ଷେପ ନିଆଯିବାକୁ ଥିବା ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଜାନୁୟାରୀ ୧ ତାରିଖ ଦିନ ମା' ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ସାଂସ୍କୃତିକ ଶୋଭାଯାତ୍ରା ମଧ୍ୟରେ ମଶାଲ ବାହାରିବ। ଏହି ଶୋଭାଯାତ୍ରାରେ କଳାକାର, ସାଧାରଣ ଜନତା, ବିଭିନ୍ନ ଅନୁଷ୍ଠାନ, ଯୁବବର୍ଗ, ଅଧିକାରୀ ସାମିଲ ହେବେ। ସେହିପରି ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏଥିରେ ଆଞ୍ଚଳିକ, ରାଜ୍ୟସ୍ତରୀୟ ଏବଂ ଜାତୀୟସ୍ତରୀୟ ପ୍ରମୁଖ କଳାକାରମାନେ ଅଂଶଗ୍ରହଣ କରିବେ। ଏହା ସହିତ ଓରମାସ୍ ଦ୍ୱାରା ପଲିଶ୍ରୀ ମେଳା ଏବଂ ପୁସ୍ତକ ମେଳା ମଧ୍ୟ ଆୟୋଜନ କରାଯିବାର ନିଷ୍ପତି ହୋଇଛି। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ, ସଦର ଉପ ଜିଲ୍ଲାପାଳ ଦାସରଥି ସରାବୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧରଣୀରଞ୍ଜନ ଶତପଥି, ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀ ଇଂ. ନାରାୟଣ ପଟେଲ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀଙ୍କ ସମେତ ଜିଲ୍ଲାର ବରିଷ୍ଠ କଳାକାର, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# 'ନୂଆ-ଓ' ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା




**ସୁନ୍ଦରଗଡ଼, ୩।୧୨(ସମିସ):** ନୂଆ-ଓ ଆନୁକୂଲ୍ୟରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ଠାରୁ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା ଆରମ୍ଭହୋଇ ସ୍ଥାନୀୟ ହସ୍‌ପିଟାଲ ଛକରେ ଉଦ୍‌ଯାପିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଉକ୍ତ ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଟ୍ରାଫିକ ନିୟମ ଉଲଂଘନ କରୁଥିବା ଗାଡି ଚାଳକଙ୍କୁ ଛାତ୍ର ଛାତ୍ରୀମାନେ ଗୋଟାଏ ଲେଖାଏଁ ଗୋଲାପ ଫୁଲ ସହ ସଡ଼କ ସୁରକ୍ଷା ନିୟମାବଳୀ ଲେଖା ପ୍ରଦାନ କରିଥିଲେ। ସ୍ଥାନୀୟ ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ କୁମାର ଦାଶ ଯୋଗ ଦେଇ ସଡ଼କ ଦୁର୍ଘଟଣାର କାରଣ, ତାର ନିରାକରଣ ଏବଂ ସରକାରୀ ନିୟମାବଳୀ ସମ୍ପର୍କରେ ବୁଝାଇ ଥିଲେ। ନୂଆ - ଓ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ନୂତନ ଖମାରୀ ଏବଂ ସାମାଜିକ କାର୍ଯ୍ୟକ୍ରମର ସଂଯୋଜକ ସରୋଜ କୁମାର ପୁଝାରୀଙ୍କ ସମେତ ଅଧ୍ୟାପକ ଆଲୋକ କୁମାର ନାଏକ, ଡ. ସାକିର ହୁସେନ, ଡ. ବସନ୍ତ କୁମାର ମହାକୁଲ, ଡ. ଅର୍ଜୁନ କୁମାର ବେହେରା, ଡ. ସମ୍ଭୁ ଶଙ୍କର ଦୀପ, ପ୍ରଦୀପ ପ୍ରଧାନ, ଅଧ୍ୟାପିକା ଦୀପାଞ୍ଜଳି ମେହେର, ଅଧ୍ୟାପିକା ସୁଶ୍ରୀ ପଟେଲ, ଡ. ପ୍ରକାଶ ସାହୁ, ସେକସନ ଅଫିସର ପ୍ରଦୀପ କୁମାର ବହିଦାର, ଖେଳ ଶିକ୍ଷକ ଶଶିକାନ୍ତ ସେଠୀ, ରାଜେଶ ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ଶିକ୍ଷା ବିଭାଗର ସହକାରୀ ପ୍ରଫେସର ଗରୁଡେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର କର୍ମକର୍ତ୍ତା ଚୟନ

**ସୁନ୍ଦରଗଡ଼, ୩।୧୨(ସମିସ):** ସ୍ଥାନୀୟ ପୂର୍ତ୍ତବିଭାଗ ସଭାଗୃହଠାରେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ସୁନ୍ଦରଗଡ଼ ଶାଖା ବାର୍ଷିକ ସାଧାରଣ ସଭା ରବିବାର ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ଜିଲ୍ଲାରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ସେହିପରି ଏହି ସଭାରେ ସଂଘର ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ମହେନ୍ଦ୍ର କୁମାର ଅମାତ ସଭାପତି ଓ ରାଧେଶ୍ୟାମ ଦାଶ ସମ୍ପାଦକ ରହିଥିବା ବେଳେ ସୁଶାନ୍ତ କୁମାର ସେଠୀ ଉପସଭାପତି, ସଞ୍ଜୟ କୁମାର ପଟେଲ ସହକାରୀ ସମ୍ପାଦକ (ଆର୍‌ଥିକ), ବିଶ୍ୱନାଥ ନାୟକ ସହକାରୀ ସମ୍ପାଦକ (ସଂଗଠନ) ଓ ସୀମାକିରିର୍ତ୍ତି ବେହେରା ଅଡିଟର ରହିଛନ୍ତି। ଉପଦେଷ୍ଟା ଭାବେ ସତ୍ୟପ୍ରିୟ ସାମଲ ଓ ଜୋନାଲ ସମ୍ପାଦକ ଭାବେ ନିର୍ମଳକୁମାର ପଣ୍ଡାଙ୍କ ନାମ ଘୋଷଣା କରାଯାଇଛି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଜେ. ତିରୁପତି ପାତ୍ର, ବିକାଶ ପାଟଯୋଶୀ, ସୀମାରାଣୀ ଚୌଧୁରୀ, ସୁଶାନ୍ତ କୁମାର ପଟେଲ, ଉଷାରାଣି ଲୁଗୁନ, ମଳୟ ବସନ୍ତ ରାଉଡ଼ିଆଙ୍କ ନାମ ଘୋଷଣା ହୋଇଛି।

● ଜିଲ୍ଲାସ୍ତରୀୟ ତ୍ରିଦିବସୀୟ ଯୁବ ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିର

# ଯୋଗଦେଲେ ୩୬ କଲେଜର ୨୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ



ସୁନ୍ଦରଗଡ଼, ୩।୧୨(ସମିସ) : ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ଭାରତୀୟ ରେଡକ୍ରସ ସୋସାଇଟି ଆନୁକୂଲ୍ୟରେ ତିନିଦିନିଆ ଜିଲ୍ଲାସ୍ତରୀୟ ଯୁବରେଡକ୍ରସର ଅଧ୍ୟୟନ ଓ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. କୁମୁଦିନୀ ରାଉତରାୟ ଅଧ୍ୟକ୍ଷତା କରି ଏହି ଶିବିର ଯୁବ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ନେତୃତ୍ୱର ଗୁଣାବଳୀକୁ ବିକଶିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କାହ୍ନୁଚରଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିସ୍ୱାର୍ଥପର ଓ ସମ୍ବେଦନଶୀଳ ସେବାର ଆଦର୍ଶ ଗୋପବନ୍ଧୁ ଦାସ ଓ ମଦର ଟେରେସାଙ୍କ ଉଦାହରଣ ଦେଇ ମାନବିକ ସେବା ଯୁବ ରେଡକ୍ରସର ଆଭିମୁଖ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଯୋଗଦେଇଥିଲେ। ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଇନ୍ଦିରା ଗଡ଼ନାୟକ ଶିକ୍ଷାଦ୍ୱାରା ଆହରଣ ଜ୍ଞାନ ସ୍ୱେଚ୍ଛାକୃତ, ନିସ୍ୱାର୍ଥପର ସେବା ମନୋଭାବକୁ ବୃଦ୍ଧି କରିଥାଏ ବୋଲି କହିଥିଲେ। ଜିଲ୍ଲାଯୁବ ରେଡକ୍ରସ ସଂଯୋଜକ ସୁମନ୍ତ କୁମାର ଦ୍ୱିବେଦୀ ଶିବିରର ଆଭିମୁଖ୍ୟ ଓ ବିଭିନ୍ନ ପ୍ରଶିକ୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାଯୁବ ରେଡକ୍ରସର ଆବାହକ ସରୋଜ କୁମାର ପୁଝାରୀ ଓ ରଶ୍ମୀ ରଞ୍ଜନ ସାହୁ ଯୁବରେଡକ୍ରସ ଲୋକଙ୍କ ପାଇଁ ସମର୍ପିତ ସେବା ମନୋଭାବର ପରିଚାୟକ ବୋଲି କହିଥିଲେ। ଡ. ସଞ୍ଜିତା ଅଭିଜିତା ସଭା ସଞ୍ଚାଳନ କରିଥିବା ବେଳେ କାଉନସିଲର ଡ. ସଞ୍ଜୟ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ତିନିଦିନିଆ ଶିବିରରେ ଜିଲ୍ଲାର ୩୬ ଟି ମହାବିଦ୍ୟାଳୟର ୨୦୦ରୁ ଉର୍ଦ୍ଧ୍ୱ ଯୁବରେଡକ୍ରସ ସ୍ୱେଚ୍ଛାସେବୀ ଯୋଗ ଦେଇଛନ୍ତି।

# ଏମ୍‌ଡି କଲେଜରେ ଯୁବ ବିକାଶ କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୩।୧୨(ସମିସ): ଟାଙ୍ଗରପାଲି ବ୍ଲକର ରଙ୍ଗିଆମୁଣ୍ଡାସ୍ଥିତ ମହର୍ଷି ଦୟାନନ୍ଦ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟର ବିକାଶରେ ଯୁବ ଶକ୍ତିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହା ମାଧ୍ୟମରେ ଛାତ୍ରଛାତ୍ରୀ ମାନେ ନିଜ ପ୍ରତିଭାକୁ ବିକଶିତ କରିପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦିବାକର ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଡମ୍ବରୁଧର ପଟେଲ, ଅନନ୍ତ ପ୍ରସାଦ ନାଏକ, କୁମୁଦ ପ୍ରସାଦ ପଣ୍ଡା, ସୁଧିର କୁମାର ପଟେଲ, ଆନନ୍ଦ କୁମାର କେଶରୀ, ଦିବ୍ୟସିଂ ପଟେଲ, ପୁଷ୍ପାଞ୍ଜଳି ପଟେଲ, ଆରତୀ ପଟେଲ, କଳ୍ପନା ଯୋଶୀ, ବିଷ୍ଣୁପ୍ରିୟା ବେହେରା, ଭରତ କୁମାର, ଅନନ୍ତରାମ ପଟେଲ, ଗୁଣମଣି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ଡାଲମିଆ ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା ଓ ରକ୍ତଦାନ ଶିବିର




କୁତ୍ରା, ୩।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ଶୁକ୍ରବାର ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ରାଉରକେଲା ସରକାରୀ ଡାକ୍ତରଖାନାର ଡ. ମାୟାସ ସୋରେଙ୍ଗ ଓ ବ୍ଲଡବ୍ୟାଙ୍କ ଟିମ୍ ଯୋଗଦେଇ ୩୩ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଏଡ୍‌ସ ସଚେତନତା ଶିବିର ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାକୁ ମହାବିଦ୍ୟାଳୟର ଭାରପ୍ରପ୍ତ ଅଧ୍ୟକ୍ଷ ରଞ୍ଜିତ କୁମାର ପରିଜା ଉଦ୍‌ଘାଟନ କରିଥିବା ବେଳେ କୁତ୍ରା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ ଲିଲିମୁଖି କେରକେଟା, ଆଇସିଟିସି କାଉନସିଲର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ. ମାୟାସ ସୋରେଙ୍ଗ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଡ୍‌ସ ସଚେତନତା ଉପରେ ଆଲୋକପାତ କରିଥିଲେ। ଅଞ୍ଜନା ସୁମନ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଦିବସରେ +୨ ବିଭାଗର ଇନଡୋର ଗେମରେ କ୍ୟାରେମ, ବ୍ୟାଡମିଣ୍ଟନ, ବଲିବଲ ଓ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ସୁନ୍ଦରଗଡ଼, ୩।୧୨(ସମିସ): ସୁନ୍ଦରଗଡ଼ ସଦର ବ୍ଲକର ଭେଡାବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ବିନୟ କୁମାର ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନୋଡାଲ ଅଧିକାରୀ ଅଶୋକ ବରାଇ ପ୍ରତିଯୋଗିତା ସମ୍ପର୍କରେ ଅବଗତ କରାଇଥିଲେ। ଏହି ପ୍ରତିଯୋଗିତାରେ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ଖେଳପଡ଼ିଆରେ ଫୁଟବଲ, ଭଲିବଲ, ଖୋଖୋ, ବ୍ୟାଡମିଣ୍ଟନ, କବାଡ଼ି, ଆଥେଲେଟିକ ପ୍ରତିଯୋଗିତା ସହିତ ସାଂସ୍କୃତିକ ଏବଂ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରକାରଙ୍କ ଏହି ଯୁବ ବିକାଶ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଶେଷରେ ଅଧ୍ୟାପିକା ଲିନା ନାଏକ ଧନ୍ୟବାଦ ଦେଇଥିଲେ।

# ରଜକ ସେବା ସଂଘର ସର୍ଗିପାଲି ଆଞ୍ଚଳିକ କମିଟି ବୈଠକ

ସୁନ୍ଦରଗଡ଼, ୩।୧୨(ସମିସ): ରଜକ ସେବା ସଂଘର ସର୍ଗିପାଲି ଆଞ୍ଚଳିକ କମିଟି ବୈଠକ ରବିବାର ଢେଲସରା ଗ୍ରାମରେ ଅନୁଷ୍ଠିତ ହୋଇ ଯାଇଛି। ଆଞ୍ଚଳିକ କମିଟି ସଭାପତି ଗୋକୁଲାନନ୍ଦ ସେଠଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ଭାରପ୍ରାପ୍ତ ସମ୍ପାଦକ ପୁଟଲବିହାରୀ ସେଠ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ। ଏହାପରେ ସମାଜର ସ୍ଥାନୀୟ ଅଞ୍ଚଳରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇ ଏହାର ସମାଧାନର ପନ୍ଥା ନିର୍ଣ୍ଣୟ କରା ଯାଇଥିଲା। ନୂଆପଡ଼ା ଜିଲ୍ଲା ମହକୁମାରେ ସଂଘର ବାର୍ଷିକ ସମ୍ମିଳନୀ-୨୦୨୪ ପ୍ରସ୍ତାବକୁ ବୈଠକରେ ସ୍ୱାଗତ କରା ଯାଇ ସମସ୍ତ ସଭ୍ୟ ସଭ୍ୟା ତନ ମନ ଧନ ଦେଇ ସଫଳ କରିବାକୁ ନିଷ୍ପତି ହୋଇଥିଲା। ମୌଧର ସେଠ, କୃଷ୍ଣଚନ୍ଦ୍ର ସେଠ, ଯଦୁମଣି ସେଠ, ଅନନ୍ତରାମ ସେଠ, ସୁକାନ୍ତି ସେଠ, ସୁମିତ୍ରା ସେଠଙ୍କ ସମେତ ବହୁ ସଭ୍ୟ ସଭ୍ୟା ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଯୋଗେଶ୍ୱର ସେଠ ଧନ୍ୟବାଦ ଅର୍ପଣ କରିଥିଲେ।



# ଗାଡ଼ି ଧକ୍କାରେ ୨ ସାଇକଲ ଚାଳକ ଗୁରୁତର

**ସୁନ୍ଦରଗଡ଼, ୩।୧୨(ସମିସ):** ୧୦ ନମ୍ବର ରାଜ୍ୟ ରାଜପଥର ଦାମୋଦର ଢାବା ନିକଟରେ ରବିବାର ରାତି ୯ଟା ସମୟରେ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡ଼ି ୨ ଜଣ ସାଇକଲ ଚାଳକଙ୍କ ଉପରେ ମାଡି ଯିବା ଫଳରେ ସେମାନେ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାକୁ ପଠାଇ ଥିଲେ। ମାତ୍ର ତାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ରାଉରକେଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତଙ୍କ ପରିଚୟ ଜଣାପଡ଼ି ନାହିଁ।

# ମହିଳା ନିଖୋଜ ଅଭିଯୋଗ

ସୁନ୍ଦରଗଡ଼, ୩।୧୨(ସମିସ): ଲେଫ୍ରିପଡ଼ା ଥାନା ଗିରିଙ୍ଗକେଲା ଜୟନ୍ତୀପଡ଼ାର ଜଣେ ବିବାହିତା ମହିଳା ନିଖୋଜ ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ଗୁରୁଚରଣ କମାର ଥାନାରେ ଆଣିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ପତ୍ନୀ ପିଙ୍କି କମାର ବିନା କାରଣରେ ତାଙ୍କ ଘରେ କେହି ନ ଥିବା ସମୟରେ ତାଙ୍କ ଝିଅକୁ ଧରି ବାପଘର ବଡ଼ଗାଁ ଥାନା ଗରଗଡ଼ବାହାଲ ଗ୍ରାମକୁ ଚାଲି



ଯାଇଥିଲେ। ପରେ ଗୁରୁଚରଣ ତାଙ୍କ ପଡ଼ୋଶୀ ଏବଂ ୱାର୍ଡସଭ୍ୟଙ୍କ ସହିତ ଯାଇ ସେହି ଗ୍ରାମର ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ବୁଝାସୁଝା କରିବା ସହ ସ୍ତ୍ରୀ ଓ ଝିଅକୁ ଘରକୁ ଆଣିଥିଲେ। ଶନିବାର ତାଙ୍କ ପତ୍ନୀ ଘରର ସୁନା, ରୁପା ସହ ୭୦ ହଜାର ଟଙ୍କା ନେଇ କୁଆଡେ ଚାଲି ଯାଇଛନ୍ତି। ବହୁ ଖୋଜାଖୋଜି କରି ବିଫଳ ହେବାପରେ ଗରୁଚରଣ ଏ ନେଇ ଥାନାରେ ଏତଲା ଦେଇଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କୁତ୍ରା ବ୍ଲକ ଶିଶୁଶ୍ରମିକମୁକ୍ତ ଅଞ୍ଚଳ ଘୋଷିତ

**କୁତ୍ରା, ୩।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକକୁ ଶିଶୁ ଶ୍ରମିକ ମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ୨୦୧୫ ମସିହାରୁ ଟାଟା ଫାଉଣ୍ଡେସନର ଏସ୍‌ପାଇର ଏନଜିଓ ସଂସ୍ଥାର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ବ୍ଲକର ସମସ୍ତ ଗାଁ ଗାଁ ବୁଲି ଅଧାରେ ପାଠ ଛାଡି ଓ ଟଙ୍କା ଅଭାବରୁ ପାଠ ପଢ଼ି ପାରୁ ନ ଥିବା ପିଲାମାନଙ୍କୁ ଚିହ୍ନଟ କରି ବିଭିନ୍ନ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ନାମ ଲେଖାଇଥିଲେ। ଏହିପରି ଭାବରେ ୮ ବର୍ଷ ହେବ କଠିନ ପରିଶ୍ରମ କରି ଏସ୍‌ପାଇର ଏନଜିଓ ସଂସ୍ଥାର ଶିକ୍ଷକମାନେ କଠିନ ପରିଶ୍ରମ କରି ବ୍ଲକକୁ ଶିଶୁଶ୍ରମିକ ମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କୁତ୍ରା ପଞ୍ଚାୟତର କଲ୍ୟାଣ ମଣ୍ଡପଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ସୁନ୍ଦରଗଡ଼ ଜିଲ୍ଲା ବିଜେଡି ସଭାପତି ବିନୟ ଟପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକଗୋଷ୍ଠୀ ଉନ୍ନୟନ ଅଧିକାରୀ ହେମେନ୍ଦ୍ର ଭୋଇ ବ୍ଲକ ଶିକ୍ଷାଧିକାରୀ ଶରତ ପତି, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ନିରଞ୍ଜନ ରାଉଳ, ସିଡିପିଓ ପ୍ରିୟଦର୍ଶିନୀ ପଟ୍ଟନାୟକ, ସବ ଇନସ୍ପେକ୍ଟର ବିଜୟ ସୁନା, କୁତ୍ରା ଜିଲ୍ଲା ପରିଷଦ 'ଖ'ର ସଭ୍ୟ ଗଙ୍ଗାରାମ ମିଞ୍ଜ, ବ୍ଲକ ଅଧି ଅଧ୍ୟକ୍ଷା ଶାନ୍ତି ଲତା ଲାକ୍ରା, ବିଜେଡି ବ୍ଲକ ସଭାପତି ଅର୍ଜୁନ ଜୟପୁରିଆ, ରବି କୁମାର, ଆଭିରାମ ମାଝୀ, ଅମରେଶ ସାହୁ, ୧୬ଟି ପଞ୍ଚାୟତର ସରପଞ୍ଚ ଓ ସମିତିମେମ୍ବର ଉପସ୍ଥିତ ଥିଲେ। ଏହିସଭାରେ ୧୬ଟି ପଞ୍ଚାୟତରୁ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଚହଲା ଭିତରେ ଫସିଥିବା ଦନ୍ତା ଉଦ୍ଧାର

**ସୁନ୍ଦରଗଡ଼, ୩।୧୨(ସମିସ):**

ଗୋଟିଏ ପରେ ଗୋଟିଏ ମଣିଷଙ୍କ ଜୀବନ ନେଇ ଚାଲିଥିଲା; ହେଲେ ମଣିଷ ଉକ୍ତ ନରହନ୍ତା ଦନ୍ତାକୁ ସୁନିଶ୍ଚିତ ମୃତ୍ୟୁମୁଖରୁ ଉଦ୍ଧାର କରିଛି। ଏପରି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ସଦର ବନାଞ୍ଚଳର ସବଡେଗା ସେକସନ ଅଧୀନ ଡମକୁଡ଼ା ଭଦ୍ରାପଡ଼ାରେ। ଭଦ୍ରାପଡ଼ାର ଏକ ଇଟା ଭାଟି ପାଇଁ ପାଣି ସଂରକ୍ଷଣ ସକାଶେ ଭାଟି ମାଲିକ ଏକ ଛୋଟ ଚହଲା ଖୋଳିଥିଲେ। ତେବେ ଇଟାଗଡା ସରିବା ପରେ ସେ ଉକ୍ତ ଚହଲାକୁ ପୋତି ନ ଥିଲେ। ଶନିବାର ରାତିରେ ଉକ୍ତ ଚହଲାକୁ ପାଣି ପିଇବାକୁ ଯାଇ ଏକ ଦନ୍ତା



ଫସି ଯାଇଥିଲା। ଚହଲା ଭିତରୁ ଆଉ ବାହାରି ନ ପାରି ଭୟଙ୍କର ରଡ଼ି ଛାଡିଥିଲା। ସ୍ଥାନୀୟ ଲୋକେ ସକାଳୁ ଘଟଣାସ୍ଥଳରେ ପହଞ୍ଚି ଫସି ରହିଥିବା ଦନ୍ତାର ବିକଳ ଅବସ୍ଥା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ସ୍ଥାନୀୟ ଏସିଏଫ୍ ମୋହନ ହେମ୍ବ୍ରମ, ବନାଞ୍ଚଳ ଅଧିକାରୀ ଅରୁଣ କୁମାର ବେହେରା, ବନପାଳ ଅଞ୍ଜନା ଗର୍ଡ଼ିଆ, ବନରକ୍ଷୀ ବିଜୟ ନାଏକ, ସରୋଜ ନାଗ, କଳିନ୍ଦ୍ର ଭିଡ୍ରିଆପ୍ରମୁଖ ପହଞ୍ଚି ଗଜ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଜେସିବି ମଗାଇ ଉକ୍ତ ଚହଲାରୁ ଦନ୍ତା ବାହାରିବା ପାଇଁ ରାସ୍ତା ଫିଟାଇ ଥିଲେ। ଜେସିବି ସାହାଯ୍ୟରେ ପ୍ରାୟ ୨ ଘଣ୍ଟା କାଳ ମାଟି ଖୋଲି ରାସ୍ତା ଫିଟା ଯିବା ପରେ ଦନ୍ତାଟି ଚହଲା ଭିତରରୁ ଉଠିଥିଲା। ତେବେ ଗଜଉଦ୍ଧାର କାର୍ଯ୍ୟ ଦେଖିବାକୁ ଅନେକ ଲୋକ ଚହଲା ଉପରେ ଠିଆ ହୋଇଥିଲେ ହେଁ ଉକ୍ତ ଦନ୍ତା ଚହଲାରୁ ବାହାରିବା ପରେ କାହାକୁ ଆକ୍ରମଣ ନ କରି ଜଙ୍ଗଲ ଭିତରକୁ ଚାଲି ଯାଇଥିଲା।

# ରାସ୍ତାକଡ଼ରେ କୋଇଲା ଗଦା; ପ୍ରଶାସନର ନିଘା ନାହିଁ

ହେମଗିରି, ୩।୧୨(ସମିସ): ହେମଗିରି ବ୍ଲକ ଅଧୀନ ବସୁନ୍ଧରା କୋଇଲା ଖଣି ସମେତ ଏନଟିପିସି ଡୁଲିଙ୍ଗା, ଓସିପିଏଲ ମନୋହରପୁର, ବେଦାନ୍ତ ଜାମକାନି କୋଇଲା ଖଣିରୁ ରେଲୱେ ସାଇଡିଂ ସାଙ୍ଗକୁ ବିଭିନ୍ନ କାରଖାନା ମାନଙ୍କୁ କୋଇଲା ପରିବହନ କରାଯାଇଥାଏ। ହେଲେ ରାସ୍ତା ଉପରେ ପଡ଼ି ପ୍ରଦୁ୍ୟଷଣ କରିବା ସାଙ୍ଗକୁ ରାସ୍ତାକଡ଼ରେ ଢାଳି ଖୁଲମ୍‌ଖୁଲା ବିକ୍ରି କରାଯାଉଛି। ଏହାଦ୍ୱାରା ଜନସାଧାରଣଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଯିବାଆସିବା ସମୟରେ ଧୂଳି ଯୋଗୁଁ ପ୍ରଦୁ୍ୟଷଣ ଶିକାର ହେବା ସଙ୍ଗେ ସଙ୍ଗେ ଦୁର୍ଘଟଣାର ଶିକାର ହେବାକୁ ପଡୁଛି। ବିଭିନ୍ନ ସ୍ଥାନରେ ଛୋଟ ଛୋଟ କୋଇଲା ଡିପୋ ଭଳି କୋଇଲା ଗଦା କରାଯାଇ ରାତାରାତି ଚାଲାଣ କରାଯାଉଛି।

## ୨୪ ଘଣ୍ଟାରେ ୨ୟ ଭୂକମ୍ପ

**ମନିଲା, ୩।୧୨ (ଏଜେନ୍ସି):** ଫିଲିପିନ୍ସରେ ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଥର ପାଇଁ ଭୂମି ଥରିଛି। ରବିବାର ସନ୍ଧ୍ୟାରେ ୬.୪ ତୀବ୍ରତାର ଭୂକମ୍ପ ହୋଇଛି। ଭୂପୃଷ୍ଠରୁ ୧୦ କିମି ତଳେ ଏହାର କେନ୍ଦ୍ରସ୍ଥଳ ଥିଲା। ଏ ପର୍ଯ୍ୟନ୍ତ ଭୂକମ୍ପରେ କୌଣସି କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ। ସୁନାମୀ ବିପଦ ମଧ୍ୟ ନାହିଁ। ଏହା ପୂର୍ବରୁ ଶନିବାର ସନ୍ଧ୍ୟାରେ ଦେଶରେ ୭.୬ ତୀବ୍ରତାର ଭୂକମ୍ପ ହୋଇଥିଲା। ଏହାକୁ ନେଇ ସୁନାମୀ ଚେତାବନୀ ମଧ୍ୟ ଜାରି କରାଯାଇଥିଲା।

## ଆତଙ୍କବାଦୀ ଆକ୍ରମଣ; ୪ ମୃତ

**ମନିଲା, ୩।୧୨ (ଏଜେନ୍ସି):** ଫିଲିପିନ୍ସର ମାରାଭି ସହର ସ୍ଥିତ ମିଣ୍ଡାନାଓ ୟୁନିଭର୍ସିଟିରେ ରବିବାର ସକାଳେ ବିସ୍ଫୋରଣ ହୋଇଛି। ଏହି ଆତଙ୍କବାଦୀ ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ୪୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ଧାର୍ମିକ ସଭା ଚାଲିଥିବାବେଳେ ଏହି ବିସ୍ଫୋରଣ ହୋଇଥିଲା। ରାଷ୍ଟ୍ରପତି ଫର୍ଡିନେଣ୍ଡ ମାର୍କୋସ ଜୁନିୟର ଏହାକୁ ଆତଙ୍କବାଦୀ ଆକ୍ରମଣ କହିଛନ୍ତି। କେହି ଜଣେ ୟୁନିଭର୍ସିଟିରେ ଗ୍ରେନେଡ ଆକ୍ରମଣ କରିଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୁଲିସ ମାମଲାର ଯାଞ୍ଚ ଜାରି ରଖିଛି।

## ଅଲ୍-ଅକ୍ସା ମସ୍‌ଜିଦରେ ଇମାମଙ୍କ ଘରେ ଚଢ଼ଉ

**ତେଲ ଆଭିଭ, ୩।୧୨ (ଏଜେନ୍ସି):** ଅଲ୍-ଅକ୍ସା ମସ୍‌ଜିଦର ଇମାମ ଶେଖ୍ ଇକରିମା ସାବରୀଙ୍କ ଘରେ ଇସ୍ରାଏଲ ସେନା ଚଢ଼ଉ କରିଛି। ସେ ଜେରୁଜେଲମର ସୁପ୍ରିମ ଇସ୍‌ଲାମିକ କାଉନସିଲର ମୁଖ୍ୟ। ଯୁଦ୍ଧ ପାଇଁ ସେ ମସ୍‌ଜିଦ୍‌ରେ ରହୁଛନ୍ତି। ପୂର୍ବରୁ ଇସ୍ରାଏଲ ଉପରେ ଆକ୍ରମଣ କରି ମସ୍‌ଜିଦ୍‌କୁ ଅପବିତ୍ର କରିବାର ପ୍ରତିଶୋଧ ନିଆଯାଉଛି ବୋଲି ଆତଙ୍କବାଦୀ ସଂଗଠନ ହମାସର କମାଣ୍ଡର ମହମ୍ମଦ ଡିଫ୍ କହିଥିଲା। ଏବେ ହମାସ ଯୁଦ୍ଧ ବନ୍ଦ ନ କଲେ ବନ୍ଦୀଙ୍କୁ ଛଡ଼ାଯିବ ନାହିଁ ବୋଲି କହିଛି। ଅନ୍ୟପକ୍ଷରେ ଗାଜା ସ୍କୁଲ୍‌ରେ ହେପାଟାଇଟିସ୍-ଏ ବ୍ୟାପିବାରେ ଲାଗିଛି। ଏହା ଫଳରେ ସଂକ୍ରମଣ ବଢ଼ି ମସ୍ତିଷ୍କକୁ ପ୍ରଭାବିତ କରୁଛି। ଏଥିଯୋଗୁଁ ଲୋକଙ୍କ ଜୀବନ ଯାଉଛି। ଏହା ମଧ୍ୟରେ ଆମେରିକା ଇସ୍ରାଏଲକୁ ଚେତାବନୀ ଦେଇଛି। ଇସ୍ରାଏଲ ଏହି ଯୁଦ୍ଧ ହାରିପାରେ ବୋଲି କୁହାଯାଉଛି।

### ୬ରେ 'ଇଣ୍ଡିଆ' ମେଣ୍ଟର ଚତୁର୍ଥ ବୈଠକ

# ୨୮ ଦଳର ନେତାଙ୍କୁ ଦିଲ୍ଲୀ ଡାକିଲେ ଖଡ୍‌ଗେ






**ଆପ୍ ଉତ୍ତର ଭାରତର ବଡ଼ ଦଳ: ଜସ୍‌ମିନ ଶାହା ● ଆସନ ବୁଝାମଣାରେ ସାଲିସ କରିବ କଂଗ୍ରେସ**

ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି):

ଦେଶର ପୁରୁଣା ରାଜନୈତିକ ଦଳ ଗୋଟିଏ ପରେ ଗୋଟିଏ ରାଜ୍ୟରୁ କ୍ଷମତାଚ୍ୟୁତ ହେବାରେ ଲାଗିଛି। ଏବେ ତିନି ରାଜ୍ୟରେ କଂଗ୍ରେସକୁ ବଡ଼ ଝଟ୍‌କା ଲାଗିଛି। ଏହି ପରାଜୟ ପରେ କଂଗ୍ରେସ ବିରୋଧୀ ଦଳଙ୍କ ବୈଠକ ଡାକିଛି। ଆସନ୍ତା ୬ ତାରିଖରେ ନୂଆଦିଲ୍ଲୀରେ 'ଇଣ୍ଡିଆ' ମେଣ୍ଟର ଚତୁର୍ଥ ବୈଠକ ହେବାକୁ ଯାଉଛି। ଏହି ବୈଠକରେ ଯୋଗ ଦେବା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ୨୮ ଦଳର ନେତାଙ୍କୁ ଦିଲ୍ଲୀ ଡାକିଛନ୍ତି। ଏହି ବୈଠକ କଂଗ୍ରେସ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ବିଏସ୍‌ପି, ଏସ୍‌ପି, ଆପ୍ କଂଗ୍ରେସ ପ୍ରତି ବିମୁଖ ରହିଛି। ବିଧାନସଭା ନିର୍ବାଚନକୁ ନେଇ କଂଗ୍ରେସ ଉପରେ କିଛି ନେତା ଅସନ୍ତୋଷ ମଧ୍ୟ ପ୍ରକାଶ କରିଛନ୍ତି। ଏପରି ସ୍ଥଳେ ବୈଠକରେ ନିର୍ବାଚନୀ ଫଳାଫଳକୁ ନେଇ ମାନସମନ୍ଥନ କରାଯିବ। ଭବିଷ୍ୟତର କାର୍ଯ୍ୟପନ୍ଥା ମଧ୍ୟ ସ୍ଥିର କରାଯିବ। ଲୋକସଭା ନିର୍ବାଚନକୁ




ଆଉ ୪-୫ ମାସ ବାକି ରହିଛି। ତେଣୁ ଏହାକୁ ପ୍ରାଧାନ୍ୟ ଦିଆଯିବ। ଆସନ ବୁଝାମଣା ଉପରେ ମଧ୍ୟ ଆଲୋଚନା ହୋଇପାରେ। ପୂର୍ବରୁ ଖଡଗେ ମଧ୍ୟ ଏହି ସଙ୍କେତ ଦେଇଥିଲେ।

ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱାଧୀନ ଦଳ ଆମ ଆଦମୀ ପାର୍ଟି (ଆପ୍) କଂଗ୍ରେସର ସମସ୍ୟା ବଢ଼ାଇ ଦେଇଛି। ଆଜିର ନିର୍ବାଚନ ଫଳାଫଳ ପରେ ଆପ୍ ଉତ୍ତର ଭାରତର ସବୁଠାରୁ ବଡ଼ ଦଳ ହୋଇଯାଇଛି ବୋଲି ନେତ୍ରୀ ଜଶମିନ ଶାହା କହିଛନ୍ତି। ସୂଚନାଯୋଗ୍ୟ ଯେ ଏବେ କେବଳ ତିନୋଟି ରାଜ୍ୟରେ କଂଗ୍ରେସ ସରକାର ରହିଛି। ଦିଲ୍ଲୀ ଏବଂ ପଞ୍ଜାବରେ ଆପ୍ କ୍ଷମତାରେ ଅଛି। ଆପ୍ ନେତାଙ୍କ ସୂଚନା ଅନୁଯାୟୀ ଏହି ନିର୍ବାଚନର ପ୍ରଭାବ ବିରୋଧୀ ମେଣ୍ଟ ଉପରେ ପଡ଼ିବ। ଏହା କ୍ଷମତା ଭାଗବଣ୍ଟାକୁ ପରିବର୍ତ୍ତନ କରିଦେବ। ଦଳମାନଙ୍କର ସ୍ଥିତି ବଦଳିଯିବ। ଯଦି ମେଣ୍ଟ ରୁହେ ତେବେ ସାଧାରଣ ନିର୍ବାଚନରେ କମ୍ ଆସନରେ ଲଢ଼ିବା ପାଇଁ କଂଗ୍ରେସ ରାଜି ହେବ। ଅନ୍ୟ ଜଣେ ଆପ୍ ସଦସ୍ୟଙ୍କ ଅନୁଯାୟୀ ଯଦି କଂଗ୍ରେସ ୨ଟି ରାଜ୍ୟରେ ବିଜୟୀ ହୋଇଥାନ୍ତା ତେବେ ଏହି ଦଳ ଆଉ ୪-୫ଟି ଆସନ ମାଗିଥାନ୍ତା। ଏବେ ଏହି ସ୍ଥିତି ବଦଳିବ ବୋଲି ଆଶା କରାଯାଉଛି। ସେହିପରି ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଆପ୍‌ର ବରିଷ୍ଠ ନେତା ମଧ୍ୟ ଜେଲ୍‌ରେ ଅଛନ୍ତି। ତେଣୁ ଆପ୍ ମଧ୍ୟ ଭଲ ସ୍ଥିତିରେ ନାହିଁ।

# ଭୁଟାନ ଜମି କବ୍‌ଜା ପାଇଁ ଚୀନ୍‌ର ଷଡ଼ଯନ୍ତ୍ର

**ପଶ୍ଚିମାଞ୍ଚଳରେ ବନାଇଲା ସେନା ପୋଷ୍ଟ | ଉପଗ୍ରହ ଚିତ୍ରରୁ ଖୋଲିଲା ଗୁମର | ବେୟୁଲ ଘାଟୀରେ କରିଛି ରାସ୍ତା ନିର୍ମାଣ | ଚୀନ୍ ଆଗରେ ଭୁଟାନ ନତମସ୍ତକ**

ଲଣ୍ଡନ, ୩।୧୨ (ଏଜେନ୍ସି):

ପଡ଼ୋଶୀ ଦେଶ ଉପରେ ଚୀନ୍ ଲୋଲୁପ ଦୃଷ୍ଟି ପକାଇବା ଜାରି ରଖିଛି। ଏହି ବିସ୍ତାରବାଦୀ ରାଷ୍ଟ୍ର ଅନ୍ୟର ଜମି ହାତେଇବା ପାଇଁ କୁଟୀଳ ଚକ୍ରାନ୍ତ କରୁଛି। ଭାରତ ସହ ଡୋକଲାମ ବିବାଦର ୫ ବର୍ଷ ପରେ ଏହି ଦେଶ ଭୁଟାନର ଉତ୍ତରାଞ୍ଚଳ ଉପରେ ନଜର ପକାଇଛି। ଏହି ଅଞ୍ଚଳ ନିକଟରେ ଚୀନ୍ ଭିତ୍ତିଭୂମି କାର୍ଯ୍ୟକୁ ଜୋରଦାର କରିଛି। ଉପଗ୍ରହ ଚିତ୍ରରୁ ଏହି ସୂଚନା ମିଳିଛି। ଆଗାମୀ ଦିନରେ ଜାକରଲୁଙ୍ଗ ଘାଟୀ ଚୀନ୍ ହାତକୁ ଯାଇପାରେ। ବ୍ରିଟେନର ଏକ ଥିଙ୍କ ଟ୍ୟାଙ୍କ ଚୈଥମ ହାଉସ (ରୟାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଟରନ୍ୟାସନାଲ ଆଫେୟର୍ସ) ଏହି ତଥ୍ୟ ଦେଇଛି। ରିପୋର୍ଟ ଅନୁଯାୟୀ ଭୁଟାନ ବଡ଼ ଅନୁକମ୍ପା ଦେଖାଇ ଜକାରଲୁଙ୍ଗ ଏବଂ ପଡୋଶୀ ମେନଚୁମା ଘାଟୀକୁ ଚୀନ୍‌କୁ ଦେଇପାରେ। ଭୁଟାନର ବେୟୁଲ ଘାଟୀରେ ଚୀନ୍ ସଡ଼କର ଜାଲ ବିଛାଇ ଦେଇଛି। ଅନେକ ସେନା ପୋଷ୍ଟ






ନିର୍ମାଣ କରିଛି। ଏହି ଅଞ୍ଚଳର ଅଧିକାଂଶ ଲୋକ ବୌଦ୍ଧ ଧର୍ମାବଲମ୍ବୀ। ଏମାନେ ତିବତିୟ ବୌଦ୍ଧ ଧର୍ମକୁ ପାଳନ କରନ୍ତି। ଏହା ପୂର୍ବରୁ ମଧ୍ୟ ଚୀନ୍ ଭୁଟାନ ଅଞ୍ଚଳରେ ରାସ୍ତା ନିର୍ମାଣ କରିବା ପାଇଁ ପ୍ରୟାସ କରିଥିଲା। ପୂର୍ବରୁ ପଶ୍ଚିମ ଭୁଟାନରେ ଭିତ୍ତିଭୂମି ବିକାଶ କରୁଥିଲା।

୨୦୧୭ରେ ଚୀନ୍ ଦକ୍ଷିଣ-ପଶ୍ଚିମ ଡୋକଲାମରେ ରାସ୍ତା ନିର୍ମାଣ ପାଇଁ ପ୍ରୟାସ କରିଥିଲା। ଏଠାରେ ଭାରତୀୟ ସେନା ସହ ଚୀନ୍‌ର ସଂଘର୍ଷ ହୋଇଥିଲା। ରିପୋର୍ଟ ଅନୁଯାୟୀ ଚୀନ୍ କ୍ଷମତା ଆଗରେ ଭୁଟାନ ହାର ମାନି ଯାଇଥିବା ଜଣାପଡୁଛି। ଭୁଟାନ ମାମଲାର ବିଶେଷଜ୍ଞ ତେଜିଙ୍ଗ ଲାମସାଙ୍ଗ କହିଛନ୍ତି ଯେ ଚୀନ୍ ମାମଲାରେ ଭୁଟାନ ପୁରୁଣା ରଣନୀତି ଆପଣାଉଛି। ଏହି ଦେଶ ଚୁପ୍ ରହିବାକୁ ସଠିକ୍ ମଣୁଛି। ୨ଟି ବଡ଼ ଦେଶ ଭାରତ ଏବଂ ଚୀନ୍ ମଧ୍ୟରେ ଭୁଟାନ ଫସି ରହିଛି। ବେୟୁଲା ବ୍ୟତୀତ ଭୁଟାନର ମେନଚୁମା ଘାଟୀରେ ମଧ୍ୟ ଚୀନ୍ ନିର୍ମାଣକାର୍ଯ୍ୟ ଜାରି ରଖିଛି। ୨୦୨୧ରେ ଏହି ଘାଟୀକୁ ଚୀନ୍ କବ୍‌ଜା କରି ନେଇଥିବା ଖବର ଆସିଥିଲା। ମାତ୍ର ଭୁଟାନ ସେନା ଏହାକୁ ଖଣ୍ଡନ କରି ଦେଇଥିଲା। ବେୟୁଲ ଏବଂ ମେନଚୁମା ନିକଟରେ ଚୀନ୍ ସେନାର ଷ୍ଟେସନ ରହିଛି। କିଛି ଦିନ ତଳେ ଭୁଟାନର ବିଦେଶ ମନ୍ତ୍ରୀ ଟାଣ୍ଡି ଦୋର୍ଜି ବେଜିଂରେ ଚୀନ୍ ବିଦେଶ ମନ୍ତ୍ରୀଙ୍କୁ ଭେଟି ଥିଲେ। ଏହି ବୈଠକରେ ଉଭୟ ନେତା ସୀମା ନିର୍ଦ୍ଧାରଣ କରିବାକୁ ନିଷ୍ପତ୍ତି ନେଇଥିଲେ।

ଚଳିତ ବର୍ଷ ପ୍ରାରମ୍ଭରେ ଭୁଟାନ ପ୍ରଧାନମନ୍ତ୍ରୀ ଲୋତେ ଥେରିଙ୍ଗ ଡୋକଲାମ ଅଞ୍ଚଳର ବିବାଦକୁ ତିନି ଦେଶର ବୋଲି କହିଥିଲେ। ଭାରତ, ଚୀନ୍ ଏବଂ ଭୁଟାନ ମିଶି ଏହି ବିବାଦର ସମାଧାନ କରିବା ଉଚିତ। କାରଣ ଏହି ବିବାଦରେ ତିନି ଦେଶର ସମାନ ଦାୟିତ୍ୱ ଏବଂ ଅଂଶ ରହିଛି।

ହରିୟାଣାରେ ଚୀନ୍ ଭୂତାଣୁକୁ ନେଇ ଚେତାବନୀ

## ୧୧ ଶିଶୁ ଡାକ୍ତରଖାନାରେ ଭର୍ତ୍ତି

**ଚଣ୍ଡିଗଡ଼, ୩।୧୨ (ଏଜେନ୍ସି):** ହରିୟାଣା ସିରସାରେ ଚୀନ୍ ଭୂତାଣକୁ ନେଇ ଭୟର ବାତାବରଣ ଖେଳିଯାଇଛି। ଏହି ରୋଗରେ ୧୧ ଶିଶୁ ସଂକ୍ରମିତ ହୋଇଥିବା ଆଶଙ୍କା କରାଯାଉଛି। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମାତ୍ର ଆଶ୍ୱସ୍ତିର ବିଷୟ ଏହି କି ଯେ ୫ ଶିଶୁଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ଏବେ ହରିୟାଣା ସ୍ୱାସ୍ଥ୍ୟ ବିଭାଗ ଆଲର୍ଟ ମୋଡ୍‌ରେ ରହିଛି। ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ୨ ରୋଗୀଙ୍କ ନମୁନାକୁ ଯାଞ୍ଚ ପାଇଁ ଅଗ୍ରୋହା ପଠାଯାଇଛି। ସେହିପରି ପିଆଇସିୟୁ ୱାର୍ଡରେ ୧୧ ଶିଶୁ ଭର୍ତ୍ତି ହୋଇଛନ୍ତି। ଏମାନଙ୍କ ଯତ୍ନ ନେବା ପାଇଁ ସ୍ୱତନ୍ତ୍ର ନର୍ସିଂ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ସିରସାର ଡିସିଏମଓ ଡ. ବୁଧରାମ କହିଛନ୍ତି ଯେ ୧୧ ଶିଶୁଙ୍କର ଖାସ ସହିତ ଜ୍ୱର ହେଉଥିଲା। ଏମାନଙ୍କୁ ଚୀନ୍ ଭୂତାଣୁରେ ପୀଡ଼ିତ ରୋଗୀ ଭାବେ ଧରାଯାଉଛି। ନମୁନା ଯାଞ୍ଚ ପାଇଁ ଅଗ୍ରୱାଲ ମେଡିକାଲ କଲେଜକୁ ପଠାଇ ଦିଆଯାଇଛି। ନେଗେଟିଭ ରିପୋର୍ଟ ଆସୁଥିବା ଶିଶୁଙ୍କୁ ଘରକୁ ପଠାଇ ଦିଆଯାଉଛି।

## ଦକ୍ଷିଣ ଚୀନ୍ ସାଗରରେ ପୁଣି ଉତ୍ତେଜନା



**ମନିଲା,୩।୧୨ (ଏଜେନ୍ସି):** ଦକ୍ଷିଣ ଚୀନ୍ ସାଗରରେ ପୁଣି ଉତ୍ତେଜନା ସୃଷ୍ଟି ହୋଇଛି। ଚୀନ୍ ଏବଂ ଫିଲିପିନ୍ସ ମୁହାଁମୁହିଁ ହୋଇଛନ୍ତି। ଦକ୍ଷିଣ ଚୀନ୍ ସାଗରର ବିବାଦୀୟ ଅଞ୍ଚଳ ହ୍ୱାଇଟସନ୍ ରିଫରେ ଚୀନ୍‌ର ୧୩୫ ବୋଟ୍ ଦେଖିବାକୁ ମିଳିଛି। ଏହାକୁ ଫିଲିପିନ୍ସ ତୀବ୍ର ବିରୋଧ କରିଛି। ଏହା ଦେଶ ପାଇଁ ବିପଦ ବୋଲି କୁହାଯାଇଛି। ଚୀନ୍‌କୁ ଜବାବ ଦେବା ଅଞ୍ଚଳରେ ୨ ଜାହାଜ ମୁତୟନ କରିଛି। ଫିଲିପିନ୍ସ ଏହାକୁ ଜୁଲିୟନ ଫେଲିପ ରିଫ କହୁଛି। ଏହା ଫିଲିପିନ୍ସର ପଲାୱନ ଦ୍ୱୀପଠାରୁ ପ୍ରାୟ ୩୨୦ କିମି ଦୂରରେ ରହିଛି। ଏହା ଚୀନ୍‌ର ହେନାନ ଦ୍ୱୀପଠାରୁ ପ୍ରାୟ ଏକ ହଜାର କିମି ଦୂର। ଫିଲିପିନ୍ସ ତଟରକ୍ଷୀ ବାହିନୀର ସୂଚନା ଅନୁଯାୟୀ ଗତ ୧୩ ତାରିଖ ସୁଦ୍ଧା ଏହି ଅଞ୍ଚଳରେ ୧୧୧ଟି ଚୀନ୍ ବୋଟ୍ ଥିଲା। ଏବେ ଏହା ୧୩୫କୁ ବୃଦ୍ଧି ପାଇଛି। ଏହି ଚୀନ୍ ବୋଟକୁ ଚେତାବନୀ ଦିଆଯାଇଛି। ଏହା ପୂର୍ବରୁ ଅକ୍ଟୋବର ୨୨ରେ ଚୀନ୍ ତଟରକ୍ଷୀ ବାହିନୀର ଏକ ଜାହାଜ ଫିଲିପିନ୍ସ ଜାହାଜକୁ ଧକ୍କା ଦେଇଥିଲା। ଏହି ଜାହାଜ ଆମ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା ବୋଲି ଚୀନ୍ ପକ୍ଷରୁ କୁହାଯାଇଥିଲା। ତେବେ ପୂର୍ବରୁ ମଧ୍ୟ ଅନେକ ଥର ଏପରି ଘଟଣା ଘଟିଛି। ଦକ୍ଷିଣ ଚୀନ୍ ସାଗରକୁ ବେଜିଂ ନିଜର ବୋଲି ଦାବି କରିଆସୁଛି। ଏଥିପାଇଁ ୫ଟି ଦେଶକୁ ସବୁବେଳେ ହଇରାଣ କରୁଛି।

> **ବିବାଦୀୟ ଅଞ୍ଚଳରେ ଚୀନ୍‌ର ୧୩୫ ବୋଟ୍**
> **ଚୀନ୍ ବୋଟ୍ ଦେଶ ପାଇଁ ବିପଦ: ଫିଲିପିନ୍ସ**
> **ସାମୁଦ୍ରିକ ସୀମାରେ ୨ ଜାହାଜ ମୁତୟନ**

## ଚପରାସୀ ହେଲେ ମନ୍ତ୍ରୀଙ୍କ ପୁଅ

**ସିଭିଲ କୋର୍ଟ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତ**

**ବାପାଙ୍କ ପରି ପୁଅ ରାଜନୀତି କରିବା ଜରୁରୀ ନୁହେଁ**



ରାଞ୍ଚି, ୩।୧୨ (ଏଜେନ୍ସି):

ଝାଡ଼ଖଣ୍ଡର ଏକ ଭଲ ଖବର ସାରା ଦେଶରେ ଚର୍ଚ୍ଚାରେ ରହିଛି। ଏଠାକାର ଜଣେ ମନ୍ତ୍ରୀ ତଥା ଆରଜେଡି ବିଧାୟକଙ୍କ ପୁଅ ଚପରାସୀ (ପିଅନ) ହୋଇଛନ୍ତି। ସେ ଚତରାରେ ସିଭିଲ କୋର୍ଟରେ ନିଯୁକ୍ତି ପାଇଛନ୍ତି। ସୂଚନା ଅନୁଯାୟୀ ଝାଡ଼ଖଣ୍ଡର କୌଶଳ ବିକାଶ ମନ୍ତ୍ରୀ ସତ୍ୟାନନ୍ଦ ଭୋକ୍ତାଙ୍କ ତୃତୀୟ ପୁଅ ମୁକେଶ କୁମାର ଭୋକ୍ତା (୨୮) ପିଅନ ପଦବୀ ପାଇଁ ଚୟନ ହୋଇଛନ୍ତି। ଚତରା କୋର୍ଟ ପକ୍ଷରୁ ଚୟନ ତାଲିକା ଜାରି କରାଯାଇଛି। ଏହି ତାଲିକାର ୧୩ନଂ ସ୍ଥାନରେ ମୁକେଶଙ୍କ ନାମ ରହିଛି। ସେ ଏସ୍‌ଟି ବର୍ଗରୁ ନିଯୁକ୍ତି ପାଇଛନ୍ତି। ମୁକେଶ କହିଛନ୍ତି ଯେ ବାପା ରାଜନୀତିରେ ଅଛନ୍ତି। ତା ମାନେ ନୁହେଁ ଯେ ପୁଅ ମଧ୍ୟ ରାଜନୀତି କରିବ। ସେ ଚାକିରି କରିବାକୁ ଚାହୁଁଛନ୍ତି। ଏହି ପଦବୀରେ ନିଯୁକ୍ତି ପାଇଁ ପୂର୍ବରୁ ସାକ୍ଷାତକାର ହୋଇଥିଲା। ଏଥିରେ ପାସ୍ କରିବା ପରେ ଚୂଡ଼ାନ୍ତ ତାଲିକା ଜାରି କରାଯାଇଥିଲା। ଏହି ତାଲିକାରେ ମନ୍ତ୍ରୀଙ୍କ ପୁତୁରା ରାମଦେବ କୁମାର ଭୋକ୍ତାଙ୍କ ମଧ୍ୟ ନାମ ରହିଛି। ତେବେ ସେ ଅପେକ୍ଷା ତାଲିକାରେ ଅଛନ୍ତି। ଚୟନ ହୋଇଥିବା ବ୍ୟକ୍ତିଙ୍କୁ ୧୫ ତାରିଖ ପୂର୍ବରୁ କାର୍ଯ୍ୟରେ ଯୋଗଦେବା ପାଇଁ କୁହାଯାଇଛି।




ଫୁଲର ସୁବାସ ପବନର ଅନୁକୂଳ ଦିଗକୁ ପ୍ରବାହିତ ହୋଇଥାଏ।
କିନ୍ତୁ ବ୍ୟକ୍ତିର ଉତ୍ତମ ଗୁଣର ପ୍ରଭାବ ଚତୁର୍ଦ୍ଦିଗକୁ ପ୍ରସାରିତ ହୋଇଯାଏ।
-ଚାଣକ୍ୟ ନୀତି

ସକାଳ
THE SAKALA

## ଚାରି ରାଜ୍ୟ ନିର୍ବାଚନ ଫଳାଫଳ

# 'ମୋଦୀଙ୍କ ଗ୍ୟାରେଣ୍ଟି'ର ବିପୁଳ ବିଜୟ

ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଓ ତେଲଙ୍ଗାନାରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଭୋଟ ଗଣତି ଫଳାଫଳ ସ୍ପଷ୍ଟ କରିଦେଇଛି ଯେ ବିଜେପି ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ବିପୁଳ ଜନମତ ସହିତ କ୍ଷମତାକୁ ଫେରିଛି ଏବଂ କଂଗ୍ରେସ ଦୁଇଟିରେ କ୍ଷମତା ହରାଇ ଗୋଟିକରେ ବିଜୟୀ ହେଉଛି। ଏହି ଫଳାଫଳରେ ବିଜେପି ଓ ଏହାର ସହଯୋଗୀ ଦଳ ଉଲ୍ଲସିତ ହେବା ସ୍ୱାଭାବିକ। ତେବେ ପର୍ଯ୍ୟବେକ୍ଷକଙ୍କ ମତରେ ଏଥିପୂର୍ବରୁ କର୍ଣ୍ଣାଟକ ନିର୍ବାଚନରେ ପାଞ୍ଚଟି ଗ୍ୟାରେଣ୍ଟି କଥା କହି କଂଗ୍ରେସ ଯେଉଁଭଳି ବିଜୟ ହାସଲ କରିଥିଲା, ଏବର ପାଞ୍ଚ ରାଜ୍ୟ ନିର୍ବାଚନରେ ମଧ୍ୟ ସେହିଭଳି ଗ୍ୟାରେଣ୍ଟି ଦେଇଥିଲେ ସୁଦ୍ଧା ତେଲଙ୍ଗାନା ଛଡ଼ା ଅନ୍ୟତ୍ର ତାହା କୌଣସି ପ୍ରଭାବ ପକାଇ ପାରିଲା ନାହିଁ। ଗତ ସନ୍ଧ୍ୟାରେ ଦିଲ୍ଲୀରେ ବିଜେପି ରାଷ୍ଟ୍ରୀୟ କାର୍ଯ୍ୟାଳୟରେ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ ଜୋର ଦେଇ କହିଥିଲେ ଯେ ଏହି ତିନିଟି ରାଜ୍ୟରେ ବିଜୟ ବାର୍ତ୍ତା 'ମୋଦୀଙ୍କ ଗ୍ୟାରେଣ୍ଟି'ର ବିଜୟ। ବିପକ୍ଷ ଦଳ ଜାତି, ଧର୍ମ ଓ ଅନ୍ୟାନ୍ୟ ବିବାଦୀୟ ଭିତ୍ତିରେ ଭୋଟରମାନଙ୍କୁ ବିଭ୍ରାନ୍ତ କରିବାରେ ଲାଗିଥିଲେ ମଧ୍ୟ ମୋଦୀଙ୍କ ନେତୃତ୍ୱରେ ବିଜେପି ଦଳର ଗ୍ୟାରେଣ୍ଟି ବା ପ୍ରତିଶ୍ରୁତି ସେବା, ସୁଶାସନ ଓ ବିକାଶ ଆଦିକୁ ଲୋକେ ଭାରି ଜନମତରେ ଜିଣାଇଛନ୍ତି।

ପ୍ରଥମ କରି ତେଲଙ୍ଗାନାରେ ଏକ ଶକ୍ତିଶାଳୀ ଆଞ୍ଚଳିକ ରାଜନୈତିକ ଦଳ 'ଭାରତ ରାଷ୍ଟ୍ର ସମିତି' ଜନତାଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଛି ଏବଂ କଂଗ୍ରେସ ସେଠାରେ କ୍ଷମତାସୀନ ହେବାକୁ ଯାଉଛି। ଏହି ଫଳାଫଳର ଧାରା ପୁନର୍ବାର ଭାରତୀୟ ରାଜନୀତିରେ ବିନ୍ଧ୍ୟ ପର୍ବତମାଳାର ଉତ୍ତରରେ ଥିବା ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ବିଜେପିର ଶକ୍ତିକୁ ସୁଦୃଢ଼ କରିବା ସହିତ କଂଗ୍ରେସକୁ ପରାଜିତ କରିଦେଇଛି। ବିଜେପି ବିପୁଳ ଜନମତ ସହ ମଧ୍ୟପ୍ରଦେଶରେ ତାହାର ଶାସନକୁ ବଜାୟ ରଖିଥିବା ବେଳେ ଛତିଶଗଡ଼ ଓ ରାଜସ୍ଥାନରେ ଉନ୍ନତ ଭୋଟ ଫଳାଫଳ ସହିତ ପାଞ୍ଚ ବର୍ଷ ପରେ କ୍ଷମତାକୁ ଫେରିଛି। ସେହିଭଳି ପୂର୍ବରୁ ଜାତୀୟ ରାଜନୈତିକ ମେଣ୍ଟ ଗଠନ ଦିଗରେ ପ୍ରୟାସ କରି ପ୍ରଧାନମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଥିବା ବିଆରଏସ୍ ମୁଖିଆ ଚନ୍ଦ୍ରଶେଖର ରାଓ ତେଲଙ୍ଗାନାରୁ କ୍ଷମତାଚ୍ୟୁତ ହୋଇଛନ୍ତି।

ଏହି ନିର୍ବାଚନରେ ଫଳାଫଳକୁ ନିରପେକ୍ଷ ଭାବେ ଦେଖିଲେ ଏତିକି କୁହାଯାଇପାରେ ଯେ ଏହା ବିକାଶ ଓ ସୁଶାସନ ସପକ୍ଷରେ ଭୋଟରଙ୍କ ସାର୍ବଭୌମ ରାୟ। କଂଗ୍ରେସ ଦୁଇଟି ରାଜ୍ୟ ହରାଇବାର ପ୍ରମୁଖ କାରଣ ହେଲା ଏହା ଲୋକଙ୍କ ଆଶା ଅନୁରୂପ କାମ କରିପାରିନାହିଁ। ରାଜସ୍ଥାନରେ ଦଳ ଆଭ୍ୟନ୍ତରୀଣ କନ୍ଦଳ ବ୍ୟତୀତ ଇଣ୍ଡିଆ ମେଣ୍ଟ ଗଠନ ପ୍ରୟାସରେ କଂଗ୍ରେସର ଖାପଛଡ଼ା ରଣନୀତି ବିପକ୍ଷ ଏକତା ହାସଲ କରିବା ବିରୁଦ୍ଧରେ ଗଲା। ଇଣ୍ଡିଆ ମେଣ୍ଟର ଦଳମାନଙ୍କ ମଧ୍ୟରେ ପାଞ୍ଚଟି ରାଜ୍ୟର ନିର୍ବାଚନରେ ପ୍ରାର୍ଥୀ ଆସନ ଆବଣ୍ଟନ ହୋଇ ନ ପାରିବାର ଦୋଷ ମଧ୍ୟ କଂଗ୍ରେସ ମୁଣ୍ଡରେ ଲଦି ଦିଆଗଲା। ତଥାପି ତେଲଙ୍ଗାନାରେ ଶାସକ ଦଳ ବିଆରଏସ୍ କ୍ଷମତାଚ୍ୟୁତ ହୋଇଛି। ସେଠାରେ ବିଜେପି ଭଳି ରାଷ୍ଟ୍ରୀୟ ଦଳର ସଂଗଠନ ଭଲ ନଥିବାରୁ ସ୍ୱାଭାବିକ ଭାବେ କଂଗ୍ରେସ ବିଜୟୀ ହୋଇଛି, କିନ୍ତୁ ବିଜେପି ସପକ୍ଷରେ ଭୋଟର ସମର୍ଥନ ବୃଦ୍ଧି ପାଇଛି। ତେବେ ରାହୁଲ୍ ଗାନ୍ଧୀଙ୍କ ଦ୍ୱାରା 'ଭାରତ ଯୋଡ଼' ଯାତ୍ରା ସମୟରେ ତେଲଙ୍ଗାନା ଅଞ୍ଚଳରେ ବହୁଳ ଜନସମର୍ଥନ ମିଳିଥିବାରୁ ତାହା କଂଗ୍ରେସ ବିଜୟରେ ସହାୟକ ହୋଇଛି ବୋଲି ସମୀକ୍ଷକମାନେ ମତ ଦେଉଛନ୍ତି। ରାଜସ୍ଥାନରେ ଅବଶ୍ୟ ପ୍ରତି ପାଞ୍ଚବର୍ଷରେ ସରକାର ପରିବର୍ତ୍ତନ ଧାରାର ଏଥର ମଧ୍ୟ ପୁନରାବୃତ୍ତି ହୋଇଛି। ତେବେ କଂଗ୍ରେସର ଆସନ ସଂଖ୍ୟା ଦେଖିଲେ ପ୍ରତୀୟମାନ ହୁଏ ଯେ ଭୋଟର ଏହି ସରକାରର ଶାସନରେ ସନ୍ତୁଷ୍ଟ ନଥିଲେ ତଥା ଗେହେଲୋଟ୍-ପାଇଲଟ୍ କନ୍ଦଳର ମଧ୍ୟ କୁପ୍ରଭାବ ପଡ଼ିଲା। ସେଥିପାଇଁ ସେମାନେ ବିଜେପି ପ୍ରାର୍ଥୀଙ୍କୁ ବିପୁଳ ସମର୍ଥନ ଦେଇଛନ୍ତି। ଅପରପକ୍ଷରେ ମଧ୍ୟପ୍ରଦେଶରେ ଶାସନ କ୍ଷମତାରେ ପ୍ରାୟ ଦୁଇ ଦଶକ ଧରି ରହିବା ପରେ ମଧ୍ୟ ବିଜେପି ବିପୁଳ ଜନସମର୍ଥନ ସହିତ କ୍ଷମତାକୁ ଫେରିବା ପ୍ରୋ-ଇନ୍‌କମ୍ବାନ୍ସି(କ୍ଷମତାସୀନ ଦଳର ବହୁମତ ହାସଲ)ର ଏକ ନୂଆ ଚିତ୍ର ପ୍ରଦାନ କରୁଛି। ଯେତେବେଳେ ଅନ୍ୟ ତିନିଟି ରାଜ୍ୟରେ ଆଣ୍ଟି ଇନ୍‌କମ୍ବାନ୍ସି ବା ସରକାରୀ ବିରୋଧୀ ଜନମତ ଆସିଛି। ମୋଟାମୋଟି ଭାବେ ଦେଖିଲେ ଏତିକି କୁହାଯାଇପାରିବ ଯେ ସୁଶାସନ ଓ ଲୋକକଲ୍ୟାଣକାରୀ କାମ ହିଁ ବିଜୟର ଏକମାତ୍ର ନିୟାମକ। ଏହା ଜାତୀୟ ଓ ଆଞ୍ଚଳିକ ଦଳ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ।

ଏବେ ନେତୃତ୍ୱ କଥା ଦେଖିବା। ଅନେକ ଏହି ନିର୍ବାଚନକୁ ମୋଦୀ ଓ ରାହୁଲଙ୍କ ନେତୃତ୍ୱର ଲଢ଼େଇ ଭାବେ ଦେଖୁଥିଲେ। ତାହା ଯଦି କେତେକାଂଶରେ ସତ ହୋଇଥାଏ ତେବେ ନିରାପଦରେ ଏତିକି କୁହାଯାଇପାରେ ଯେ 'ମୋଦୀ ମ୍ୟାଜିକ' ଏବେ ବେଶ୍ କାମ କରୁଛି ଏବଂ ରାହୁଲ୍ ଗାନ୍ଧୀ ତାଙ୍କର ସମକକ୍ଷ କୌଣସିମତେ ହୋଇପାରୁନାହାନ୍ତି। ନିର୍ବାଚନ ପରିଚାଳନାର ନେତୃତ୍ୱ ନେବା, ଲୋକଙ୍କ ମଧ୍ୟରେ ଏକ ବିଶ୍ୱାସ ସୃଷ୍ଟି କରିବା ଏବଂ ଜାତୀୟ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଯୁବବର୍ଗ, ମହିଳା, ଆଦିବାସୀ, ଦଳିତ ଓ ଅନଗ୍ରସର ବର୍ଗଙ୍କ ଆସ୍ଥା ଜିତିବାରେ ମୋଦୀଙ୍କ ଅବଦାନକୁ ଅସ୍ୱୀକାର କରିହେବ ନାହିଁ। ମୋଦୀ-ଶାହା ନିର୍ବାଚନ ରଣନୀତି ବିଭିନ୍ନ ରାଜ୍ୟରେ 'ଡବଲ ଇଞ୍ଜିନ' ସରକାର ପ୍ରତିଷ୍ଠାରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି। ଆହୁରି ମଧ୍ୟ ତେଲଙ୍ଗାନା ଭଳି ଦକ୍ଷିଣ ରାଜ୍ୟରେ ସାଂଗଠନିକ ଦୁର୍ବଳତା ସତ୍ତ୍ୱେ ବିଜେପି ଏଥର ବିଧାନସଭା ନିର୍ବାଚନରେ ୧୪% ଭୋଟ ପାଇ ୮ଟି ଆସନରେ ଜିତାପଟ ହାସଲ କରିଛି। ଅପରପକ୍ଷରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଦଳର ମୁଖ୍ୟ ହୋଇଥିଲେ ମଧ୍ୟ ରାହୁଲ ଗାନ୍ଧୀ, ତାଙ୍କ ମାତା ଓ ଭଉଣୀ ହିଁ କଂଗ୍ରେସ ସଂଗଠନର ସର୍ବେସର୍ବା। ରାହୁଲ ହିଁ ଏହି ନିର୍ବାଚନରେ ଦଳର ବାସ୍ତବ ନେତୃତ୍ୱ ନେଉଥିଲେ।

ମୋଦୀ ବିରୋଧୀଙ୍କ ସହ ମେଣ୍ଟ କରିବା, ସନତାନ ଧର୍ମ ବିଦ୍ୱେଷ ତତ୍ତ୍ୱକୁ ସମର୍ଥନ ଜଣାଇ ସେଭଳି ବିଭାଜନକାରୀ ଏବଂ ବିଚ୍ଛିନ୍ନତାବାଦୀ ତତ୍ତ୍ୱ ତଥା ଆଞ୍ଚଳିକ ଶକ୍ତିଙ୍କ ସହିତ ହାତ ମିଳାଇ ହିନ୍ଦୁତ୍ୱକୁ ନିନ୍ଦା କରିବା, ଦେଶର ଜନତାଙ୍କୁ ଅପରିପକ୍ୱ, ହିନ୍ଦୀ ଭାଷୀଙ୍କୁ ନିର୍ବୁଦ୍ଧିଆ କହି ତାଚ୍ଛଲ୍ୟ କରିବା ଏବଂ ଦେଶର ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ବାରମ୍ବାର ଦେବା ରାହୁଲଙ୍କ ନେତୃତ୍ୱକୁ ସାଧାରଣରେ ଗ୍ରହଣୀୟ କରିପାରିନାହିଁ। ତେଲଙ୍ଗାନାରେ ତାଙ୍କ ନେତୃତ୍ୱ ନୁହେଁ, ବରଂ ଶାସନରେ ଥିବା ଆଞ୍ଚଳିକ ଦଳର ତ୍ରୁଟି ଏବଂ ବିଜେପିର ସାଂଗଠନିକ ଶକ୍ତିର ଅଭାବ କଂଗ୍ରେସକୁ ପରୋକ୍ଷରେ କ୍ଷମତାକୁ ଆଣିଛି ଏକ ସତ୍ତା ବିରୋଧୀ ନକାରାତ୍ମକ ଭୋଟରେ। ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଆଦିବାସୀ ଓ ଅନଗ୍ରସର ବର୍ଗଙ୍କ ସଂଖ୍ୟା ଅଧିକ। ସେଠାରେ କଂଗ୍ରେସ ହାରିବା ଅର୍ଥ ଏହି ବର୍ଗର ଲୋକଙ୍କ ବିଶ୍ୱାସ ଦଳ ଉପରେ ନାହିଁ। କଂଗ୍ରେସ ଏବେ ଆତ୍ମସମୀକ୍ଷା କରିବା ଉଚିତ ଯେ ଜାତିବାଦୀ, ବିଭାଜନବାଦୀ ରାଜନୀତି ନିର୍ବାଚନରେ ସଫଳ ହୁଏ ନାହିଁ। ତେଣୁ ତୃତୀୟ ମେଣ୍ଟ ରଣନୀତିକୁ ବଦଳାଇ କଂଗ୍ରେସ ଏହାର ନେତୃତ୍ୱ ନେଉ।

ଶେଷ କଥା ହେଲା ଅନେକ ଲୋକ ଏହି ନିର୍ବାଚନକୁ ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଏକ ସେମିଫାଇନାଲ୍ ରୂପେ ଦେଖୁଥିଲେ। ଫଳାଫଳ ସ୍ପଷ୍ଟ କରିଦେଲା ଯେ ବିଜେପି ୩-୧ରେ ବିଜୟୀ ହୋଇଛି। ତେଣୁ ଏଥିରେ ଲୋକସଭା ନିର୍ବାଚନରେ ଫଳାଫଳ କ'ଣ ହେବ ତାହା ଯେ କେହି ସହଜରେ ଅନୁମାନ କରିପାରିବ। ଜନବହୁଳ ହିନ୍ଦୀ ଭାଷାଭାଷୀ ଅଞ୍ଚଳ ସର୍ବଦା ଲୋକସଭା ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଦକ୍ଷିଣ ପ୍ରଦେଶଗୁଡ଼ିକର ଏଥିରେ ପ୍ରାୟତଃ ବିଶେଷ ଭୂମକା ନଥାଏ। ତେଣୁ ଏହି ଫଳାଫଳର ପ୍ରଭାବ ୨୦୨୪ ଜନାଦେଶକୁ ପ୍ରଭାବିତ କରିବ ବୋଲି ଅନୁମାନ କରାଯାଉଛି। ଏହାଛଡ଼ା ବିଆରଏସ୍‌ର ପରାଜୟ ସବୁ ଆଞ୍ଚଳିକ ଦଳଙ୍କ ପାଇଁ ଏକ ଶକ୍ତ ଚେତାବନୀ। ନିରନ୍ତର ଭଲ କାମ ନ କଲେ ଜନତା ଜନାର୍ଦ୍ଦନଙ୍କ ବିଶ୍ୱାସ ଜିଣିବା ଯେ ସହଜ ନୁହେଁ ତାହା ସ୍ପଷ୍ଟ ହୋଇଯାଇଛି। ●

### ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ବିକାଶର ନୂତନ ପରିମାପକ



ଗିରିଜାଶଙ୍କର ମିଶ୍ର
ଭୁବନେଶ୍ୱର, ମୋ: ୯୯୫୫୫୪୨୧୫୫

ଗତ ନଭେମ୍ବର ୧୯ ତାରିଖରେ ସାମାଜିକ ଗଣମାଧ୍ୟମର ଗୋଟିଏ ସ୍କ୍ରିନସଟକୁ ନେଇ ହଇଚଇ ପଡ଼ିଗଲା ଯେ ଭାରତର ଜିଡିପି ବା ମୋଟ ଅର୍ଥବ୍ୟବସ୍ଥାର ଆକାର ୪ଲକ୍ଷ କୋଟି ଆମେରିକୀୟ ଡଲାର ଅତିକ୍ରମ କରିଗଲା। ଯଦିଓ ଏହାର ସତ୍ୟତାକୁ ନେଇ ସରକାରୀ ସୂତ୍ର ଏପର୍ଯ୍ୟନ୍ତ ନିରବ, ତଥାପି ଏହି ପ୍ରସଙ୍ଗରେ ଅନେକ ଆଲୋଚନା, ସମାଲୋଚନା ଓ ଉଦ୍ଦୀପନା ଦେଖାଦେଇଛି।

୨୦୦୭ ମସିହାରେ ଆମ ଜିଡିପି ୧ଲକ୍ଷ କୋଟି ଆମେରିକୀୟ ଡଲାର ଥିଲାବେଳେ ୨୦୧୪ରେ ୨ଲକ୍ଷ କୋଟି ଓ ୨୦୧୯ରେ ୩ ଲକ୍ଷ କୋଟି ଆମେରିକୀୟ ଡଲାର ଥିଲା। କହିବା ବାହୁଲ୍ୟ, କିଛିମାସ ପୂର୍ବରୁ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି, ଷ୍ଟାଣ୍ଡାର୍ଡ ଆଣ୍ଡ ପୁର ଓ ମୋର୍ଗାନ ଷ୍ଟାନଲେ ପ୍ରଭୃତି ବୈଶ୍ୱିକ ମୂଲ୍ୟାୟନକାରୀ ସଂସ୍ଥା ଭବିଷ୍ୟବାଣୀ କରିସାରିଛନ୍ତି ଯେ ୨୦୨୭ ମସିହା ବେଳକୁ ଭାରତ ଜିଡିପିରେ ଜର୍ମାନୀ ଓ ଜାପାନକୁ ପଛରେ ପକେଇ ପ୍ରାୟ ୫ ଲକ୍ଷ କୋଟି ଆମେରିକୀୟ ଡଲାର ବିଶିଷ୍ଟ ଅର୍ଥ ବ୍ୟବସ୍ଥା ସହ ଆମେରିକା ଓ ଚୀନ ପଛକୁ ବିଶ୍ୱର ତୃତୀୟ ଅର୍ଥଶକ୍ତିରେ ପରିଣତ ହେବ। ଏହା ନିଶ୍ଚିତ ଭାବରେ ଖୁସିର ଖବର। କିନ୍ତୁ ଉତ୍ସବାନୁଷ୍ଠାନ ପାଳନ କରିବା ଭଳି ଚୂଡ଼ାନ୍ତ ସାଫଲ୍ୟ ନୁହେଁ। କାରଣ ସମୟର ପ୍ରବହମାନଧାରାରେ ବଦଳି ଯାଉଛି ସମୃଦ୍ଧିର ପରିଭାଷା।

ଆପଣମାନଙ୍କର ମନେଥିବ ୧୯୩୪ ମସିହାରେ ବିଶିଷ୍ଟ ଅର୍ଥନୀତିଜ୍ଞ ସାଇମନ କୁଜନେଟ୍‌ସଙ୍କ ମାର୍ଗଦର୍ଶନରେ ଆମେରିକାର ଅର୍ଥବ୍ୟବସ୍ଥାକୁ ପ୍ରଥମ ଥର ପାଇଁ ଜିଡିପି ଆଧାରରେ ପରିମାପ କରାଗଲା। ୧୯୪୪ ମସିହାରେ ବ୍ରେଟେନ ଉଡସ ସମ୍ମିଳନୀରେ ଜିଡିପିକୁ ଗୋଟିଏ ଦେଶର ଆର୍ଥିକ ସମୃଦ୍ଧିର ପ୍ରମୁଖ ପରିମାପକ ରୂପେ ଗ୍ରହଣ କରାଯାଇଥିଲା। ସରଳ ଭାଷାରେ ଜିଡିପି ହେଉଛି ଦେଶରେ ଉତ୍ପାଦିତ ହେଉଥିବା ଦ୍ରବ୍ୟ ଓ ସେବାର ମୋଟ ମୂଲ୍ୟ। ଏହା ଆୟ, ବ୍ୟୟ ଓ ଉତ୍ପାଦନ ପଦ୍ଧତିକୁ ବ୍ୟବହାର କରି ନିର୍ଦ୍ଧାରଣ କରାଯାଇପାରେ।୧୯୭୧ ମସିହାରେ ସାଇମନ କୁଜନେଟସ ଆର୍ଥିକ ବିକାଶ ଉପରେ ଗବେଷଣା କରି ଓ ଜିଡିପିକୁ ମୁଖ୍ୟ ପରିମାପକ ରୂପେ ବ୍ୟବହାର କରି ନୋବେଲ ପୁରସ୍କାର ବିଜୟୀ ହୋଇଥିଲେ। ଶତାବ୍ଦୀର ଯବନିକା ପଡ଼ିଲା ବେଳକୁ ୧୯୯୯ ମସିହାରେ ଆମେରିକାର ବାଣିଜ୍ୟ ବିଭାଗ ଘୋଷଣା କଲେ ଆର୍ଥିକ ବିକାଶର ପରିମାପକ ରୂପେ ଜିଡିପିର ଆବିଷ୍କାର ବିଂଶ ଶତାବ୍ଦୀର ଏକ ଅବିସ୍ମରଣୀୟ ଉପଲବ୍ଧି।

ଏକବିଂଶ ଶତାବ୍ଦୀର ପ୍ରଥମ ଦଶକରେ ସବୁକିଛି କିନ୍ତୁ ବଦଳି ଗଲା। ନୋବେଲ ପୁରସ୍କାର ବିଜୟୀ ବିଶିଷ୍ଟ ଅର୍ଥଶାସ୍ତ୍ରୀ ଜୋସେଫ ଷ୍ଟିଗ୍ଲିଟ୍‌ଜ କହିଲେ ଜିଡିପିକୁ ଏତେ ପବିତ୍ର ସ୍ଥାନ ଦେବା ଅନ୍ଧ ଭକ୍ତି(ଜିଡିପି ଫେଟିଶିଜମ୍) ବ୍ୟତୀତ ଆଉ କିଛି ନୁହେଁ। କାରଣ ଜିଡିପର ଅଭିବୃଦ୍ଧିରେ ଦେଶର ଅର୍ଥବ୍ୟବସ୍ଥାର ପରିମାଣ ବୃଦ୍ଧି ପାଉଥିଲେ ମଧ୍ୟ ସମାଜର ସବୁ ବର୍ଗର ଲୋକଙ୍କର ଜୀବନଧାରଣର ମାନରେ ସମାନ ଉନ୍ନତି ଓ ପରିବର୍ତ୍ତନ ପରିଲକ୍ଷିତ ହୁଏ ନାହିଁ। ଫଳସ୍ୱରୂପ ମୁଣ୍ଡପିଛା ଆୟ ଓ ମେଡିଆନ ଆୟ ମଧ୍ୟରେ ପ୍ରଭେଦ ବୃଦ୍ଧି ପାଇ ଆର୍ଥିକ ବୈଷମ୍ୟ ନିରଙ୍କୁଶ ଭାବେ ବଢ଼ି ବଢ଼ି ଚାଲେ। ଏହି କ୍ରମବର୍ଦ୍ଧମାନ ଅସମାନତା ହିଁ ଆମ ସମାବେଶୀ ବିକାଶର ପରିପନ୍ଥୀ। ଜିଡିପିକୁ ସମୁଦାୟ ଲୋକସଂଖ୍ୟାରେ ଭାଗକଲେ ଆମେ ମୁଣ୍ଡପିଛା ଆୟ ପାଉ। ଏହି ଆଧାରରେ ଭାରତ ବିଶ୍ୱରେ ୧୩୯ ତମ ସ୍ଥାନରେ ରହିଛି। ଜିଡିପି ପରିମାପରେ ଆମେ ବିଶ୍ୱରେ ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥାରେ



ପରିଣତ ହେବାକୁ ଯାଉଥିଲା ବେଳେ ମୁଣ୍ଡପିଛା ଆୟ ସୂଚକରେ ଏହି ନିଷ୍ଠୁର ବାସ୍ତବତା ଚିନ୍ତାଜନକ।

ମୁଣ୍ଡପିଛା ଆୟ ସହିତ ମେଡିଆନ ଆୟ ପରିମାପକଟିର ତୁଳନାତ୍ମକ ବିଚାର କଲେ ଆମେ ଜାଣିପାରିବା ଆମର ସ୍ଥିତି ଆହୁରି ଦୟନୀୟ। ଆମର ମୁଣ୍ଡପିଛା ଆୟ ପ୍ରାୟ ୨୬୦୦ ଆମେରିକୀୟ ଡଲାର ହେଲା ବେଳେ ଆମ ମେଡିଆନ ଆୟ ୪୦୦ ଆମେରିକୀୟ ଡଲାରରୁ ବି କମ। ଏହାର କାରଣ ସର୍ବ ନିମ୍ନ ଆୟବର୍ଗରେ ଥିବା ପାଞ୍ଚ ପ୍ରତିଶତ ଦରିଦ୍ର ଲୋକଙ୍କର ବାର୍ଷିକ ଆୟ ମାତ୍ର ଷାଠିଏରୁ ହଜାର ଟଙ୍କା ବା ତା' ଠାରୁ କମ ଥିବା ବେଳେ ସର୍ବୋଚ୍ଚ ଆୟ ବର୍ଗରେ ଥିବା ଏକ ବା ଦୁଇ ଶତାଂଶ ଅତ୍ୟଧିକ ଧନୀ ବ୍ୟକ୍ତିଙ୍କର ବାର୍ଷିକ ଆୟ ୩୦ ଲକ୍ଷ ଟଙ୍କା ବା ତଦୂର୍ଦ୍ଧ୍ୱ। ଏଣୁ ମୁଣ୍ଡ ପିଛା ଆୟ ନିଃସନ୍ଦେହରେ ବୃଦ୍ଧି ପାଇପାରେ, କିନ୍ତୁ ଏହା ଗୋଦର ଗୋଡ଼ରେ ମାଉଁସ ଲାଗିଲା ପରି। ତେଣୁ ମେଡିଆନ ଆୟ ପରିମାପକଟି ଅଧିକ ପ୍ରାସଙ୍ଗିକ। ମେଡିଆନ ନିର୍ଣ୍ଣୟ କରିବା ପାଇଁ ସମୁଦାୟ ଜନସଂଖ୍ୟାକୁ ଦୁଇଭାଗରେ ବିଭକ୍ତ କରି ନିମ୍ନ ଆୟବର୍ଗରେ ଥିବା ୫୦ ପ୍ରତିଶତ ଗରିବ ଲୋକ ଓ ଉଚ୍ଚ ଆୟ ବର୍ଗରେ ଥିବା ଅବଶିଷ୍ଟ ୫୦ ପ୍ରତିଶତ ଧନୀ ଲୋକଙ୍କର ମଧ୍ୟମ ଆୟକୁ ମେଡିଆନ ଆୟ ଭାବେ ନିଆଯାଇଥାଏ। ଉଦାହରଣ ସ୍ୱରୂପ, ମନେ କରାଯାଉ ଗୋଟିଏ ଦେଶର ଲୋକସଂଖ୍ୟା ୭। ସେମାନଙ୍କର ମାସିକ ଆୟ ଯଥାକ୍ରମେ ୮ ହଜାର, ୧୨ ହଜାର, ୧୮ ହଜାର, ୨୦ ହଜାର, ୩୨ ହଜାର, ୫୦ ହଜାର, ୭୦ ହଜାର ଟଙ୍କା। ତେଣୁ ସମୁଦାୟ ଆୟ ୨ଲକ୍ଷ ୧୦ ହଜାର ଟଙ୍କା ( ୮+୧୨+୧୮+୨୦ +୩୨+୫୦+୭୦ ) ଓ ମୁଣ୍ଡ ପିଛା ଆୟ ୩୦ ହଜାର ( ୨.୧୦ ଲକ୍ଷ / ୭ ) ଟଙ୍କା। କିନ୍ତୁ ମେଡିଆନ ଆୟ ୨୦ ହଜାର ଟଙ୍କା। କାରଣ ଏହା ହେଉଛି ନିମ୍ନ ଆୟ ବର୍ଗରେ ଥିବା ପଚାଶ ପ୍ରତିଶତ ବା ତିନିଜଣ ଓ ଉଚ୍ଚ ଆୟ ବର୍ଗରେ ସ୍ଥିତ ଅବଶିଷ୍ଟ ପଚାଶ ପ୍ରତିଶତ ବା ତିନି ଜଣଙ୍କର ମଧ୍ୟରେ ଅବସ୍ଥିତ। ଏହାହିଁ ମେଡିଆନ ବା ମଧ୍ୟମ ଆୟ।

ସୁତରାଂ ଜିଡିପି ସୂଚକଟିରେ ଲୋକଙ୍କର ଜୀବନଯାପନର ମାନ, ଶିକ୍ଷା ଓ ସ୍ୱାସ୍ଥ୍ୟର ସ୍ତର ଇତ୍ୟାଦି ପ୍ରତିଫଳିତ ହେଉ ନ ଥିବାରୁ ବିଂଶ ଶତାବ୍ଦୀ ଶେଷ ବେଳକୁ ଜାତିସଂଘ ପକ୍ଷରୁ ଜିଡିପିର ପରିପୂରକ ଭାବେ ମାନବ ବିକାଶ ସୂଚକ (ହ୍ୟୁମାନ ଡେଭେଲପମେଣ୍ଟ ଇନଡେକ୍ସ ବା ଏଚଡିଆଇ) ପ୍ରସ୍ତୁତ କରାଗଲା। ଏହାପଛରେ ନୋବେଲ ପୁରସ୍କାର ବିଜେତା ଡ. ଅମର୍ତ୍ତ୍ୟ ସେନଙ୍କ ପରି ଅର୍ଥନୀତିଜ୍ଞଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ଏଥିରେ ତିନୋଟି ପ୍ରମୁଖ ପରିବର୍ତ୍ତନଶୀଳ ପରିମାପକ ରହିଲା। ଯଥା - ୧- ମୁଣ୍ଡପିଛା ଆୟ ଓ ଜୀବନଯାପନର ସ୍ତର, ୨- ଜନ୍ମ ସମୟରେ ସମ୍ଭାବ୍ୟ ଆୟୁର ପ୍ରତ୍ୟାଶା ଅର୍ଥାତ ଉନ୍ନତମାନର ସ୍ୱାସ୍ଥ୍ୟସେବାର ଉପଲବ୍ଧତା, ୩- ସାକ୍ଷରତାର ହାର ଓ ଶିକ୍ଷାର ସ୍ତର। ଏହି ସୂଚକରେ ସର୍ବାଧିକ ସମ୍ଭାବ୍ୟ ମୂଲ୍ୟ ହେଉଛି '୧'। ଫଳରେ ଯେଉଁ ଦେଶର ବିକାଶ ସ୍ତର ଶୂନ ଦଶମିକ ୭୦୦ ବା ତଦୂର୍ଦ୍ଧ୍ୱର୍ ତାହାକୁ ଉନ୍ନତ ମାନର ଦେଶ ବୋଲି ଗଣନା କରାଗଲା। ଏହି ପରିମାପକରେ ଗତବର୍ଷ ଭାରତ ଶୂନ ଦଶମିକ ୬୩୩ ନମ୍ବର ରଖି ୧୯୧ଟି ଦେଶ ମଧ୍ୟରେ ୧୩୨ ତମ ସ୍ଥାନରେ ରହିଥିଲା, ଯାହାକି ଆଦୌ ଗ୍ରହଣୀୟ ନୁହେଁ। ଏହାର ମୁଖ୍ୟ କାରଣ ବିହାର, ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ଆସାମ, ଝାଡ଼ଖଣ୍ଡ, ଛତିଶଗଡ଼ ଇତ୍ୟାଦି କେତେକ ରାଜ୍ୟର କେତେକ ଜିଲ୍ଲାରେ ଉନ୍ନୟନର ହାର ସର୍ବଭାରତୀୟସ୍ତରଠାରୁ ଯଥେଷ୍ଟ କମ।

ଏହି ପରିମାପକଟିକୁ ଅଧିକ ସମାବେଶୀ କରିବା ପାଇଁ ୨୦୧୫ ମସିହା ସେପ୍ଟେମ୍ବର ୨୫ ତାରିଖରେ ଜାତିସଂଘ ନିରନ୍ତର ବିକାଶ ଲକ୍ଷ୍ୟ ( ସଷ୍ଟେନେବଲ ଡେଭେଲପମେଣ୍ଟ ଗୋଲ ବା ଏସଡିଜି) ନାମକ ଏକ ଦୂରଦର୍ଶୀ ଲକ୍ଷ୍ୟ ଧାର୍ଯ୍ୟ କଲେ। ଏଥିରେ ୧୭ଟି ସ୍ୱତନ୍ତ୍ର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିଲା। ସଦସ୍ୟ ଦେଶମାନେ ୧୫ ବର୍ଷରେ ଅର୍ଥାତ ୨୦୩୦ ମସିହା ସୁଦ୍ଧା ଏହି ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ଅଙ୍ଗୀକାରବଦ୍ଧ ହେଲେ। ମୁଖ୍ୟତଃ ଏଥିରେ ଦାରିଦ୍ର୍ୟ ଓ କ୍ଷୁଧାର ଉନ୍ମୂଳନ କରି ଉତ୍ତମ ସ୍ୱାସ୍ଥ୍ୟ ସେବା, ଗୁଣାତ୍ମକ ଶିକ୍ଷା ଓ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ସହ ଧନୀ ଦରିଦ୍ର ମଧ୍ୟରେ ବୈଷମ୍ୟ ଓ ଲିଙ୍ଗଗତ ଅସମାନତାକୁ କ୍ରମଶଃ ହ୍ରାସ କରି ସମସ୍ତଙ୍କ ପାଇଁ ସମାନ, ନ୍ୟାୟସଂଗତ, ପ୍ରଦୂଷଣ ମୁକ୍ତ ସ୍ୱଚ୍ଛ, ସମୃଦ୍ଧ ଓ ଶାନ୍ତିପୂର୍ଣ୍ଣ ପୃଥିବୀ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦିଆଗଲା।

ଏହି ଲକ୍ଷ୍ୟ ହାସଲ ପାଇଁ ଗତ ଦୁଇବର୍ଷର ଅଗ୍ରଗତିକୁ ତର୍ଜମା କଲେ ଆମେ ଦେଖୁ ୨୦୨୨ ମସିହାରେ ଭାରତ ୬୦.୩୦ ଅଙ୍କ ସହ ୧୨୧ ତମ ସ୍ଥାନରେ ଥିବା ବେଳେ ୨୦୨୩ ମସିହାରେ ସ୍ଥିତିରେ ସାମାନ୍ୟ ଉନ୍ନତି ଘଟି ୬୩.୪୫ ଅଙ୍କ ସହ ୧୯୧ଟି ଦେଶମାନଙ୍କ ମଧ୍ୟରେ ୧୧୨ ତମ ସ୍ଥାନକୁ ଉନ୍ନୀତ ହୋଇଛି। ତଥାପି ଶ୍ରେଷ୍ଠ ୫୦ଟି ଦେଶ ମଧ୍ୟରେ ରହିବାକୁ ହେଲେ ଆମକୁ ଅନେକ ପଥ ଅତିକ୍ରମ କରିବାକୁ ପଡ଼ିବ। ଏହି ବିକାଶ ସୂଚୀରେ ଚୀନ ୭୨ ଅଙ୍କ ସହ ୬୩ତମ ସ୍ଥାନରେ ଓ ୭୬ ଅଙ୍କ ସହ ଆମେରିକା ୩୯ତମ ସ୍ଥାନରେ ଅବସ୍ଥିତ।

ଉପସଂହାରରେ ଆମେ ଏହି ନିଷ୍କର୍ଷରେ ଉପନୀତ ହୋଇପାରିବା ଯେ ଜିଡିପି ଅପେକ୍ଷା ମୁଣ୍ଡପିଛା ଆୟ ଓ ସର୍ବାପେକ୍ଷା ମେଡିଆନ ଆୟ ଅଧିକ ନିର୍ଭରଯୋଗ୍ୟ ପରିମାପକ। ଆମକୁ ମନେରଖିବାକୁ ହେବ ନିମ୍ନ ଆୟବର୍ଗରେ ଥିବା ଉପଭୋକ୍ତା ମାନେ ହିଁ ଆମ ବିକାଶର ସୂତ୍ରଧର। ସେମାନଙ୍କର ଆୟ ବେଶୀ ହେଲେ ଖର୍ଚ୍ଚ ଓ କିଣାବିକା ବେଶୀ ହେବ। ଫଳରେ ଉତ୍ପାଦନ ଓ କର୍ମସଂସ୍ଥାନ ବୃଦ୍ଧି ପାଇବ। ତେଣୁ ଜାତିସଂଘ ଦ୍ୱାରା ପ୍ରଣୀତ ମାନବ ବିକାଶ ସୂଚକ (ଏଚଡିଆଇ) ଓ ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ମାପକ ଦ୍ୱାରା ନିର୍ଦ୍ଧାରିତ ମାନକଗୁଡ଼ିକର ଲକ୍ଷ୍ୟ ପୂରଣ ପାଇଁ ନିରନ୍ତର ଯୋଜନାବଦ୍ଧ ପ୍ରୟାସ କରାଗଲେ ଏବଂ ପଛୁଆ ଥିବା ଜିଲ୍ଲା ଓ ମଣ୍ଡଳଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦିଆଗଲେ ମୁଣ୍ଡପିଛା ଆୟ ଓ ମେଡିଆନ ଆୟ ମଧ୍ୟରେ ଥିବା ବୈଷମ୍ୟ କ୍ରମଶଃ ଦୂର ହୋଇ ଏକ ସମୃଦ୍ଧ ସଶକ୍ତ ଓ ସମାବେଶୀ ଭାରତବର୍ଷର ନିର୍ମାଣ ହୋଇପାରିବ। ●

# ଆପଣା ମହତ ଆପେ ରଖି!



ଡକ୍ଟର ଆରତି କର
ଭୁବନେଶ୍ୱର, ମୋ: ୮୮୪୭୮୯୨୬୭୨

ନୂଆ ବର୍ଷରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ପୋଷାକ ସଂହିତା ଲାଗୁ ହେବ ସମ୍ବାଦ ଶୁଣି ମନରେ କେମିତି ଟିକେ ଖଟ୍‌କା ଲାଗିଲା। ଏହାକୁ ନେଇ ଗଣମାଧ୍ୟମରେ ଅନେକ ଚର୍ଚ୍ଚା। ଏକ ସୂକ୍ଷ୍ମ ଦୃଷ୍ଟି ନେଇ ଆମେ ସମସ୍ତେ ଅନ୍ତତଃ ଚିନ୍ତା କରିବା ଉଚିତ୍ ଯେ ମଣିଷ ଏକ ସାମାଜିକ ପ୍ରାଣୀ। ସମାଜରେ ଚଳିବାକୁ ହେଲେ ତାକୁ ନିର୍ଦ୍ଦିଷ୍ଟ କେତେକ ନୀତି ନିୟମ ପ୍ରତି ଦୃଷ୍ଟି ଦେଇ ଶୃଙ୍ଖଳାର ସହ ଜୀବନ ଯାପନ କରିବା ଉଚିତ୍। ମାତ୍ର ଆମ ମାନଙ୍କର ଏପରି ଅଧୋପତନ ହୋଇଛି, ଏପରି ନୈତିକତାର ଅବକ୍ଷୟ ହୋଇଛି, ଯାହା ପାଇଁ ଆଇନ୍ ନିର୍ଦ୍ଧାରଣ କରିବାକୁ ପଡୁଛି। ଏହା କ'ଣ ଆମ ସମସ୍ତଙ୍କ ନିମନ୍ତେ ଅତ୍ୟନ୍ତ ଲଜ୍ଜାର ବିଷୟ ନୁହେଁ?

ଆମ ସମାଜ ସଂସ୍କୃତି, ପ୍ରଥା ପରମ୍ପରା, ଆଚାର ବିଚାର, ଚାଲି ଚଳଣିରେ ଏକ ଆପ୍ତ ବାକ୍ୟ ହେଉଛି ନାରୀ ଯଦି ବିଶୃଙ୍ଖଳିତ ହୁଏ, ନିଜର ମର୍ଯ୍ୟାଦା ଲଂଘନ କରେ ସମାଜ ଉପରେ ବିପଦ ଘନେଇ ଆସେ। ସେସବୁକୁ ଦୃଷ୍ଟିରେ ରଖି ବୋଧହୁଏ ପୋଷାକ ସଂହିତା ଭାବନା ଜନ୍ମ ନେଇଛି। ସମାଜରେ ନାରୀର ବିବିଧ ନିରାପତ୍ତା ସମ୍ପର୍କରେ ମନୁ ସଂହିତାରେ ଉଲ୍ଲେଖ ଅଛି ଯେ -

**'ପିତା ରକ୍ଷତି କୌମାରେ ଭର୍ତ୍ତା ରକ୍ଷତି ଯୌବନେ, ରକ୍ଷନ୍ତି ସ୍ଥବିରୋ ପୁତ୍ରା ନସ୍ତ୍ରୀ ସ୍ୱତନ୍ତ୍ର୍ୟ ମର୍ହତି।'**

ମାତ୍ର ଆଜି ଆଧୁନିକତା ନାମରେ ନାରୀ ଏପରି ସ୍ୱେଚ୍ଛାଚାରୀ ପାଲଟି ଯାଇଛି, ଯେଉଁଥିପାଇଁ ତା'ର ବସ୍ତ୍ର ବା ପୋଷାକ ପରିଧାନ ପାଇଁ ଆଇନ୍ ପ୍ରଣୟନ କରିବାକୁ ପଡୁଛି। ପୁରୁଷଟିଏ ଖଣ୍ଡିଏ ଗାମୁଛାରେ ତା'ର ଦିନଚର୍ଯ୍ୟା ସମାପନ କରି ଦେଇପାରେ। ମାତ୍ର ଜଣେ ନାରୀ ପକ୍ଷରେ ତାହା ସଂପୂର୍ଣ୍ଣ ଅସମ୍ଭବ। ଦୁଃଖର ବିଷୟ, ଆଜି ପୁରୁଷମାନେ ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଶରୀରକୁ ଆବୃତ୍ତ କରି ରଖୁଥିବା ବେଶ ପୋଷାକରେ ରହୁଥିବା ବେଳେ ନାରୀମାନଙ୍କୁ ଦେଖିବାକୁ ମିଳୁଛି ଖୁବ୍ ସୀମିତ ବେଶ ପୋଷାକରେ। ଏକଦା ଟେଲିଭିଜନର ବିଭିନ୍ନ କାର୍ଯ୍ୟକ୍ରମ, ସୌଖିନ ରଙ୍ଗମଞ୍ଚ, ସିନେମା ପ୍ରଭୃତିରେ ସଂକ୍ଷିପ୍ତ ପୋଷାକରେ ମହିଳାମାନଙ୍କୁ ଦେଖିବାକୁ ମିଳୁଥିବା ବେଳେ ଏବେ ଏହି ଦୃଶ୍ୟ ରାସ୍ତା, ଘାଟ, ଅଫିସ୍, ସ୍କୁଲ, କଲେଜ ସବୁଠି ବହୁଳ ଭାବରେ ଦେଖିବାକୁ ମିଳୁଛି। ଏପରିକି ବିଭିନ୍ନ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନ ମାନଙ୍କରେ ଫ୍ୟାସନ୍ ସୋ କାର୍ଯ୍ୟକ୍ରମ ମାଧ୍ୟମରେ ଏସବୁକୁ ପ୍ରୋତ୍ସାହନ ଦିଆଯାଉଛି। ତେଣୁ ଏଥିପାଇଁ ଖାଲି ପିଲାମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇନପାରେ। ପରିବାରର ବୟୋଜ୍ୟେଷ୍ଠ ଓ ଅଭିଭାବକମାନଙ୍କର ମଧ୍ୟ ଯଥେଷ୍ଟ ଭୂମିକା ରହିଛି। କଥାରେ ପରା ଅଛି -

**'ମହତେ ଯାହା ଆଚରିବେ, ଇତରେ ତାହାହିଁ କରିବେ।'**

ଏଇଠି ମନେପଡ଼େ ନାରୀ ସମାଜକୁ ପ୍ରତିନିଧିତ୍ୱ କରିଥିବା ମା' ସୁଭଦ୍ରାଙ୍କ କଥା। ସେ ହେଉଛନ୍ତି 'ନିର୍ଲିପ୍ତା ଗୁପ୍ତ ଦେହା, ତ୍ରିଜଗତଜନନୀ'। ତିନି ଜଗତ ଅର୍ଥାତ୍ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳକୁ ପ୍ରତିନିଧିତ୍ୱ କରୁଥିବା ମା' ଯଦି ଗୁପ୍ତ ଦେହା, ତେବେ ଦେହର ଅଧିକାଂଶ ଅଂଶକୁ ଦେଖାଇବାର ପ୍ରବୃତ୍ତି ନାରୀଠାରେ ଆସିଲା କେଉଁଠୁ? ପ୍ରତିଟି ଘରେ ନିର୍ଦ୍ଦିଷ୍ଟ ଅନୁଶାସନ ରହିବାର ଆବଶ୍ୟକତା ରହିଛି। ଘର ବିଶୃଙ୍ଖଳିତ ହେଉଥିବାରୁ ରାସ୍ତା, ଘାଟ, ବଜାର, ହାଟ ସବୁଠି ଅତି ଅଶାଳୀନ ବେଶ ପୋଷାକରେ ପିଲାମାନଙ୍କୁ ଦେଖିବାକୁ ମିଳୁଛି। ବିଶେଷକରି ଛୋଟ, କଟା ଓ ଫଟା ବସ୍ତ୍ର ହୋଇଛି ଆଜିର ଫ୍ୟାସନ୍। ଯେଉଁ ପୋଷାକରେ କେହି ଥିଲେ ଅନ୍ୟ ଜଣେ ଚାହିଁବାକୁ ମଧ୍ୟ ଲଜ୍ଜା ବୋଧ କରେ, ଏ ହେଉଛି ଆଜିର ରୁଚି। ଯେଉଁ ଆର୍ଯ୍ୟ ସଂସ୍କୃତିର ମହାନତା ଦିନେ ସମଗ୍ର ବିଶ୍ୱକୁ ବାର୍ତ୍ତା ପ୍ରଦାନ କରୁଥିଲା, ସମଗ୍ର ବିଶ୍ୱର ପଥ ପ୍ରଦର୍ଶକ ଥିଲା, ସେଇ ମାଟିରେ ଆଜି ଏ ପ୍ରକାର ସଂସ୍କୃତିର ଅବକ୍ଷୟ ବାସ୍ତବିକ୍ ଘୋର ପରିତାପର ବିଷୟ।

ଶ୍ରୀମନ୍ଦିରର ପ୍ରଶାସନ ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଯାଉଥିବା ପୋଷାକ ସଂହିତା ବ୍ୟବସ୍ଥା ଆମ ସମସ୍ତଙ୍କର ଆଖି ଖୋଲି ଦେଇଛି। ଆସିଛି ଆତ୍ମସମୀକ୍ଷାର ସମୟ। ପ୍ରତିଟି ନରନାରୀ ପ୍ରଥମେ ନିଜକୁ ପ୍ରଶ୍ନ କରିବା ଉଚିତ୍, ଆମେ ଉପଯୁକ୍ତ ବେଶ ପୋଷାକରେ ଅଛୁ ତ? ମାଆକୁ ଯଦି ପିଲାମାନେ ସଦାସର୍ବଦା ଅତ୍ୟାଧୁନିକ ଓ ଉଗ୍ର ଆଧୁନିକ ପୋଷାକରେ ଦେଖିବାକୁ ଚାହିଁବେ, କି ଶିକ୍ଷା ପାଇବେ ସେମାନେ? ମାଆ' କହିଲା ମାତ୍ରେ ଆମ ଆଖି ଆଗରେ ଉଦ୍‌ଭାସିତ ହୋଇଯାଏ ଏକ ଶାନ୍ତ, ସରଳ, ଶାଢ଼ି ଓ ଓଢ଼ଣାରେ ବିମଣ୍ଡିତ। ସଦା ହସ ହସ ନାରୀ ମୂର୍ତ୍ତି। ମାତ୍ର ଆଜିର ପିଲାମାନେ ବାସ୍ତବ ତ ଛାଡ଼ କଳ୍ପନା ନେତ୍ରରେ ସେ ରୂପକୁ ଦର୍ଶନ କରିପାରିବେ ତ?

ଏବେ ଆସିବା ପୁରୁଷ ସମାଜକୁ। ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ଏବେ ହାଫ୍ ପ୍ୟାଣ୍ଟ ସତେ ଯେପରି ସେମାନଙ୍କର ହୋଇଯାଇଛି ପୋଷାକ ସଂହିତା। ଅନେକ ଯୁକ୍ତି ବାଢ଼ନ୍ତି ଏ ବରମୁଡା ବେଶ୍ ଆରାମଦାୟକ। ମାତ୍ର ଥରେ ବାପା, ଜେଜେଙ୍କ କଥା ଭାବ, ସେମାନେ ତ ଏଇ ଲୁଗାରେ ବେଶ୍ ଆରାମ କରି ପାରୁଥିଲେ, ତୁମେ ପାରୁନ କାହିଁକି?

ଆଜିର ଗମନାଗମନର ବିଶେଷ ସୁବିଧା ଯୁଗରେ ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିରକୁ ନିଶ୍ଚିତ ଭାବରେ ସମସ୍ତେ ଯାଇଥିବେ। ସେଠି ଆବାଳ ବୃଦ୍ଧ ବନିତା ପ୍ରତ୍ୟେକ କିପରି ଆପାଦମସ୍ତକ ଘୋଡ଼ି ହୋଇଥା'ନ୍ତି, ନିଶ୍ଚୟ ସମସ୍ତେ ଦେଖିଥିବେ। ବିଶେଷକରି ନାରୀମାନଙ୍କର ମୁଣ୍ଡରେ ଓଢ଼ଣା ଓ ପୁରୁଷମାନଙ୍କର ଯେମିତି ହେଉ ମୁଣ୍ଡକୁ ଢାଙ୍କିବାରେ କଡ଼ାକଡ଼ି ବ୍ୟବସ୍ଥା। କେହି ଏହାକୁ ଉଲ୍ଲଂଘନ କରିପାରିବେ ନାହିଁ। ଯଦି ବି କେବେ କାହାର ଓଢ଼ଣି ଖସି ଯାଏ, ଅନ୍ୟମାନେ ନିର୍ଦ୍ଦେଶ ଦିଅନ୍ତି - ଓଢ଼ଣି ଉଠାଅ। ସତରେ କେତେ ଶୃଙ୍ଖଳିତ ସେ ପରିବେଶ।

ଆମ କାଳିଆ ଠାକୁରେ ବହୁତ ଦେଖି ଦେଖି ବୋଧହୁଏ ଯେତେବେଳେ ଅତି ଅସହ୍ୟ ଅବସ୍ଥା ହେଲା ଏହି ପୋଷାକ ବ୍ୟବସ୍ଥାକୁ ଆଇନ୍‌ର ରୂପ ଦେଲେ। ଏହା ଆମ ସମସ୍ତଙ୍କ ପାଇଁ ଚେତାବନୀ। ଠାକୁରେ ଯେମିତି ଆଇନ୍ ପ୍ରଣୟନ କରି ତାଙ୍କ ଘରକୁ ସଜାଡ଼ିଲେ, ପ୍ରତ୍ୟେକ ନିଜ ନିଜ ଘରକୁ ମଧ୍ୟ ସଜାଡ଼ିବା ଉଚିତ୍। ପ୍ରତିଟି ଘର କିପରି ଏକ ଏକ ମନ୍ଦିରର ରୂପ ନେଇ ସ୍ନେହ, ଶ୍ରଦ୍ଧା ଓ ନିଚ୍ଛକ୍ ଭଲ ପାଇବା ଅତୁଟ ରହିବ, ସେଥିପ୍ରତି ଦୃଷ୍ଟି ଦେବା। ଆଧୁନିକତା ଓ ବିଳାସ ବ୍ୟସନ ନାମରେ ବିକୃତ ରୁଚିସଂପନ୍ନ ନ ହୋଇ ଆମର ରୁଚିରେ ଆଣିବା ହିଁ ପରିବର୍ତ୍ତନ। ପୁରୁଷ ସମାଜ ଲୁଗା ନପିନ୍ଧି ପ୍ୟାଣ୍ଟ ପିନ୍ଧୁ ମନା ନାହିଁ, ମାତ୍ର ତାହା ଫୁଲ୍ ପ୍ୟାଣ୍ଟ ହେଉ। ଘରେ ମଧ୍ୟ ବେଶ ପୋଷାକରେ ଶାଳୀନତା ପିଲାମାନଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇଥାଏ। ଏଇଠି ମନେପଡ଼େ ଜେଜେ କହନ୍ତି ତାଙ୍କର କେହି ଜଣେ ସାଙ୍ଗ ଲୁଙ୍ଗିଟିଏ ପରିଧାନ କରି ଦେଇଥିଲେ ବୋଲି ଜେଜେଙ୍କ ବାପା ତାଙ୍କୁ ପ୍ରଶ୍ନ କରିଥିଲେ - 'ଏ କ'ଣ ବିଂଶ ଶତାବ୍ଦୀର ନିଦର୍ଶନ?' ଏଇ ଗୋଟିଏ ଉକ୍ତି ହିଁ ଆମକୁ ସୂଚାଇଦିଏ ସତରେ ଆମର ଗୁରୁ, ଗୁରୁଜନ, ପିତୃ, ପିତାମହ କ'ଣ ଚାହାନ୍ତି! ସେମାନଙ୍କୁ ଖୁସି କରିବା କ'ଣ ଆମର କର୍ତ୍ତବ୍ୟ ନୁହେଁ? ସେମାନଙ୍କ ଖୁସିରେ ପରା ଆମ ଜୀବନ ହେବ ମଧୁମୟ, ଆନନ୍ଦମୟ।

ବିଦେଶିନୀମାନେ ଅତ୍ୟାଧୁନିକ ବେଶ ପୋଷାକ ଛାଡ଼ି ଶାଢ଼ିରେ ସଜେଇ ହେଉଥିବା ବେଳେ ଆମେ ଶାଢ଼ିକୁ ଛାଡ଼ିବା କାହିଁକି? ସେ ପରା ଆମ ସଂସ୍କୃତି, ଆମ ପରମ୍ପରାର ନିଦର୍ଶନ। ତା'ରି ଭିତରେ ରହିଛି ସମଗ୍ର ନାରୀ ସମାଜର ଅଜସ୍ର ମର୍ଯ୍ୟାଦାବୋଧ। ଆଜି ପୁରୁଷ ସମାଜରେ ଲୁଗା ପିନ୍ଧା ବ୍ୟକ୍ତିବିଶେଷ କାଁ ଭାଁ ଦେଖିବାକୁ ମିଳୁଛନ୍ତି। ବୋଧହୁଏ ଆମର ପରବର୍ତ୍ତୀ ପିଢ଼ିକୁ ବୁଝାଇବାକୁ ପଡ଼ିବ, ଏଇ ଲୁଗା, ଧୋତି ବା ଯୋଡ଼ ଥିଲା ପୁରୁଷ ସମାଜର ବସ୍ତ୍ର। ଠିକ୍ ସେହି ଧାରାରେ ନାରୀ ସମାଜରେ ଅତ୍ୟାଧୁନିକ ଡ୍ରେସ୍ ରୁଚି ଯେଉଁଭଳି ଭାବରେ ତୀବ୍ର ଗତିରେ ଆଗେଇ ଚାଲିଛି, ଶାଢ଼ିର ଚିହ୍ନବର୍ଣ୍ଣ ଲୋପ ପାଇବାକୁ ବେଶୀ ସମୟ ଲାଗିବ ନାହିଁ। ତେଣୁ ଆମର ମହାନ୍ ସଂସ୍କୃତି ଅବକ୍ଷୟ ମଧ୍ୟକୁ ଠେଲି ହୋଇ ନ ଯାଇ ପୁଣି କେମିତି ତା'ର ପୁନରୁଦ୍ଧାର ହେବ ସେ ଦାୟିତ୍ୱ ଆମ ସମସ୍ତଙ୍କର।

ବ୍ୟକ୍ତିର ବେଶ ପୋଷାକ ତଥା ଆଚରଣ ହିଁ ତା'ର ପରିଚୟ। ଆମେ ଯେ ସଂସ୍କୃତିପ୍ରେମୀ, ସଂସ୍କୃତିର ବାହକ - ଏହା ଆମର କଥାବାର୍ତ୍ତା, ଚାଲିଚଳଣ, ଆଚାର ବ୍ୟବହାର, ବେଶପୋଷାକ ସବୁଥିରେ ଫୁଟି ଉଠିବା ଦରକାର। ତେବେ ଯାଇ ଆମେ ସଂସ୍କୃତିସମ୍ପନ୍ନ ଜାତି ଭାବେ ସଗର୍ବେ ମୁଣ୍ଡ ଟେକି ଚାଲିପାରିବା। ନଚେତ୍ ସଭ୍ୟତା ଆଗଉଛି ବୋଲି ସଂସ୍କୃତିକୁ ଭୁଲିଗଲେ ଆମେ ଯେ କେବଳ ଧର୍ମଦ୍ରୋହୀ ହେବା ତା' ନୁହେଁ, ଦେଶ ଓ ଜାତିର ଅଧୋପତନକୁ ମଧ୍ୟ ଡାକି ଆଣିବା। ●

# ବାତ୍ୟା ପାଇଁ ୬ ଟ୍ରେନ ବାତିଲ

## ହେଲ୍ପ ଲାଇନ ନମ୍ବର ଜାରି କଲା ରେଳବାଇ

**ଭୁବନେଶ୍ୱର, ୩।୧୨(ସମିସ):** ସମ୍ଭାବ୍ୟ ବାତ୍ୟା ସମୟରେ ଯାତ୍ରୀଙ୍କ ସୁରକ୍ଷା ଓ ସୂଚନା ପ୍ରଦାନ ନିମନ୍ତେ ୬ ଟ୍ରେନ୍ ବାତିଲ କରିଛି ରେଳବାଇ। ଓଡ଼ିଶା-ଆନ୍ଧ୍ର ଦେଇ ଯାତାୟତ କରୁଥିବା ଏହି ଟ୍ରେନଗୁଡ଼ିକ ବାତିଲ କରାଯାଇଥିବା ସୂଚନା ମିଳିଛି। ସେହିପରି ଯାତ୍ରୀମାନଙ୍କ ପାଇଁ ରେଳବାଇ ପକ୍ଷରୁ ହେଲ୍ପ ଲାଇନ ନମ୍ବର ୦୬୭୪-୨୩୦୧୫୨୫ ଓ ୨୩୦୧୬୨୬ ଏବଂ ୨୩୦୩୦୬୦ ଜାରି କରାଯାଇଛି। ୨୪ ଘଣ୍ଟିଆ ହେଲ୍ପଲାଇନ ନମ୍ବରରେ କଲ୍ କରି ଯାତ୍ରୀ ତଥା ସେମାନଙ୍କ ସମ୍ପର୍କୀୟମାନେ ଟ୍ରେନ୍‌ଯାତ୍ରା ସମ୍ପର୍କିତ ସୂଚନା ପାଇପାରିବେ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ଏହା ବ୍ୟତୀତ ବାତ୍ୟା ସମୟ ଓ ଏହାର ପରବର୍ତ୍ତୀ ସମୟ ପୁନରୁଦ୍ଧାର ପାଇଁ ବିଶାଖାପାଟନମ୍, ଖୋର୍ଦ୍ଧାରୋଡ୍ ଓ ସମ୍ବଲପୁରରେ ୨୪ ଘଣ୍ଟିଆ ବିପର୍ଯ୍ୟୟ ପରିଚାଳନା ସେଲ୍‌ଫ ଖୋଲାଯାଇଛି। ପୂର୍ବତଟ ରେଳବାଇ ଜେନେରାଲ ମ୍ୟାନେଜର ମନୋଜ ଶର୍ମା ରେଳବାଇ ଅଧିକାରୀମାନଙ୍କୁ ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବ୍ୟାଙ୍କମିତ୍ର ୟୁନିୟନର ରାଜ୍ୟ ସ୍ତରୀୟ ବୈଠକ



**ଭୁବନେଶ୍ୱର, ୩।୧୨(ସମିସ):** ବିଜୁ ଶ୍ରମିକ ସାମୁଖ୍ୟ ସଙ୍ଘ ସହ ଅନୁବନ୍ଧିତ ଅଲ ଓଡ଼ିଶା ଜିପିଏଲଏଫ / ମିଶନ ଶକ୍ତି କର୍ମୀ ସାମୁଖ୍ୟର ବ୍ୟାଙ୍କମିତ୍ର ୟୁନିୟନର ରାଜ୍ୟ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଅଧ୍ୟକ୍ଷ ତଥା କଟକ ମେୟର ସୁବାଷ ସିଂଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଏମସି ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପଦେଷ୍ଟା ରାଜୀବ ମହାନ୍ତି, ସଂଘ ସଭାପତି ନବ କିଶୋର ଦାସ, ଅଲ ଓଡ଼ିଶା ଜିପିଏଲଏଫ /ମିଶନ ଶକ୍ତି କର୍ମୀ ସାମୁଖ୍ୟର ସଭାନେତ୍ରୀ ନିରୁପମା ନାୟକ ଏବଂ ସମ୍ପାଦିକା ସନ୍ତୋଷୀ ଦାସ ଆଦି ଯୋଗଦେଇ ଥିଲେ। ଏହି ବୈଠକରେ ବ୍ୟାଙ୍କମିତ୍ରମାନଙ୍କ ତରଫରୁ ଏକ ୭ ଦଫା ଦାବିପତ୍ର ପ୍ରସ୍ତୁତ କରାଯାଇ ପ୍ରଦାନ କରାଯାଇଥିଲା। ଯେଉଁଥିରେ ପାରିଶ୍ରମିକ ବୃଦ୍ଧି, ସହ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ମୁଖ୍ୟ ଅତିଥି ସଂଗଠନକୁ କିପରି ତୃଣମୂଳ ସ୍ତରରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ଦୃଢ଼ୀକାରଣ କରାଯିବ ଏବଂ ବ୍ୟାଙ୍କ ମିତ୍ରମାନଙ୍କର କାର୍ଯ୍ୟ ଓ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ମତ ଦେଇଥିଲେ।

# ‘୫-ଟି’ ଅଧ୍ୟକ୍ଷଙ୍କୁ ଭେଟିଲେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

**ଭୁବନେଶ୍ୱର,୩।୧୨(ସମିସ):** ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନେ ‘୫-ଟି’ ଓ ‘ନବୀନ ଓଡ଼ିଶା’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟିଛନ୍ତି। ନବୀନ ନିବାସରେ ସାମ୍ମୁଖ୍ୟର କର୍ମକର୍ତ୍ତାମାନେ ନୂତନ ଦାୟିତ୍ୱ ନିମନ୍ତେ ଶ୍ରୀ ପାଣ୍ଡିଆନଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ଆଇନଜୀବୀମାନଙ୍କର କିଛି ଦାବି ସମ୍ପର୍କରେ ଅବଗତ କରିଛନ୍ତି। ଆଇନଜୀବୀମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଯ୍ୟକାରୀ କରିବା ସହ ରାଜ୍ୟ ଆଇନଜୀବୀ ଏକାଡେମୀ ସ୍ଥାପନ କରିବାକୁ ଆଇନଜୀବୀମାନେ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସଂଯୋଜକ ଦେବାଶିଷ ସାମନ୍ତରାୟ, ସଭାପତି ମିଲନ କାନୁନଗୋ, ସମ୍ପାଦକ ଶୁଭ୍ରାଂଶୁ ମହାନ୍ତି, ରାଜ୍ୟ ସଂଯୋଜକ ମନୋଜ ବର୍ମା, ଆର୍ତ୍ତତ୍ରାଣ ମିଶ୍ର, ଗଗନ ଚନ୍ଦ୍ର ମେହେର, ଶଶିଭୂଷଣ ଦାସ, ସୀତାଂଶୁମୋହନ ଦ୍ୱିବେଦୀ, ଜୟଦୀପ ପାଲ, ରାଜୀବ ମହାନ୍ତି, ଜନ୍ମେଜୟ କଟକିଆ, ଅରୁପାନନ୍ଦ ଦାସ, ଦୀପକ ପରିଡ଼ା, ରାଜ୍ ଦାସ, ସୁରେଶ ବାରିକ, ସନ୍ତୋଷ ନାୟକ, ଅଶୋକ ସ୍ୱାଇଁ, ସଞ୍ଜୟ ଦାସ, ସ୍ମୃତିରଞ୍ଜନ ଦାସ, ଅମିତାଭ ପଟନାୟକ, ଗଣମାଧ୍ୟମ ସଂଯୋଜକ ଅମିତାଭ ମିଶ୍ର ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଶଙ୍ଖ ଭବନଠାରେ ରାଜ୍ୟସଭା ସଦସ୍ୟ ସୁଜିତ୍‌କୁମାର ଓ ସଙ୍ଗଠନର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା।

# ସୋରଡ଼ାର ପୂର୍ବତନ ଯୁବ କଂଗ୍ରେସ ସଭାପତିଙ୍କ ଗଳିତ ମୃତଦେହ ଉଦ୍ଧାର

**ବ୍ରହ୍ମପୁର/ବେଲଗୁଣ୍ଠା, ୩।୧୨(ସମିସ):** ଗୋପାଳପୁର ଥାନା ତଥା ୧ନମ୍ବର ୱାର୍ଡ ଅନ୍ତର୍ଗତ ରେଉସାହିର ଏକ ବନ୍ଦ ଘରୁ ରବିବାର ପୁଲିସ ଏକ ଗଳିତ ଶବ ଉଦ୍ଧାର କରିଛି। ମୃତକ ଜଣଙ୍କ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ଖଇରପୁଟି ଗ୍ରାମର ଭରତଠାଲ୍ଲୀ ସାହିର ଜଗନ୍ନାଥ ନାୟକ(୩୪)। ଜଗନ୍ନାଥ ସୋରଡ଼ାର ପୂର୍ବତନ ଯୁବ କଂଗ୍ରେସ ସଭାପତି ଓ ସାମ୍ବାଦିକ ଭାବେ ପରିଚିତ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛି। ଅନ୍ୟପକ୍ଷରେ ମୃତ ଜଗନ୍ନାଥଙ୍କ ପରିବାର ଲୋକେ ତାଙ୍କୁ କେହି ହତ୍ୟାକରିଥିବା ଅଭିଯୋଗ ଆଣିଛନ୍ତି। ଅଭିଯୋଗକୁ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସନ୍ଧ୍ୟାରେ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିଛନ୍ତି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ପୁଲିସ ସନ୍ଦେହ କରୁଛି।

ସୂଚନାଯୋଗ୍ୟ ଯେ, ଜଗନ୍ନାଥ ଗତ କିଛି ମାସ ପୂର୍ବେ ଗୋପାଳପୁର ବେଳାଭୂମି ନିକଟରେ ଫାଷ୍ଟଫୁଡ୍ ଦୋକାନ ଦେଇଥିଲେ। ଏଥି ସହିତ ସେ ଏକ ଖବରକାଗଜର ବେଲଗୁଣ୍ଠା ବ୍ଲକ ପ୍ରତିନିଧି ରହିବା ସହିତ ସୋରଡ଼ା ନିର୍ବାଚନ ମଣ୍ଡଳୀର ପୂର୍ବତନ ଯୁବ କଂଗ୍ରେସ ସଭାପତି ଏବଂ ଜଣେ ମଞ୍ଚ କଳାକାର ଭାବେ ପରିଚିତ ଥିଲେ। ସେ କିଛି ବର୍ଷ ପୁର୍ବେ ଗାଙ୍ଗପୁର ଠାରେ ଏକ ଫାଷ୍ଟଫୁଡ୍



- ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ
- ସୁନାମୁଦି ଓ ଚେନ୍ ଲୁଟ୍ ହୋଇଥିବା ଅଭିଯୋଗ
- ଘଟଣାସ୍ଥଳରେ ବ୍ରହ୍ମପୁର ଏସ୍‌ପିଙ୍କ ଛାନ୍‌ଭିନ୍
- ପଥର, ଲୁହାଛଡ଼ ଓ ବାଇକ୍ ଜବତ

ଦୋକାନ କରିଥିଲେ ସେଠାରେ ବ୍ୟବସାୟ ମାନ୍ଦା ହେବାରୁ ପରେ ହିଞ୍ଜିଳିକାଟୁ ଏବଂ ଶେଷରେ ପ୍ରାୟ ଏକ ବର୍ଷ ଧରି ଗୋପାଳପୁର ସହରରେ ଏକ ଫାଷ୍ଟଫୁଡ୍ ଦୋକାନ କରିଥିଲେ। ବ୍ୟବସାୟ ମଧ୍ୟ ଠିକ୍‌ଠାକ୍ ଚାଲିଥିଲା। ମୃତ ଜଗନ୍ନାଥଙ୍କ ସାନ ଭାଇ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଅଭିଯୋଗ ପ୍ରକାରେ ଗତ ବୁଧବାର ଠାରୁ ଜଗନ୍ନାଥଙ୍କ ଉଭୟ ମୋବାଇଲ ଓ ଦୋକାନ ବନ୍ଦ ଥିଲା। ଦୀର୍ଘ ଚାରି ଦିନ ଧରି ତାଙ୍କର କୌଣସି ଖୋଜ୍ ଖବର ନମିଳିବା କାରଣରୁ ପରିବାର ଲୋକେ ବ୍ୟସ୍ତ ହୋଇ ଗୋପାଳପୁର ରେଉ ସାହିରେ ଥିବା ଭଡା ଘରେ ପହଞ୍ଚିଲେ। ସେଠାରେ ଜଗନ୍ନାଥଙ୍କ ପଲସର୍ ବାଇକ୍ ଥିବାବେଳେ ଘର ସମ୍ମୁଖ ଭାଗରେ ତାଲା ପଡ଼ିଥିଲା। ଘର ଭିତରୁ ଦୁର୍ଗନ୍ଧ ବାହାରୁଥିବା ଯୋଗୁଁ ସ୍ଥାନୀୟ ଲୋକଙ୍କୁ ପୁଅ ଜଗନ୍ନାଥ ବିଷୟରେ ପଚରାଉଚରା କରିଥିଲେ। ପରେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦେଖିବାବେଳକୁ ଘରର ବାହାର ପଟୁ ତାଲା ପଡ଼ିଥିଲା। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉକ୍ତ କବାଟ ଭଙ୍ଗାଯାଇଥିଲା। ଘର ଭିତରେ ଜଗନ୍ନାଥଙ୍କ ଗଳିତ ଶବ ପଡ଼ିଥିବାବେଳେ ନିକଟରେ ବଡ଼ ପଥର, ଠେଙ୍ଗା ଓ ଗୋଟିଏ ଲୁହା ଛଡ ପଡ଼ିଥିବା ଦେଖିବାକୁ ମିଳିଥିଲା। ଜଗନ୍ନାଥଙ୍କ ମରଶରୀରକୁ ଚାଦରରେ ଘୋଡା ଯାଇଥିବା ବେଳେ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଜଗନ୍ନାଥ ପିନ୍ଧିଥିବା ସୁନା ମୁଦି ଓ ଚେନ୍ ନଥିବା ତାଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଥା ନିରପେକ୍ଷ ତଦନ୍ତ ପାଇଁ ପରିବାର ବର୍ଗ ଦାବି କରିଛନ୍ତି। ଗୋପାଳପୁର ପୁଲିସ ଶବକୁ ଜବତ କରିଥିଲେ। ବ୍ରହ୍ମପୁର ସାଇଣ୍ଟିଫିକ୍ ଟିମ୍ ସୁଧିର ଦିଗାଳ ଏବଂ ତାଙ୍କ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେହିପରି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରି ଫେରିଛନ୍ତି। ପ୍ରକାଶ ଥାଉ କି, ମୃତ ଜଗନ୍ନାଥଙ୍କ ପିତା କୈଳାସ ନାୟକଙ୍କ ଦୁଇ ମାସ ପୂର୍ବେ ମୃତ୍ୟୁ ହୋଇଥିଲା। ଏବଂ ପରିବାରର ବୋଝ ଜଗନ୍ନାଥଙ୍କ ଉପରେ ଥିଲା। ଏବେ ଘରର ବଡ଼ପୁଅ ଚାଲିଯିବା ବେଳେ ବୁଢି ମା, ସ୍ତ୍ରୀ, ଝିଅ, ପୁଅ ବେସାହାରା ହୋଇ ଯାଇଛନ୍ତି। ତାଙ୍କ ମୃତ୍ୟୁ ଖବର ଶୁଣିବା ପରେ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ରାଜ୍ୟ ସଘନ କୁକ୍କୁଟ ଉନ୍ନୟନ କାର୍ଯ୍ୟାଳୟ

# ୨ ବର୍ଷ ହେବ ହ୍ୟାଚେରି ବନ୍ଦ: କାମ ନାହିଁ; କର୍ମଚାରୀ ମାଲମାଲ

**ଭୁବନେଶ୍ୱର,୩।୧୨(ସମିସ):** ସରକାରୀ କାର୍ଯ୍ୟାଳୟରେ କାମ ଅଧିକ ହେଲେ କର୍ମଚାରୀ ଅଭାବ ବୋଲି କୁହାଯାଏ। ହେଲେ ରାଜଧାନୀରେ ଏପରି ଏକ ସରକାରୀ କାର୍ଯ୍ୟାଳୟ ରହିଛି, ଯେଉଁଠି ୨ବର୍ଷ ହେଲା କାମ ବନ୍ଦ ହୋଇଗଲାଣି। ଯେଉଁ ଉଦ୍ଦେଶ୍ୟରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା, ତାହା ଆଉ ନାହିଁ। କାର୍ଯ୍ୟାଳୟର ମୁଖ୍ୟଙ୍କୁ ଅନ୍ୟତ୍ର ଅବସ୍ଥାପିତ କରି ଦିଆଗଲାଣି; ହେଲେ ଏଠାରେ ଏକାଧିକ କର୍ମଚାରୀ ଏବେବି ଅଛନ୍ତି, ଦରମା ବି ପାଉଛନ୍ତି। ଏହି ବଳକା କର୍ମଚାରୀମାନଙ୍କୁ ଅନ୍ୟ କୌଣସି କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଉନାହିଁ। ରକ୍ଷଣାବେକ୍ଷଣ ଆଳରେ ଅଧିକାଂଶ କର୍ମଚାରୀ ଦୀର୍ଘ ଦିନ ହେବ ଏଠାରେ ପଡ଼ି ରହିଛନ୍ତି। ସେମାନେ କ’ଣ କରୁଛନ୍ତି, ସେ ସମ୍ପର୍କରେ କାହାରିକୁ କିଛି ଜଣା ନାହିଁ। ବିଭାଗର ଦୃଷ୍ଟି ଆଢୁଆଳରେ ଏଭଳି କାର୍ଯ୍ୟ ଚାଲୁଥିବା ଅଭିଯୋଗ ହୋଇଛି। ଏହା ହେଉଛି ଭୁବନେଶ୍ୱର ଭେଟେରେନାରୀ କମ୍ପ୍ଲେକ୍ସରେ ଥିବା ସଘନ କୁକ୍କୁଟ ଉନ୍ନୟନ କାର୍ଯ୍ୟାଳୟ (ଆଇପିଡିପି)ର ଚିତ୍ର।

ଏଠାରେ ଅଣ୍ଡାରୁ କୁକୁଡା ଚିଆଁ ବାହାର କରାଯାଉଥିଲା। ଏଥିପାଇଁ ଏକ ବିଶାଳ ହ୍ୟାଚେରି ମଧ୍ୟ ରହିଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ଚାଷୀ ଏବଂ ଘରୋଇ ଲୋକ କୁକୁଡା ଚିଆଁ ପାଇଁ ଏଠାକୁ ଆସୁଥିଲେ। ତେବେ ବିଭିନ୍ନ ସମସ୍ୟା ଏବଂ ବାର୍ଡ ଫ୍ଲୁ ରୋଗ ବ୍ୟାପିବାରୁ ହ୍ୟାଚେରିକୁ ୨୦୨୧ମସିହାରେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଗଲା। ଏହାପରେ ୭ସେପ୍ଟେମ୍ବର ୨୦୨୧ ମସିହାରେ ରାଜ୍ୟ



ସରକାରଙ୍କ ପକ୍ଷରୁ ଗ୍ୟାଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଲା। ଏଥିରେ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିଭାଗର କାର୍ଯ୍ୟାଳୟ ଏବଂ ଅଧିକାରୀଙ୍କ ସ୍ତରରେ ବ୍ୟାପକ ଅଦଳବଦଳ କରାଗଲା। ଆଇପିଡିପି ପ୍ରୋଜେକ୍ଟ ଅଫିସର ପଦବୀ ଆଉ ରହିଲା ନାହିଁ। ଏହି ପଦବୀକୁ ଅତିରିକ୍ତ ନିର୍ଦ୍ଦେଶକ (ରୋଗ ନିୟନ୍ତ୍ରଣ) ଭାବେ ନାମିତ କରାଗଲା। ଯାହାର କାର୍ଯ୍ୟାଳୟ କଟକସ୍ଥିତ ପଶୁ ସମ୍ପଦ ଏବଂ ପଶୁ ଚିକିତ୍ସା ନିର୍ଦ୍ଦେଶାଳୟରେ ରହିଛି। ଏବେ ଭୁବନେଶ୍ୱରସ୍ଥିତ ଆଇପିଡିପି କାର୍ଯ୍ୟାଳୟ ପ୍ରୋଜେକ୍ଟ ଅଫିସର ନାହାନ୍ତି, ସମସ୍ତ କାର୍ଯ୍ୟ ବନ୍ଦ ହୋଇଯାଇଛି। ଉକ୍ତ କାର୍ଯ୍ୟାଳୟରେ ବହୁ ସଂଖ୍ୟାରେ କର୍ମଚାରୀ ରହି କଣ କରୁଛନ୍ତି। କିଭଳି ଦରମା ପାଉଛନ୍ତି। ସେମାନେ କିଛି କାମ କରୁଛନ୍ତି କି ନାହିଁ। ସେମାନଙ୍କ କାର୍ଯ୍ୟର ଲୋକଙ୍କୁ କିମ୍ବା ସରକାରଙ୍କୁ କିଛି ଫାଇଦା ମିଳୁଛି କି ନାହିଁ ସେନେଇ ପ୍ରଶ୍ନ ଉଠିଛି। ଆପିଡିପିରେ କାର୍ଯ୍ୟ ବନ୍ଦ ହେବା ପରେ ମୋଟ ୯ଜଣ ସଦସ୍ୟ ରହିଥିଲେ। ଏହାପରେ ମଧ୍ୟ କିଛି ଠିକା ଶ୍ରମିକ ଏବେ ବି ରହିଛନ୍ତି। କିଛିଦିନ ତଳେ ୩ଜଣ ପ୍ରାଣୀଧନ ନିରୀକ୍ଷକଙ୍କୁ ଭୁବନେଶ୍ୱରସ୍ଥିତ ଏସ୍‌ଡିଭିଓଙ୍କ ଅଧୀନକୁ ଅଣାଗଲା। ସେମାନେ ଏବେ ଏସ୍‌ଡିଭିଓଙ୍କ ଅଧୀନରେ କାମ କରୁଛନ୍ତି। ଅବଶିଷ୍ଟ ୬ଜଣଙ୍କ ମଧ୍ୟରେ ଜଣେ ସିନିୟର ଆସିଷ୍ଟାଣ୍ଟ, ଜଣେ ଜୁନିୟର ଆସିଷ୍ଟାଣ୍ଟ, ଜଣେ ପୋଲଟ୍ରି ଏକ୍ସଟେନସନ ଅଫିସର, ପୋଲଟ୍ରି ଓଭରସିୟର ଓ ଜଣେ ପିଅନ ଏବଂ ଜଣେ ଚୌକିଦାର ରହିଛନ୍ତି। କର୍ମଚାରୀଙ୍କୁ ପଚାରିଲେ କହୁଛନ୍ତି, ଏଠାରେ ଆଉ କୁକୁଡା ଚିଆଁ କିମ୍ବା ଦାନା ମଧ୍ୟ ମିଳୁନାହିଁ। ହ୍ୟାଚେରି ଦୁଇ ବର୍ଷ ହେବ ବନ୍ଦ ରହିଛି। ଆମେ ଅଫିସ ଜଗି ବସିଛୁ। କାଳେ ହ୍ୟାଚେରି ଖରାପ ହୋଇଯିବ, ୧୦ମିନିଟ୍ ପାଇଁ ଷ୍ଟାର୍ଟ କରି ବନ୍ଦ କରିଦେଉଛୁ। ଅନ୍ୟପକ୍ଷରେ ଆଇପିଡିପିରେ ଏବେ ବି କାର୍ଯ୍ୟ ଜାରି ରହିଛି ବୋଲି ଲୋକଙ୍କୁ ଦେଖାଇବା ପାଇଁ ସାଇନ୍ ବୋର୍ଡରେ ତାରିଖ ନ ପକାଇ ଚାଷୀମାନଙ୍କ ଉଦ୍ଦେଶ୍ୟରେ କୁକୁଡା ଚିଆଁ ଏବଂ ଦାନାର ମୂଲ୍ୟ ଉଲ୍ଲେଖ ରହୁଛି। କାର୍ଯ୍ୟାଳୟକୁ ବାହାରଲୋକଙ୍କ ପ୍ରବେଶ ନିଷେଧ ବୋଲି ଷ୍ଟିକର୍ ମରାଯାଇଛି।

ଦାୟିତ୍ୱରେ ଥିବା ପ୍ରୋଜେକ୍ଟ ଅଫିସର ଭକ୍ତହରି ମଲ୍ଲିକଙ୍କୁ ଏନେଇ ଯୋଗାଯୋଗ କରିବାରୁ ସେ କହିଛନ୍ତି ମୋର କଟକସ୍ଥିତ ନିର୍ଦ୍ଦେଶାଳୟକୁ ବଦଳି ହୋଇଯାଇଛି। ଏବେ ବାଲିଯାତ୍ରରେ ସ୍ପେଶାଲ ଡ୍ୟୁଟି ଲାଗିଛି। ବାଲିଯାତ୍ରା ପରେ ସେଠାରୁ ଚାଲିଯିବି। ତେବେ ଏହି କାର୍ଯ୍ୟାଳୟକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ଚଳାଯିବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ଆଇପିଡିପିରେ ଥିବା କର୍ମଚାରୀଙ୍କୁ ଆନିମଲ ହେଲ୍‌ପ୍ ଲାଇନ୍ ଚଳାଇବା ଭଳି ଅନ୍ୟାନ୍ୟ କାମରେ ଲଗାଯାଇଥିବା କୁହାଯାଉଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜିଠୁ ଦକ୍ଷିଣ ଓଡ଼ିଶାରେ...

ଏବଂ ଝଟକା ପବନର ବେଗ ୧୧୦ କିମି. ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବଙ୍ଗୋପସାଗରରେ ସକ୍ରିୟ ବାତ୍ୟାକୁ ଲକ୍ଷ୍ୟ କରି ରାଜ୍ୟର ସମସ୍ତ ସାମୁଦ୍ରିକ ବନ୍ଦରଗୁଡିକ ପାଇଁ ୨ ନଂବର ବିପଦ ସଂକେତ ଜାରି କରାଯାଇଛି। ଅନ୍ୟପଟେ ବାତ୍ୟା ଯୋଗୁଁ ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶରେ ପ୍ରଭାବ ଆରମ୍ଭ ହୋଇଯାଇଥିବା ବେଳେ ସୋମବାର ଓଡ଼ିଶାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଭଳି ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା କରାଯାଇଛି। ସେହିପରି ୫ତାରିଖରେ ଏହି ୫ ଜିଲ୍ଲାରେ ବର୍ଷାର ପ୍ରକୋପ ବଢ଼ି ପ୍ରବଳରୁ ଅତି ପ୍ରବଳ (୭-୧୧ ସେମି) ପର୍ଯ୍ୟନ୍ତ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ୪ ତାରିଖରୁ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାରେ ୩୫-୪୫ ଓ ଝଟକା ପବନ ୫୫ କିମି ପହଞ୍ଚିବା ସହ ୫ ତାରିଖରେ ଏହା ବଢ଼ି ଗଜପତି, ଗଞ୍ଜାମ, ପୁରୀ ଓ ଜଗତସିଂହପୁର ଜିଲ୍ଲାରେ ପବନର ବେଗ ବଢ଼ି ୪୦-୫୦ ଓ ଏହାର ଝଟକା ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବାର ଆଶଙ୍କା ରହିଛି। ସେହିପରି ୪ ତାରିଖ ସନ୍ଧ୍ୟାରୁ ୬ ତାରିଖ ଯାଏଁ ମତ୍ସ୍ୟଜୀବୀଙ୍କୁ ଓଡ଼ିଶା ଉପକୂଳର ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ବାତ୍ୟା ପ୍ରଭାବରେ ୪ ତାରିଖ ସନ୍ଧ୍ୟାରୁ ୩୫ ରୁ ୪୫କିମି ବେଗରେ ଝଡ଼ପବନ ଏବଂ ୫୫ କିମି. ବେଗରେ ଝଟକା ପବନ ବହିବ। ଏହା କ୍ରମଶଃ ବୃଦ୍ଧି ପାଇ ୫ ତାରିଖ ସନ୍ଧ୍ୟାରୁ ପରବର୍ତ୍ତୀ ୧୨ଘଣ୍ଟା ଯାଏଁ ୪ ରୁ ୫୦କିମି. ଏବଂ ୬୦ କିମି. ବେଗରେ ଝଟକା ପବନର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀଙ୍କୁ ଓଡ଼ିଶା ଉପକୂଳର ସମୁଦ୍ରକୁ ଯିବା ପାଇଁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି।

## ଦୁଇ ଦିନରେ...

ବର୍ଷ ବର୍ଷ ଧରି ଚୁପ୍ ବସିଥିବା ଏନ୍‌ଏଚ୍‌ଏଆଇ, ପୁଲିସ ଏବଂ ଆରଟିଓ କର୍ମଚାରୀ ନିକଟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ପରେ ବେଶ୍ କର୍ମତତ୍ପର ହୋଇଉଠିଛନ୍ତି। ତେବେ ଏପରି କାର୍ଯ୍ୟାନୁଷ୍ଠାନ କେବଳ ଶୂନ୍ୟ ମୃତ୍ୟୁ ସପ୍ତାହ ମଧ୍ୟରେ ସୀମିତ ନ ରଖି ସବୁ ଦିନ ଜାରି ରଖିବା ପାଇଁ ସାଧାରଣରେ ମତପ୍ରକାଶ ପାଇଛି।

ଜାତୀୟ ଏବଂ ରାଜ୍ୟ ରାଜପଥ କଡ଼ରେ ବେଆଇନ ପାର୍କିଂ ଓ ଦୋକାନ ବଜାର ଦୁର୍ଘଟଣା ବଢ଼ିବାରେ ଲାଗିଛି। ଯେଉଁଠି ପାରି ସେଇଠି ଟ୍ରକ୍ ରଖିବା ଦ୍ୱାରା ସଡ଼କ ଦୁର୍ଘଟଣା ବଢ଼ି ଚାଲିଛି। ନିକଟରେ ଘଟଗାଁ ଓ ଭୁବନେଶ୍ୱରରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ରାସ୍ତାରେ ବେଆଇନ୍ ଗାଡ଼ି ପାର୍କିଂ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପରିବହନ ବିଭାଗ ଏନ୍‌ଏଚ୍‌ଏଆଇ, ପୁଲିସ ଓ ଆରଟିଓ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲା, ମାତ୍ର କିଛି ପରିବର୍ତ୍ତନ ଘଟିଲା ନାହିଁ। ଫଳରେ ଦୁର୍ଘଟଣା ବଢ଼ିବଢ଼ି ଚାଲିଛି। ବର୍ଷକୁ ହଜାର ହଜାର ଲୋକ ପ୍ରାଣ ହରାଉଛନ୍ତି ଓ ସମାନ ସଂଖ୍ୟକ ଲୋକ ଜୀବନସାରା ଅକର୍ମଣ୍ୟ ହୋଇ ଯାଉଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀ ଖାମଖିଆଲି ମନୋଭାବ ପୋଷଣ କରୁଥିବାରୁ ଦୁର୍ଘଟଣାକୁ ରୋକାଯାଇ ପାରୁନାହିଁ। ଏହାକୁ ନେଇ ଆଜି ‘ସକାଳ’ରେ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସତର୍କ ହୋଇଛି। ଆଜି ସକାଳୁ ବିଭିନ୍ନ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ଉପରେ ଘନ ଘନ ପାଟ୍ରୋଲିଂ ଚାଲିଛି। ଯେଉଁମାନେ ରାସ୍ତା ଉପରେ ଗାଡ଼ି ରଖୁଛନ୍ତି ବିଶେଷକରି ଟ୍ରକ୍ ଚାଳକଙ୍କୁ ଜୋରିମାନା କରାଯାଉଛି। ସେହିପରି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ବେଆଇନ୍ ଦୋକାନ ବଜାର ଉପରେ ଚଢ଼ଉ କରୁଛନ୍ତି।

## ଏନ୍‌ଏଚ୍‌ଏଆଇର ପାଟ୍ରୋଲିଂ...

ମାମଲା ରୁଜୁ ହୋଇଥିଲା। ତେବେ ଆଜି ଦରଖଳା ଠାରୁ ନେଙ୍କଡ଼ାଘର ପର୍ଯ୍ୟନ୍ତ ଜାତୀୟ ରାଜପଥ ପାଟ୍ରୋଲିଂ ଦାୟିତ୍ୱରେ ଥିବା ଏନ୍‌ଏଚ୍‌ଆଇଏର ଇନଚାର୍ଜ ଭାଗୀରଥି ଦାସ ଓ ଆଲୋକ ଜେନାକୁ ଥାନାକୁ ଡାକି ପଚରାଉଚୁରା କରିବା ସହ ସେକ୍ସନ ୪୧(ଇ)ରେ ନୋଟିସ ଜାରି କରି ଚେତାବନୀ ଦେଇ ଛାଡ଼ିଛି ଘଟଗାଁ ପୁଲିସ୍। ଉଭୟରେ ତଦନ୍ତରେ ସହଯୋଗ କରିବା ଏବଂ ଆବଶ୍ୟକ ସମୟରେ ଥାନାକୁ ଆସିବାକୁ ପୁଲିସ୍ ତାଗିଦ୍ କରି ଛାଡ଼ିଛି।

## ସାଙ୍ଗଙ୍କ ଦ୍ୱାରା...

ତାଙ୍କର ତଣ୍ଟି ଚିପି ଦେଇଥିଲେ। ପରେ ପୁଷ୍ପାଞ୍ଜଳି ଡାଳ କାଟିବା ପାଇଁ ସାଙ୍ଗରେ ଆଣିଥିବା ଟାଙ୍ଗିଆରେ ତାଙ୍କୁ ହତ୍ୟା କରିଥିଲେ। ଏହାପରେ ସମସ୍ତେ ମିଶି ମୃତଦେହକୁ ନିକଟସ୍ଥ ଏକ ପାହାଡ଼ ଖୋଲ ଭିତରେ ପକାଇ ଦେଇଥିଲେ। ଝିଅ ଘରକୁ ନ ଆସିବାରୁ ବାପା ଖୋଜାଖୋଜି କରି ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ୬ ତାରିଖ ଦିନ ନିଜେ ପରେଶ ଭଉଣୀଙ୍କ ନିଖୋଜ ନେଇ ଚକାପାଦ ଥାନାରେ ଏତଲା ଦେଇଥିଲେ। ପରେ ୧୩ ତାରିଖ ଦିନ ଘଟଣାରେ ସମ୍ପୃକ୍ତ ପରେଶର ଜଣେ ସାଙ୍ଗ ଆସି ଏହି ଘଟଣାକୁ ନେଇ ପାଟିତୁଣ୍ଡ କରିବା ସହ ହତ୍ୟା ଧମକ ଦେଇଥିଲା। ଏହି ଘଟଣାକୁ ନେଇ ପରେଶ ୨୩ ତାରିଖରେ ସମ୍ପୃକ୍ତ ସାଙ୍ଗ ବିରୋଧରେ ଥାନାରେ ଏକ ଏତଲା ଦେଇଥିଲେ। ପୁଲିସ ଅଭିଯୁକ୍ତକୁ ଥାନାକୁ ଆଣି ପଚରାଉଚରା କରିବା ପରେ ସମସ୍ତ ଘଟଣା ପଦାକୁ ଆସିଥିଲା। ଏହାପରେ ପୁଲିସ ଘଟଣାସ୍ଥଳକୁ ଯାଇ ପୁଷ୍ପାଞ୍ଜଳିଙ୍କ ଗଳିତ ଶବ ଉଦ୍ଧାର କରିଥିଲା। ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରିଥିଲା ପୁଲିସ। ଏହି ମାମଲାରେ ପରେଶ ସମେତ ଟୁନା ଭୋଇ, ଚନ୍ଦ୍ରମଣି ଭୋଇ, କନିଷ୍ଠ ଭୋଇ ଓ ବିମଳା ଭୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ତଦନ୍ତକାରୀ ଅଧିକାରୀ ତଥା ଡିଏସପି କମଳ କୁମାର ପଣ୍ଡା। ଅନ୍ୟ ଜଣେ ଅଭିଯୁକ୍ତକୁ ଖୋଜା ଚାଲିଥିବା ଡିଏସପି ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି।

## ସବୁ ଜିଲ୍ଲାରେ...

ପ୍ରତି ମାସରେ ଏଠାକୁ ୪୦ରୁ ୫୦ ଜଣ ବ୍ୟକ୍ତି କୃତ୍ରିମ ଅଙ୍ଗ ପାଇବା ପାଇଁ ଆସୁଛନ୍ତି। କୃତ୍ରିମ ଅଙ୍ଗ ପାଇବା ପାଇଁ ନିଜ ଗ୍ରାମରୁ ଦୂର ଦୂରାନ୍ତ ପର୍ଯ୍ୟନ୍ତ ଆସିବା ସମସ୍ତଙ୍କ ପକ୍ଷରେ ସମ୍ଭବ ହେଉ ନାହିଁ। ସେହିପରି କୃତ୍ରିମ ଅଙ୍ଗ ପାଇଥିବା ବ୍ୟକ୍ତି ସେଥିରେ କିଛି ସମସ୍ୟା ହେଲେ ପୁର୍ନବାର ଭୁବନେଶ୍ୱର କିମ୍ବା ଅନ୍ୟ ଜିଲ୍ଲା ମୁଖ୍ୟାଳୟକୁ ଆସିବା ପାଇଁ ବାଧ୍ୟ ହେଉଛନ୍ତି। ତେବେ ନିଜ ଜିଲ୍ଲାରେ ଏଆରସି ସ୍ଥାପନ ହେଲେ ଏହି ସମସ୍ୟା ଦୂର ହୋଇପାରିବ। ପ୍ରୋସ୍ଥେସିସ୍ ଏବଂ ଅର୍ଥୋସିସ୍ ବିଶେଷଜ୍ଞଙ୍କ ଦ୍ୱାରା କୃତ୍ରିମ ଅଙ୍ଗ ପ୍ରସ୍ତୁତ କରାଯାଉଛି। କୃତ୍ରିମ ଅଙ୍ଗ ପ୍ରତିରୋପଣ ସହିତ ଏଆରସିରେ ବିଦ୍ୟୁତ ଚାଳିତ ହ୍ୱିଲ୍ ଚେୟାର ମଧ୍ୟ ବଣ୍ଟନ କରାଯାଉଛି। ଗତ ମାର୍ଚ୍ଚ ୧୦ ତାରିଖରେ ଏସ୍‌ଏସ୍‌ଇପିଡି ବିଭାଗର ପୂର୍ବତନ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଭୁବନେଶ୍ୱର ଏଆରସିର କାର୍ଯ୍ୟକାରୀତା ସମୀକ୍ଷା କରିଥିଲେ। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଏଆରସି ଗୁଡିକର ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥା ଜଣେ ଲେଖାଏଁ ପିଏମ୍‌ଆର ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବା ପାଇଁ ପଦକ୍ଷେପ ନେବେ। ଯେଉଁ ସମୟ ପର୍ଯ୍ୟନ୍ତ ପିଏମ୍‌ଆର ଡାକ୍ତର ଅନୁପସ୍ଥିତ ଥିବେ ସେହି ସମୟର ପରିଚାଳନା ପାଉଣା ସମ୍ପୃକ୍ତ ସଂସ୍ଥାକୁ ପ୍ରଦାନ କରାଯିବ ନାହିଁ। ଉକ୍ତ ସଂସ୍ଥା ଏଆରସିର ସମସ୍ତ କର୍ମଚାରୀଙ୍କ ପାଇଁ ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା କରିବେ ଏବଂ ମାସିକ ବିଲ୍ ସହିତ ବିଭାଗକୁ ରିପୋର୍ଟ ପ୍ରଦାନ କରିବେ।

କୃତ୍ରିମ ଅଙ୍ଗ ନିମନ୍ତେ ଦିବ୍ୟାଙ୍ଗମାନଙ୍କୁ ଏଆରସି ରେଫର କରିବା ଲାଗି ସମ୍ପୃକ୍ତ ଡିଏସ୍‌ଏସ୍‌ଓ ମାନେ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ମାସକୁ କେଉଁ ଜିଲ୍ଲାରୁ କେତେ ଜଣ ହିତାଧିକାରୀଙ୍କୁ ଏଆରସି ରେଫର୍ କରାଯାଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ପ୍ରତି ମାସରେ ସମୀକ୍ଷା କରାଯିବ। ଆବଶ୍ୟକ ହେଲେ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରି ହିତାଧିକାରୀଙ୍କ ଠାରେ ପ୍ରେସ୍ଥେସିସ୍ ଏବଂ ଅର୍ଥୋସିସ୍ କୃତ୍ରିମ ଅଙ୍ଗ ଲଗାଇବା ପାଇଁ ବିଭାଗ ପଦକ୍ଷେପ ନେବ। ଡିଏସ୍‌ଏସ୍‌ଓ ମାନଙ୍କ ସହ ସମନ୍ୱୟ ରକ୍ଷା କରି ଗୋଟିଏ ମାସରେ ଅନ୍ୟୁନ ତିନିଟି ଶିବିର ଆୟୋଜନ ପାଇଁ ଭୁବନେଶ୍ୱର ସ୍ଥିତ ରାଜ୍ୟ ଭିନ୍ନକ୍ଷମ ପୁର୍ନବାସ ଅନୁଷ୍ଠାନ (ଏସ୍‌ଆଇଡିଆର) ମୁଖ୍ୟ ପରିଚାଳକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିବିରକୁ ହିତାଧିକାରୀଙ୍କ ପରିବହନ ପାଇଁ ଓଏମ୍‌ସି ପକ୍ଷରୁ ଯୋଗାଇ ଦିଆଯାଇଥିବା ଗାଡ଼ି ବ୍ୟବହାର କରାଯିବ। ଶିବିରରେ କୃତ୍ରିମ ଅଙ୍ଗର ମାପ ନେବା ଲାଗି ପ୍ରୋଟେବଲ ସ୍କାନର୍ କ୍ରୟ କରାଯିବ। ସେହିପରି ଏଆରସିକୁ ହିତାଧିକାରୀଙ୍କୁ ରୋବୋଟିକ୍ ଥେରାପି ନିମନ୍ତେ ରେଫର କରିବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରମୁଖ ଘରୋଇ ଡାକ୍ତରଖାନାଗୁଡିକୁ ପତ୍ର ଲେଖି ଅନୁରୋଧ କରାଯିବ। ହିତାଧିକାରୀଙ୍କୁ ଦିଆଯାଉଥିବା କୃତ୍ରିମ ଅଙ୍ଗର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।


**ମା’ ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ଘଟଗାଁ, କେନ୍ଦୁଝର**

ନୋଟିସ୍ ନଂ. ୬୨୩ — **ଟେଣ୍ଡର ବିଜ୍ଞାପନ** — ତା. ୦୩.୧୨.୨୦୨୩

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ ୨୦୨୩-୨୪ ବର୍ଷ (ଡିସେମ୍ବର-୨୦୨୩ ଠାରୁ ନଭେମ୍ବର-୨୦୨୪ ପର୍ଯ୍ୟନ୍ତ) ପାଇଁ ନିମ୍ନଲିଖିତ ଜଗମୁଦ ଟେଣ୍ଡର ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ କରାଯିବ। ଇଚ୍ଛୁକ ବ୍ୟକ୍ତି ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ ଟ.୧୧୦୦/-(ଏକ ହଜାର ଏକ ଶହ) ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ। ସରକାରୀ ଛୁଟି ଦିବସ ବ୍ୟତୀତ କାର୍ଯ୍ୟ ଦିବସରେ ଦିବା ୧୧ଘ. ଠାରୁ ଦିବା ୧ଘ. ଓ ଦିବା ୫ଘ. ଠାରୁ ସନ୍ଧ୍ୟା ୬ଘ. ମଧ୍ୟରେ ତା.୦୪.୧୨.୨୩ରିଖ ଠାରୁ ତା.୧୦.୧୨.୨୩ରିଖ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ। ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବୁଝିପାରିବେ। ... www.maatarini.co.in ୱେବ୍‌ସାଇଟ୍‌ରେ ଦେଖିପାରିବେ।

| ଟେଣ୍ଡର ପର୍ଯ୍ୟାୟ | ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|---|
| ପ୍ରଥମ ପର୍ଯ୍ୟାୟ | ତା.୧୧.୧୨.୨୩ରିଖ ୧୧ଘଟିକା | ତା.୧୧.୧୨.୨୩ରିଖ ଘ.୧୨.୩୦ମି. |
| ଦ୍ୱିତୀୟ ପର୍ଯ୍ୟାୟ | ତା.୧୪.୧୨.୨୩ରିଖ ୧୧ଘଟିକା | ତା.୧୪.୧୨.୨୩ରିଖ ଘ.୧୨.୩୦ମି. |
| ତୃତୀୟ ପର୍ଯ୍ୟାୟ | ତା.୧୮.୧୨.୨୩ରିଖ ୧୧ଘଟିକା | ତା.୧୮.୧୨.୨୩ରିଖ ଘ.୧୨.୩୦ମି. |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧. | ପୂଜାସାମଗ୍ରୀ ଦୋକାନ ନଂ-୨ (ସ୍ଥାନ- ତୁଳପକା ମଣ୍ଡପ ପାର୍ଶ୍ୱ) | ଟ.୮,୫୫,୫୫୫/- | ଟ.୮୫,୫୫୬/- |
| ୨. | ପୂଜାସାମଗ୍ରୀ ଦୋକାନ ନଂ-୩ (ସ୍ଥାନ- ଗାଡି ପୂଜା) | ଟ.୧୧,୮୦,୪୧୦/- | ଟ.୧,୧୮,୦୪୧/- |
| ୩. | ଲକର୍ ରୁମ୍ | ଟ.୧୨,୩୭,୬୨୬/- | ଟ.୧,୨୩,୭୬୨/- |
| ୪. | ତୁଳପକା | ଟ.୨୪,୪୪,୪୪୪/- | ଟ.୨,୪୪,୪୪୪/- |
| ୫. | ଡେକରାତି ସାମଗ୍ରୀ ଯୋଗାଇବା | ------ | ଟ.୧,୬୫,୦୦୦/- |
| ୬. | ସିକ୍ୟୁରିଟି ଗାର୍ଡ ଯୋଗାଇବା | ------ | ଟ.୧,୪୩,୦୦୦/- |
| ୭. | ଖୁଣ୍ଟା ମୌଜା ଚାଷ ଜମି | ଟ.୧୨,୬୦୦/- | ଟ.୧,୨୬୦/- |

କାର୍ଯ୍ୟନିର୍ବାହୀ ଅଧିକାରୀ
ମା’ ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ,
ଘଟଗାଁ, କେନ୍ଦୁଝର।



**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**



OFFICE OF THE PRINCIPAL
**S.V.M. AUTONOMOUS COLLEGE**
Tel: 06724 - 220027, Fax: 0674 - 220119, E-mail: svmcorissa.com
No. 3619/2023 Date: 02.12.2023

**ADVERTISEMENT**

Cotton Baniyan of XL and XXL is required from the interested farms to provide to S.V.M Autonomous College and S.V.M Higher Secondary School, Jagatsinghpur within 09.12.2023. Interested farm should apply the same with specified Logo of IYDP and #NUA-O Yuba Odisha Nabin Odisha of particular colour. The quotations will be submitted in the College Quotation Box by 05.12.2023. Apply with contact number and GST Code.



**CRSR COLLEGE OF SPECIAL EDUCATION**
A Unit of Centre for Rehabilitation Services & Research (CRSR)
Prasanti Bhawan, Dahanigadia, Charampa, Bhadrak, Pin-756101
(Approved by Rehabilitation Council of India (RCI), Govt. of India)
(Recognized by Govt. of Odisha and Affiliated to Fakir Mohan University)

**Advertisement for Admission into**
**02 Years B. Ed-Special Education (Intellectual Disability) Course**

Applications are invited from intending candidates for Admission into 02 years Regular B.Ed-Special Education (Intellectual Disability) Course for the session 2023-24. Application Form and Information Booklet can be obtained from the College office or downloaded from the website: www.crsrorg.in. For eligibility criteria, Course Fees, requisite Documents and for other information, the candidates may refer to Information Booklet. For further details contact in Telephone No: 06784-231387, Cell No. 9437060238, 9438789808.

Sd/- Course Coordinator
CRSR College of Special Education, Bhadrak

## କଂଗ୍ରେସ ହାତରୁ ଗଲା ଛତିଶଗଡ଼, ରାଜସ୍ଥାନ

# ବିଜେପି-୩; କଂଗ୍ରେସ-୧

ନୂଆଦିଲ୍ଲୀ,୩।୧୨(ଏଜେନ୍ସି)

ନିକଟରେ ଶେଷ ହୋଇଥିବା ୫ ରାଜ୍ୟ ମଧ୍ୟରୁ ୪ ରାଜ୍ୟର ବହୁ ପ୍ରତୀକ୍ଷିତ ବିଧାନସଭା ନିର୍ବାଚନ ଫଳାଫଳ ରବିବାର ପ୍ରକାଶ ପାଇଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହି ପାଞ୍ଚ ରାଜ୍ୟର ଫଳାଫଳ ସେମିଫାଇନାଲ ଭଳି ହେବ ବୋଲି କୁହାଯାଉଥିଲା ବେଳେ ଏଥିରେ ବିଜେପି ବାଜିମାତ୍ କରିଛି। ବିଶେଷକରି ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ ଭଳି ହିନ୍ଦୀ ଭାଷାଭାଷୀ ବହୁଳ ରାଜ୍ୟରେ ବିଜେପିର ଅଭୂତପୂର୍ବ ବିଜୟ କେବଳ ରାଜନୀତିକ ଦଳ ନୁହେଁ, ବରଂ ସାଧାରଣ ଭୋଟରଙ୍କୁ ବି ବିସ୍ମିତ କରିଛି। ଗତ ମାସ ୩୦ ତାରିଖରେ ତେଲଙ୍ଗାନା ନିର୍ବାଚନ ଶେଷ ହେବା ପରେ ୮ଟି ଜାତୀୟ ଚ୍ୟାନେଲ ପକ୍ଷରୁ ବୁଥ୍ ବାହୁଡ଼ା ମତ ପ୍ରକାଶ ପାଇଥିଲା। ଏଥିରେ କେବଳ ମଧ୍ୟପ୍ରଦେଶରେ ବିଜେପି ବିଜୟୀ ହେବାର ଆକଳନ କରାଯାଇଥିଲା ବେଳେ ଛତିଶଗଡ଼ରେ କଂଗ୍ରେସ ବିଜୟୀ ହେବ ବୋଲି ଆକଳନ କରାଯାଇଥିଲା। ସେହିପରି ରାଜସ୍ଥାନରେ ବିଜେପି ଏବଂ କଂଗ୍ରେସ ମଧ୍ୟରେ କଣ୍ଟା ଟକ୍କର ହେବା ସହିତ ତେଲଙ୍ଗାନାରେ ବିଆରଏସ୍ ଏବଂ କଂଗ୍ରେସ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ବିଭିନ୍ନ ଏଜେନ୍ସି ଆକଳନ କରିଥିଲେ। କିନ୍ତୁ ନିର୍ବାଚନ ଫଳାଫଳ ସବୁ ଆକଳନକୁ ଭୁଲ ପ୍ରମାଣିତ କରିଛି। ରାଜସ୍ଥାନରେ ବିଜେପି ବହୁମତରେ ବିଜୟୀ ହୋଇଥିଲା ବେଳେ ମଧ୍ୟପ୍ରଦେଶରେ ଦଳର ଅକଳନୀୟ ପ୍ରଦର୍ଶନ ସବୁ ମହଲକୁ ସ୍ତମ୍ଭୀଭୂତ କରିଦେଇଛି। ତେବେ ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇପଡ଼ିଛି ଛତିଶଗଡ଼ ଫଳାଫଳ। ଏଠାରେ କଂଗ୍ରେସ ବହୁମତରେ ବିଜୟୀ ହେବ ବୋଲି ସବୁ ଏଜେନ୍ସି ବୁଥ୍ ବାହୁଡ଼ା ରିପୋର୍ଟ କରିଥିଲା ବେଳେ ଏଠାକାର ରାଜନୀତିକ ସ୍ଥିତିକୁ ନେଇ ମଧ୍ୟ କଂଗ୍ରେସର ବିଜୟକୁ ନେଇ ସମସ୍ତେ ଆଶାବାଦୀ ରହିଥିଲେ। ଏପରିକି ବିଜେପି ମଧ୍ୟ ନିଜର ବିଜୟ ନେଇ ସନ୍ଦେହରେ ଥିଲା। କିନ୍ତୁ ଛତିଶଗଡ଼ରେ ସବୁ କଳ୍ପନାଜଳ୍ପନାକୁ ହଟାଇ ବିଜେପି ବହୁମତରେ ବିଜୟୀ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ଏହି ତିନୋଟି ରାଜ୍ୟରେ ବିଜେପି କ୍ଷମତା ଦଖଲ କରିବା ପରେ ଏବେ ଉତ୍ତର ଭାରତରେ ଦଳର ପ୍ରଭାବ ବଢ଼ିଛି। ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ, ଉତ୍ତରାଖଣ୍ଡ, ଗୁଜରାଟ, ହରିୟାଣା ବ୍ୟତୀତ ମହାରାଷ୍ଟ୍ର ଏବଂ ଗୋଆରେ ମଧ୍ୟ ବିଜେପି କ୍ଷମତାସୀନ ହୋଇଛି। ସେହିପରି ଉତ୍ତରପୂର୍ବାଞ୍ଚଳରେ ଆସାମ,ମଣିପୁର, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ ଏବଂ ମେଘାଳୟରେ ବି ବିଜେପିର ଦବଦବା ବଢ଼ିଛି।



### ମଧ୍ୟପ୍ରଦେଶ (ମୋଟ ଆସନ-୨୩୦)



ମଧ୍ୟପ୍ରଦେଶ ବିଧାନସଭାର ମୋଟ ୨୩୦ ଆସନ ପାଇଁ ହୋଇଥିବା ନିର୍ବାଚନରେ ବିଜେପି ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଢ଼ିବାକୁ ପ୍ରସ୍ତୁତ ହେଉଛି। ଚଳିତ ନିର୍ବାଚନରେ ଦଳକୁ ୧୬୪ଟି ଆସନ ମିଳିଥିଲା ବେଳେ କଂଗ୍ରେସ ଦ୍ୱିତୀୟ ବୃହତ ଦଳ ଭାବେ ୬୫ ଆସନରେ ବିଜୟୀ ହୋଇଛି। ଅନ୍ୟ ଦଳ ମଧ୍ୟରେ ଭାରତ ଆଦିବାସୀ ପାର୍ଟି(ବିଏପି)କୁ ମାତ୍ର ଗୋଟିଏ ଆସନ ମିଳିଛି। ଏଠାରେ ସରକାର ଗଢ଼ିବା ଲାଗି ମ୍ୟାଜିକ୍ ନମ୍ବର ୧୧୬ ରହିଥିଲା ବେଳେ ବିଜେପି ଅତି ସହଜରେ ଏଠାରେ ସରକାର ଗଢ଼ିବାକୁ ଯାଉଛି।

| ୨୦୨୩ | ୨୦୧୮ |
|---|---|
| ବିଜେପି -୧୬୪ | କଂଗ୍ରେସ -୧୧୪ |
| କଂଗ୍ରେସ-୬୫ | ବିଜେପି -୧୦୯ |
| ବିଏପି -୧ | ବିଏସପି -୨ |
| ଅନ୍ୟାନ୍ୟ -... | ଏସପି-୧ |
| | ଅନ୍ୟାନ୍ୟ -୪ |

### ରାଜସ୍ଥାନ (ମୋଟ ଆସନ -୨୦୦)



ରାଜସ୍ଥାନ ବିଧାନସଭାର ମୋଟ ୨୦୦ ଆସନ ମଧ୍ୟରୁ ଚଳିତ ନିର୍ବାଚନରେ ୧୯୯ ଆସନ ପାଇଁ ମତଦାନ ହୋଇଥିଲା। ଏଥିରେ ବିଜେପି ୧୧୫ ଆସନରେ ବିଜୟୀ ହୋଇ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା ବେଳେ ଶାସକ କଂଗ୍ରେସ ଦଳ ଚିତ୍‌ପଟାଙ୍ଗ ମାରିଛି। କଂଗ୍ରେସକୁ ଚଳିତ ନିର୍ବାଚନରେ ମାତ୍ର ୬୯ଟି ଆସନ ମଧ୍ୟରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ଅନ୍ୟାନ୍ୟ ଦଳ ମଧ୍ୟରେ ବିଏସପି ୨ , ଆରଏଲପି ୨ ଏବଂ ୧୧ଟି ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟ ହାସଲ କରିଛନ୍ତି। ମ୍ୟାଜିକ୍ ନମ୍ବର ୧୦୧ ରହିଥିଲା ବେଳେ ବିଜେପି ସରକାର ଗଢ଼ିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛି।

| ୨୦୨୩ | ୨୦୧୮ |
|---|---|
| ବିଜେପି -୧୧୫ | କଂଗ୍ରେସ -୧୦୧ |
| କଂଗ୍ରେସ -୬୯ | ବିଜେପି -୭୩ |
| ବିଏସପି -୨ | ବିଏସପି -୬ |
| ଆରଏଲପି -୨ | ଆରଏଲପି -୩ |
| ଅନ୍ୟାନ୍ୟ -୧୧ | ଅନ୍ୟାନ୍ୟ -୧୭ |

### ଛତିଶଗଡ଼ (ମୋଟ ଆସନ- ୯୦)



ଛତିଶଗଡ଼ ବିଧାନସଭାର ମୋଟ ୯୦ଟି ଆସନ ମଧ୍ୟରୁ ବିଜେପି ୫୪ଟି ଆସନରେ ବିଜୟୀ ହୋଇଥିଲା ବେଳେ କଂଗ୍ରେସ ମାତ୍ର ୩୫ ଟି ଆସନରେ ବିଜୟୀ ହୋଇଛି। ଅନ୍ୟ ଦଳ ମଧ୍ୟରେ କେବଳ ଜିଜିପିକୁ ମାତ୍ର ଗୋଟିଏ ଆସନ ମିଳିଛି। ଏଠାରେ ସରକାର ଗଢ଼ିବା ଲାଗି ମ୍ୟାଜିକ୍ ନମ୍ବର ୪୬ ରହିଥିଲା ବେଳେ ବିଜେପି ଏଠାରେ ସରକାର ଗଢ଼ିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛି।

| ୨୦୨୩ | ୨୦୧୮ |
|---|---|
| ବିଜେପି -୫୪ | କଂଗ୍ରେସ -୬୮ |
| କଂଗ୍ରେସ -୩୫ | ବିଜେପି -୧୫ |
| ଜିଜିପି-୧ | ଜେସିସିଜେ -୫ |
| | ବିଏସପି-୨ |

### ତେଲଙ୍ଗାନା (ମୋଟ ଆସନ- ୧୧୯)



ଚଳିତ ତେଲଙ୍ଗାନା ନିର୍ବାଚନରେ କଂଗ୍ରେସ ବାଜିମାତ୍ ମାରିଛି। ଏଠାରେ କଂଗ୍ରେସ ୬୪ ଆସନରେ ବିଜୟୀ ହୋଇ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା ବେଳେ ଶାସକ ବିଆରଏସ୍ ଦଳକୁ ୩୯ଟି ଆସନ ମଧ୍ୟରେ ସୀମିତ ରହିବାକୁ ପଡ଼ିଛି। ଅନ୍ୟାନ୍ୟ ଦଳ ମଧ୍ୟରେ ବିଜେପିକୁ ୮, ଓ୍ୱଓସୀଙ୍କ ଏମଆଇଏମଆଇଏମ ଦଳକୁ ୭ଟି ଆସନ ମିଳିଛି।

| ୨୦୨୩ | ୨୦୧୮ |
|---|---|
| କଂଗ୍ରେସ -୬୪ | ବିଆରଏସ୍ -୮୮ |
| ବିଆରଏସ୍ -୩୯ | କଂଗ୍ରେସ -୧୯ |
| ବିଜେପି -୮ | ଏମଆଇଏମଆଇଏମ -୭ |
| ଏମଆଇଏମଆଇଏମ -୭ | ବିଜେପି -୧ |
| ଅନ୍ୟାନ୍ୟ -୧୧ | ଅନ୍ୟାନ୍ୟ -୪ |

## କେ.ସି.ଆର ଓ ରେବନ୍ତ ରେଡ୍ଡୀଙ୍କୁ ପରାସ୍ତକଲେ ବିଜେପି ପ୍ରାର୍ଥୀ



ତେଲେଙ୍ଗାନାରେ କଂଗ୍ରେସର ଅପ୍ରତ୍ୟାଶିତ ବିଜୟ ସହିତ ଦଳ ଏଠାରେ ସରକାର ଗଢ଼ିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଶାସକ ବିଆରଏସ୍ ଦଳର ଶୋଚନୀୟ ପରାଜୟ ପରେ କଂଗ୍ରେସ ଉତ୍‌ଫୁଲ୍ଲିତ ହୋଇପଡ଼ିଛି। କିନ୍ତୁ ଏହାମଧ୍ୟରେ ଏକ ବିଶେଷ ଘଟଣା ଉଭୟ କଂଗ୍ରେସ ଏବଂ ବିଆରଏସ୍‌କୁ ଚକିତ କରିଦେଇଛି। କାମାରେଡ୍ଡୀ ଆସନରେ ମୁଖ୍ୟମନ୍ତ୍ରୀ କେସିଆର ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ସହ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ରେବନ୍ତ ରେଡ୍ଡୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। କିନ୍ତୁ ଏହି ଦୁଇ ଦଳର ପ୍ରାର୍ଥୀ ବିଜେପି ଠାରୁ ପରାଜିତ ହୋଇଛନ୍ତି। ବିଜେପି ପ୍ରାର୍ଥୀ କେ.ଭି.ରମଣ ରେଡ୍ଡୀ ବିଜୟୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ କେସିଆର ଏହି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ କାମାରେଡ୍ଡି ଆସନ ସବୁଠୁ ଚର୍ଚ୍ଚିତ ରହିଥିଲା। କିନ୍ତୁ ଏଠାରେ ବିଜେପି ବିଜୟୀ ହେବା ଆହୁରି ଚର୍ଚ୍ଚାର ବିଷୟ ହୋଇଛି। ଅବଶ୍ୟ କେସିଆର ଗଜୱେଲ ଆସନରୁ ବିଜୟୀ ହୋଇଛନ୍ତି।

## ବିଜେପି ଫାୟାର ବ୍ରାଣ୍ଡ ନେତା ଟି ରାଜା ସିଂହଙ୍କ ବିଶାଳ ବିଜୟ



ବିବାଦୀୟ ମନ୍ତବ୍ୟ ଦେବା ସହିତ ନାନା ମାମଲାରେ ଫସି ପୂର୍ବରୁ ଜେଲ ଯାଇଥିବା ହାଇଦରାବାଦ୍ ବିଜେପି ନେତା ଟି ରାଜା ସିଂହ ବିଶାଳ ବ୍ୟବଧାନରେ ବିଜୟୀ ହୋଇଛନ୍ତି।ସେ ଗୋଶମାହାଲରୁ ୨୧,୪୫୭ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ପ୍ରତିପକ୍ଷ ନନ୍ଦ କିଶୋର ବ୍ୟାସଙ୍କୁ ସେ ପରାସ୍ତ କରିଛନ୍ତି।ନିର୍ବାଚନରେ ରାଜା ସିଂହଙ୍କୁ ୮୦,୧୮୨ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିପକ୍ଷ ବ୍ୟାସଙ୍କୁ ୫୮,୭୨୫ ଭୋଟ ମିଳିଛି। ସେହିପରି କଂଗ୍ରେସ ପ୍ରାର୍ଥୀ ମୋଗିଲି ସୁନିତାଙ୍କୁ ମାତ୍ର ୬,୨୬୫ ଖଣ୍ଡ ଭୋଟ୍ ମିଳିଛି।

## ଓଡ଼ିଆ ପୁଅ ପୁରନ୍ଦର ମିଶ୍ର ବିଜୟୀ

ଛତିଶଗଡ଼ ବିଧାନସଭାରେ ଓଡ଼ିଆ ପୁଅ ବାଜି ମାରି ନେଇଛନ୍ତି। ରାୟପୁର ଉତ୍ତର ଆସନର ବିଜେପି ପ୍ରାର୍ଥୀ ତଥା ସାମାଜିକ କର୍ମୀ ପୁରନ୍ଦର ମିଶ୍ର ବିଜୟୀ ହୋଇଛନ୍ତି। ତାଙ୍କୁ ୫୪,୨୭୯ ଭୋଟ୍ ମିଳିଛି। ସେ କଂଗ୍ରେସର



କୁଳଦୀପ ସିଂହ ଜୁନେଜାଙ୍କୁ ୨୩,୦୫୪ ଭୋଟରେ ପରାସ୍ତ କରିଛନ୍ତି। ଜୁନେଜାଙ୍କୁ ୩୧, ୨୨୫ ଭୋଟ ମିଳିଛି। ସୂଚନାଯୋଗ୍ୟ ଯେ ପୁରନ୍ଦର ରାୟପୁର ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା କରିଛନ୍ତି। ସେ ପ୍ରଥମ ଓଡ଼ିଆ ଭାବେ କୌଣସି ଜାତୀୟ ଦଳରୁ ଛତିଶଗଡ଼ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ସେ କିଛି ଦିନ ତଳେ ଛତିଶଗଡ଼ର ଗ୍ରେଟର ଓଡ଼ିଆ ସମାଜର ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ।

## ଆତ୍ମନିର୍ଭର ଭାରତର ବିଜୟ: ମୋଦୀ

ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ବିଜେପିର ବିପୁଳ ବିଜୟ ପରେ ଦଳୀୟ ନେତା ରାଷ୍ଟ୍ରୀୟ କାର୍ଯ୍ୟାଳୟ ପରିସରରେ ଖୁସି ମନାଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଦଳୀୟ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏହି ବିଜୟ ଐତିହାସିକ ଏବଂ ଅପ୍ରତ୍ୟାଶିତ ବୋଲି କହିଛନ୍ତି। ତେବେ ଏହି ତିନି ରାଜ୍ୟବାସୀ ବିଜେପିକୁ ଯେଉଁଳି ବିପୁଳ ଭୋଟରେ ବିଜୟୀ କରିଛନ୍ତି ତାହା ଆତ୍ମନିର୍ଭର ଭାରତର ବିଜୟ ବୋଲି ମୋଦୀ କହିଛନ୍ତି। ଏହି ବିଜୟ ସହିତ ୨୦୨୪ ନିର୍ବାଚନରେ ବିଜେପିର ବିଜୟ ପାଇଁ ମଧ୍ୟ ସେ ଗ୍ୟାରେଣ୍ଟି ଦେଉଛନ୍ତି ବୋଲି କହିଛନ୍ତି। ଦେଶର ବିକାଶ ଏବଂ ଅଗ୍ରଗତିକୁ ନେଇ ଦେଶବାସୀଙ୍କ ମନରେ ଯେଉଁ ଦୃଢ଼ତା ଆସିଛି ତାହା ଏହି ନିର୍ବାଚନ ଫଳାଫଳର ପ୍ରତିଫଳନ। ତେଣୁ ବିଜେପି ପ୍ରତି ଆଗାମୀ ଦିନରେ ଲୋକଙ୍କ ଏହି ବିଶ୍ୱାସ ଓ ଭରସା ଅତୁଟ ରହିବ ଏବଂ ୨୦୨୪ରେ ଦଳର ବିଜୟ ନିଶ୍ଚିତ ବୋଲି ମୋଦୀ କହିଛନ୍ତି।

## କେନ୍ଦ୍ରମନ୍ତ୍ରୀ କୁଲସ୍ତେ-ନରୋତ୍ତମ ମିଶ୍ରା ପରାଜିତ





ବିଜେପି ୩ କେନ୍ଦ୍ରମନ୍ତ୍ରୀଙ୍କ ସହିତ ୭ ସାଂସଦଙ୍କୁ ମଧ୍ୟପ୍ରଦେଶ ନିର୍ବାଚନ ମୈଦାନକୁ ଓହ୍ଲାଇ ଥିଲା। ଏମାନଙ୍କ ମଧ୍ୟରୁ ୨ ଜଣ ହାରି ଯାଇଛନ୍ତି। କଂଗ୍ରେସ ପ୍ରାର୍ଥୀ ଚେନସିଂହ ୱାରକାଡେ ୯,୭୨୩ ଭୋଟରେ କେନ୍ଦ୍ରମନ୍ତ୍ରୀ ଫଗନ ସିଂହ କୁଲସ୍ତେଙ୍କୁ ପରାସ୍ତ କରିଛନ୍ତି। କୁଲସ୍ତେଙ୍କୁ ୮୯,୯୨୧ ଏବଂ ୱାରକେଡଙ୍କୁ ୯୯,୬୪୪ ଭୋଟ୍ ମିଳିଥିଲା। ସତନା ସାଂସଦ ଗଣେଶ ସିଂହ ମଧ୍ୟ ପରାଜୟ ବରଣ କରିଛନ୍ତି। ମାତ୍ର ଦିମନୀରୁ କେନ୍ଦ୍ରମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର, ନରସିଂହପୁରରୁ ପ୍ରହ୍ଲାଦ ସିଂହ ପଟେଲ ବିଜୟୀ ହୋଇଛନ୍ତି। ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରା ଦତିୟା ଆସନରୁ ପରାଜୟ ବରଣ କରିଛନ୍ତି। କଂଗ୍ରେସର ରାଜେନ୍ଦ୍ର ଭାରତୀ ତାଙ୍କୁ ୮,୭୭୪ ଭୋଟରେ ହରାଇଛନ୍ତି।

## ବିଜେପିଶାସିତ ରାଜ୍ୟରେ କିଏ ହେବେ ମୁଖ୍ୟମନ୍ତ୍ରୀ

ବିଜେପି ତିନି ରାଜ୍ୟରେ ବିଜୟ ହାସଲ କରିଥିଲେ ହେଁ ଏବେ ଏହିସବୁ ରାଜ୍ୟରେ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ ତାହାକୁ ନେଇ ଏବେ ତନାଘନା ଆରମ୍ଭ ହୋଇଛି। ମଧ୍ୟପ୍ରଦେଶରେ ଦଳ ଅଭୁତପୂର୍ବ ବିଜୟ ହାସଲ କରିଥିଲା ବେଳେ ଏଥିପାଇଁ ଶ୍ରେୟ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ପ୍ରତି ରହିବା କଥା। କିନ୍ତୁ ନିର୍ବାଚନ ପୂର୍ବରୁ ବିଜେପି ଶିବରାଜଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ପ୍ରଦର୍ଶନ କରି ନଥିଲା। ସେ ୧୮ ବର୍ଷ ଧରି ମୁଖ୍ୟମନ୍ତ୍ରୀ ରହି ଆସିଥିଲା ବେଳେ ଦଳ ବିଜୟୀ ହେଲେ ବିଜେପି ତାଙ୍କ ବ୍ୟତୀତ ଅନ୍ୟ କୌଣସି ବରିଷ୍ଠ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରିବ ବୋଲି କୁହାଯାଉଥିଲା। କିନ୍ତୁ ଦଳ ଯେଉଁ ସ୍ତରରେ ବିଜୟୀ ହୋଇଛି ସେଥିରେ ଶିବରାଜଙ୍କୁ ମୁଖ୍ୟମନ୍ତ୍ରୀ କରିବା ଛଡ଼ା



ବିଜେପି ପାଇଁ ଅନ୍ୟ ପନ୍ଥା ନାହିଁ ବୋଲି କୁହାଯାଉଛି। ନଚେତ ଆଗାମୀ ଲୋକସଭା ନିର୍ବାଚନ ଦଳ ପାଇଁ ମହଙ୍ଗା ପଡ଼ିବ ବୋଲି ରାଜନୀତିକ ବିଶାରଦମାନେ ମତ ଦେଇଛନ୍ତି। ସେହିପରି ରାଜସ୍ଥାନରେ ମଧ୍ୟ ବିଜେପି ନେତାଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ଏବଂ ଜାତିଆଣ ଭୋଟକୁ ନେଇ ସମୀକରଣ ଭିନ୍ନ ରହିଛି। ଏଠାରେ ବସୁନ୍ଧରା ରାଜେ ଏକମାତ୍ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ରହିଥିଲା ବେଳେ ନିର୍ବାଚନ ପୂର୍ବରୁ ଦଳ ତାଙ୍କୁ କୋଣଠେସା କରିବା ଦେଖାଯାଇଥିଲା। ଦଳ ବିଜୟୀ ହେଲେ ଅନ୍ୟ କାହାରିକୁ ମୁଖ୍ୟମନ୍ତ୍ରୀ କରାଯିବା ନେଇ ଆଭାସ ମିଳିଥିଲା। ସବୁଠୁ ବଡ଼ କଥା ହେଲେ ଚଳିତ ନିର୍ବାଚନରେ ହିନ୍ଦୁତ୍ୱ କାର୍ଡ ଖେଳିଥିବା ସାଂସଦ ମହନ୍ତ ବାଲକନାଥ ଦଳର ବିଜୟ ପାଇଁ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା ବେଳେ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇପାରେ ବୋଲି ଆଲୋଚନା ଚାଲିଛି। ସେହିପରି କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ଶେଖାୱତ୍, ସତୀଶ ପୁନିଆ, ରାଜ୍ୟ ବିଜେପି ଅଧ୍ୟକ୍ଷ ସିପି ଯୋଶୀ ଏବଂ ଦିୟା କୁମାରୀଙ୍କ ନାଁ ମଧ୍ୟ ଚର୍ଚ୍ଚାରେ ରହିଛି। ତେବେ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ସ୍ଥିର କରିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଛତିଶଗଡ଼ରେ ମୁଖ୍ୟମନ୍ତ୍ରୀ ପାଇଁ ରମଣ ସିଂଙ୍କ ନାଁ ଚର୍ଚ୍ଚାରେ ରହିଛି। କିନ୍ତୁ ମୁଖ୍ୟମନ୍ତ୍ରୀ ଦୌଡ଼ରେ ବିଷ୍ଣୁ ଦେଓ ସାଏଙ୍କର ନାମ ମଧ୍ୟ ସବୁଠୁ ଅଧିକ ଚର୍ଚ୍ଚାରେ ରହିଛି। ରାଜ୍ୟର ଟାଣୁଆ ଜନଜାତି ନେତା ସାଏ କେନ୍ଦ୍ର ସରକାରରେ ମନ୍ତ୍ରୀ ରହିବା ସହ ରାଜ୍ୟ ଅଧ୍ୟକ୍ଷ ମଧ୍ୟ ରହିସାରିଛନ୍ତି। ଯଦି ଏଥର ଛତିଶଗଡ଼ ଲାଗି ଜଣେ ଆଦିବାସୀ ନେତାଙ୍କୁ ମନ୍ତ୍ରୀପଦ ଦିଆଯାଏ ତେବେ ବିଷ୍ଣୁ ଦେଓ ସାଏଙ୍କ ନାମ ଆଗରେ ରହିବ। ସେହିପରି ପୂର୍ବତନ ରାଜ୍ୟସଭା ସାଂସଦ ତଥା ରମଣ ସିଂଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ୍ ମନ୍ତ୍ରୀ ଥିବା ରାମଜୀବନ୍ ନେତମ୍‌ଙ୍କ ନାମ ମଧ୍ୟ ମୁଖ୍ୟମନ୍ତ୍ରୀ ଦୌଡ଼ରେ ରହିଛି। ଏହାଛଡ଼ା ଛତିଶଗଡ ରାଜ୍ୟ ଅଧ୍ୟକ୍ଷ ଅରୁଣ ସାଓ ମଧ୍ୟ ଦୌଡ଼ରେ ସାମିଲ ହୋଇଛନ୍ତି। ସେ ଚଳିତ ନିର୍ବାଚନ ଅଭିଯାନ ଦାୟିତ୍ୱ ନେଇଥିଲେ । ସେହିପରି ଦୁର୍ଗ ସାଂସଦ ବିଜୟ ବାଘେଲ ମଧ୍ୟ ଚର୍ଚ୍ଚାରେ ରହିଛନ୍ତି ।ତାଙ୍କୁ ପାଟନ୍ ଆସନରୁ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ବିପକ୍ଷରେ ପ୍ରାର୍ଥୀ କରାଯାଇଥିଲା। ଅନ୍ୟପକ୍ଷରେ ମହିଳା ନେତ୍ରୀ ଭାବେ କେନ୍ଦ୍ରମନ୍ତ୍ରୀ ରେଣୁକା ସିଂଙ୍କ ନାମ ମଧ୍ୟ ଏହି ଦୌଡ଼ରେ ସାମିଲ ରହିଛି।

## ବିଜେପିର ସଫଳତା ପଛରେ 'ମୋଦୀ ଫାକ୍ଟର' !

ମଧ୍ୟପ୍ରଦେଶ,ରାଜସ୍ଥାନ ଏବଂ ଛତିଶଗଡ଼ ଭଳି ରାଜ୍ୟରେ ବିଜେପିର ଏକତରଫା ବିଜୟକୁ କେବଳ ସାଧାରଣ ଭୋଟର ନୁହନ୍ତି, ବହୁ ରାଜନୀତିକ ଦଳ ମଧ୍ୟ ହଜମ କରିପାରିନାହାନ୍ତି। ବିଶେଷକରି ଛତିଶଗଡ଼ ଏବଂ ରାଜସ୍ଥାନ ଭଳି ଦୁଇଟି କଂଗ୍ରେସ ଶାସିତ ରାଜ୍ୟରେ ବିଜେପି ବହୁମତରେ ବିଜୟୀ ହେବା ସବୁ ରାଜନୀତିକ ଦଳଙ୍କୁ ବିସ୍ମିତ କରିଛି। ଛତିଶଗଡ଼ରେ ବାଘେଲ ସରକାର କୃଷି ଠାରୁ ଆରମ୍ଭ କରି ସାମାଜିକ ନ୍ୟାୟକରଣ କ୍ଷେତ୍ରରେ ଅନେକ କାର୍ଯ୍ୟ କରିଛନ୍ତି। ଆଦିବାସୀ ଏବଂ ପଛୁଆବର୍ଗଙ୍କ ସମେତ ମହିଳାଙ୍କ ଲାଗି ମଧ୍ୟ ବିଭିନ୍ନ ଯୋଜନା ପ୍ରଣୟନ କରି ଲୋକପ୍ରିୟତା ହାସଲ କରିଛନ୍ତି। ଏହାସତ୍ତ୍ୱେ ବିଜେପି ସବୁକିଛିକୁ ଓଲଟପାଲଟ କରି ବାଘେଲ ସରକାରକୁ କ୍ଷମତାଚ୍ୟୁତ କରିବା ରାଜନୀତିକ ସ୍ତରରେ ଏକ ବଡ଼ ଘଟଣା ବୋଲି କୁହାଯାଉଛି। ରାଜସ୍ଥାନରେ ମଧ୍ୟ ଗେହଲଟ ସରକାର ବିଜୟୀ ହେବା ନେଇ ନିଶ୍ଚିତ ରହିଥିଲା ବେଳେ ଏଠାରେ



ମଧ୍ୟ ବିଜେପି କରିସ୍ମାରେ ଚିତ୍‌ପଟାଙ୍ଗ ମାରିଛି। ତେବେ ରାଜସ୍ଥାନ ହେଉ କି ମଧ୍ୟପ୍ରଦେଶ, ଏହିସବୁ ରାଜ୍ୟରେ 'ମୋଦୀ ଫାକ୍ଟର' ସବୁଠାରୁ ବେଶୀ କାର୍ଯ୍ୟ କରିଛି ବୋଲି ରାଜନୀତିକ ବିଶାରଦମାନେ ମତ ଦେଇଛନ୍ତି। ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ବଢୁଥିବା ମୋଦୀଙ୍କ ଛବିକୁ ସାଧାରଣ ଭୋଟର ଗ୍ରହଣ କରିଥିଲା ବେଳେ ଦଳର ସାଂଗଠନିକ ଶକ୍ତି ଏବଂ ଶୃଙ୍ଖଳତା ବିଜୟର ଅନ୍ୟତମ କାରଣ ବୋଲି କୁହାଯାଉଛି। ଏହାବ୍ୟତୀତ ଏଥରକ ବିଜେପି ସବୁ ରାଜ୍ୟରେ ସର୍ବାଧିକ ମହିଳା ଭୋଟ ହାତେଇବାରେ ମଧ୍ୟ ସଫଳ ହୋଇଛି। ଏଥିପାଇଁ ମଧ୍ୟ ରାଜ୍ୟସ୍ତରୀୟ ନେତାଙ୍କ ସମେତ ମୋଦୀଙ୍କୁ ଶ୍ରେୟ ଦିଆଯାଇଛି। ଏହାବ୍ୟତୀତ ମଧ୍ୟପ୍ରଦେଶ,ଛତିଶଗଡ଼ ଭଳି ଆଦିବାସୀ ଅଧ୍ୟୁଷିତ ରାଜ୍ୟରେ ଜନଜାତି ସଂପ୍ରଦାୟର ସର୍ବାଧିକ ଭୋଟ୍ ବିଜେପି ହାତେଇବାକୁ ସକ୍ଷମ ହୋଇଛି। କଂଗ୍ରେସ ଜାତିଭେଦ ନୀତିରେ ଭୋଟ୍ ହାତେଇବାକୁ ପ୍ରୟାସ କରିଥିଲା ବେଳେ ବିଜେପି ଆଦିବାସୀ ଭୋଟ୍ ହାତେଇବା ପଛରେ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଭିମୁଖ୍ୟ ଏକ ମୁଖ୍ୟ କାରଣ ବୋଲି କୁହାଯାଇଛି। ଅନ୍ୟପକ୍ଷରେ କଂଗ୍ରେସର ପରାଜୟ ଏବଂ ବିଜେପିର ବିଜୟ ପଛରେ ସବୁଠୁ ଯେଉଁ ଦିଗଟିକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ତାହା ହେଲା ହିନ୍ଦୁତ୍ୱ ପ୍ରସଙ୍ଗ। ନିର୍ବାଚନ ପୂର୍ବରୁ କଂଗ୍ରେସ ଏବଂ ଏହାର ସହଯୋଗୀ କିଛି ଦଳ ସନାତନ ବିରୋଧୀ ମନ୍ତବ୍ୟ ଦେଇ ସାରା ଦେଶରେ ଚର୍ଚ୍ଚିତ ରହିଥିଲେ। କିନ୍ତୁ ବିଜେପି ଏହାର ଫାଇଦା ଉଠାଇ ହିନ୍ଦୁତ୍ୱ କାର୍ଡ ଖେଳିବାକୁ ପଛାଇ ନଥିଲା। ଯାହାକୁ ନେଇ ମଧ୍ୟପ୍ରଦେଶ,ରାଜସ୍ଥାନ ଏବଂ ଛତିଶଗଡ଼ ଆଦି ରାଜ୍ୟରେ ବିଜେପି ଜାତିବର୍ଣ୍ଣ ନିର୍ବିଶେଷରେ ହିନ୍ଦୁ ଭୋଟ ଏକାଠି କରିବାକୁ ସକ୍ଷମ ହୋଇଛି ବୋଲି କୁହାଯାଉଛି।

# ସମ୍ଭାବ୍ୟ ବର୍ଷା ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ଜରୁରୀ ବୈଠକ

**ପାରଳାଖେମୁଣ୍ଡି, ୩।୧୨ (ସମିସ) :**



ଭାରତୀୟ ପାଣିପାଗ ବିଭାଗଙ୍କ ସୂଚନା ମୁତାବକ ଗଜପତି ଜିଲ୍ଲାରେ ୬ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଗଜପତି ଜିଲ୍ଲାରେ ସତର୍କ ରହିବା ନିମନ୍ତେ ଗଜପତି ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। କୃଷକମାନଙ୍କୁ ଅତ୍ୟଧିକ ସତର୍କ ରହିବା ନିମନ୍ତେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଯେଉଁ ଚାଷୀଗଣ ସେମାନଙ୍କ ଧାନ କାଟିସାରିଛନ୍ତି ସେମାନେ ଅମଳ ଧାନକୁ ସୁରକ୍ଷିତ ସ୍ଥାନରେ ସାଇତି ରଖନ୍ତୁ ବୋଲି ଜିଲ୍ଲାପାଳ ଶ୍ରୀ ପ୍ରଧାନ ଅବଗତ କରାଇଥିଲେ। କଟା ହୋଇଯାଇଥିବା ଧାନ ଅମଳ ସମ୍ଭବ ନ ହେଲେ ତାହାକୁ ପଲିଥିନ୍ ଘୋଡାଇ ସୁରକ୍ଷିତ ରଖନ୍ତୁ । କଟା ଧାନକୁ ବିଲରେ ଶୁଖାନ୍ତୁ ନାହିଁ । ଅମଳ ଉପଯୋଗୀ ଅନ୍ୟାନ୍ୟ ଫସଲକୁ ପୂର୍ବରୁ ଅମଳ କରି ରଖନ୍ତୁ । କଟା ହୋଇଯାଇଥିବା ଧାନ ଅମଳ କରି ସୁରକ୍ଷିତ ସ୍ଥାନରେ ସାଇତି ରଖନ୍ତୁ। ବିଳମ୍ବ କିସମ ଧାନ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳ କରନ୍ତୁ ଓ ନାଳ ମୁହଁ ଖୋଲା ରଖନ୍ତୁ। ଧାନ ଗଛ ପଡିଯାଇଥିଲେ ବର୍ଷା ପରେ ହଳାକରି ଠିଆ କରନ୍ତୁ, ଅମଳ ଉପଯୋଗୀ ମାଣ୍ଡିଆ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ସାଇତି ରଖନ୍ତୁ। କୃଷକଙ୍କ ସତର୍କତା ନିମନ୍ତେ ପ୍ରତି ଗ୍ରାମରେ ଏହି ବାର୍ତ୍ତା ପ୍ରଚାର ପ୍ରସାର କରିବାକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପାରଳାଖେମୁଣ୍ଡି ପୌର ପରିଷଦ ଅଞ୍ଚଳରେ ବର୍ଷା ଜନିତ ପାଣି ଜମା ହେବାର ସମ୍ଭାବନା ରହିଛି । ତେଣୁ ସ୍ଥିତିକୁ ଧ୍ୟାନରେ ରଖି ପୂର୍ବ ପ୍ରସ୍ତୁତି କରିବାକୁ କୁହାଯାଇଛି । ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ରହିଅଛି ଏଣୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇପାରେ, ତେଣୁ ପୂର୍ବରୁ ଉକ୍ତ ସ୍ଥାନଗୁଡିକ ଚିହ୍ନଟ କରି ଆଗୁଆ ସଜାଗ ରହିବାକୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ମାନଙ୍କୁ କୁହାଯାଇଛି । ବାତ୍ୟା ଆଶ୍ରୟ ସ୍ଥଳ ତଥା ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକୁ ଯାଞ୍ଚ କରି ସଜାଗ କରି ରଖିବାକୁ କୁହାଯାଇଛି । ଏହି ଜରୁରୀକାଳୀନ ବୈଠକରେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ ଓ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଲିଡ୍ସ କ୍ରିକେଟ୍ ଏକାଡେମୀ ପକ୍ଷରୁ 'ଚାନ୍ଦ୍ୱେଲର୍ କପ୍' କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ବ୍ରହ୍ମପୁର, ୩।୧୨(ସମିସ):** ଲିଡ୍ସ କ୍ରିକେଟ ଏକାଡେମୀ ପକ୍ଷରୁ ଏମକେସିଜି ମେଡିକାଲ ଖଳ ପଡ଼ିଆରେ ୧୧ଦିନିଆ 'ଚାନ୍ଦ୍ୱେଲର୍ କପ୍' କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଶନିବାର ଲିଡସ ସ୍ପୋର୍ଟିଙ୍ଗ କ୍ଲବ ଓ ରାମେଶ୍ୱର ସ୍ପୋର୍ଟି କ୍ଲବ ମଧ୍ୟରେ କ୍ୱାଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଏ.ସନ୍ତୋଷ କୁମାର ପାତ୍ରଙ୍କ ତତ୍ତ୍ୱବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଡେପୁଟି ମେୟର ବିବେକ ରେଢ୍ଡୀ, ମହାନଗର ଯୁବ ବିଜେଡି ସଭାପତି ଅଜିତ୍ ପଣ୍ଡା, ଶୋଭନ ନାୟକ, କର୍ପୋରେଟର ତ୍ରିପତି ପାତ୍ର, ସମୀର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଲିଡସ ସ୍ପୋର୍ଟିଙ୍ଗ କ୍ଲବ ପ୍ରଥମେ ବ୍ୟାଟିଂ କରି ଦଶ ୱିକେଟ ବିନିମୟରେ ୧୪୬ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ଇଙ୍ଗିସରେ ୧୪୭ରନ ବିଜୟ ଲକ୍ଷ୍ୟ ରଖି ରାମେଶ୍ୱର ସ୍ପୋର୍ଟିଙ୍ଗ କ୍ଲବ ୬ୱିକେଟ ହରାଇ ବିଜୟ ହାସଲ କରିଛି। ଟିମ ପକ୍ଷରୁ ଦେବାଶିଷ ସାହୁ ୨୯ବଲରେ ୫୪ ସର୍ବାଧିକ ରନ କରି ଟିମକୁ ବିଜୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଡ୍ସ କ୍ରିକେଟ ଏକାଡେମୀର ସମ୍ପାଦକ ଆଦିତ୍ୟ ପଟ୍ଟନାୟକ, ସଦସ୍ୟ ଦିପଙ୍କର ମହାନ୍ତି ଓ ଜଗନ୍ନାଥ ରାଓ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରୁଛନ୍ତି। ଡିସେମ୍ବର ୭ରେ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

● ଚାଷୀଙ୍କୁ ପ୍ରକୃତି ଦାଉ ସାଧୁଛି

## ସମ୍ଭାବ୍ୟ ବର୍ଷାକୁ ନେଇ ଚିନ୍ତାରେ ଚାଷୀ

**ପାରଳାଖେମୁଣ୍ଡି, ୩।୧୨ (ସମିସ) :** ସମ୍ପ୍ରତି ପରିସ୍ଥିତିରେ ଗଜପତି ଜିଲ୍ଲାରେ ମରୁଡି ପରିସ୍ଥିତି ଉପୁଜିଛି । କାଶୀନଗର ଓ ଗୋଷାଣି ବ୍ଲକରେ ଜଳ ଅଭାବ ଯୋଗୁଁ ଧାନ ଚାଷ ବିଶେଷ ମାତ୍ରାରେ ପ୍ରଭାବିତ ହୋଇଛି। ଚାଷୀମାନେ ବହୁ କଷ୍ଟରେ କୌଣସି ମତେ ନିଜ ନିଜ ଜମିକୁ ଜଳସେଚନ ପାଇଁ ମୋଟର ପାଇପ ଲଗାଇ ଧାନ ଅମଳ କରିଛନ୍ତି । ସେହି ଧାନ ଗଛ ଗୁଡିକ ବର୍ତ୍ତମାନ ଅମଳ ହେବା ସ୍ଥିତିରେ ରହିଛି । ପ୍ରାୟତଃ ସ୍ଥାନରେ ମରୁଡି ଦେଖାଦେଇଥିବା ବେଳେ ବହୁ କଷ୍ଟ ସ୍ୱୀକାର କରି ଧାନ ଅମଳ କରିଥିବା ଚାଷୀମାନଙ୍କ ମୁଣ୍ଡରେ ଚଡକ ପଡିଛି। ସମ୍ଭାବ୍ୟ ପ୍ରବଳ ବର୍ଷା ହେଲେ ଅମଳ ହୋଇ ବା ପାଚି ଆସୁଥିବା ଧାନ ଗଛ ବର୍ଷା ଜଳ ପ୍ରଭାବରେ ଜଳମଗ୍ନ ହୋଇ ଜମିରେ ହିଁ ପୋଚକା ହୋଇ ରହିଯିବା ସମ୍ଭାବନା ରହିଛି । ଗୋଟିଏ ପଟେ ଅଭାବି ବର୍ଷା ଯୋଗୁଁ ଚାଷ ଜମିକୁ ପାଣି ଅଭାବ ହୋଇଥିବାରୁ ଅନେକ ଧାନ ଗଛ ପୋଡିଯାଇଛି ବା ମରୁଡି ଦେଖାଦେଇଛି । ମରୁଡି ପରିସ୍ଥିତିରେ ପଡି କ୍ଷତିଗ୍ରସ୍ତ ହୋଇଥିବା ଧାନ ଚାଷୀ ମାନେ ତ କ୍ଷତି ସହିଲେଣି । ଆଉ ଜିଲ୍ଲାରେ ଯାହା କିଛି ଧାନ ଅମଳ ହୋଇଛି ସେମାନେ ମଧ୍ୟ ସମ୍ଭାବ୍ୟ ବର୍ଷା ଦ୍ୱାରା ବ୍ୟାପକ କ୍ଷତି ସହିବାର ସମ୍ଭାବନା ଦେଖାଦେଇଛି । ଯେ କୌଣସି ମତେ ଧାନ ଚାଷ ଉଜୁଡିଯିବାର ଆଶଙ୍କା ଦେଖାଦେଇଛି । ତେଣୁ ଗଜପତି ଜିଲ୍ଲାକୁ ପ୍ରକୃତି ଦାଉ ସାଧୁଥିବାର ଚାଷୀ ମାନଙ୍କ ମଧ୍ୟରେ ଆଲୋଚନା ହେଉଛି ।

## ମହାମାୟୀ କଲେଜରେ ସାଇବର କ୍ରାଇମ୍ ସଚେତନତା ଶିବିର

**ବ୍ରହ୍ମପୁର, ୩।୧୨(ସମିସ):** ମହାମାୟୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଜରିଆରେ ଶନିବାର ସାଇବର କ୍ରାଇମ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷା କବିତା ଶତପଥୀଙ୍କ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କଲେଜ ପରିଚାଳନା କମିଟି ଅଧକ୍ଷା ଡ. ଅରୁନ୍ଧତୀ ରଥ ଯୋଗ ଦେଇଥିଲେ। ଏଥିରେ ବ୍ରହ୍ମପୁର ପୁଲିସ ଜିଲ୍ଲାର ଟ୍ରାଫିକ ଡିଏସ୍ପି ଅକ୍ଷୟ ନାୟକ ଯୋଗଦେଇ ଛାତ୍ରୀମାନଙ୍କୁ ସାଇବର କ୍ରାଇମ ସମ୍ପର୍କରେ ସଚେତନତା କରିଥିଲା। ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ ମୌସୁମୀ ନାୟକ ଏବଂ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଓ ଜିଲ୍ଲା ନୋଡ଼ାଲ ଅଫିସର ଡ଼ ନାରାୟଣ ବେହେରା ପରିଦର୍ଶନରେ ଆସି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଷୟରେ ସଚେତନ କରିଥିଲେ। ଯୁକ୍ତତିନି ନୋଡାଲ ଅଫିସର ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପିକା ଅଧାପକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## 'ଏକତା' ସ୍ୱେଚ୍ଛାସେବୀ ସଂଗଠନର ବୈଠକ

**ବ୍ରହ୍ମପୁର, ୩।୧୨(ସମିସ):** ଚତୁର୍ଭୁଜ ଧର୍ମଶାଳା ପରିସରରେ ଶନିବାର ଏକତା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ସଭାନେତ୍ରୀ ପ୍ରଣୀତା ହୋତା ଅଧକ୍ଷତା କରି ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହ ଅନୁଷ୍ଠାନ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ସାମାଜିକ କାଯ୍ୟକ୍ରମ ହାତକୁ ନିଆଯିବ ବୋଲି ସଭାନେତ୍ରୀ ଶ୍ରୀମତୀ ହୋତା କହିଛନ୍ତି। ଏଅବସରରେ 'ଏକତା' ଏକ ବ୍ୟାନରର ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଣବ କୁମାର ପଣ୍ଡା, ସୁଦୀପ ସାହୁ, ବନ୍ଦିତା ତ୍ରିପାଠୀ, ଉଷାରାଣୀ ପଟ୍ଟନାୟକ, ଅସ୍ମିତା ସାହୁ, ସାବନା ଦାଶ, ପୁଷ୍ପଲତା ପାଣିଗ୍ରାହୀ, ବିଜୟଲକ୍ଷ୍ମୀ ଗନ୍ତାୟତ, ଅହଲ୍ୟା ପଟ୍ଟନାୟକ ଓ ସୁଜାତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ

**ରମ୍ଭା/ହୁମ୍ମା, ୩।୧୨(ସମିସ):** ରମ୍ଭା ଥାନା ପକ୍ଷରୁ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ସତ୍ୟବ୍ରତ ଭୁଟିଆଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା। ପରେ ଏକ ପ୍ରଥପ୍ରାନ୍ତମୂଳକ ନାଟକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଅଭିମନ୍ୟୁ ଗୌଡ଼ଙ୍କ ସମେତ ରମ୍ଭା ଥାନାର ସମସ୍ତ ଅଧିକାରୀ, କର୍ମଚାରୀ, ବିଭିନ୍ନ ମହାବିଦ୍ୟାଳୟ, ବିଦ୍ୟାଳୟର ବିଦ୍ୟାର୍ଥୀ, ଡ୍ରାଇଭର ସଙ୍ଘ, ବିଭିନ୍ନ ସଂଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ।

## ମୁକ୍ତ ଆକାଶ ସଂଗଠନ ପକ୍ଷରୁ ଆର୍‌ଡିସିଙ୍କୁ ଦାବିପତ୍ର

**ବ୍ରହ୍ମପୁର, ୩।୧୨(ସମିସ):** ମୁକ୍ତ ଆକାଶ(ଭିନ୍ନକ୍ଷମମାନଙ୍କ ସଂଗଠନ) ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଏକ ୫ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଭିନ୍ନକ୍ଷମ ମାନଙ୍କୁ ମାସିକ ୩ହଜାର ଟଙ୍କା ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରିବା, ଅନ୍ତୋଦୟ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ମାସିକ ୩୫କିଲୋଗ୍ରାମ ଚାଉଳ ପ୍ରଦାନ କରିବା, ଚାକିରୀରେ ଥିବା ଭିନ୍ନକ୍ଷମଙ୍କ ପଦୋନ୍ନତିରେ ସଂରକ୍ଷଣ କରିବା, ମୋ କୁଡିଆ ଯୋଜନା ମାଧ୍ୟମରେ ସମସ୍ତଙ୍କୁ ବାସଗୃହ ପ୍ରଦାନ କରିବା ସହିତ ଭୂମିହୀନମାନଙ୍କୁ ବସୁନ୍ଧରା ଯୋଜନା ଜରିଆରେ ୧୦ରୁ ୨୦ଡିସିମିଲ ଜମି ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଅନୁଷ୍ଠାନର ସଦସ୍ୟ ନିରଞ୍ଜନ ବାଡତ୍ୟା, ନରସିଂହ ଗୌଡ଼, ସଂଯୁକ୍ତା ଦାସ, କାହ୍ନୁ ମହାପାତ୍ର, ରାମ ବାବୁ ଆଚାରି, ବି. ଏନ୍ ରେଡ୍ଡୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଏଡ୍ସ ସଚେତନତା କାର୍ଯ୍ୟକ୍ରମ

**ଧରାକୋଟ, ୩।୧୨(ସମିସ):** ମୁଣ୍ଡମରାଇସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଡ୍ସ ସଚେତନତା କାର୍ଯ୍ୟକ୍ରମ ସହ ଏକ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଦିଗାମ୍ବର ବିଷୋୟୀ ଏହାର ଉଦଘାଟନ କରିଥିବା ବେଳେ ଅଧାପକ ଦୁର୍ଗା ପ୍ରସାଦ ଆଚାରି, ଜଗନ୍ନାଥ ପଟ୍ଟନାୟକ, ସରୋଜ ପଟ୍ଟନାୟକ, ଶଙ୍କର ସାହୁ, ଅଧାପିକା ମମତା ରାଣୀ ସାବତ, ବବିତା ସାବତ, ସୁମିତ୍ରା ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। କେ ଏନ ଦୋରା, ଗିରିଜା ଶଙ୍କର ମିଶ୍ର ଓ ଉତ୍ତମ ସାହୁ ଏହାର ନେତୃତ୍ୱ ନେଇଥିବାବେଳେ ନୋଡାଲ ଅଫିସର ରଞ୍ଜନ କୁମାର ପଟ୍ଟଯୋଶୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅନିଶ୍ଚିତତା ମଧ୍ୟରେ ଗୋପାଳପୁର ବେଳାଭୂମି ମହୋତ୍ସବ-୨୦୨୩

**ବ୍ରହ୍ମପୁର, ୩।୧୨(ସମିସ):** ଗୋପାଳପୁର ବେଳାଭୂମି ମହୋତ୍ସବ। ଯାହାକୁ ସମସ୍ତଙ୍କର ରହିଥାଏ ଅପେକ୍ଷା। ଏହି ମହୋତ୍ସବ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ମଧ୍ୟ ସ୍ଥାନିତ ହୋଇଛି। ଫଳରେ ପ୍ରତି ବର୍ଷ ଡିସେମ୍ବର ୨୪ତାରିଖ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ଏହି ରାଜ୍ୟସ୍ତରୀୟ ସାଂସ୍କୃତିକ ମହୋତ୍ସବର ଆୟୋଜନ କରାଯାଇଥାଏ। ଗୋପାଳପୁର ବେଳାଭୂମିରେ ମୁକ୍ତାକାଶ ରଙ୍ଗମଞ୍ଚରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଓରମାସ ପଲ୍ଲିଶ୍ରୀ ମେଳାର ମଧ୍ୟ ଆୟୋଜନ କରାଯାଇଥାଏ। ଶୀତଛୁଟି ଓ ଏକ୍ସମାସ ଅବସରରେ ଏହି ସାଂସ୍କୃତିକ ଉତ୍ସବର ଆୟୋଜନ କରାଯାଉଥିବାରୁ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ବହୁ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ବଲିଉଡ ଓ ଓଲିଉଡର କ୍ଷ୍ୟାତନାମା କଳାକାରମାନଙ୍କ ମହାସଙ୍ଗମ ହୋଇଥାଏ ଏହି ମହୋତ୍ସବରେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇ ଆସୁଥିବା ଏହି ମହୋତ୍ସବ ପାଇଁ ହାତରେ ଖୁବ୍କମ୍ ସମୟ ଥିବା ବେଳେ ଚଳିତ ବର୍ଷ ଏହି ମହୋତ୍ସବ ଆୟୋଜିତ ହେବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ପୂର୍ବବର୍ଷ ମାନଙ୍କରେ ଏତେବେଳକୁ ସ୍ୱତନ୍ତ୍ର କମିଟିମାନ ଗଠନ କରି ପ୍ରସ୍ତୁତି ଆରମ୍ଭ ହୋଇଯାଉଥିଲା। ତେବେ ଚଳିତ ବର୍ଷ ନିର୍ବାଚନ ବର୍ଷ ହୋଇଥିବାରୁ ପ୍ରଶାସନିକ ଅଧିକାରୀମାନେ ନିର୍ବାଚନୀ କାର୍ଯ୍ୟରେ ବ୍ୟସ୍ତ ଥିବା ଜଣାପଡ଼ିଛି। ତେବେ ଖୁବ୍କମ୍ ସମୟରେ ଏତେବଡ ମହୋତ୍ସବ କରିବା କଷ୍ଟକର ବ୍ୟାପାର। ସେପଟେ ତରବରିଆ ଭାବେ ମହୋତ୍ସବ ଆୟୋଜନ କରି ମହୋତ୍ସବର ନାମକୁ ବା ପରିଚୟକୁ ଖରାପ କରିବାକୁ ମଧ୍ୟ ଅନେକେ ଚାହୁଁନଥିବା ଜଣାପଡ଼ିଛି। ତେବେ ସମୟ ହିଁ କହିବ ଚଳିତ ବର୍ଷ ଗୋପାଳପୁର ବେଳାଭୂମି ମହୋତ୍ସବ ୨୦୨୩ ଆୟୋଜନ ହେବ କି ନାହିଁ।

## ଗଛ ସୁରକ୍ଷା ନେଇ ସବୁଜ ବାହିନୀର ଦାବିପତ୍ର




**ବ୍ରହ୍ମପୁର, ୩।୧୨(ସମିସ):** ବିଜିପୁର ପୋଖରୀ ନିକଟରେ ଥିବା ବର ଗଛ ଗୁଡିକର ସୁରକ୍ଷା ପାଇଁ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ ମହାନଗର ନିଗମ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ କଂଗ୍ରେସ ଅଫିସରୁ ବିଜିପୁର ଛକ ପର୍ଯ୍ୟନ୍ତ ସଂଯୋଗ କରୁଥିବା ରାସ୍ତାରେ ନୂତନ ନାଳ ନିର୍ମାଣ ସକାଶେ ଖନନ ହୋଇଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ବର ଗଛ ଗୁଡିକୁ କାଟିବା ପାଇଁ ଯୋଜନା କରାଯାଉଥିବା ସବୁଜା ବାହିନୀ ପକ୍ଷରୁ ଏଠାରେ କୁହାଯାଇଛି। ଏହି ଗଛ ଗୁଡିକର ସୁରକ୍ଷା ପାଇଁ ସବୁଜ ବାହିନୀ ଦାବି କରିଛି। ଗଛ ନ କାଟି ବିକଳ୍ପ ପନ୍ଥା ଗ୍ରହଣ କରିବାକୁ ଏଠାରେ କୁହାଯାଇଛି। ସଂଗଠନର ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତିଯେ, ପ୍ରତ୍ୟେକ ବର୍ଷ ବ୍ରହ୍ମପୁର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବାତ୍ୟାକୁ ସାମ୍ନା କରୁଥିବା ବେଳେ ଅନେକ ଗଛ ଉପୁଡ଼ି ପଡୁଛି। ତେଣୁ ଯେଉଁ ଗଛ ଗୁଡିକ ସମାଜକୁ ନିରନ୍ତର ସେବା ପ୍ରଦାନ କରୁଛନ୍ତି, ସେମାନଙ୍କ ସୁରକ୍ଷା ପାଇଁ ସଂଗଠନ ନିରନ୍ତର ପ୍ରୟାସ କରିଆସୁଛି। ଦାବିପତ୍ର ପ୍ରଦାନ ବେଳେ ସମ୍ପାଦକ ଏ ପ୍ରକାଶ, ପି ବିନୋଦ, ଗଣେଶ ପାଣିଗ୍ରାହୀ, ସାଗର ପ୍ରସାଦ ପାତ୍ର, ଶିବରାମ ବେହେରା, ପ୍ରବୀଣ ନାୟକ, ବି ସୂର୍ଯ୍ୟ ନାରାୟଣ ପାତ୍ର, ବାଲାଜୀ ବେହେରା, ସୁଜିତ ଗୌଡ଼, ଆକାଶ ରାଉତ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

## ରାଜା ଅନନ୍ତ ନାରାୟଣଙ୍କ ଶ୍ରାଦ୍ଧବାର୍ଷିକୀ

**ଧରାକୋଟ, ୩।୧୨(ସମିସ):** ଧରାକୋଟ ଗଡ଼ର ସ୍ୱର୍ଗତ ରାଜା ଅନନ୍ତ ନାରାୟଣ ସିଂହଦେଓଙ୍କ ୨୦ତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଣୀ ନନ୍ଦିନୀ ଦେବୀ, ସମ୍ମାନିତ ଅତିଥି ଭାବେ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଅବସରପ୍ରାପ୍ତ ପ୍ରଶାସକ ଅନିଲ କୁମାର ପଟ୍ଟନାୟକ, ଶିକ୍ଷାବିତ୍ ଡକ୍ଟର ବିମଳ ପ୍ରସାଦ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ, ବରିଷ୍ଠ ନାଗରିକ ପଦ୍ମ ଚରଣ ବାରିକ, ତ୍ରିନାଥ ସାହୁ, ଉଦୟନାଥ ସ୍ୱାଇଁ, ସାମ୍ବାଦିକ ବିଷ୍ଣୁ କେଶରୀ ଆଚାର୍ଯ୍ୟ, ହୃଦାନନ୍ଦ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଜାଙ୍କର ତ୍ୟାଗପୁତ ଜୀବନାବଳୀ, ପରୋପକାରୀ ଗୁଣ ଏବଂ ଅଞ୍ଚଳର ବିକାଶରେ ନିଜକୁ ସମର୍ପଣ କରି ଧରାକୋଟକୁ ରାଜ୍ୟ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଥିବାରୁ ଅତିଥିମାନେ ତାହାର ସ୍ମୃତିଚାରଣ କରିଥିଲେ। ଗୌର ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲେଖକ ସୋମନାଥ ପଣ୍ଡା ରାଜାଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଗୋଲକ ବିହାରୀ ସାହୁ, ରାଜେନ୍ଦ୍ର ବେହେରା, ଲୋକନାଥ ଦାସ ଓ ଭଗବାନ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା।



## ରମ୍ଭା ହାଇସ୍କୁଲରୁ କମ୍ପ୍ୟୁଟର ଓ ଲାପ୍‌ଟପ୍ ଚୋରି

**ରମ୍ଭା, ୩।୧୨(ସମିସ):** ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟରୁ ପ୍ରାୟ ୨ ଲକ୍ଷ ୫୦ହଜାର ଟଙ୍କାର ପାଠ୍ୟ ଉପକରଣ ଯଥା ଗୋଟିଏ କମ୍ପ୍ୟୁଟର ସେଟ, ୩ଟି ଲାପଟପ ଓ ଗୋଟିଏ ଡ୍ରୋନ କ୍ୟାମେରା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସ୍କୁଲର ରାତ୍ର ଜଗୁଆଳି ରମେଶ ଚନ୍ଦ୍ର ନାୟକ କୌଣସି କାର୍ଯ୍ୟରତ ଥିବା ବେଳେ ବିଦ୍ୟାଳୟରୁ ଚୋରି ହୋଇଯାଇଛି। ପ୍ରକାଶ ଥାଉକି ଗତ କାଲି ତା -୦୧/୧୨/୨୦୨୩ ଦିବା ୧୨:୩୦ ମି. ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଶ୍ରୀମତୀ ଶୁଭଶ୍ରୀ ସାରଳା ପରିଡ଼ା ୨୦ ଜଣ ଛାତ୍ରଙ୍କୁ ନେଇ ଅଟଲଟିଙ୍କରିଙ୍ଗ ପ୍ରୟୋଗ ଶାଳାରେ ପ୍ରାକ୍ଟିକାଲ କରିବାପାଇଁ ସେଠାରେ ପହଁଞ୍ଚିଥିଲେ। ତେବେ କବାଟର ତାଲା ଖୋଲିଲା ବେଳେ କବାଟ ଓ ଗେଡ଼ା ଭାଙ୍ଗି ଯାଇଥିବା ଦେଖିଲେ। ତାଲା ଖୋଲି ଭିତରେ ପଶି ଦେଖିଲା ବେଳକୁ ୪ ଟି କମ୍ପୁଟର ସେଟ ମଧ୍ୟରୁ ଗୋଟିଏ କମ୍ପୁଟର ସେଟ, ୩ଟି ଲାପଟପ ଓ ଡ୍ରୋନ କ୍ୟାମେରା ସେଟ ନ ଥିବାର ଜଣାପଡ଼ିଥିଲା। ବହୁ ଖୋଜା ଖୋଜି କରି ନ ପାଇବାରୁ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ଏହି ସମ୍ପର୍କରେ ରମ୍ଭା ଥାନା ଅଧିକାରୀଙ୍କୁ ଜଣାଇଥିଲେ। ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଁଞ୍ଚି ଅନୁସନ୍ଧାନ କରିଥିଲେ। ରାତ୍ର ଜଗୁଆଳି ଥାଇ ମଧ୍ୟ ଉପରୋକ୍ତ ମୂଲ୍ୟବାନ ପାଠ୍ୟ ଉପକରଣ ଗୁଡିକ କିପରି ଚୋରିହୋଇଗଲା ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି।

## କେଏଟିଏସ୍ ଆୟୁର୍ବେଦ କଲେଜ ପକ୍ଷରୁ ରକ୍ତଦାନ ଶିବିର



**ବ୍ରହ୍ମପୁର, ୩।୧୨(ସମିସ):** ବ୍ରହ୍ମପୁର ଉପକଣ୍ଠ ଆଙ୍କୁଶପୁର ସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେଏଟିଏସ୍) ଆୟୁର୍ବେଦ ମହାବିଦ୍ୟାଳୟ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଜରିଆରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡା ବିପିନ ବିହାରୀ ଖୁଣ୍ଟିଆ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉପଅଧୀକ୍ଷକ ଡା. ବିମଳ କୁମାର ପଣ୍ଡା, ପ୍ରଫେସର ଡା. ଚିନ୍ମୟ ଭବାନୀ ପ୍ରସାଦ, ନୋଡାଲ ଅଫିସର ଡା. ଘାସିରାମ ସାହୁ, ସୋସିଆଲ ଇଭେଣ୍ଟ ମୁଖ୍ୟ ଡା. ସୌଭାଗ୍ୟ କୁମାର ମହାଲିକ ଓ ଡା. ସୁବ୍ରତ କୁମାର ଓଝା ଉପସ୍ଥିତ ଥିଲେ। ଏହା ସହ ଆମ ଓଡ଼ିଶା ସଂଯୋଜକ ବସନ୍ତ ପଣ୍ଡା, ଏମକେସିଜି ମେଡିକାଲ ରକ୍ତଭଣ୍ଡାରର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶିବିରରେ ୪୧ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରେ ଡା. ସ୍ଥିତପ୍ରଜ୍ଞା ବିଶ୍ୱାଳ, ଡା. ଶତାବ୍ଦୀ ଶତରୁପା ପଟ୍ଟନାୟକ, ଡା. ଜିତେନ୍ଦ୍ର କୁମାର ପ୍ରଧାନ, ଡା. ବିଭୁ ପ୍ରସାଦ ନାୟକ, ଡା, ରୋହିତ କୁମାର ଛତ୍ରିଆ, ଡା. ମୁକୁନ୍ଦ କୁମାର ସିଂ, ଡା. ରାଜେଶ ଧାରୁଆ ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମୃତ୍ୟୁଞ୍ଜୟ ଦଳସିଂହରାୟ, ହେମନ୍ତ କୁମାର ମଲ୍ଲିକ, ଅର୍ପିତା ପ୍ରିୟଦର୍ଶିନୀ, ରାହୁଲ କୁମାର ଉପାଧ୍ୟାୟ, ଔରଜିତ ସାହୁ, ଦୀପକ କୁମାର ବେହେରା, ଶିବାଶ୍ରିତ ରଥ, ନୀଳମାଧବ ସେନାପତି, ଆର.ଆର, ଖାଡଙ୍ଗା, ମୂଚ୍ଛନାରାଣୀ ବେହେରା, କବିତା କୁମାରୀ, ପ୍ରଭାସିନୀ ସ୍ୱାଇଁ, ଅମନ କୁମାର ତ୍ରିପାଠୀ, କ୍ରିଷ୍ଣା ମୁଦୁଲୀଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଲୁଟେରା ଗିରଫ, ଲୁଟ୍ ସାମଗ୍ରୀ ଜବତ

**ଆସିକା, ୩।୧୨(ସମିସ):** କୋଟିନଡା ଥାନା ବେଣିଆ ଗାଁରେ ଗତ ମାସ ୨୨ ତାରିଖ ଦିନ ଲିଲି ବିଶ୍ୱାଳଙ୍କ ପରିବାର ସହ ଘରେ ଚାବି ପକାଇ ଘଟଗାଁ ତାରିଣୀ ଦର୍ଶନ ପାଇଁ ଯାଇଥିଲେ। ସେଠାରୁ ୨୪ ତାରିଖରେ ଫେରିବା ବେଳେ ଘରର ଗ୍ରିଲ ଭାଙ୍ଗି ଘରେ ଥିବା ସୁନା ଅଳଙ୍କାର ସହ ନଗଦ ଟଙ୍କା ଲୁଟ ନେଇ ଦୁର୍ବୃତ୍ତ ଫେରାର ହୋଇ ଯାଇଥିବା ଜଣାପଡ଼ିଥିଲା। ଏନେଇ କୋଟିନଡା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ବେଣିଆଁ ଗାଁର ମନୋଜ କୁମାର ପ୍ରଧାନଙ୍କୁ ଏହି ମାମଲା ଗିରଫ କରିବା ସହ ଲୁଟ ସାମଗ୍ରୀ ଜବତ କରିଛି। ଏଥିସହ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଥିବା କୋଟିନଡା ଥାନା ଅଧିକାରୀ କୃଷ୍ଣ ସା କହିଛନ୍ତି।

## ବିଭିନ୍ନ କଲେଜ ପରିଦର୍ଶନ କଲେ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ



**ବ୍ରହ୍ମପୁର, ୩।୧୨(ସମିସ):**

ନୂଆ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ତଦାରଖ ପାଇଁ ଶନିବାର ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ମୌସୁମୀ ନାୟକ ଗଞ୍ଜାମ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ପ୍ରଥମେ ଖେମୁଣ୍ଡି ମହାବିଦ୍ୟାଳୟ ପରିଦର୍ଶନ କରିବା ସହ ସେଠାରେ ବିଦ୍ୟାର୍ଥୀ ଓ କଲେଜ ଅଧକ୍ଷଙ୍କ ସହ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହ ଉକ୍ତ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ବିଦ୍ୟାର୍ଥୀ ଅଂଶଗ୍ରହଣ କରିବା ଦିଗରେ ଗୁରୁତ୍ୱ ଦେବାକୁ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଏହାପରେ ଶ୍ରୀମତୀ ନାୟକ ଖେମୁଣ୍ଡି ସ୍ଥିତ ବିଜୁପଟ୍ଟନାୟକ ମହିଳା ମହାବିଦ୍ୟାଳୟ, ଖଣ୍ଡଦୋଳି ସହିଦ ଭାଗବତ ସିଂ ମହାବିଦ୍ୟାଳୟ, ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟ, ହରିଡ଼ାଖଣ୍ଡି ସ୍ଥିତ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ, ମହାମାୟୀ ମହିଳା ମହାବିଦ୍ୟାଳୟ, ଶଶୀଭୂଷଣ ରଥ ସ୍ୱୟଂଶାସିତ ସରକାରୀ ମହିଳା ମହାବିଦ୍ୟାଳୟ ଓ ଗୋପାଳପୁର ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ମହାବିଦ୍ୟାଳୟରେ ବିଦ୍ୟାର୍ଥୀମାନଙ୍କୁ ନେଇ ଚାଲିଥିବା ବିଭିନ୍ନ ପ୍ରତିଯୋଗିତା ତଦାରଖ କରିବା ସହ ସାମାଜିକ, ସଂସ୍କୃତି ଓ କ୍ରୀଡ଼ା ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ସଫଳ କରିବାକୁ କହିଥିଲେ। ଉକ୍ତ ପରିଦର୍ଶନରେ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଜିଲ୍ଲା ନୋଡ଼ାଲ ଅଫିସର ଡ଼. ନାରାୟଣ ବେହେରା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶ ସୁଶାନ୍ତ ଦାସ ଉପସ୍ଥିତ ଥିଲେ।

ସକାଳ THE SAKALA



## ୫ମ ମେଧାବୃତ୍ତିରେ ବ୍ଲକରେ ସୋହମ ପ୍ରଧାନ ପ୍ରଥମ



**ପଟ୍ଟାମୁଣ୍ଡାଇ, ୩।୧୨(ସମିସ):**ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ୩ୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି। ଏଥିରେ ନିଗିନିପୁର ନୃସିଂହଜୀଉ ନୋଡାଲ ଉପ୍ରା ବିଦ୍ୟାଳୟର ୫ଶ୍ରେଣୀ ଛାତ୍ର ସୋହମ ପ୍ରଧାନ ପଟ୍ଟାମୁଣ୍ଡାଇ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କର ବିଦ୍ୟାଳୟ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀଚରଣ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଅତିରିକ୍ତ ବିଇଓ ପ୍ରେମବାଳା ମହାପାତ୍ର, ସିଆରସିସି ସତ୍ୟବ୍ରତ ସାମନ୍ତରାୟ, ପୂର୍ବତନ ସିଆରସିସି ଅନ୍ତର୍ଯ୍ୟାମୀ ବେଜ, ଶିକ୍ଷୟିତ୍ରୀ ସୁଚିତ୍ରା ବେହେରା ଯୋଗ ଦେଇ ସୋହମଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୁଲେଖା ପ୍ରଧାନ, ଶଶିରେଖା ସ୍ୱାଇଁ ଓ ତରୁଲତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇଚ୍ଛାପୁରରେ କାର୍ତ୍ତିକେଶ୍ୱର ଭସାଣି

**କେନ୍ଦ୍ରାପଡ଼ା, ୩।୧୨(ସମିସ):** ଇଚ୍ଛାପୁରରେ କାର୍ତ୍ତିକେଶ୍ୱର ପୂଜା ମହାଆଡମ୍ବରରେ ପାଳନ କରାଯାଇଛି। ଏଥିରେ ୧୩ଟି ମେଢ଼ ସାମିଲ ହୋଇଥିଲା। ଏହି ଶୋଭଯାତ୍ରାରେ ବ୍ରହ୍ମପୁର, ଢେଙ୍କାନାଳ, ସମ୍ବଲପୁର ଅଞ୍ଚଳର ସାଂସ୍କୃତିକ ଅନୁଷ୍ଠାନ ଯୋଗଦେଇ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଶେଷ କରି ଓଡ଼ିଶା ବାହାରର ଅଘୋରି ତାଣ୍ଡବ ନୃତ୍ୟ ବିଶେଷ ଆକର୍ଷଣ ଥିଲା। ପ୍ରତ୍ୟେକ ମେଢ ଶୋଭାଯାତ୍ରାରେ ବାହାରି ବଳଦେବ ଜୀଉ ମନ୍ଦିର ରଥ ଦାଣ୍ଡରେ ବିରାଜମାନ କରିଥିଲେ। ଥାନପତି ପୂଜା କମିଟି ତରଫରୁ ଭୋଗ ଲାଗି କରାଯାଇଥିଲା। ଭୋଗ ସମ୍ପନ୍ନ ପରେ ପ୍ରତ୍ୟେକ ମେଢ଼ ବିସର୍ଜନ ଘାଟକୁ ଯାଇଥିଲେ।

## ଆହତଙ୍କୁ କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟିର ସହାୟତା



**କେନ୍ଦ୍ରାପଡ଼ା, ୩।୧୨(ସମିସ):** ଗରଦପୁର ବ୍ଲକ ଭଗବାନପୁର ଗ୍ରାମର ସଞ୍ଜୟ ସ୍ୱାଇଁ ଦୁର୍ଘଟଣାରେ ଶିକାର ହୋଇ ଏବେ ଶଯ୍ୟାଶାୟୀ। ବର୍ଷେ ଚିକିତ୍ସା ପରେ ସଞ୍ଜୟ ସାମାନ୍ୟ ସୁସ୍ଥ ହେଲେ; କିନ୍ତୁ କୋମାକୁ ଚାଲିଗଲେ ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। କେନ୍ଦ୍ରାପଡ଼ା କେଡ୍ରିଟ୍ କୋ-ଅପରେଟିଭ ସୋସାଇଟି ଗରଦପୁର ଶାଖା ତାଙ୍କୁ ୧୦ ହଜାର ଟଙ୍କା ସହଯୋଗ କରିଛି। ଏହି ପରିବାରକୁ ଜ୍ଞାନଦେବୀ ସହାୟତା ପାଣ୍ଠିରୁ ପ୍ରତିମାସରେ ୧୦୦୦ ଟଙ୍କା ସହାୟତା ଯୋଗାଇ ଦିଆଯିବ ବୋଲି ସଭାପତି ପ୍ରମୋଦ ସାହୁ କହିଛନ୍ତି। ତେବେ ନିର୍ଦ୍ଦେଶକ ବଲ୍ଲଭ ନନ୍ଦି, ଗରଦପୁର ଶାଖା ପରିଚାଳକ ରାଜେଶ ପାତ୍ର ଭଗବାନପୁରରେ ପହଞ୍ଚି ଏହି ସହାୟତା ପ୍ରଦାନ କରିଥିଲେ।

## ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ୩।୧୨(ସମିସ):** କେନ୍ଦ୍ରାପଡ଼ା ରେସିଡେନ୍ସିଆଲ ଗ୍ଲୋବାଲ କଲେଜର +୨ ବିଜ୍ଞାନର ଛାତ୍ର ସେକ୍ ଆସିଫଉଦ୍ଦିନ କେନ୍ଦ୍ରାପଡ଼ା ପାଇଁ ଗୌରବ ଆଣିଛନ୍ତି। ସମଗ୍ର ଜିଲ୍ଲାରେ ସେ ଉର୍ଦ୍ଦୁ ଭାଷାରେ ସର୍ବାଧିକ ନମ୍ବର ହାସଲ କର ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ତାଙ୍କ ସମ୍ବର୍ଦ୍ଧିତ କରାଯାଇଛି। ଦୀର୍ଘବର୍ଷ ପରେ ରାଜ୍ୟସ୍ତରୀୟ ଉର୍ଦ୍ଦୁ ଏକାଡେମୀ ପାଇଁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉର୍ଦ୍ଦୁ ଭାଷାର ପ୍ରସାର କ୍ଷେତ୍ରରେ ବିଶେଷ ଅବଦାନ ଥିବା ଖ୍ୟାତନାମା ଲେଖକ, କବି ଓ ସାହିତ୍ୟିକଙ୍କୁ ପ୍ରୋତ୍ସାହନ ଉଦ୍ୟମ ଆରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ଏଭଳି ବ୍ୟକ୍ତି ବିଶେଷଙ୍କୁ ଚୟନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ସୂଚନାଯୋଗ୍ୟ, ସେକ୍ ଆସିଫଉଦ୍ଦିନ କେନ୍ଦ୍ରାପଡ଼ା ଟାଉନ ଅଧୀନ ଜୟପୁରା ନିବାସୀ ସେକ୍ ଆସିରଦ୍ଦିନ ଓ ମାତା ଆରଜୁ ବେଗମଙ୍କ ପୁତ୍ର।

● ଲିଙ୍ଗଭିତ୍ତିକ ହିଂସା ବିରୋଧରେ ସଚେତନତା

# 'ଲିଙ୍ଗଭିତ୍ତିକ ଅସମାନତା ରହିବା ଅନୁଚିତ'

କେନ୍ଦ୍ରାପଡ଼ା, ୩।୧୨(ସମିସ)




ଗରାପୁରସ୍ଥିତ ରେସୱା ପରିଚାଳିତ ଜାଗୃତି-୨ ଆନୁକୂଲ୍ୟରେ ୧୬ଦିନିଆ ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ମହିଳା ଓ ବାଳିକାମାନଙ୍କୁ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ରେସୱା ଶିଶୁଯତ୍ନ ଅନୁଷ୍ଠାନର ସଂଯୋଜକ ଅମିତରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା ସଭାରେ ଜିଲ୍ଲା ସମାଜକଲ୍ୟାଣ ଅଧିକାରିଣୀ ସତ୍ୟଭାମା ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଲେ ଯେ, ଇନ୍ଦିରା ଗାନ୍ଧୀ ଏ ଦେଶର ପ୍ରଧାନମନ୍ତ୍ରୀ ହୋଇ ପାରିଥିଲେ। ଏବେ ଦେଶର ରାଷ୍ଟ୍ରପତି ପଦ ମଧ୍ୟ ଜଣେ ମହିଳା ଅଳଙ୍କୃତ କରିଛନ୍ତି। ଏଣୁ ଆଜିର ସମାଜରେ ଗୋଟିଏ ପୁଅ ଓ ଝିଅ ମଧ୍ୟରେ ଲିଙ୍ଗ ଭିତ୍ତିକ ଅସମାନତା ରହିବା ଉଚିତ ନୁହେଁ। ଯେତେ ଆଇନ ପ୍ରଣୟନ ହେଲେ ମଧ୍ୟ ସମାଜରେ ମାନସିକତାର ପରିବର୍ତ୍ତନ ହେଉନି। ତେଣୁ ସଚେତନ ହୋଇ ଏସବୁ ମାନସିକତାକୁ ଦୂର କରିବାକୁ ପଡ଼ିବ ବୋଲି ସେ କହିଥିଲେ।

ମୁଖ୍ୟବକ୍ତା ଭାବେ ମହିଳା ସୁରକ୍ଷା ଅଧିକାରୀ ସଂଯୁକ୍ତା ମିଶ୍ର ଯୋଗଦେଇ ସମାଜରୁ ଲିଙ୍ଗ ଭିତ୍ତିକ ହିଂସାକୁ ଦୂର କରିବାକୁ ହେଲେ ମହିଳାମାନେ ସର୍ବପ୍ରଥମେ ସଚେତନ ହେବା ଆବଶ୍ୟକ। ମହିଳାମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସରକାର ମମତା, ମହିଳା ଓ ଶିଶୁ କଲ୍ୟାଣ, ଜାଗୃତି-୨, ସ୍ୱାଧାର ପ୍ରଭୃତି ବହୁ ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏହାସହିତ ପ୍ରତି ଥାନାରେ ମହିଳା ହେଲ୍ପ ଡେସ୍କ୍ ପ୍ରତିଷ୍ଠା ହୋଇଛି। ମହିଳାମାନଙ୍କ ସୁରକ୍ଷା ପାଇଁ ମହିଳା ହେଲ୍ପ ଲାଇନ୍, ରାଜ୍ୟ ଓ କେନ୍ଦ୍ର ମହିଳା କମିସନ, ଆଇନଗତ ସହାୟତା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ କାର୍ଯ୍ୟକାରୀ କରାଯାଇଛି। ଏଥିସହିତ ପୁଅ ଏବଂ ଝିଅକୁ ସମାନ ସୁବିଧା ସୁଯୋଗ ଦେବା ମା'ର ଦାୟିତ୍ୱ ଏବଂ କର୍ତ୍ତବ୍ୟ। ମହିଳାମାନେ ସଚେତନ ହୋଇପାରିଲେ ସମାଜରେ ସେମାନଙ୍କ ପ୍ରତି ହେଉଥିବା ହିଂସା ହ୍ରାସ ପାଇପାରିବ ବୋଲି ସେ କହିଥିଲେ।

ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡ଼ା ସିଡିପିଓ କବିତା ନାୟକ, ଆଳି ସିଡିପିଓ ପଙ୍କଜିନୀ ମିଶ୍ର, ଡେରାବିଶି ସିଡିପିଓ ସ୍ନେହଲତା ସାହୁ, ଆଳି କ୍ଷେତ୍ର ପରିଦର୍ଶିକା ଗାୟତ୍ରୀ ସ୍ୱାଇଁ, ମହାକାଳପଡ଼ା କ୍ଷେତ୍ରପରିଦର୍ଶିକା ସୁଶ୍ରୀ ସଙ୍ଗୀତା ପ୍ରୟଦର୍ଶିନୀ, ରାଜକନିକା କ୍ଷେତ୍ରପରିଦର୍ଶିକା ସବିତା ସାମଲ ଓ ଗରଦପୁର କ୍ଷେତ୍ରପରିଦର୍ଶିକା ମାଳତୀ ହାଂସଦା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ଏହି ସଭାରେ ପ୍ରୋଜେକ୍ଟ ସ୍ୱରାଜ୍ୟ ଜାଗୃତି ଗୃହ-୨ର ତତ୍ତ୍ୱାବଧାରିକା ସୁକାନ୍ତିଲତା ମାହୁନ୍ତ, ପଲ୍ଲିଶ୍ରୀ ମହିଳା ସମିତି ଜାଗୃତି ଗୃହ-୨ର ତତ୍ତ୍ୱାବଧାରିକା ମନୋରମା ସାହୁ, ୱାନଷ୍ଟପ ସେଣ୍ଟରର ପରିଚାଳିକା ଜ୍ୟୋତିପ୍ରଭା ସାହୁ, କେଶୱାର୍କର ଶୁଭସ୍ମିତା ଲେଙ୍କା, ରେସୱା ଜାଗୃତି ଗୃହ-୨ର କାଉନସେଲର ଗାୟତ୍ରୀ ଦଳାଇ, ପଲ୍ଲିଶ୍ରୀ କାଉନସେଲର ମଞ୍ଜୁଳା ନାୟକ, ରେସୱା ଭିଜିଲାନ୍ସ ଗ୍ରୁପର ସଦସ୍ୟ ହୃଷିକେଶ ଜେନା, ରେସୱାର ନିର୍ଦ୍ଦେଶକ ସେକ ଲିଆକତ ହୋସେନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରେସୱା ଜାଗୃତି ଗୃହ-୨ର ତତ୍ତ୍ୱାବଧାରିକା ମିନତୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ରେସୱା ଜାଗୃତି ଗୃହ-୨ର ଅନ୍ତେବାସୀ ବାଳିକାମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ସମାଜ କଲ୍ୟାଣ ବିଭାଗ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଭାବବିହ୍ୱଳ କଲା ବିଦାୟକାଳୀନ ସମ୍ବର୍ଦ୍ଧନା ସଭା







କୁଜଙ୍ଗ, ୩।୧୨(ସମିସ)

କୁଜଙ୍ଗ ବ୍ଲକ ତାଳପଡ଼ା ପଞ୍ଚାୟତ ହନୁମାନଜୀୟୁ ଉପ୍ରା ବିଦ୍ୟାଳୟ (ବରୁଣ୍ଡି)ର ଶିକ୍ଷୟିତ୍ରୀ କବି ପ୍ରତିଭା ରାୟଙ୍କୁ ବିଦାୟକାଳୀନ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ପବିତ୍ର ମଲିକଙ୍କ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ନାଟ୍ୟକାର ପ୍ରାଧ୍ୟାପକ ଡ. ଉତ୍ତମ ଦାସ ସଭାରେ ସଂଯୋଜନା କରିଥିଲେ। ଅତିଥି ରୂପେ କୁଜଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ପବିତ୍ର କର, ଶିକ୍ଷାବିତ୍ ହିମାଂଶୁ ଶେଖର ଆଚାର୍ଯ୍ୟ, ଜିଲ୍ଲା ପରିଷଦସଭ୍ୟ ରବି ନାରାୟଣ ସାହୁ, ସ୍ଥାନୀୟ ତାଳପଡ଼ା ସରପଞ୍ଚ ଦମୟନ୍ତୀ ଲେଙ୍କା, ସମିତିସଭ୍ୟା ତୃପ୍ତିମୟୀ ଚୌଧୁରୀ, ଜଗତସିଂହପୁର ନବୋଦୟ ବିଦ୍ୟାଳୟ (ସାଇଲୋ)ର ଅଧକ୍ଷ ଶ୍ରୀକୃଷ୍ଣ ମହାପାତ୍ର, ଡାକ୍ତର ଜୀବନଜ୍ୟାତି ସ୍ୱାଇଁ, କୁଜଙ୍ଗ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଡା. କେଶବ ଚନ୍ଦ୍ର ଦଳାଇ, ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଦଳାଇ, ଶିକ୍ଷକ ନେତା ବସନ୍ତ ଦାସ, ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ବିନୋଦ ବିହାରୀ ମୁଦୁଲି ଓ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସଂଗ୍ରାମ କେଶରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଗୋବର୍ଦ୍ଧନପୁରର ସିଆର୍‌ସିସି ଗୋବିନ୍ଦ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଭୂତମୁଣ୍ଡାଇସ୍ଥିତ ପାରାଦ୍ୱୀପ ପୋର୍ଟ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ କ୍ରୀଡା ଶିକ୍ଷକ ପଦ୍ମଚରଣ ସେଠୀଙ୍କୁ ମଧ୍ୟ ଅବସର ଗ୍ରହଣ ପରିପ୍ରେକ୍ଷୀରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁମରବର ସାମଲଙ୍କ ଅଧ୍ୟକ୍ଷତାରେ ବିଦାୟକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଭୂତମୁଣ୍ଡାଇର ପୂର୍ବତନ ସରପଞ୍ଚ ଧୀରେନ୍ଦ୍ର ସ୍ୱାଇଁ, ଶିକ୍ଷାବିତ୍ ଶଙ୍କର୍ଷଣ ସ୍ୱାଇଁ, ପ୍ରମୋଦ ପରାମାଣିକ, ସିଆର୍‌ସିସି ପ୍ରସନ୍ନ ସେଠୀ, ପ୍ରଶାନ୍ତ ଚୌଧୁରୀ, ଧୀରେନ୍ଦ୍ର ଦାସ, ପ୍ରମିଳା ସ୍ୱାଇଁ, ରମାକାନ୍ତ ଦାସ, ବାସନ୍ତୀ ସେଠୀ, ସ୍ମିତା ସାମଲ, ସୁପର୍ଣ୍ଣା ସ୍ୱାଇଁ, ବାଣୀଶ୍ରୀ ଦାସ, ଶଙ୍କର କୁସୁଲିଆ, ଅନୀତା ବରାଳ, ପ୍ରିୟଙ୍କା ବେହେରା ପ୍ରମୁଖ ଯୋଗଦେଇ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ବରିଷ୍ଠ ଶିକ୍ଷକ ଯଶବନ୍ତ ରାୟ ଅତିଥି ପରିଚୟ ପ୍ରଦାନ କରିଥଲା ବେଳେ ଚିନ୍ମୟୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

**ତିର୍ତ୍ତୋଲ:** ଗୋପାଳପୁର(ଏସ) ପଞ୍ଚାୟତ ବିଜିପୁର ଗ୍ରାମସ୍ଥିତ ଉଗବତୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସୁରଥ ମଲ୍ଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସିଆରସିସି ଅକ୍ଷୟ ନାୟକ ଅଧକ୍ଷତା କରିଥିଲେ। ଲୋକନାଥ ମହାବିଦ୍ୟାଳୟର ପ୍ରାଧ୍ୟାପକ କ୍ଷୀରୋଦ ନାୟକ, ପୂର୍ବତନ ସରପଞ୍ଚ ନୀଳୁ ଚରଣ ଜେନା, ସିଆରସିସି ତାପସ ମହାନ୍ତି, ସିଆରସିସି ଆନୀଷ୍ ଖାନ, ଶ୍ରୀମନ୍ତ ସୂତାର, ଶିକ୍ଷୟିତ୍ରୀ ସୁମିତା ପାଣିଗ୍ରାହୀ, ସ୍ୱର୍ଣ୍ଣଲତା ରାଉତ, ମାନସୀ ସ୍ୱାଇଁ, ପ୍ରଦୀପ ମହାନ୍ତି, ରଞ୍ଜନ ବେହେରା, ସଞ୍ଜୟ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଭାତ କର ଅତିଥି ପରିଚୟ ଦେଇଥିବାବେଳେ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ବନିତା ସେଠୀ, ସସ୍ମିତା ସେଠୀ, ଅନୂସୟା ସେଠୀ, ନମିତା ମହାନ୍ତି, ମମତା ମହାନ୍ତି, ମିନାରାଣୀ ସ୍ୱାଇଁ, ଅମର ବାରିକ, ବିକ୍ରମ ବିଶ୍ୱାଳ, ମନୋରଞ୍ଜନ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## 'ସତର୍କ ରହିଲେ ଏଡ୍‌ସ କାୟା ବିସ୍ତାର କରିପାରିବନି'

**କୁଜଙ୍ଗ, ୩।୧୨(ସମିସ):** କୁଜଙ୍ଗ ବ୍ଲକ ସମାଗୋଳସ୍ଥିତ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ପକ୍ଷରୁ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ପ୍ରସନ୍ନ ପଣ୍ଡା ଯୋଗଦେଇ ମହାବିଦ୍ୟାଳୟ ବିଦ୍ୟାର୍ଥୀଙ୍କୁ ଏହି ମାରାତ୍ମକ ରୋଗର କାରଣ ଓ ନିରାକରଣ ନେଇ ସଚେତନ କରାଇଥିଲେ। ସତର୍କ ରହିଲେ ଏହି ରୋଗ କାୟା ବିସ୍ତାର କରିପାରିବ ନାହିଁ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରଘୁନାଥ ସାହୁ, କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚ୍‌ଇଓ ସନ୍ଧ୍ୟାବତୀ ସ୍ୱାଇଁ ପ୍ରମୁଖ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି ରୋଗର ସମୂଳେ ନଷ୍ଟ ପାଇଁ ସାମୂହିକ ଶପଥ ସହ ଅଙ୍ଗୀକାର ବଦ୍ଧତା ଦରକାର ବୋଲି କହିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରତାପ ମହାପାତ୍ର ଅଧକ୍ଷତା କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଡ. ହେମନ୍ତ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ଅଙ୍କିତା ଜେନା, ଅନିଲ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ପାରାଦୀପ:** ପାରାଦୀପ ମହାବିଦ୍ୟାଳୟ ଓ ପାରାଦୀପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଏଡ୍ସ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାକୁ ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ. ସସ୍ମିତା ଶତପଥୀ ଉଦ୍‌ଘାଟନ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଏକ ଶୋଭାଯାତ୍ରାରେ ପାରାଦୀପର ମୁଖ୍ୟ ରାସ୍ତା ପରିକ୍ରମା କରି କରି ସଚେତନତା ସୃଷ୍ଟି କରିଥିଲେ। ଏଥିରେ ପାରାଦୀପ ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଅକ୍ଷୟଚନ୍ଦ୍ର ମିଶ୍ର, ଇଂରାଜୀ ବିଭାଗର ମୁଖ୍ୟ ଗଣେଶ୍ୱର ପାତ୍ର, ଯୁବ ରେଡକ୍ରସ ଅଧିକାରୀ ବ୍ରହ୍ମାନନ୍ଦ ବିଶ୍ୱାଳ, ଶାଶ୍ୱତୀ ପଟ୍ଟନାୟକ, ଅଧ୍ୟାପକ ସୁଜିତ ଭୋଇ, ଅଧ୍ୟାପିକା ସଂଘମିତ୍ରା ପ୍ରଧାନ, ଜୀବନାନନ୍ଦ ଦାସ, ଅଧ୍ୟାପିକା କାଦମ୍ବିନୀ ସାହୁ ପ୍ରମୁଖ ଯୋଗ ଥିଲେ।

## ଦୁର୍ଘଟଣାଜନିତ ମୃତ୍ୟୁଶୂନ୍ୟ ସପ୍ତାହ ପାଳନ ପ୍ରସ୍ତୁତି

**ପାରାଦୀପ, ୩।୧୨(ସମିସ):** ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ହାର କମାଇବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଡିସେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରାଯାଉଛି। ଏଥି ନିମନ୍ତେ ପାରାଦୀପ ସ୍ପେଶାଲ ସର୍କିଟ ହାଉସରେ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି, ବିଭିନ୍ନ ଥାନା ଅଧିକାରୀ, ପାରାଦୀପ ପୌର ପରିଷଦ କର୍ତ୍ତୃପକ୍ଷ, ଡମ୍ଫର ଆସୋସିଏସନ, ପାରାଦ୍ୱୀପ ପରିବହନ ଲିମିଟେଡର କର୍ମକର୍ତ୍ତା, ଇଫ୍‌କୋ, ପିପିଏଲ, ବିପିସିଏଲ, ଆଇଓସିଏଲ, ଏଚପିସିଏଲ, ଆହ୍ୱାନର କର୍ମକର୍ତ୍ତା, ସିଆଇଏସ, ପାରାଦୀପ ଚିକିତ୍ସାଳୟର ଡାକ୍ତର, ବସ୍ ଓ ଟ୍ରକ୍ ସଙ୍ଘର କର୍ମକର୍ତ୍ତା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## କାର୍ଯ୍ୟକ୍ଷେତ୍ରରେ ଲୋଡରଙ୍କ ପରଲୋକ

**କୁଜଙ୍ଗ, ୩।୧୨(ସମିସ):** ଇଫ୍‌କୋ ସାର କାରଖାନାରେ କାର୍ଯ୍ୟ କରୁଥିବା କୁଜଙ୍ଗ ଥାନା ବଳରାମପୁର ଗ୍ରାମର ହାଡିବନ୍ଧୁ ତରାଇଙ୍କ ପୁଅ ବିଜୟ ତରାଇ(୪୭)ଙ୍କ କର୍ମ କ୍ଷେତ୍ରରେ ମୃତ୍ୟୁ ଘଟିଛି। ଲୋଡର ଭାବେ କାର୍ଯ୍ୟ କରୁଥିବା ବିଜୟ ହଠାତ ସଜ୍ଞାହୀନ ଅବସ୍ଥାରେ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ମେଡିକାଲରେ ଭର୍ତ୍ତି କରାଯାଇଥିଲା; ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଜଗତସିଂହପୁର, ୩।୧୨(ସମିସ):** ଜଗତସିଂହପୁର ଜିଲ୍ଲାସ୍ତରୀୟ ଓ ତାଲୁକସ୍ତରୀୟ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ୯ ତାରିଖରେ ସମସ୍ତ କୋର୍ଟ ଓ ସ୍ଥାନୀୟ ପୌରପରିଷଦସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ କକଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ପନ୍ଧୀୟ (ଦରମା, ଭତ୍ତା ଓ ଅବସର କାଳୀନ ପ୍ରାପ୍ୟ), ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମକଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। କେବଳ ବିଚାରାଧୀନ ମୋକଦମା ନୁହେଁ; ପ୍ରାକ ମକଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନ ଥିବା), ଚେକ୍ ବାଉନ୍ସ ମାମଲା, ବିଏସ୍‌ଏନ୍‌ଏଲ୍, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମକଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକ ଅଦାଲତରେ ମକଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ। ଲୋକ ଅଦାଲତର ରାୟ ବୈଧ, ଚୂଡାନ୍ତ। ଯଦି କୌଣସି ବିଚାରାଧୀନ ମକଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ତେବେ ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଜନସାଧାରଣଙ୍କୁ ଅବଗତ କରାଯାଇଛି। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ଦିଆଯାଇଛି।

# ବଢ଼ିଲା ଦୁର୍ଘଟଣା ମୃତ୍ୟୁହାର

- ଟାର୍ଗେଟ୍ ପୂରଣ କରୁନି ପୁଲିସ, ଆର୍‌ଟିଓ
- କେବଳ ଯନ୍ତ୍ରପାତି କିଣାରେ ସୀମିତ ବିଭାଗ
- ପାଣିରେ ପଡୁଛି କୋଟି କୋଟି ଟଙ୍କା
- ବିଫଳ ହେଉଛି ସଡ଼କ ସୁରକ୍ଷା ଅଭିଯାନ

କେନ୍ଦ୍ରାପଡ଼ା, ୩।୧୨(ସମିସ)




ପୁଲିସ ଆଉ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଟାର୍ଗେଟ ପୂରଣ କରିବାରେ ବିଫଳ ହେଉଛି। ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଥର ଦୁର୍ଘଟଣା ହାର କମାଇବାକୁ ନିର୍ଦ୍ଦେଶ ଦିଆଯାଉଛି; ହେଲେ ଦୁର୍ଘଟଣାରେ ମୃତ୍ୟୁ ହାର ବଢୁଥିବା ନେଇ ଚିନ୍ତା ପ୍ରକଟ କରାଯାଇଛି। ପ୍ରତ୍ୟେକ ବର୍ଷ ଘଟୁଥିବା ଦୁର୍ଘଟଣାର ୧୦ ପ୍ରତିଶତ କମାଇବାକୁ ନିର୍ଦ୍ଦେଶ ରହୁଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାରେ ୨୦୧୮ରେ ୮୬ଟି ଦୁର୍ଘଟଣା ଘଟି ୧୧୫ ଜଣକ ମୃତ୍ୟୁ ଘଟିଛି। ୨୦୧୯ରେ ୮୩ଟି ଦୁର୍ଘଟଣାରେ ୧୩୫ ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୦ରେ ୧୦୫ ଦୁର୍ଘଟଣାରେ ୧୦୮ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୧ ତୁଳନାରେ ୨୦୨୨ରେ ୧୧ ପ୍ରତିଶତରୁ ଅଧିକ ଦୁର୍ଘଟଣା ହାର ବଢ଼ିଥିଲା। ୨୦୨୧ ତଥ୍ୟ ଅନୁଯାୟୀ କେନ୍ଦ୍ରାପଡ଼ାରେ ୨୪୪ଟି ଦୁର୍ଘଟଣା ଘଟିଥିବା ବେଳେ ସେଥିରୁ ୯୮ ଜଣଙ୍କ ମୃତ୍ୟୁ ଘଟିଥଲା। ୧୮୨ ଜଣ ଗୁରୁତର ଆହତ ହୋଇଥିଲେ। ଜିଲ୍ଲାରେ ୨୦୨୨ରେ ୨୭୧ଟି ଦୁର୍ଘଟଣା ଘଟିଥିଲା। ସେଥିରେ ୧୦୯ ଜଣଙ୍କ ମୃତ୍ୟୁ ଘଟିଥିଲା। ୧୯୭ ଜଣ ଗୁରୁତର ଆହତ ହୋଇଥିଲେ। ତେବେ ୨୦୨୧ ତୁଳନାରେ ୨୦୨୨ରେ ଦୁର୍ଘଟଣା ୧୧ ପ୍ରତିଶତ ବଢ଼ିଥିଲା। ସମାନ ସଂଖ୍ୟକ ମୃତ୍ୟହାର ମଧ୍ୟ ବଢ଼ିଥିଲା। ୨୦୨୩ରେ ମିଳିଥିବା ତଥ୍ୟ ଅନୁଯାୟୀ ନଭେମ୍ବର ପର୍ଯ୍ୟନ୍ତ ୧୧୭ଟି ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୧୨୦ ଜଣଙ୍କ ଜୀବନ ଯାଉଛି। ତେବେ ଦୁର୍ଘଟଣା ହାର କମ୍ ହୋଇଥିଲେ ମଧ୍ୟ ୨୦୨୩ରେ ଗତ ୩ ବର୍ଷ ମଧ୍ୟରେ ସର୍ବାଧିକ ମୃତ୍ୟୁହାର ବଢ଼ିଥିବା ନେଇ ସୂଚନା ମିଳିଛି। ଦୁର୍ଘଟଣା ତଥ୍ୟ ଅନୁଯାୟୀ ରାଜ୍ୟରେ ୩ ପ୍ରତିଶତ କମିଥିବା ତଥ୍ୟ କହୁଛି। ତେବେ କେନ୍ଦ୍ରାପଡ଼ା ଜିଲ୍ଲାରେ ଦୁର୍ଘଟଣାରେ ମୃତ୍ୟୁ ହାର କାହିଁକି ବଢ଼ିବାରେ ଲାଗିଛି ତାହା କେହି ଦେଖୁ ନାହାନ୍ତି। ଦୁର୍ଘଟଣା ଆଉ ଦୁର୍ଘଟଣା ଜନିତ ମୃତ୍ୟୁ ହ୍ରାସ କରିବାକୁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଲୋକଙ୍କ ଯାତାୟତ ସଡ଼କରେ କିପରି ସୁରକ୍ଷିତ ହେବ ସେ ନେଇ ରାସ୍ତା ନିର୍ମାଣ କରାଯାଉଛି। ଦୁର୍ଘଟଣାର ମାତ୍ରା କମାଇବାକୁ ଦାମି ଦାମି ଯନ୍ତ୍ରପାତି ଆରଟିଓ, ପୁଲିସକୁ ଦିଆଯାଉଛି। ନୂତନ ଟ୍ରାଫିକ ପୋଷ୍ଟ ମଧ୍ୟ ନିର୍ମାଣ କରାଯାଉଛି; ହେଲେ ଦୁର୍ଘଟଣା ଆଉ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା କମିବା ବଦଳରେ ଦୈନିକ ବଢ଼ି ଚାଲିଛି। ଇଣ୍ଟରସେପ୍ଟର ଭଳି ଅତ୍ୟାଧୁନିକ ଗାଡି, ବ୍ରେଥ୍ ଆନାଲାଇଜର୍, ବ୍ୟାରିକେଡ୍ ବାବଦରେ ପ୍ରଚୁର ଅର୍ଥ ଖର୍ଚ୍ଚ କରାଯାଉଥିଲେ କେନ୍ଦ୍ରାପଡ଼ାରେ ଦୁର୍ଘଟଣା ଆଉ ଦୁର୍ଘଟଣା ଜନିତ ମୃତ୍ୟୁ କମିବାର ନା ନେଉନି। ଦୁର୍ଘଟଣାର ନିରାକରଣ ସମ୍ପର୍କରେ ଓ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ ନେଇ ଚିନ୍ତା ପ୍ରକଟ କରାଯାଇଛି। ଦୁର୍ଘଟଣା ମୃତ୍ୟୁ ସଂଖ୍ୟା କମାଇବା, ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ଜିଲ୍ଲାରେ ଟ୍ରାଫିକ ନିୟମ ଉଲଙ୍ଘନକାରୀ ବିରୋଧରେ ଜିରୋ ଟଲରେନ୍ସ ଡେ ପାଳନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ଘଟଣାରେ ମୃତ୍ୟୁହାର ଶୂନ କରିବା ଦିଗରେ ଜିରୋ ଫାଟାଲିଟ ଡେ ଡିସେମ୍ବର ୧ରୁ ୭ରେ ପାଳନ କରାଯାଉଛି। ଜିଲ୍ଲାପାଳ ଆଉ ଏସ୍‌ପି ନିଜେ ଏହାକୁ ପରିଚାଳନା କରିବା ସହ କେମିତି ଦୁର୍ଘଟଣା ରୋକିହେବ ସେନେଇ ସଫଳତା ପାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଞ୍ଚଳିକ ପରିବହନ ଅଫିସଗୁଡିକ ନିଜ କାର୍ଯ୍ୟକୁ ଠିକ୍ ଭାବେ ପରିଚାଳନା ଓ ତଦାରଖ କରୁ ନ ଥିବା ଅଭିଯୋଗ ହେଉଛି। ଏନଫୋର୍ସମେଣ୍ଟ ବାବଦରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଗୁଡିକୁ ଦିଆଯାଉଥିବା ଲକ୍ଷ୍ୟ ପୂରଣ ମଧ୍ୟ ହୋଇନି; ଯାହା ଦୁର୍ଘଟଣାର ଏକ ପ୍ରମୁଖ କାରଣ ବୋଲି ଦର୍ଶାଯାଉଛି। ଏନଫୋର୍ସମେଣ୍ଟ କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରଦର୍ଶନ ଅତ୍ୟନ୍ତ ନିରୁତ୍ସାହଜନକ ବୋଲି ସୂଚନା ମିଳିଛି। ନିର୍ଦ୍ଦେଶ ଅନୁଯାୟୀ, ଶହେ ପ୍ରତିଶତ ଟାର୍ଗେଟରୁ କେନ୍ଦ୍ରାପଡ଼ା ଆଞ୍ଚଳିକ ପରିବହନ, ପୁଲିସ, ଆଉ ଟ୍ରାଫିକ ମିଳିତଭାବେ ମଧ୍ୟ ଦିଆଯାଇଥିବା ଟାର୍ଗେଟର ଅଧା ମଧ୍ୟ ପୂରଣ କରିପାରୁନାହାନ୍ତି। ଏହାଫଳରେ ଦୁର୍ଘଟଣା ସଂଖ୍ୟା ଦିନକୁ ଦିନ ବଢୁଛି। ଏହି ତଥ୍ୟ ଦେଖିବା ପରେ ଯେ କେହି ମଧ୍ୟ କହିବ କୋଟି କୋଟି ଟଙ୍କା ଅର୍ଥ ଖର୍ଚ୍ଚ ହେଉଛି; କିନ୍ତୁ ତାହାର ଠିକ ବିନିଯୋଗ ହୋଇ ନ ପାରିବା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ସୋନପୁର, ୩।୧୨ (ସମିସ):** ସୋନପୁର ମଡେଲ ଡିଗ୍ରୀ କଲେଜରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦେବାଶିଷ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁରର ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ଏହି ଅବସରରେ ଆଇଓ୍ୱାଇଡିଏଫ୍ ଜିଲ୍ଲା ସଂଯୋଜକ ତଥା ସୋନପୁର ମହାବିଦ୍ୟାଳୟର ଓଡିଆ ବିଭାଗ ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରି ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ କଲେଜର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା, ସାଂସ୍କୃତିକ ଓ ସାମାଜିକ ସଚେତନତା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଅଧ୍ୟାପକ ଡ. ମହେନ୍ଦ୍ର କୁମାର ଭୋଇ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ପଦ୍ମାଳୟା ଜାଲ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ଅତିଥିମାନେ କ୍ରୀଡା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।




# ୨୪ ଘଣ୍ଟାରେ ପୃଥକ ସଡ଼କ ଦୁର୍ଘଟଣା
# ଦମ୍ପତିଙ୍କ ସମେତ ୫ ମୃତ

**ନୂଆପଡ଼ା/କୋମନା, ୩।୧୨(ସମିସ)**

ବର୍ତ୍ତମାନ ଜିଲ୍ଲା ତଥା ରାଜ୍ୟବ୍ୟାପି ମିଶନ ମୋଡରେ ସଡକ ସୁରକ୍ଷା ସପ୍ତାହ ଅବସରରେ ଦୁର୍ଘଟଣା ଜନିତ ମୃତ୍ୟୁକୁ ଶୂନ କରିବାକୁ ସବୁ ପ୍ରକାର ପ୍ରଯତ୍ନ କରାଯାଉଥିବାବେଳେ ନୂଆପଡ଼ା ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ରେକର୍ଡ ସୃଷ୍ଟି କରୁଛି। ଗତ ୧ତାରିଖଠାରୁ ଏହି ସପ୍ତାହ ପାଳନ ଚାଲିଥିବାବେଳେ ମାତ୍ର ଚବିଶ ଘଣ୍ଟା ମଧ୍ୟରେ ଜିଲ୍ଲାରେ ଭିନ୍ନ ଭିନ୍ନ ସଡକ ଦୁର୍ଘଟଣାରେ ୫ଜଣଙ୍କର ମୃତ୍ୟୁ ଘଟିଛି।

ସୂଚନାଯୋଗ୍ୟ ଯେ, ଶନିବାର ଅପରାହ୍ଣରେ ଲଖନା ଥାନା ମେଣ୍ଢାଟାଳ ନିକଟରେ ଏକ ଡମ୍ପର ଧକ୍କାରେ ଠାକୁରପାଲି ଗ୍ରାମର ବଡବାପା-ଝିଆରୀଙ୍କ ମୃତ୍ୟୁ ହୋଇଥିବା ବେଳେ ସେହି ଦିନ ଖଡିଆଳ ଥାନା ଅନ୍ତର୍ଗତ ବଡଦୋହେଲ ଗାଁ ନିକଟରେ ଏକ ଟ୍ରାକ୍ଟରରେ ବାଇକ ପିଟିହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ୨୪ ଘଣ୍ଟା ନ ପୂରୁଣୁ ରବିବାର ସକାଳ ୮ଟାରେ ଜାତୀୟ ରାଜପଥ ୩୫୩ର ମାନିଗୁଡା ଗାଁ ନିକଟରେ ପୁଣି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଥିରେ ଏକ ଦମ୍ପତିଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ଦୁଇ ଜଣ ହେଲେ ନୂଆପଡ଼ା ବ୍ଲକ ଅଁଏଲା ଯୁବା ଗାଁର ଗୁନମତି ମାଝୀ(୫୦) ଏବଂ ତାଙ୍କ ସ୍ୱାମୀ ଜୟରାମ ମାଝୀ(୫୫)। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଏକ ଦମ୍ପତି ସମେତ ୫ ଜଣଙ୍କର ମୃତ୍ୟୁ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ତରଭାରେ ଓବିସି ଜନଜାଗରଣ ଯାତ୍ରା ରଥ

**ତରଭା, ୩।୧୨(ସମିସ):** ରାଜ୍ୟ ଓବିସି ମଞ୍ଚର ଓବିସି ଜନଜାଗରଣ ଯାତ୍ରା ରଥ ରବିବାର ତରଭା ବ୍ଲକରେ ପହଞ୍ଚିଛି।ବ୍ଲକ ପରିକ୍ରମା ସମୟରେ ବିଭିନ୍ନ ସ୍ଥାନରେ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ଜାତି ଜନଗଣନା, ସ୍ୱତନ୍ତ୍ର ଓବିସି ଆରକ୍ଷଣ ସୁନିଶ୍ଚିତ କରିବା, ଶତକଡା ୫୨ ଭାଗ ସଂରକ୍ଷଣ ବ୍ୟବସ୍ଥା, ସ୍ଥାୟୀ ପ୍ରମାଣପତ୍ର, ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଆରକ୍ଷଣ ଲାଗୁ କରିବା, କୌଳିକ ବୃତ୍ତିକୁ ଆର୍ଥିକ ସହାୟତା ପ୍ରଦାନ, କୃଷକ ମାନଙ୍କୁ ସ୍ୱତନ୍ତ୍ର କୃଷି ପ୍ରୋତ୍ସାହନ ଯୋଗାଣ, ଓବିସି ବର୍ଗର ସାମାଜିକ, ଅର୍ଥନୈତିକ, ଶିକ୍ଷା ବିକାଶ ପାଇଁ ସ୍ୱତନ୍ତ୍ର ନିଗମ ଓ ମନ୍ତ୍ରଣାଳୟ ଗଠନ କରିବା, ରାଜନୀତି କ୍ଷେତ୍ରରେ ସମାନୁପାତିକ ପ୍ରତିନିଧି ଦେବା ଆଦି ଦାବି ନେଇ ସଚେତନତା ସୃଷ୍ଟି କରାଯାଉଛି। ରଥ କନ୍ଧମାଳରୁ ବାହାରି ବ୍ଲକର ମରାଡୁଗୁଛାରେ ପହଞ୍ଚିଥିଲା। ଏଠାରେ ସରପଞ୍ଚ ମନମୋହନ ସାହୁଙ୍କ ନେତୃତ୍ୱରେ ଶତାଧିକ ଓବିସି ବର୍ଗର ଲୋକେ କଳସ ସ୍ଥାପନ ଓ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ରଥକୁ ସ୍ୱାଗତ କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଚନ୍ଦନ ନାଏକ, ପ୍ରସାଦି ଦଲବେହେରା, ତୁଷାର ନାଏକ, ସୁରେନ୍ଦ୍ର ନାଏକ, ପୂର୍ଣ୍ଣଚନ୍ଦ୍ର ଦଲବେହେରା ପ୍ରମୁଖ ସହଯୋଗ କରିଥିଲେ। ମରାଡୁଗୁଛାରୁ ବାହାରି ରଥ ସିଂହାରିରେ ପହଞ୍ଚିଥିଲା। ସେଠାରେ ଆଦିତ୍ୟ ଚୌହାନ, ଯୋଗାନନ୍ଦ ସାହୁ, ବିରବର ରଣା, ଧ୍ରୁବ ବଡଚାଟ, ଅକ୍ଷୟ ରଣା, ଭାଗିରଥି ସାହୁ, ସମାରୁ ସାହୁ, ଶମ୍ଭୁ ଚୌହାନ, ଅଭିମନ୍ୟୁ ସାହୁ, ବିରେନ୍ଦ୍ର ବାଘଙ୍କ ସମେତ ଶତାଧିକ ମହିଳା ପୁରୁଷ ରଥକୁ ସ୍ୱାଗତ କରିଥିଲେ। ରାଜ୍ୟ ସଭାପତି ଶଙ୍କର ପାତ୍ରଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ଦେବାର୍ଚ୍ଚନ ଚାଉଳିଆ, ପ୍ରିୟବ୍ରତ ସାହୁ, ପରଦେଶୀ ବିଶ୍ୱାଳ, ସୁରେଶ ମହଲା, ଅନ୍ତର୍ଯ୍ୟାମୀ ସାହୁ, ଗୋବିନ୍ଦ ବାରିକ, ରାଜେନ୍ଦ୍ର ମେହେର, ବଳଦେବ ପଧାନ, କିଶୋର ଚନ୍ଦ୍ର ବିଶି, କଲ୍ୟାଣ ନାଏକ, ପ୍ରଦୀପ ମେହେର, ବୁବୁନ ରଣା, ମାନସ ସାହୁ, ସୁବାଷ ସାହୁ ପ୍ରମୁଖ ସାମିଲ ଥିଲେ। ରଥ ତରଭା ସହରରେ ପହଞ୍ଚିବା ପରେ ଏଠାରେ ବିଭିନ୍ନ ଜାତି ସମାଜ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି।



# ବାଇକ ଦୁର୍ଘଟଣାରେ ଦୁଇ ଆହତ

**ବୋଡ଼େନ, ୩।୧୨(ସମିସ):** ଆଜି ସନ୍ଧ୍ୟାରେ ବୋଡ଼େନ ଥାନା ଅନ୍ତର୍ଗତ ବିନୋପୁର ବିଜୁ ଏକ୍ସପ୍ରେସ ୱେ ରାସ୍ତାରେ ବାଇକ ଦୁର୍ଘଟଣାରେ ଦୁଇ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ବିନୋପୁର ଛକ ବିଜୁ ଏକ୍ସପ୍ରେସ ରାସ୍ତାରେ ବାଇକଟି ଭାରସାମ୍ୟ ହରାଇବାରୁ ବାଇକ ଆରୋହୀ ଛିଟିକି ପଡ଼ି ଯାଇଥିଲେ। ଦୁର୍ଘଟଣା ସ୍ଥଳକୁ ଅଗ୍ନିଶମ ଗାଡ଼ି ପହଞ୍ଚି ଦୁଇ ଆହତଙ୍କୁ ବୋଡ଼େନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୂଚନା ମତେ ଆଜି ସକାଳ ସମୟରେ ସିନାପାଲି ଥାନା ଅନ୍ତର୍ଗତ କୋଦୋବେଡ଼ା ଓ କୁଲିଆପଡର ଗାଁରୁ ଭିଣୋଇ ସୁଶାନ୍ତ ସୁହାନ୍ଦା (୨୭)ଓ ଶଳା ହୃଷୀକେଶ ଗୁଆଲ୍ (୨୯) ତିଖାଲି ଦ୍ୟାମ୍‌କୁ ବୁଲିବାକୁ ଆସିଥିଲେ। ବୁଲିସାରି ନିଜ ଗାଁ କୁ ଫେରୁଥିବା ସମୟରେ ବାଟରେ ବାଇକ ଦୁର୍ଘଟଣାରେ ଭିଣୋଇ ଶଳା ଦୁର୍ଘଟଣାର ଶୀକାର ହୋଇଥିଲେ। ଭିଣୋଇ ସୁଶାନ୍ତ ଙ୍କର ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଶଳା ହୃଷୀକେଶ ଗୁରୁତର ଆହତ ହୋଇଛନ୍ତି। ଦିନକୁ ଦିନ ବିଜୁ ଏକ୍ସପ୍ରେସ ୱେ ରାସ୍ତାରେ ଦୁର୍ଘଟଣା ଘଟି ଆସୁଛି। ଏହା ଉପରେ ବିଶେଷ ଗୁରତ୍ୱ ଦେବାକୁ ଦାବି ହେଉଛି।

# ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ



**କଲମପୁର, ୩।୧୨(ସମିସ) :** କଳାହାଣ୍ଡି ଜିଲ୍ଲା କଲମପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ମାଣ୍ଡାଙ୍ଗି, ମୁଖ୍ୟବକ୍ତା ଭାବରେ ଅତିରିକ୍ତ ଶିକ୍ଷା ଅଧିକାରୀ ହେମନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବରେ କଲମପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ସୂର୍ଯ୍ୟକାନ୍ତୀ ପଣ୍ଡା, ସିଆରସିସି ମନୋଜ କୁମାର ମେହେର, ମିନଗୁର ସିଆରସିସି ରୁଦ୍ରାକ୍ଷ ନିଆଁଲ, କଲମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ ଉଦଘାଟନ କରିଥିଲେ। ଏହାପରେ ସମସ୍ତ ଦିବ୍ୟାଙ୍ଗ ଶିଶୁ, ଅଭିଭାବକ ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସିଆରସିସିମାନଙ୍କୁ ନେଇ ଏକ ଶୋଭାଯାତ୍ରା କରାଯାଇଥିଲା। ପରେ ଦିବ୍ୟାଙ୍ଗ ଶିଶୁମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଯଥା ଗୀତ, ନୃତ୍ୟ, ଚିତ୍ରାଙ୍କନ, କୁଇଜ, ଗପକଥନ କରାଯାଇଥିଲା। ପରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟ ନିବେଦିତା ହଂସ ଯୋଗଦାନ କରି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ମନ୍ମଥ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ବିଜମରା ସିଆରସିସି ସଦାନନ୍ଦ ନାଏକ, ଚୁରାଗାଁ ସିଆରସିସି ବିଜୟ କୁମାର ସୁରଦେଓ, ମଣ୍ଡଳ ସିଆରସିସି ଶ୍ରୀରାମ ପଣ୍ଡା ଓ ବିଆରପି ଶଙ୍କର୍ଷଣ ସାମଳ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ।

# ଖଣ୍ଡୁଆଲମାଳି ସୁରକ୍ଷା ସମିତିର ବୈଠକ

**ଲାଞ୍ଜିଗଡ଼, ୩।୧୨(ସମିସ):** ଖଣ୍ଡୁଆଲମାଳି ସୁରକ୍ଷା ପାଇଁ ଆଜି ଖଣ୍ଡୁଆଲମାଳି ପାଦଦେଶରେ ଥିବା କାଞ୍ଚନମୁଖୀ ଗ୍ରାମରେ ଖଣ୍ଡୁଆଲମାଳି ସୁରକ୍ଷା ସମିତି ସଭାପତି କାର୍ତିକ ମାଝୀ ଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଲାଞ୍ଜିଗଡ଼, ଥୁଆମୂଳରାମପୁର, ସଦର ବ୍ଲକ ଓ କାଶୀପୁର ବ୍ଲକ ର ୧୩ଟି ଗ୍ରାମପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଉକ୍ତ ବୈଠକରେ ବଜ୍ର ଶପଥ ନେଇ ନିଷ୍ପତ୍ତି ନେଇଥିଲେ ଯେ'ଯାନ୍ ଯାଉ ଜୀବନ ଯାଉ, ଖଣ୍ଡୁଆଳ ମାଳିକୁ ବହୁରାଷ୍ଟ୍ରୀୟ କମ୍ପାନୀକୁ ଦେବୁ ନାହିଁ। କାରଣ ଖଣ୍ଡୁଳମାଳି ଆମ ମାଁ ସମାନ ତେଣୁ ମାଁ କୁ ଆମେ କେମିତି କମ୍ପାନୀ ହାତରେ ଟେକିଦେବୁ ଏହା କେବେ ସମ୍ଭବ ହେବ ନାଇଁ ବୋଲି ବୈଠକରେ ମତପ୍ରକାଶ ପାଇଛି।

ବୈଠକରେ ଖଣ୍ଡୁଳାମାଳୀ ସୁରକ୍ଷା ସମିତି ସଭାପତି କାର୍ତିକ ମାଝୀ, ସମ୍ପାଦକ ବ୍ରିଟିଶ କୁମାର, ବୈଦନାଥ ନାଏକ, ହୃଷିକେଶ ମାଝୀ, କୁଷ୍ଣ ମାଝୀ, ମନ ମାଝୀ, ବିକାଶ ମାଝୀ, ଲାଇ ମାଝୀ, କାର୍ତିକ ନାଏକ, ହୀରାମଲ ନାଏକ, ମାନସିଂ ମାଝୀ, କନିଲାଲ ନାଏକ ଓ ମୂରତି ମାଝୀ, ସୁନା ମାଝୀଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଯୋଗଦେଇଥିଲେ।

# ମାଁ ଲଙ୍କେଶ୍ୱରୀ ମନ୍ଦିରର ରୂପାନ୍ତରଣ ଜୁନାଗଡ଼ ବିକାଶର ହେବ ମାଇଲଖୁଣ୍ଟ

**ଜୁନାଗଡ଼, ୩।୧୨(ସମିସ):** କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ର ଐତିହାସିକ ପୀଠ ମାଁ ଲଙ୍କେଶ୍ୱରୀ ମନ୍ଦିରର ପାରିପାର୍ଶିକ ଉନ୍ନତି କରଣ, ସୌନ୍ଦର୍ଯ୍ୟ କରଣ ଓ ରୂପାନ୍ତରଣ ପାଇଁ ସହାୟତା ଯୋଜନାରେ ଅଢେଇ କୋଟି ଟଙ୍କା ପ୍ରଦାନ ହୋଇଥିବା ନେଇ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଭୂମି ପୂଜନ ଉତ୍ସବରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଙ୍କ ତତ୍ୱାବଧାନରେ ଶହ ଶହ ଜନସାଧାରଣ ଯୋଗଦେଇଥିଲେ। କଳାହାଣ୍ଡିର ପୁରାତନ ରାଜଧାନୀ ଜୁନାଗଡ଼ ର ଅଧିଷ୍ଠାତ୍ରୀ ଗଡ଼ଦେବୀ ତଥା ଆସ୍ଥା ର ଶକ୍ତିପୀଠ ମାଁ ଲଙ୍କେଶ୍ୱରୀଙ୍କ ପ୍ରାଚିନ ମନ୍ଦିରର ଉନ୍ନତି କରଣ ଫଳରେ ଶ୍ରଦ୍ଧାଳୁ ଙ୍କ ଦର୍ଶନ ପାଇଁ ଅନେକ ସୁବିଧା ଓ ମନ୍ଦିରର ଆଧୁନିକରଣ ତଥା ସୌନ୍ଦର୍ଯ୍ୟ କରଣ ପାଇଁ ଅନୁଦାନ ଫଳରେ ଅଞ୍ଚଳବାସୀଙ୍କ ମନରେ ଅନେକ ଉତ୍ସାହ ଦେଖା ଦେଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ କଳାହାଣ୍ଡି ତନ୍ମୟ କୁମାର ଦରୱାନ, ଗିରୀଶ ଚନ୍ଦ୍ର ବେହେରା ସଭାପତି ବି ସି ସି ବି ବ୍ୟାଙ୍କ କଳାହାଣ୍ଡି, ସୁଧୀରା ମେହେର ଉପାଧ୍ୟକ୍ଷା ଜିଲ୍ଲା ପରିଷଦ, ସବିତା ମେହେର୍ ଅଧ୍ୟକ୍ଷା ଜୁନାଗଡ଼ ପଞ୍ଚାୟତ ସମିତି, ପ୍ରମୋଦ ବେହେରା ଉପାଧ୍ୟକ୍ଷ ପଞ୍ଚାୟତ ସମିତି ଜୁନାଗଡ଼, ହିମାଦ୍ରୀ ନାଏକ ଉପାଧ୍ୟକ୍ଷ ଏନ୍ ଏ ସି ଜୁନାଗଡ଼, ବହୁଜନ ସଂଗ୍ରାମ ସମିତି ସଭାପତି ରଞ୍ଜନକୁମାର ଜାଲ, ବାଙ୍କ ରାଜପୁତ ସମାଜ ସଭାପତି, ବ୍ଲକ ବିଜେଡି ସଭାପତି ପ୍ରେମାନନ୍ଦ ଘି, ସରପଞ୍ଚ ସଂଘ ସଭାପତି, ତାରା ପ୍ରସାଦ ରାୟଗୁରୁ, ପ୍ରମୁଖଙ୍କ ସହିତ ବିଭିନ୍ନ ସମାଜର ସଭାପତି ମଞ୍ଚାସୀନ ଥିଲେ। ଏଥିସହ ବ୍ଲକର ବିଭିନ୍ନ ଗ୍ରାମଦେବୀ ପୂଜକ, ଦିଶାରୀ, ଜାନୀ ଓ ପୂଜକ ଉପସ୍ଥିତ ରହିଥିଲେ।କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପୂର୍ବତନ ଏନଏସି ନଗରପାଳ ମହେଶ ସାହୁ। ଏହି ଭୂମି ଭୂମିପୂଜନ କାର୍ଯ୍ୟକ୍ରମରେ ମହିଳା ସଂଗଠନର ସଦସ୍ୟା ଓ ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ବହୁସଂଖ୍ୟାରେ ଯୋଗଦାନ କରିଥିଲେ।




# ମୁରିବାହାଲ ଗୋଷ୍ଠୀ ସଂଘର୍ଷ ଘଟଣା
# ଗାଁରେ ପହଞ୍ଚିଲା ପ୍ରଶାସନ; ଶାନ୍ତି କମିଟି ଗଠନ

**ତୁରେକେଲା, ୩।୧୨(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ବଡ଼ବାଙ୍କୀ ପଞ୍ଚାୟତ ମୁରିବାହାଲ ଗାଁରେ ଶନିବାର ରାତି ପ୍ରାୟ ୭ଟାରେ ଗାଁର ସରକାରୀ ଜମି ବିବାଦକୁ ନେଇ ସାଧାରଣ ବର୍ଗ ଲୋକେ ଗାଁ ଦଳିତ ପରିବାରଙ୍କୁ ଆକ୍ରମଣ କରିଥିଲେ। ୩ ଜଣ ମହିଳା ଗୁରୁତର ହୋଇଥିବା ବେଳେ ୨ଜଣ ପୁରୁଷ ଆହତ ହୋଇଥିଲେ। ଗଣ୍ଡଗୋଳରେ ୧୦୦ ବର୍ଷିଆ ବୃଦ୍ଧା ମଧ ଆକ୍ରମଣ ଶିକାର ହୋଇଥିଲେ। ରବିବାର ଉଭୟ ପକ୍ଷରୁ ତୁରେକେଲା ଥାନାରେ ମାମଲା ରୁଜୁ ପରେ ଘଟଣାର ତଦନ୍ତ ଚାଲିଛି। କଣ୍ଟାବାଞ୍ଜି ତହସିଲଦାର ଓ ଏସଡିପିଓ ଗୌରାଙ୍ଗ ସାହୁ, ତୁରେକେଲା ଥାନାଧିକାରୀ ଭାନୁଶଙ୍କର ଯାଦବ ସହ ଅନ୍ୟ ପ୍ରଶାସନ ଅଧିକାରୀ ଗାଁରେ ପହଞ୍ଚି ଆଲୋଚନା କରିଛନ୍ତି। ଏକ ଶାନ୍ତି କମିଟି ଗଠନ କରାଯାଇଥିବା ସହ ସୋମବାର ତୁରେକେଲା ଥାନାରେ ଉଭୟ ପକ୍ଷ ମଧ୍ୟରେ ଏକ ତ୍ରିପାକ୍ଷିକ ଆଲୋଚନା ରଖାଯାଇଛି। ଗାଁରେ ପୁଲିସ ମୁତୟନ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଦଳିତ ପରିବାରଙ୍କୁ ଆକ୍ରମଣ କରିଥିବା ଘଟଣାକୁ ନିନ୍ଦା କରିଛି ଏଲଡିଏ ସଂଗଠନ। ପ୍ରତିଷ୍ଠାତା ଲବ ସୁନା କହିଛନ୍ତି ଯେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆସନ୍ତା ୬ ତାରିଖ କଣ୍ଟାବାଞ୍ଜି ଏସ୍‌ଡିପିଓ ଅଫିସ ଘେରଉ କରାଯିବ।

# ସାମୂହିକ ବିକାଶ ପାଇଁ ସରପଞ୍ଚ ସଂଘର ବୈଠକ



**ସୁବଲୟା, ୩।୧୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳର ସାମୁହିକ ବିକାଶ ପାଇଁ ସରପଞ୍ଚ ସଂଘର ଏକ ସ୍ୱତନ୍ତ୍ର ବୈଠକ ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଅଞ୍ଚଳର ବିକାଶ ସମସ୍ତ ଯୋଜନା ର ସଫଳ ରୂପାୟନ ରେ ସ୍ୱଚ୍ଛତା, ପଞ୍ଚାୟତି ରାଜ ପ୍ରତିନିଧିଙ୍କ ଭାଗିଦାରୀ ଓ ବ୍ଲକ ପ୍ରଶାସନର ସହଯୋଗ ନିତ୍ୟାନ୍ତ ଆବଶ୍ୟକ ରହିଛି। ସେ ନେଇ ସଭାନେତ୍ରୀ ଶ୍ରୀୟା କର୍ମୀ ସମନ୍ୱୟ କମିଟି ବରିଷ୍ଠ ସଭ୍ୟ ସୁବଲୟା ସରପଞ୍ଚ ପ୍ରମୋଦ କୁମାର ମହାପାତ୍ର, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ମୁର୍ଷୁଣ୍ଢୀ ସରପଞ୍ଚ ମନୋଜ କୁମାର ସାହୁ, ସମ୍ପାଦକ ସୂର୍ଯ୍ୟ ନାରାୟଣ ନନ୍ଦଙ୍କ ନେତୃତ୍ୱରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀଙ୍କ ସହ ପଞ୍ଚାୟତ ସମିତି ସଭାଗୃହ ଠାରେ ସାମୁହିକ ବିକାଶ ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍କୁଲ ଓ ଗଣଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସାମାଜିକ ସୁରକ୍ଷା ଓ ଯୋଜନା, ଜାତୀୟ ପରିବାର ମଙ୍ଗଳ ଯୋଜନା, ଜଳ ପରିମଳ ବିଭାଗ, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଓ ସାମୁହିକ ଉନ୍ନୟନ ପାଇଁ ଉକ୍ତ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ହିଲୁଙ୍ଗ ସରପଞ୍ଚ ବନିତା ସେଠୀ, କେନଝିରିଆପାଲି ସରପଞ୍ଚ ସସ୍ମିତା ଦୀପ, ପିତାମହୁଲ ସରପଞ୍ଚ ଅକସ୍ମିତ ବଡ଼ିଆ, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, କମିରା ସରପଞ୍ଚ ଅନୁଷୟା ପଧାନ, ସଂଗ୍ରାମପୁର ସରପଞ୍ଚ ଅଲକା କର୍ମୀ ଓ ସମସ୍ତ ସରପଞ୍ଚ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ। ଆଲୋଚନା ଶେଷରେ ଉପାଧ୍ୟକ୍ଷ ନାରାୟଣ ଲୁହ ଯୋଗଦେଇଥିଲେ।

# ମହଖଣ୍ଡ ଫୁଟବଲ: ହଳଦୀ ଦଳ ଚାମ୍ପିଅନ




**ତୁରେକେଲା,୩।୧୨(ସମିସ):** ତୁରେକେଲା ବ୍ଲକ ମହଖଣ୍ଡ ଗାଁରେ ମାଁ ବନଦୁର୍ଗା ମହଖଣ୍ଡ ଫୁଟବଲ କ୍ଲବ ପକ୍ଷରୁ ସ୍ୱର୍ଗୀୟ ପ୍ରଫୁଲ୍ଲ ବାରିକ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଆଠଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ ବେଛୁବାହାଲୀ ଓ ହଳଦୀ ଦଳ ମଧ୍ୟରେ ହଳଦୀ ଦଳ ୨ ଗୋଲରେ ବିଜୟ ହୋଇ ଚାମ୍ପିଅନ୍ ହୋଇଛି। ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ବଲାଙ୍ଗିର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝୀ, ପୂର୍ବତନ ସୈନିକ ତଥା ବିଜେଡି ଯୁବନେତା ଗିରିରାଜ ସିଂ ମାଝୀ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଫିରୋଜ ଖାଁ, ସମାଜସେବୀ ରମେଶଚନ୍ଦ୍ର ମେହେର ଯୋଗ ଦେଇଥିଲେ। ବିଜୟ ଦଳ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିଲେ ଅତିଥି। ଆୟୋଜକ କମିଟି ସଭାପତି ସୁନୀଲକୁ ରାଉତ, ସମ୍ପାଦକ ଚିତ୍ତରଞ୍ଜନ ବାରିକ, ସହ ସମ୍ପାଦକ ପୁରୁଷୋତ୍ତମ ବାରିକ, ସ୍ଥାନୀୟ ସରପଞ୍ଚ ଗୋଜା, ସଦସ୍ୟ ଅନିଲ ରାଉତ, ଚାମ୍ପେଶ୍ୱର ନାୟକ, ଈଶ୍ୱର କୁମ୍ଭାର, ସ୍ୱପ୍ନେଶ୍ୱର ବାରିକ, ଉଗରେସନ ବାରିକ, ଅନ୍ତରାମ ପୁଟେଲ, ଚନ୍ଦ୍ରମଣି ଧରୁଆ, କିଶୋର କୁ ରାଉତ, ଜଗନ୍ନାଥ ପୁଟେଲ, ଲକ୍ଷ୍ମଣ ବାରିକ, ଉଦୟ ସିଂ ବାରିକ, ଭରତ ବାରିକ, ମନୋରଞ୍ଜନ ବାରିକ, ମନୋରଞ୍ଜନ ବେହେରା, ପପୁ ବାରିକ, ବସନ୍ତ ବାରିକ, ଧନଞ୍ଜୟ ପୁଟେଲ, ରିଙ୍କୁ ପଣ୍ଡା, ପୃଥ୍ୱୀରାଜ ପଣ୍ଡା, ଜଗଦୀଶ ପଟେଲ, ଦୁଷ୍ମନ୍ତ ଧରୁଆ, ଉପସ୍ଥିତ ଥିବା ବେଳେ ଖେଳ ପରିଚାଳକ ଭାବରେ ବିବଛ ମାଝୀ, ଶେଷାଙ୍କ ଦାସ ଯାଦବ, ପ୍ରଶାନ୍ତ ମେହେର ଖେଳ ପରିଚାଳନା କରିଥିଲେ। ଭାଷ୍ୟକାର ଅଭୟ ବାଗ ଓ ତୁଳସୀ ରାମ ଜଗତ ଖେଳ ବିବରଣୀ ପ୍ରଦାନ କରିଥିଲେ।

## କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସ୍ତରୀୟ କବାଡି ଟୁର୍ଣ୍ଣାମେଣ୍ଟ
# ବାଳକ ଓ ବାଳିକା ବର୍ଗରେ ନୂଆପଡ଼ା ଦଳ ଚାମ୍ପିଅନ

**ନୂଆପଡ଼ା, ୩।୧୨(ସମିସ)**

ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରୀୟ କବାଡି ପ୍ରତିଯୋଗିତା ନ୍ୟାସନାଲ କଲେଜ ଆୟୋଜନ କରିଥିଲେ। ଏହି ପ୍ରତିଯୋଗିତାରେ ବାଳକ ବିଭାଗରେ ୧୨ ଟି ଓ ବାଳିକା ବିଭାଗରେ ୪ ଦଳ ଭାଗ ନେଇଥିଲେ। ବାଳକ ବିଭାଗରେ ମହାମାୟା ଡିଗ୍ରୀ କଲେଜ, କେସିଙ୍ଗା କଲେଜ, ଶ୍ରୀସାଇ କଲେଜ କୁରୁମ୍ପୁରୀ, ବଡ଼ର ଡିଗ୍ରୀ କଲେଜ କଂକେରି, ଏ. ବି. ଡ଼ଃ କଲେଜ ଖରିଆର ସ୍ୱୟଂଶାସିତ, କରଲାପଡ଼ା କଲେଜ ସଂଚେରଗାଉଁ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ସରସ୍ୱତୀ ଆଇଟି ଏଣ୍ଡ ମ୍ୟାନେଜମେଣ୍ଟ କଲେଜ, ଭବାନୀପାଟଣା, ନେସନାଲ କଲେଜ, ନୂଆପଡ଼ା, ବାଳିକା ବିଭାଗ ରେ ମହାମାୟା ଡିଗ୍ରୀ କଲେଜ, ଖରିଆର ସ୍ୱାୟଂଶାସିତ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଓ ନେସନାଲ କଲେଜ, ମୋଡେଲ ଡିଗ୍ରୀ କଲେଜ, ଖରିଆର ଭାଗ ନେଇଥିଲେ। ବାଳକ ଓ ବାଳିକା ବିଭାଗରେ ନେସନାଲ କଲେଜ ଚାମ୍ପିୟନ ହୋଇଥିବାବେଳେ ରନର୍ସ ହୋଇଥିଲେ ବାଳକ ବିଭାଗରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଓ ବାଳିକା ବିଭାଗରେ ଖରିଆର ସ୍ୱାୟଂଶାସିତ କଲେଜ। ଆଜିର ଖେଳକୁ ମାନ୍ୟବର ସାଂସଦ କଳାହାଣ୍ଡି ମୁଖ୍ୟ ଅତିଥି ଓ କ୍ଷିତୀଶ ଅଶୋଳ ବୋଧଙ୍କର ( କଲେଜ ପରିଚାଳନା କମିଟି ସଭାପତି ) ଉଦଘାଟନ କରିଥିଲେ। ସୂଚନା ଯୋଗ୍ୟ ଯେ ଏହି ଅବସରରେ ଜିଲ୍ଲା ସାହୁ ସମାଜ ତରଫରୁ କବାଡି ମେଟ ପ୍ରଦାନ କରିଥିବାବେଳେ ଚିନୀଲାଲ ସାହୁ କବାଡି ଖେଳ ସକାଶେ ଛାଉଣୀ ପ୍ରଦାନ ପୂର୍ବକ ସହାୟତା ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ନେସନାଲ କଲେଜ ଅଧ୍ୟକ୍ଷ ହିତେଶ ସାହୁ ପୁରସ୍କାର ପ୍ରଦାନ କରିଥିଲେ। ଉପସ୍ଥିତ ଥିଲେ ନନ୍ଦିନୀ ମଞ୍ଜରୀ ହୋତା, ମମତା ପଟ୍ଟନାୟକ, ମିନାକ୍ଷୀ ଦାସ, ସୀମା ବରିହା, ପ୍ରମିତା ମାଝୀ, ନୃସିଂହ ଚରଣ ସାହୁ, ଦୁର୍ଲଭ ଚରଣ ବେହେରା, ବୈଦ୍ୟନାଥ ଗର୍ତିଆ, ପ୍ରମୋଦ ରାଉତ, ଅବିନାଶ ଚଲାନ, ଜଗନ୍ନାଥ ମେହେର, ଯଶୋବନ୍ତ ଭୋଇ, ତଥା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ପ୍ରକାଶ କୁମାର ସାହୁ, ଧନ୍ୟବାଦ ଅର୍ପଣ କରିଥିଲେ କପିଳଦେବ ପାଣିଗ୍ରାହୀ।



ଆଇପିଏଲ୍- ୨୦୨୪ | ୧୧୬୬ ଖେଳାଳି ପଞ୍ଜୀକୃତ | ୨୫ଜଣଙ୍କ ମୂଳ ଦର ୨ କୋଟି

# ଦୁବାଇରେ ଖେଳାଳି ନିଲାମୀ ୧୯ରେ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଆଗାମୀ ୨୦୨୪ ସଂସ୍କରଣର ଖେଳାଳି ନିଲାମୀ ପାଇଁ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ଡିସେମ୍ବର ୧୯ରେ ଦୁବାଇରେ ମିନି ଖେଳାଳି ନିଲାମୀର ଆୟୋଜନ ହେବ। ଆଇପିଏଲ୍ କର୍ତ୍ତୃପକ୍ଷ ଏ ନେଇ ସୂଚନା ଦେଇଛନ୍ତି। ଏଥର ଗତବର୍ଷ ତୁଳନାରେ ଫ୍ରାଞ୍ଚାଇଜ୍‌ଗୁଡିକରେ ନିକଟରେ ଖେଳାଳିମାନଙ୍କୁ କ୍ରୟ କରିବାକୁ ଅଧିକ ୫ କୋଟି ଟଙ୍କା ଅଧିକ ରହିଛି। ତେଣୁ ଫ୍ରାଞ୍ଚାଇଜ୍‌ଗୁଡିକ ଖେଳାଳି କ୍ରୟ କରିବାରେ ଅପେକ୍ଷାକୃତ ଅଧିକ ସୁଯୋଗ ଓ ସ୍ୱାଧୀନତା ପାଇବେ।

ଗତ ସଂସ୍କରଣରେ ଫ୍ରାଞ୍ଚାଇଜ୍‌ଗୁଡିକ ନିକଟରେ ୯୫ କୋଟି ଟଙ୍କାର ପର୍ସ ବା ଅର୍ଥରାଶି ନିର୍ଦ୍ଧାରିତ ଥିଲା। ଏଥର କିନ୍ତୁ ୧୦୦ କୋଟି ଟଙ୍କାର ପର୍ସ ରହିଛି। ଏଥିସହ ଗତ ସଂସ୍କରଣରେ ବଳିଥିବା ଅର୍ଥକୁ ମଧ୍ୟ ଦଳଗୁଡିକ ବ୍ୟବହାର କରିପାରିବେ। ଏଥର ଖେଳାଳି ନୀଲାମିରେ ଅଂଶଗ୍ରହଣ କରିବାକୁ ୧୧୬୬ ଜଣ ଖେଳାଳି ପଞ୍ଜୀକୃତ ହୋଇଛନ୍ତି। ଏଥିରେ ୮୩୦ ଜଣ ଭାରତୀୟ ଓ ୩୩୬ ଜଣ ବିଦେଶୀ ଖେଳାଳି ସାମିଲ ରହିଛନ୍ତି। ବିଦେଶୀ ଖେଳାଳିମାନଙ୍କ ମଧ୍ୟରେ ଇଂଲଣ୍ଡ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ନାମ ଦେଇନାହାଁନ୍ତି। ମିଚେଲ ଷ୍ଟାର୍କ, ପ୍ୟାଟ କମିନ୍ସ, ଟ୍ରାଭିସ ହେଡ, ଜେରାଲ୍ଡ କୁଟ୍‌ଜୀ ଓ ରଚିନ ରବୀନ୍ଦ୍ରଙ୍କ ଭଳି ତାରକା ବିଦେଶୀ ଖେଳାଳି ଏହି ନିଲାମୀରେ ସାମିଲ ହେବେ। ସେହିପରି ଭାରତୀୟ ଖେଳାଳିମାନଙ୍କ ମଧ୍ୟରେ ହର୍ଷଲ ପଟେଲ, ଶାର୍ଦ୍ଦୁଳ ଠାକୁର, ଉମେଶ ଯାଦବ ଓ ଜୟଦେବ ଉନାଦକତଙ୍କ ଭଳି ତାରକା କ୍ରିକେଟର ସାମିଲ ରହିଛନ୍ତି। ଏମାନଙ୍କ ମୂଲ୍ୟ ନିଲାମୀରେ ୧୦ କୋଟି ଟଙ୍କା ପାର କରିପାରେ।

### ୧୦ଟି ଦଳରେ ୭୭ ଖେଳାଳିଙ୍କ ସ୍ଥାନ ଖାଲି ଅଛି

ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଥିବା ୧୦ଟି ଦଳ ସେମାନଙ୍କ ଅଧିକାଂଶ ଖେଳାଳିଙ୍କୁ ରିଟେନ ଅର୍ଥାତ ବଜାୟ ରଖିଛନ୍ତି। ତେଣୁ ଅତିବେଶୀରେ ୭୭ ଜଣ ଖେଳାଳିଙ୍କୁ ଏହି ନିଲାମୀରେ ଦଳଗୁଡିକ କ୍ରୟ କରିପାରିବେ। ୭୭ଜଣଙ୍କ ମଧ୍ୟରେ ୩୦ଜଣ ବିଦେଶୀ ବିଭିନ୍ନ ଦଳରେ ସାମିଲ ହୋଇପାରିବେ। ସବୁ ଫ୍ରାଞ୍ଚାଇଜ୍ ନିକଟରେ ୨୬୨.୯୫ କୋଟି ଟଙ୍କା ଅର୍ଥ ବାକି ରହିଛି। ପ୍ରତ୍ୟେକ ଦଳ ନିକଟରେ ଏଥର ୧୦୦ କୋଟି ଟଙ୍କାର ଅର୍ଥ ରହିବ।

### ୨୦ ଖେଳାଳିଙ୍କ ମୂଳ ଦର ଦେଢ, ୧୬ଜଣଙ୍କ ଏକ କୋଟି

ନୀଲାମିରେ ଏଥର ୨୫ ଜଣ ଖେଳାଳିଙ୍କ ବେସ୍ ପ୍ରାଇସ୍ ବା ମୂଳ ମୂଲ୍ୟ ୨ କୋଟି ଟଙ୍କା ରହିଛି। ଏଥିରେ ଅଷ୍ଟ୍ରେଲିଆର ୭ ଓ ଭାରତର ୪ ଜଣ ଖେଳାଳି ରହିଛନ୍ତି। ଅଷ୍ଟ୍ରେଲିଆର ପ୍ୟାଟ କମିନ୍ସ, ଟ୍ରାଭିସ ହେଡ, ମିଚେଲ ଷ୍ଟାର୍କ, ଜୋଶ ହାଜଲେଉଡ, ଷ୍ଟିଭ ସ୍ମିଥ୍, ଜୋଶ ଇଂଲିଶ ଓ ସିନ ଆବୋଟଙ୍କ ବେସ ପ୍ରାଇସ୍ ୨ କୋଟି ଟଙ୍କା ରହିଛି। ନିଲାମୀରେ ଏମାନଙ୍କ ମୂଲ୍ୟରେ ଆହୁରି ବୃଦ୍ଧି ହୋଇପାରେ କିମ୍ବା କେତେଜଣ ବିକ୍ରି ନ ହୋଇ ରହିପାରନ୍ତି। ସେହିପରି ହର୍ଷଲ ପଟେଲ, କେଦାର ଯାଦବ, ଶାର୍ଦ୍ଦୁଳ ଠାକୁର, ଉମେଶ ଯାଦବଙ୍କ ଭଳି ଭାରତୀୟ ଖେଳାଳିଙ୍କ ମୂଳ ଦର ସବୁଠାରୁ ଅଧିକ ରହିଛି। ଏହାକୁ ବାଦ୍ ଦେଲେ ୨୦ଜଣ ଖେଳାଳିଙ୍କ ମୂଳ ଦର ଦେଢ କୋଟି ଓ ୧୬ ଜଣଙ୍କର ୧ କୋଟି ଟଙ୍କା ରହିଛି। ସେହିପରି ୧୧୦୫ରୁ ଖେଳାଳିଙ୍କ ମୂଳ ଦର ୨୦ରୁ ୯୫ ଲକ୍ଷ ଟଙ୍କା ରହିଛି।

### ୫ ଖେଳାଳି ୨୦ କୋଟିରୁ ଉର୍ଦ୍ଧ୍ୱରେ ବିକ୍ରି ହୋଇପାରନ୍ତି

ନିଲାମୀରେ ୫ ଜଣ ଖେଳାଳି ଏପରି ରହିଛନ୍ତି ଯେଉଁମାନେ ୨୦ କୋଟି ଟଙ୍କାରେ ବିକ୍ରି ହୋଇପାରନ୍ତି। ରଚିନ ରବୀନ୍ଦ୍ର, ଟ୍ରାଭିସ ହେଡ୍, ଜୋଶ ହଜଲେଉଡ, ୱାନିନ୍ଦୁ ହାସରଙ୍ଗା, ମିଚେଲ ଷ୍ଟାର୍କ, ଗେରାଲ୍ଡ କଟଜି




ଚଢା ଦରରେ ବିକ୍ରି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ଆଉ କେତେଜଣ ତାରାକା ଖେଳାଳି ବିକ୍ରି ନ ହୋଇ ରହିଯାଇପାରନ୍ତି।

**ଖେଳାଳି (୨ କୋଟି ଟଙ୍କା ମୂଳଦର):**
ହର୍ଷଲ ପଟେଲ, ଶାର୍ଦ୍ଦୁଳ ଠାକୁର, ଉମେଶ ଯାଦବ, କେଦାର ଯାଦବ, ମୁଜିବ ଉର ରହମାନ, ସିନ୍ ଆବୋଟ, ପ୍ୟାଟ କମିନ୍ସ, ଜୋଶ ହାଜଲେଉଡ, ଟ୍ରାଭିସ ହେଡ, ଜୋଶ ଇଂଲିଶ୍, ମିଚେଲ ଷ୍ଟାର୍କ, ଷ୍ଟିଭ ସ୍ମିଥ୍, ମୁସ୍ତାଫିଜୁର ରହମାନ, ଟମ୍ ବାଣ୍ଟନ, ହ୍ୟାରୀ ବ୍ରୁକ୍, ବେନ୍ ଡକେଟ, ଜେମି ଓଭରଟନ, ଆଦିଲ ରସିଦ, ଡେଭିଡ୍ ୱିଲି, କ୍ରିସ୍ ୱକ୍ସ, ଲୋକି ଫର୍ଗୁସନ, ଗେରାଲ୍ଡ କଟଜି, ରିଲି ରୁଷୋ, ରାସି ଭାନ ଡେର ଡୁସେନ ଓ ଆଞ୍ଜେଲୋ ମାଥ୍ୟୁସ।

**ଖେଳାଳି (ଦେଢ କୋଟି ଟଙ୍କା ମୂଳଦର):**
ମହମ୍ମଦ ନବୀ, ମୋଇସେସ ହେନେରିକ୍ସ, କ୍ରିସଲିନ୍, କେନ ରିଚାର୍ଡସନ, ଡାନିଏଲ ସାମ୍ସ, ଡାନିଏଲ ଓରାଲ, ଟମ୍ କୁରାନ, ମର୍ଚ୍ଚାଣ୍ଟ ଡି ଲାଙ୍ଗ୍, କ୍ରିସ ଜୋର୍ଡାନ, ଦାୱିଦ ମଲନ, ତିମାନ ମିଲ୍ସ, ଫିଲ ସଲ୍ଟ, କୋରି ଆଣ୍ଡରସନ, କଲିନ ମୁନରୋ, ଜିମି ନିଶାମ, ଟିମ୍ ସାଉଦି, କଲିନ ମୁନରୋ, ୱାନିନ୍ଦୁ ହସରଙ୍ଗା, ଜାସନ ହୋଲ୍ଡର ଓ ଶେରଫାନ ରଦରଫର୍ଡ।

**ଖେଳାଳି (ଏକ କୋଟି ଟଙ୍କା ମୂଳଦର):**
ଆଷ୍ଟନ ଅଗର, ରିଲି ମେରେଡିଥ୍, ଡି'ଅର୍ସି ସର୍ଟ, ଅଷ୍ଟନ ଟର୍ଣ୍ଣର, ଗୁସ୍ ଅଟକିନସନ, ସାମ ବିଲିଙ୍ଗ୍‌ସ, ମାଇକେଲ ବ୍ରାସୱେଲ, ମାର୍ଟିନ ଗୁପ୍ଟିଲ, କାଏଲ ଜେମିସନ, ଆଡାମ ମିଲନେ, ଡାରିଲ ମିଚେଲ, ୱେନ ପାର୍ଣ୍ଣେଲ, ଡ୍ୱେନ ପ୍ରିଟୋରିୟସ, ଅଲଜାରି ଜୋଶେଫ୍, ରୋଭମାନ ପୱେଲ ଓ ଡେଭିଡ୍ ୱାଇଜ।

## ରାମକୁମାରଙ୍କୁ କ୍ରମାଗତ ଦ୍ୱିତୀୟ ଆଇଟିଏଫ୍ ଟାଇଟଲ



ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ଭାରତୀୟ ଟେନିସ ତାରକା ରାମକୁମାର ରାମନାଥନ କର୍ଣ୍ଣାଟକର ଗୁଲବର୍ଗା ବା କାଲାବୁରାଗିରେ ଅନୁଷ୍ଠିତ ଆଇଟିଏଫ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ରାମକୁମାର ଅଷ୍ଟ୍ରେଲିଆର ଡେଭିଡ୍ ପିଚ୍‌ଲେରଙ୍କୁ ୬-୨, ୬-୧ ସିଧାସଳଖ ସେଟ୍‌ରେ ପରାସ୍ତ କରି ଟାଇଟଲ ଜିତିଛନ୍ତି। ଏଥିସହ ସେ କ୍ରମାଗତ ଦ୍ୱିତୀୟ ଓ ଗତ ୫୭ ଦିନ ମଧ୍ୟରେ କ୍ୟାରିୟରର ତୃତୀୟ ଟାଇଟଲ ଜିତିଛନ୍ତି। ବିଜୟୀ ହେବାକୁ ତାଙ୍କୁ ୬୪ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ସେ ଏଥିସହ ୩, ୨୦୦ ଆମେରିକୀୟ ଡଲାର ବା ୨ ଲକ୍ଷ ୬୬ ହଜାର ୩୦୦ ଟଙ୍କା ପୁରସ୍କାର ହାସଲ କରିଛନ୍ତି। ସେ ମଧ୍ୟ ୨୫ ଏଟିପି ପଏଣ୍ଟ ହାସଲ କରିଛନ୍ତି। ପୂର୍ବରୁ ସେ ସେମିଫାଇନାଲରେ ଆର ଟାଗୁଚିଙ୍କୁ ୬-୨, ୬-୧ ସେଟ୍‌ରେ, କ୍ୱାର୍ଟର ଫାଇନାଲରେ ନିଜ ଦେଶର ଏମ୍ ସୁରେଶ କୁମାରଙ୍କୁ ୭-୫, ୬-୦ ସେଟ୍‌ରେ ପରାସ୍ତ କରିଥିଲେ। ଏବେ ସେ ଏଟିପି ମାନ୍ୟତାର ୬୩୮ ସ୍ଥାନରେ ରହିଛନ୍ତି।

---

ସର୍ବଭାରତୀୟ ଗଣ୍ଡରପୁର କପ୍

## ସେମିରେ ଜଗା ୟୁନାଇଟେଡ୍

ନାଇଜେରିଆ ଖେଳାଳିଙ୍କ ଆକର୍ଷଣୀୟ ପ୍ରଦର୍ଶନ



ବାରଙ୍ଗ, ୩।୧୨(ସମିସ): ବାରଙ୍ଗ କଲ୍ୟାଣପୁର ଗ୍ରାମପଞ୍ଚାୟତର ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ୍ ପ୍ରତିଯୋଗିତାରେ ସହରାଞ୍ଚଳ ବିଭାଗରେ ଜଗା ୟୁନାଇଟେଡ୍ ସେମିଫାଇନାଲକୁ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱରର ଜଗା ୟୁନାଇଟେଡ୍ କ୍ଲବ୍ ୩-୦ଗୋଲ୍‌ରେ ରାଇଜିଂ ଷ୍ଟୁଡେଣ୍ଟକୁ ପରାସ୍ତ କରି ସେମିକୁ ଉଠିଛି। ସେହିପରି ଗ୍ରାମାଞ୍ଚଳ ବିଭାଗରେ ପ୍ରଥମ ମ୍ୟାଚ୍ ସୁପ୍ରିମ କ୍ଲବ୍ ବରାହିପୁର ଓ ସାଇଁଶ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ସାଇଁଶ ଦଳ ୧-୦ ଗୋଲ୍‌ରେ ବରାହିପୁରକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ଘରଟିକିଆର ବଜରଙ୍ଗବାଲି ୨-୦ ଗୋଲରେ ତଣ୍ଡିକଣାକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରତିଯୋଗିତାରେ ନାଇଜେରିଆ ଖେଳାଳିମାନେ ଭଲ ପ୍ରଦର୍ଶନ କରିଥିଲେ। ସହରାଞ୍ଚଳ ମ୍ୟାଚକୁ ଖୋର୍ଦ୍ଧା ବିଜୁ ଜନତା ଦଳ ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଉଦ୍‌ଘାଟନ କରିଥିବାବେଳେ ମତ୍ସ୍ୟ ଉନ୍ନୟନ ନିଗମର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପାତ୍ର, ୩୦ ନମ୍ବର ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ବବିତା ରାଉତ, କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇ, ସମିତିସଭ୍ୟ ଭୁବନ ମୋହନ ଦାସ, ଗ୍ରାମ୍ୟ କିମିଟି ସଭାପତି ଭାସ୍କର ପଢ଼ିହାରୀଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ସୁଦୀପ ଦାସ, ବ୍ରହ୍ମାନନ୍ଦ ଭୋଇ, ଜିତୁ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ଓ ଜ୍ୟୋତି ରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ରଙ୍କନିଧି ରାଉତ ଧାରାବିବରଣୀ ଦେଇଥିଲେ। ସୋମବାର ଗ୍ରାମଞ୍ଚଳ ବିଭାଗରେ ବଉଳକୁଦ ସହିତ ବେଲଗଛିଆ ଓ ଗୋପାଳପୁର ସହିତ ମଇନ୍ଦପୁର ମଧ୍ୟରେ ମ୍ୟାଚ୍ ଖେଳାଯିବ।

ଓ ବର୍ଷ ପରେ ହେବ ନାଲକୋ କପ୍ ଟେନିସ

## ୯ଟି ବର୍ଗରେ ୪.୩୨ ଲକ୍ଷ ଟଙ୍କା ପୁରସ୍କାର

ଭୁବନେଶ୍ୱର, ୩।୧୨ (ସମିସ): ଲନ୍‌ଟେନିସ ଖେଳରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ଭୁବନେଶ୍ୱର ଜିଲ୍ଲା ଟେନିସ ସଂଘ (ବିଡିଟିଏ) ଦୀର୍ଘ ୩ ବର୍ଷର ବ୍ୟବଧାନ ପରେ ନିଖିଳ ଓଡ଼ିଶା ନାଲକୋ କପ୍ ଟେନିସ ଟୁର୍ଣ୍ଣାମେଣ୍ଟର ୨୨ତମ ସଂସ୍କରଣ ଆୟୋଜନ କରିବାକୁ ଯାଉଛି। ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଗଠିତ ଏହି ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ କମ୍ପ୍ଲେକ୍ସରେ ଏହି ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୮ରୁ ଆରମ୍ଭ ହୋଇ ୧୦ରେ ଶେଷ ହେବ। ଏଥିରେ ଭେଟେରାନଙ୍କ ସହ ମୋଟ ୯ଟି କାଟେଗୋରୀରେ ପ୍ରତିଯୋଗିତା ଆୟୋଜିତ ହେବ। ସମଗ୍ର ଓଡ଼ିଶାରୁ ପ୍ରାୟ ୩୦୦ ଖେଳାଳି ଏଥିରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି। ରବିବାର କଳିଙ୍ଗ



ଷ୍ଟାଡିୟମ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଡିଟିଏ ସମ୍ପାଦକ ଶାଶ୍ୱତ ମିଶ୍ର କହନ୍ତି, କରୋନା ମହାମାରୀ ଯୋଗୁଁ ଆମେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିପାରି ନଥିଲୁ। ଏବେ ନିୟମିତ ଭାବେ ଏହା ଆୟୋଜିତ ହେବ। ସେହିପରି ୩ ବର୍ଷ ତଳେ ଯେଉଁ ପୁରସ୍କାର ରାଶି ଦିଆଯାଉଥିଲା, ସେଥିରେ ଚଳିତବର୍ଷ ୨୫ ବର୍ଷ ବୃଦ୍ଧି କରାଯାଇଛି। ଏହା ସହ ସମସ୍ତ କାଟାଗୋରୀର ଖେଳାଳି ସମାନ ପୁରସ୍କାର ପାଇବାକୁ ମଧ୍ୟ ସଂଘ ପକ୍ଷରୁ ସ୍ଥିର କରାଯାଇଚି। ୯ଟି ବର୍ଗରେ ପ୍ରତିଯୋଗିତା ଆୟୋଜିତ ହେଉଥିଲାବେଳେ ସମସ୍ତ ବର୍ଗର ଚାମ୍ପିଅନ ଖେଳାଳିଙ୍କୁ ୧୮, ୦୦୦, ରନର୍ସ ଅପ୍‌ଙ୍କୁ ୧୨, ୦୦୦, ଦୁଇ ସେମିଫାଇନାଲିଷ୍ଟଙ୍କୁ ୧୦, ୦୦୦ ଓ ୪ କ୍ୱାର୍ଟରଫାଇନାଲିଷ୍ଟଙ୍କୁ ୮, ୦୦୦ ଟଙ୍କା ଲେଖାଏଁ ପୁରସ୍କାର ଦିଆଯିବ। ଏହି ପ୍ରତିଯୋଗିତାର ବାଳକ ବର୍ଗରେ ୧୪ ଓ ୧୮ ବର୍ଷରୁ କମ୍ ଏକକ, ବାଳି ବିଭାଗରେ ୧୪ ବର୍ଷରୁ କମ୍ ଓ ମହିଳା ଏକକ, ପୁରୁଷ ଓପନ, ପୁରୁଷ ଡବଲ୍ସରେ ମୁଖ୍ୟ ପ୍ରତିଯୋଗିତା ଆୟୋଜିତ ହେବ। ଏହା ବ୍ୟତୀତ ୪୦, ୫୦ ଓ ୬୦ ବର୍ଷରେ ୩ଟି ବିଭାଗରେ ଭେଟେରାନ ପ୍ରତିଯୋଗିତା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

ସନ୍ଦୀପ ସ୍ମାରକୀ ଚେସ

## ହର୍ଷିତ ପ୍ରଥମ, ଲଳିତ ଦ୍ୱିତୀୟ

ଭୁବନେଶ୍ୱର, ୩।୧୨ (ସମିସ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ଓ ରୟାଲ ପବ୍ଲିକ୍ ସ୍କୁଲର ମିଳିତ ସହଯୋଗରେ ଆୟୋଜିତ ହୋଇଛି ସନ୍ଦୀପ ମହାନ୍ତି ରାଜ୍ୟ ଓପନ ଚେସ୍‌ର ୧୬ତମ ସଂସ୍କରଣ। ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ଖେଳାଯାଇଥିବା ଏହି ପ୍ରତିଯୋଗିତାରେ କଟକ



ସେଣ୍ଟ ଜାଭିୟର୍ସ ହାଇସ୍କୁଲର ହର୍ଷିତ ରଞ୍ଜନ ସାହୁ ପ୍ରଥମ ଓ ଓଲ୍ଡ ଷ୍ଟିୱାର୍ଟ ସ୍କୁଲର ଲଳିତ ରଞ୍ଜନ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଉଭୟ ଖେଳାଳି ସମାନ ୪.୫ ପଏଣ୍ଟ ଲେଖାଏଁ ହାସଲ କରିଥିଲେ। ଏମାନଙ୍କ ପଛକୁ ୭ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ପର୍ଯ୍ୟାୟକ୍ରମେ କଳାହାଣ୍ଡିର ରବୀନ୍ଦ୍ର ସାହୁ, କଟକର ରବୀନ୍ଦ୍ର ଓଝା, ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର, ଦାଣ୍ଡମୁକୁନ୍ଦପୁରର ପ୍ରକାଶ ସାହୁ, ଭୁବନେଶ୍ୱରର ସୃଜନ ପ୍ରଣୟୀ ରାୟ, ସ୍ୱସ୍ତିକ ରଞ୍ଜନ ସ୍ୱାଇଁ ଓ ମଣ୍ଟୁ ଲୁହା ଯଥାକ୍ରମେ ତୃତୀୟରୁ ୯ମ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ରୟାଲ ପବ୍ଲିକ୍ ସ୍କୁଲର ଉପାଧ୍ୟକ୍ଷା ପ୍ରଜ୍ଞାପାରମିତା ସାହୁ, ପରିଚାଳକ ଅଜୟ ଦାସ, ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଯୁଗ୍ମ ସମ୍ପାଦକ ସୁରିନ୍ଦରନାଥ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାକୁ ସ୍କୁଲ ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।

## କିଟ୍‌ରେ ଆଇସୁଇମ୍ କନିଷ୍ଠ ସନ୍ତରଣ ଆରମ୍ଭ

ଭୁବନେଶ୍ୱର, ୩।୧୨(ସମିସ): ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟରେ ରବିବାରଠାରୁ ଆରମ୍ଭ ହୋଇଛି ଆଇସୁଇମ୍ କନିଷ୍ଠ ସନ୍ତରଣ ପ୍ରତିଯୋଗିତା। କିଟ୍‌ର ୬ ନମ୍ବର କ୍ୟାମ୍ପସସ୍ଥିତ ସୁଇମିଂ ପୁଲ୍‌ରେ ଆରମ୍ଭ ହୋଇଥିବା ଏହି ସନ୍ତରଣ ପ୍ରତିଯୋଗିତାରେ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି। ରାଜ୍ୟର ୬ଟି ସନ୍ତରଣ କ୍ଲବର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। କିସ୍, ଗ୍ଲେନମାର୍କ ଆକ୍ୟାଟିକ ଓ କିଟର ମିଳିତ ଆୟୋଜନରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ବିଭିନ୍ନ ବୟସବର୍ଗରେ ପ୍ରତିଯୋଗିତା ଆୟୋଜନ ହେବ। ୩୦ଟି ଭିନ୍ନ ଇଭେଣ୍ଟରେ ସନ୍ତରଣକାରୀମାନେ ଭାଗ ନେବେ। ଏହି ସନ୍ତରଣ ପ୍ରତିଯୋଗିତାରେ ଯୁବ ସନ୍ତରଣକାରୀମାନେ ନିଜ ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବେ ଓ ଏଥିପାଇଁ କିସ୍ ଓ କିଟ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଖୁସି ଜାହିର କରିଛନ୍ତି। ସେହିପରି ଗ୍ଲେନମାର୍କ ଆକ୍ୟୁଟିକ୍ ଫାଉଣ୍ଡେସନର ପ୍ରତିଷ୍ଠାତା ନେହା ସଲଦାନା ଏହି ପ୍ରତିଯୋଗିତା ଦ୍ୱାର ଖେଳାଳିମାନଙ୍କ ପ୍ରତିଭା ବିକାଶ ସମ୍ଭବ ହେବ ବୋଲି କହିଛନ୍ତି।

● ହାଡ଼ିବନ୍ଧୁ-ସତ୍ୟବାଦୀ ସ୍ମାରକୀ କ୍ରିକେଟ

## ଆରୂଷ ଓ ସହିଦ ନଗର ବିଜୟୀ





ଭୁବନେଶ୍ୱର, ୩।୧୨ (ସମିସ): ସ୍ପୋର୍ଟ୍ସ ଆସୋସିଏସନ ଅଫ୍ କପିଳ ପ୍ରସାଦ ଓ ସୁନ୍ଦରପଦା ଆନୁକୂଲ୍ୟରେ ହାଡ଼ିବନ୍ଧୁ-ସତ୍ୟବାଦୀ ରାଜ୍ୟସ୍ତରୀୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିନରେ ଦୁଇଟି ମ୍ୟାଚ୍ ଆୟୋଜିତ ହେଉଛି। ଏଥିରେ ଆରୂଷ ଏକାଦଶ ଓ ସହିଦନଗର ଏକାଦଶ ବିଜୟ ହାସଲ କରିଛନ୍ତି।

ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ଆରୂଷ ଏକାଦଶ ୬୭ ରନ୍‌ରେ ସହଜ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଆରୂଷ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୬ ୱିକେଟରେ ୧୫୨ ରନ୍ କରିଥିଲା। ଜବାବରେ ସତ୍ୟଭାମା ୱାରିୟର ୮୫ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ସହିଦ ନଗର ୧୩୧ ରନ୍‌ରେ ଆୟୋଜକ ସାକ୍ସ ବରିଷ୍ଠ ଦଳକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସହିଦ ନଗର ୩ ୱିକେଟ ହରାଇ ୨୩୮ ରନ୍ କରିଥିଲା। ଦଳ ପକ୍ଷରୁ ସୌଭାଗ୍ୟ ୯୬ ଓ କେ ରାଜା ୭୪ ରନ୍ କରିଥିଲେ। ଜବାବରେ ସାକ୍ସ ନିର୍ଦ୍ଧାରିତ ୧୬ ଓଭରରେ ୪ ୱିକେଟ ହରାଇ ମାତ୍ର ୧୦୭ ରନ୍ କରିବାକୁ ସମର୍ଥ ହୋଇଥିଲା। ମ୍ୟାଚ୍ ଦୁଇଟିକୁ ପରିଚାଳନା କରିଥିଲେ ଅମ୍ପାୟାର ପ୍ରଶାନ୍ତ କୁମାର ଶୁକ୍ଳା, ବିଶ୍ୱଜିତ ଦାସ୍, ଚିତ୍ତରଞ୍ଜନ ମହାପାତ୍ର ଓ କେଶଚନ୍ଦ୍ର ପ୍ରଧାନ।

● ଓଟିଏ ତୃଣମୂଳ ଟେନିସ ସିରିଜ୍

## ଶ୍ରେୟା, ସୂୟାଶଙ୍କୁ ଏକକ ଟାଇଟଲ



ଭୁବନେଶ୍ୱର, ୩।୧୨ (ସମିସ): ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ (ଏମ୍‌ଓଏସ୍‌ଏଫ୍), ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ଓ କେଟି ଗ୍ଲୋବାଲ ସ୍କୁଲ-ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ସହଭାଗିତାରେ ତୃଣମୂଳ ଟେନିସ ସିରିଜ୍ ଆୟୋଜିତ ହୋଇଯାଇଛି। ଉଦୀୟମାନ ଖେଳାଳିମାନଙ୍କୁ ପ୍ରତିଯୋଗିତମୂଳକ ଟେନିସ ଖେଳରେ ପ୍ରତିଷ୍ଠା କରିବା ଲାଗି ଏହି ସିରିଜ୍ ବେଶ ସହାୟକ ହୋଇଛି। କେଟି ଗ୍ଲୋବାଲ ସ୍କୁଲ ପରିସରରେ ଏପରି ଏକ ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୧ରୁ ଆରମ୍ଭ ହୋଇ ୩ ତାରିଖରେ ଶେଷ ହୋଇଛି। ଏଥିରେ କେବଳ ଏକକ ବିଭାଗରେ ଖେଳ ଆୟୋଜିତ ହୋଇଥିଲା। ବାଳିକା ବିଭାଗରେ ଶ୍ରେୟା ମହାପାତ୍ର ଓ ବାଳକ ବିଭାଗରେ ସୂୟାଶ ପଟ୍ଟନାୟକ ଟାଇଟଲ ବିଜୟୀ ହୋଇଥିଲେ। ବାଳିକା ଫାଇନାଲରେ ଶ୍ରେୟା ୬-୩, ୭-୫ ସିଧାସଳଖ ସେଟ୍‌ରେ ସାଇ ରୂପି ସୌର୍ଯ୍ୟ ମହାନ୍ତିଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ସେହିପରି ବାଳକ ବିଭାଗରେ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ସିଡ ସୂୟାଶ ପ୍ରଥମ ସେଟ୍ ହାରିଯାଇଥିଲେ। କିନ୍ତୁ ପରବର୍ତ୍ତୀ ଦୁଇଟି ସେଟ୍‌କୁ ୬-୨, ୬-୨ରେ ଜିତି ସୂୟାଶ ୨-୧ରେ ଶୀର୍ଷମାନ୍ୟତାପ୍ରାପ୍ତ ଖେଳାଳି ସୂର୍ଯ୍ୟପ୍ରତାପ ନାଏକଙ୍କୁ ପରାସ୍ତ କରି ଟାଇଟଲ କବ୍‌ଜା କରିଥିଲେ। ଖେଳ ଶେଷରେ ପୂର୍ବତନ ଏଟିପି ପେସାଦାର ଖେଳାଳି ଚିନ୍ମୟ ପ୍ରଧାନ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। କେଟି ଗ୍ଲୋବାଲ ସ୍କୁଲ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଏଭଳି ସୁବିଧା ସୁଯୋଗ ଯୋଗାଇଦେଇଥିବାରୁ ସେମାନଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ଏଭଳି ଏକାଧିକ ସିରିଜ୍ ଖେଳାଯିବା ଉପରେ ଗୁରୁତ୍ୱ ଦିଆଯାଇଛି।

ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଉଦ୍‌ଯାପିତ

## କ୍ୟାପିଟାଲ୍‌କୁ ହରାଇ କିସ୍ ଚାମ୍ପିଅନ

ଭୁବନେଶ୍ୱର, ୩।୧୨ (ସମିସ): ନବଗଠିତ ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏସନ




ଆନୁକୂଲ୍ୟରେ ପ୍ରଥମ ୟୁନିଲାଇଟ୍‌କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱରର ୭ଟି ଓ କଟକର ଗୋଟିଏ ସ୍କୁଲକୁ ନେଇ ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ୟୁନିଟ୍-୬ ସରକାରୀ ସ୍କୁଲ ପଡ଼ିଆରେ ରବିବାର ଟୁର୍ଣ୍ଣାମେଣ୍ଟର ଫାଇନାଲ ଓ ତୃତୀୟ ସ୍ଥାନ ଲାଗି ମୁକାବିଲା ଖେଳାଯାଇଥିଲା। ଫାଇନାଲରେ କ୍ୟାପିଟାଲ ହାଇସ୍କୁଲକୁ ୧-୦ ଗୋଲରେ ପରାସ୍ତ କରି କିସ୍ ସ୍କୁଲ ପ୍ରଥମ ଚାମ୍ପିଅନ ହୋଇଛି। କ୍ୟାପିଟାଲ ହାଇସ୍କୁଲର ଗୋଲରକ୍ଷକଙ୍କ ତ୍ରୁଟି ଯୋଗୁଁ ଏହି ଆତ୍ମଘାତୀ ଗୋଲ୍‌ଟି ହୋଇଥିଲା। ସେହିପରି କଟକର ସୟଦ ସେମିନାରୀ ସ୍କୁଲ ୧-୦ ଗୋଲରେ ୟୁନିଟ୍-୬ ସରକାରୀ ହାଇସ୍କୁଲକୁ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି। ଖେଳ ଶେଷରେ ବିଧାୟକ ଅନନ୍ତନାରାୟଣ ଜେନା ଓ ରେଳବାଇ ପ୍ରଶାସନିକ ଅଧିକାରୀ ଦିଲୀପ ସାମନ୍ତରାୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ କିସ୍ ସ୍କୁଲକୁ ଟ୍ରଫି ସହ ୧୦, ୦୦୦ ଟଙ୍କା ଓ ରନର୍ସ ଅପ୍ କ୍ୟାପିଟାଲ ସ୍କୁଲକୁ ୭, ୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ତୃତୀୟ ସ୍ଥାନିତ ଦଳକୁ ୫, ୦୦୦ ଓ ଚତୁର୍ଥ ସ୍ଥାନିତ ଦଳକୁ ୩, ୦୦୦ ଟଙ୍କାର ପ୍ରଦାନ କରାଯାଇଥିଲା। ସମସ୍ତଙ୍କୁ ଟ୍ରଫି ପୁରସ୍କାର ଦିଆଯାଇଥିଲା।

ଚାମ୍ପିଅନ କିସ୍ ସ୍କୁଲର ରାମଚନ୍ଦ୍ର ବାସ୍କେଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଓ ମଙ୍ଗଳ ହେମ୍ବ୍ରମଙ୍କୁ ଶ୍ରେଷ୍ଠ ଗୋଲରକ୍ଷକ ବିବେଚିତ କରାଯାଇଛି। ସୟଦ ସେମିନାରୀ ସ୍କୁଲର ଯୁସବରଙ୍କୁ ଶ୍ରେଷ୍ଠ ରକ୍ଷଣଭାଗ, କ୍ୟାପିଟାଲ ହାଇସ୍କୁଲର ଦୁଇ ଖେଳାଳି ଗୁଲସନ ଦିଗାଲଙ୍କୁ ଶ୍ରେଷ୍ଠ ମଧ୍ୟଭାଗ, ସୁରେଶ ମୁର୍ମୁଙ୍କୁ ଶ୍ରେଷ୍ଠ ଅଗ୍ରଭାଗ ଖେଳାଳି ବିବେଚିତ କରାଯାଇଛି। ଆୟୋଜକ ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏସନର ସଭାପତି ନବରଞ୍ଜନ ପଟ୍ଟନାୟକ, ଅକ୍ଷୟ କୁମାର ଦାସ, ପ୍ରାୟୋଜକ ୟୁନିଲାଇଟର ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି, ପ୍ରିୟନାଥ ମିଶ୍ର, ନରେନ୍ଦ୍ର କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍‌ରୁ ରେଫରୀ ସରୋଜ ମହାରଣା, ବରୁଣ ପ୍ରଧାନ ଓ ଅମିତ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।





## ଗୀତାବାଣୀ

ନିରାଶୀର୍ଯ୍ୟତଚିତ୍ତାତ୍ମା ତ୍ୟକ୍ତ ସର୍ବପରିଗ୍ରହଃ
ଶାରୀରଂ କେବଳଂ କର୍ମ କୁର୍ବନ୍ନାପ୍ନୋତି କିଲ୍ବିଷମ୍ ॥୨୧॥

ଯାହାଙ୍କର ଶରୀର ଓ ଅନ୍ତଃକରଣ ଉତ୍ତମ ରୂପେ ବଶୀଭୂତ, ସେ ସମସ୍ତ ସଂଗ୍ରହ ପରିତ୍ୟାଗ କରିଦେଇଛନ୍ତି, ସେପରି ଇଚ୍ଛାରହିତ କର୍ମଯୋଗୀ କେବଳ ଶରୀର ସମ୍ବନ୍ଧୀୟ କର୍ମ କରୁଥିଲେ ମଧ୍ୟ ପାପଭାଗୀ ହୁଅନ୍ତି ନାହିଁ।

(ଚତୁର୍ଥୋଽଧ୍ୟାୟଃ – ଶ୍ଳୋକ - ୨୧)

## ମାର୍ଗଶିରରେ ମାଣବସା



ଆରମ୍ଭ ହୋଇଛି ପବିତ୍ର ମାର୍ଗଶିର ମାସ। ଶାସ୍ତ୍ର ଅନୁସାରେ, ଏହି ମାସରେ ଶଙ୍ଖ ପୂଜାର ବିଶେଷ ମହତ୍ତ୍ୱ ଅଛି। ଏହି ମାସ ମାଙ୍ଗଳିକ କାର୍ଯ୍ୟ ଲାଗି ଉତ୍ତମ। କୁହାଯାଏ, ଏହି ମାସରେ ବିବାହ କରିବା ଶୁଭ। ସେହିପରି ଶ୍ରୀରାମ ଓ ସୀତାଙ୍କ ବାହାଘର ଏହି ମାସରେ ହୋଇଥିବା କୁହାଯାଏ। ଏହି ମାସରେ ଅନେକ ବ୍ରତ ଓ ପର୍ବ ପଡ଼ିଥାଏ। କାଳ ଭୈରବୀ ଅଷ୍ଟମୀ, ଉତ୍ପନ୍ନା ଏକାଦଶୀ, ବିବାହ ପଞ୍ଚମୀ, ନନ୍ଦା ସପ୍ତମୀ, ମୋକ୍ଷଦା ଏକାଦଶୀ ଆଦି ବିଶେଷ ତିଥି ପଡ଼େ। ତେବେ ଏହି ମାସରେ ଓଡ଼ିଆ ଘରେ ପାଳିତ ହୁଏ ମାଣବସା ଗୁରୁବାର।

ମାଣବସା 'ମାଣଓଷା' ନାଁରେ ପରିଚିତ। ଏହିଦିନେ ଲକ୍ଷ୍ମୀ ମା'ଙ୍କ ପୂଜାର୍ଚ୍ଚନା ବିଶେଷଭାବେ କରାଯାଏ। ପୂର୍ବଦିନଠାରୁ ମହିଳାମାନେ ଘର ଲିପାପୋଛା କରିଥାନ୍ତି। ତା'ସହ ସୁନ୍ଦର ଝୋଟିଚିତା ଅଙ୍କନ କରାଯାଏ। ଗୁରୁବାର ମହିଳାମାନେ ବଡ଼ି ଭୋର୍‌ରୁ ଉଠି ସ୍ନାନ ସାରି ମା' ଲକ୍ଷ୍ମୀଙ୍କ ପୂଜା କରନ୍ତି। ଖଟୁଲିରେ ଧାନମାଣ ବସାଯାଇ ପୂଜା କରିବାର ବିଧି ରହିଛି। ପିଠାପଣା ମା'ଙ୍କ ପାଖରେ ଲାଗି ହୁଏ। ସଧବା ମହିଳାମାନେ ଏହାକୁ ବେଶ୍ ନିଷ୍ଠାର ସହ ପାଳନ କରନ୍ତି। ମା'ଙ୍କ ପୂଜା ଠିକ୍ ଭାବେ କରାଗଲେ ଲକ୍ଷ୍ମୀ ମା' ପ୍ରସନ୍ନ ହୁଅନ୍ତି। କେବଳ ସେତିକି ନୁହେଁ, ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବା ସହ ଧନର ଆଗମନ ହୋଇଥାଏ।



## କୁଶ ବିନା ଅସମ୍ପୂର୍ଣ୍ଣ ପୂଜା-ପାଠ

ଶାସ୍ତ୍ର ଅନୁସାରେ ସବୁ ପ୍ରକାର ଧର୍ମକର୍ମରେ ହାତରେ କୁଶବଟୁ ପିନ୍ଧିବା ବିଧି ରହିଛି। କୁଶ ହେଉଛି ଏକ ବିଶେଷ ପ୍ରକାର ତୃଣ, ଯାହା ଖୁବ୍ ପବିତ୍ର । କୁଶର ଉପଯୋଗ ଘରେ ପୂଜା ଯଜ୍ଞ ତଥା ଶ୍ରାଦ୍ଧ କର୍ମରେ କରାଯାଏ । ମାନ୍ୟତା ଅଛି, କୁଶ ଅଗ୍ରଭାଗରେ ବ୍ରହ୍ମା, ମଧ୍ୟଭାଗରେ ବିଷ୍ଣୁ ଏବଂ ପ୍ରାନ୍ତରେ ଭଗବାନ ଶିବ ବାସ କରନ୍ତି । ତେବେ ପୂଜା ତଥା ଶ୍ରାଦ୍ଧ କର୍ମରେ ଡାହାଣ ହାତର ଅନାମିକା ଅଙ୍ଗୁଳିରେ କୁଶବଟୁ ପିନ୍ଧିବା ଉଚିତ । ମାନ୍ୟତା ଅଛି, କୁଶବଟୁ ବିନା ପୂଜା ପାଠ ଅସମ୍ପୂର୍ଣ୍ଣ ହୋଇଥାଏ । କୁଶବଟୁ ପିନ୍ଧି ପିଣ୍ଡଦାନ କରିବା ଦ୍ୱାରା ପିତୃପୁରୁଷଙ୍କ ଆତ୍ମାକୁ ଶାନ୍ତି ମିଳିଥାଏ । ସେହିପରି କୁଶର ଉପଯୋଗ ଦ୍ୱାରା ଶରୀରକୁ ସକାରାତ୍ମକ ଶକ୍ତି ମିଳେ । ଅନ୍ୟପଟେ କୁଶ ଆସନରେ ବସି ପୂଜା-ପାଠ ତଥା ଧ୍ୟାନ କରିବା ଦ୍ୱାରା ଶରୀରରେ ସକାରାତ୍ମକ ଶକ୍ତି ଉତ୍ପନ୍ନ ହୁଏ ।

## ନଖ ଧଳା ଦାଗ ଦିଏ ଶୁଭ ସଙ୍କେତ

**ନଖରେ ଦେଖାଯାଉଥିବା ଧଳା ଦାଗ ଅନେକ ସମୟରେ ଜୀବନରେ ପରିବର୍ତ୍ତନ ଆଣିଥାଏ। ହସ୍ତରେଖା ଶାସ୍ତ୍ର ଅନୁସାରେ, ନଖର ଆକାରଠୁ ଆରମ୍ଭ କରି ଏଥିରେ ଦେଖାଯାଉଥିବା ଧଳା ଦାଗ ଜୀବନରେ ଶୁଭ ଓ ଅଶୁଭ ଫଳ ପ୍ରଦାନ କରିଥାଏ।**



- ହସ୍ତରେଖା ଶାସ୍ତ୍ର ଅନୁସାରେ, ଯେଉଁମାନଙ୍କ ନଖର ଆକାର ଚଉଡ଼ା ସେମାନେ ଶାରୀରିକ ରୂପେ ଶକ୍ତିଶାଳୀ।
- କନିଷ୍ଠିକା ଅଙ୍ଗୁଳିରେ ନଖରେ ଧଳା ଦାଗ ଶୁଭ ଫଳ ପ୍ରଦାନ କରେ। ଏହାସହ କାର୍ଯ୍ୟରେ ଶୀଘ୍ର ସଫଳତା ମିଳିଥାଏ।
- ମଧ୍ୟମା ଅଙ୍ଗୁଳି ନଖର ଧଳା ଦାଗ କଲ୍ୟାଣକାରୀ। ଏମାନଙ୍କ ଜୀବନରେ ଧନ ଆଗମନର ଏହା ସୂଚନା ଦିଏ।
- ସେହିପରି ତର୍ଜନୀ ନଖରେ ଧଳା ଦାଗ ଥିବା ବ୍ୟକ୍ତିବିଶେଷ ବ୍ୟବସାୟରେ ଉନ୍ନତି କରନ୍ତି।

## ଅଫିସ୍ ଟେବୁଲରେ ରଖନ୍ତୁ ଏହି ଜିନିଷ

**ସମସ୍ତେ ଚାକିରି ଓ ବ୍ୟବସାୟରେ ଉନ୍ନତି ଚାହାନ୍ତି । ତେଣୁ ଅଫିସ୍ ଟେବୁଲରେ ଅନେକେ ଠାକୁରଙ୍କ ଫଟୋ ରଖନ୍ତି। ତେବେ ଅଫିସ୍ ଟେବୁଲରେ କେଉଁ ଜିନିଷ ରଖିବା ଶୁଭ, ସେ ସମ୍ପର୍କରେ ଅନେକ ଜାଣି ନ ଥାନ୍ତି। ବାସ୍ତୁଶାସ୍ତ୍ର ଅନୁସାରେ ଅଫିସ୍ ଟେବୁଲରେ କିଛିଟା ପରିବର୍ତ୍ତନ ଆଣିଲେ ଜୀବନରେ ଉନ୍ନତି ପରିଲକ୍ଷିତ ହୋଇଥାଏ।**

- ଟେବୁଲର ଉତ୍ତର ଦିଗରେ ପାଣି ବୋତଲ ରଖନ୍ତୁ।
- କାମ ସମ୍ବନ୍ଧୀୟ ଫାଇଲ ତଥା ବହିକୁ ଟେବୁଲର ଡାହାଣ ପାର୍ଶ୍ୱରେ ରଖନ୍ତୁ ।
- ଟେବୁଲ ଉପରେ କୌଣସି ଗଛ ରଖିପାରିବେ ।
- ଭଗବାନଙ୍କ ଫଟୋ ଉତ୍ତର ଦିଗରେ ରଖନ୍ତୁ।



# ମା' ଲକ୍ଷ୍ମୀଙ୍କ ପ୍ରିୟ

## ପେଚା, କଉଡ଼ି ଓ ପଦ୍ମ



**ହିନ୍ଦୁ ଧର୍ମରେ ମା' ଲକ୍ଷ୍ମୀଙ୍କୁ ଶ୍ରୀ, ସମ୍ପଦ, ସୌଭାଗ୍ୟ ଓ ସୌନ୍ଦର୍ଯ୍ୟର ଦେବୀ ବୋଲି ବିବେଚନା କରାଯାଏ। ତାଙ୍କ ବାହନ ପେଚାକୁ ମଧ୍ୟ ଭାରତୀୟ ସଂସ୍କୃତିରେ ଶୁଭଦାୟକ ବୋଲି ଗ୍ରହଣ କରାଯାଏ। ସେହିପରି କଉଡ଼ି ଓ ପଦ୍ମ ସହିତ ମଧ୍ୟ ମା' ଲକ୍ଷ୍ମୀଙ୍କର ଗଭୀର ସମ୍ବନ୍ଧ ରହିଛି।**

**ପେଚା:** ସନାତନ ଧର୍ମରେ ସବୁ ଦେବୀ-ଦେବତାଙ୍କ ବାହନ କୌଣସି ପଶୁ, ପକ୍ଷୀ ହୋଇଥାନ୍ତି। ଏହି କ୍ରମରେ ପେଚା ଏକ ରାତ୍ରୀଚର ପକ୍ଷୀ। କେତେକ ଏହାକୁ ଅଶୁଭ ବୋଲି କହିଥାନ୍ତି। କିନ୍ତୁ ଏହାସତ୍ତ୍ୱେ ଏହି ପକ୍ଷୀଟି ଧନଦାତ୍ରୀଙ୍କ ବାହନ ଭାବେ ସ୍ୱୀକୃତ। ପେଚା ଶିକ୍ଷା ଦିଏ ଯେ, ଯେଉଁ ବ୍ୟକ୍ତି ଦିନ-ରାତି ପରିଶ୍ରମ କରେ, ମା' ଲକ୍ଷ୍ମୀଙ୍କ କୃପା ସର୍ବଦା ତାଙ୍କ ଉପରେ ରହିଥାଏ। ଅର୍ଥାତ ପରିଶ୍ରମୀ ଲୋକଙ୍କ ଘରେ ମା' ଲକ୍ଷ୍ମୀ ବାସ କରନ୍ତି।

ପୌରାଣିକ ଆଖ୍ୟାନ ଅନୁଯାୟୀ ଏକଦା ମା' ଲକ୍ଷ୍ମୀ ନିଜ ବାହନ ଚୟନ କରିବା ପାଇଁ ଧରାପୃଷ୍ଠକୁ ଆସିଲେ। ସେହି ସମୟରେ ସମସ୍ତ ପଶୁପକ୍ଷୀ ପ୍ରସ୍ତୁତ ହୋଇ ମା' ଲକ୍ଷ୍ମୀଙ୍କ ସାମ୍ନାରେ ବସିଲେ। ଏହାପରେ ମା' ଲକ୍ଷ୍ମୀ ସେମାନଙ୍କୁ କହିଲେ ଯେ, ସେ କାର୍ତ୍ତିକ ମାସ ଅମାବାସ୍ୟାରେ ପୃଥିବୀପୃଷ୍ଠରେ ବିଚରଣ କରନ୍ତି। ସେହି ସମୟରେ ଯେଉଁ ପଶୁପକ୍ଷୀ ତାଙ୍କ ପାଖରେ ପ୍ରଥମେ ପହଞ୍ଚିବ, ସେ ତାଙ୍କ ବାହନ ହେବ। ଅମାବାସ୍ୟା ରାତି ଖୁବ୍ ଅନ୍ଧକାର ହୋଇଥାଏ। ଏହି ରାତିରେ ସବୁପଶୁପକ୍ଷୀଙ୍କୁ କମ୍ ଦେଖାଯାଏ। ଯେତେବେଳେ କାର୍ତ୍ତିକ ମାସ ଅମାବାସ୍ୟାରେ ମା' ଲକ୍ଷ୍ମୀ ପୃଥିବୀପୃଷ୍ଠରେ ପହଞ୍ଚିଲେ, ସେତେବେଳେ ପେଚା ଏହା ଦେଖି ତାଙ୍କ ସାମ୍ନାରେ ଆସି ପହଞ୍ଚିଲା। କାରଣ ପେଚାକୁ ରାତିରେ ଭଲ ଦେଖାଯାଏ। ପେଚାର ଏହି ଗୁଣରେ ମା' ଲକ୍ଷ୍ମୀ ପ୍ରସନ୍ନ ହୋଇ ତାକୁ ନିଜ ବାହନ ଭାବେ ଗ୍ରହଣ କଲେ। ସେବେଠୁ ମା' ଲକ୍ଷ୍ମୀଙ୍କ ବାହନ ପେଚା ରହି ଆସିଛି।

**କଉଡ଼ି:** କଉଡ଼ି ଆମ ଧାର୍ମିକ, ସାମାଜିକ, ସାଂସ୍କୃତିକ ଜୀବନ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପୂର୍ବ କାଳରେ କଉଡ଼ିକୁ ମୁଦ୍ରା ଭାବେ ବ୍ୟବହାର କରାଯାଉଥିଲା। ତେବେ ସମୁଦ୍ରରୁ ଉତ୍ପନ୍ନ ଯେତେ ସବୁ ବସ୍ତୁ ରହିଛି, ସେସବୁ କୌଣସି ନା କୌଣସି ରୂପରେ ଲକ୍ଷ୍ମୀପୂଜାରେ, ନଚେତ୍ ଲକ୍ଷ୍ମୀଙ୍କ ପ୍ରତୀକ ଭାବେ ବ୍ୟବହାର ହୋଇଥାଏ। ଯେପରି ଶଙ୍ଖ ଓ କଉଡ଼ି। ଶଙ୍ଖକୁ ଲକ୍ଷ୍ମୀଙ୍କ ଭାଇ ବୋଲି କୁହାଯାଏ। ଶଙ୍ଖ ପୂଜାର ମଧ୍ୟ ବିଶେଷ ବିଧି ରହିଛି। ସେହିପରି କଉଡ଼ିକୁ ଲକ୍ଷ୍ମୀକାରକ ବୋଲି କୁହାଯାଏ।

**ପଦ୍ମ:** ଲକ୍ଷ୍ମୀଙ୍କ ଆସନ ହେଉଛି ପଦ୍ମଫୁଲ। ପଦ୍ମ ମଧ୍ୟ ଜଳରୁ ଉତ୍ପନ୍ନ। ପୌରାଣିକ କାହାଣୀ ଅନୁସାରେ, ବିଷ୍ଣୁଙ୍କ ଘରଣୀ ମା' କମଳାଙ୍କ ସୃଷ୍ଟି ପଦ୍ମରୁ। ସେଥିପାଇଁ ତାଙ୍କର ଅନ୍ୟନାମ ପଦ୍ମଜା ବା ପଦ୍ମାଳୟା। କୁହାଯାଏ, ସମୁଦ୍ର ମନ୍ଥନ ସମୟରେ ପ୍ରଥମେ ପଦ୍ମଫୁଲର ସୃଷ୍ଟି ହୋଇଥିଲା। ଭଗବାନ ବିଷ୍ଣୁଙ୍କ ନାଭିରୁ କମଳ ସୃଷ୍ଟି ହୋଇଥିଲା। ଯେତେବେଳେ ସେ ସମୁଦ୍ର ଭିତରୁ ବାହାରିଲେ ସେଥିରେ ପଦ୍ମ କଢ଼ି ଲାଗିଥିଲା। ଏହି କଢ଼ି ଫୁଟିବାରୁ ବ୍ରହ୍ମାଙ୍କ ସୃଷ୍ଟି ହୋଇଛି। ବ୍ରହ୍ମା ସୃଷ୍ଟିର ରଚୟିତା। ଏହିପରି ଭାବେ ସୃଷ୍ଟିର ଆରମ୍ଭ କରିବାର ଶ୍ରେୟ ପଦ୍ମକୁ ଦିଆଯାଏ। ତେଣୁ ଭାରତୀୟ ଧର୍ମ, ଦର୍ଶନ ଏବଂ ସଂସ୍କୃତିର ସନ୍ଦେଶ ବାହକ ହେଉଛି ପଦ୍ମ।

## ପ୍ରଥମାଷ୍ଟମୀ



ମାର୍ଗଶିର କୃଷ୍ଣ ଅଷ୍ଟମୀ ତିଥିରେ ପାଳନ କରାଯାଏ ପ୍ରଥମାଷ୍ଟମୀ। ଓଡ଼ିଶାର ଏହା ହେଉଛି ଏକ ପାରମ୍ପରିକ ପର୍ବ। ଏହା ସୌଭାଗିନୀ ଅଷ୍ଟମୀ, କାଳ ଭୈରବାଷ୍ଟମୀ, ପାପ ନାଶିନୀ ଅଷ୍ଟମୀ ଭାବେ ମଧ୍ୟ ପରିଚିତ। ତେବେ ମାର୍ଗଶୀରକୁ ପ୍ରଥମ ମାସକୁ ଗଣନା କରାଯାଇ ଏହି ମାସରୁ ବର୍ଷାରମ୍ଭ ହେଉଥିଲା। ତେଣୁ ବର୍ଷର ପ୍ରଥମ ମାସର ପ୍ରଥମ ଅଷ୍ଟମୀକୁ 'ପ୍ରଥମାଷ୍ଟମୀ' ବୋଲି କୁହାଯାଇଛି।

ଏହିଦିନ ଜ୍ୟେଷ୍ଠ ସନ୍ତାନର ସୁଖ ସମୃଦ୍ଧି ଓ ଦୀର୍ଘଜୀବନ ପାଇଁ ପୂଜାବିଧି ଅନୁଷ୍ଠିତ ହୋଇଥାଏ। ସେମାନଙ୍କର ଦୀର୍ଘଜୀବନର କାମନା କରି ମାଆମାନେ ଷଠୀ ଦେବୀଙ୍କର ପୂଜାର୍ଚ୍ଚନା କରିଥାନ୍ତି। ଘରର ଜ୍ୟେଷ୍ଠ କନ୍ୟା ବା ପୁତ୍ର ନୂଆ ବସ୍ତ୍ର ପରିଧାନ କରନ୍ତି। ପିଢ଼ା ଉପରେ ସେମାନଙ୍କୁ ବସାଯାଇ ଫୁଲ ଚନ୍ଦନରେ ଠାକୁରଙ୍କ ସାମ୍ନାରେ ବନ୍ଦାପନା କରାଯାଏ। ପରମ୍ପରା ଅନୁଯାୟୀ ଏହି ନୂଆ ବସ୍ତ୍ର ମାମୁଁଘରୁ ଆସିଥାଏ। ସେହିପରି ଏହିଦିନେ ଏଣ୍ଡୁରିପିଠାର ମହତ୍ତ୍ୱ ବେଶି। ହଳଦିପତ୍ରରେ ଏହି ପିଠାକୁ ତିଆରି କରାଯାଏ।

ତେବେ ପ୍ରଥମାଷ୍ଟମୀ ଦିନ ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କର ମାମୁଁଘର ଯାତ୍ରା ହୋଇଥାଏ। ପୋଢୁଆଁ ହେବା ପାଇଁ ଲିଙ୍ଗରାଜ ମହାପ୍ରଭୁ କପାଳିମଠ ବିଜେ କରନ୍ତି। ଏହିମଠର ଆରାଧ୍ୟ ଦେବତା ବରୁଣେଶ୍ୱର ଓ ବନଦେବ।

## ପ୍ରଶ୍ନୋତ୍ତର



୧. ରାବଣ କେଉଁ ବାଦ୍ୟଯନ୍ତ୍ର ବଜାଉଥିଲା?
୨. ଭାବାର୍ଥ ରାମାୟଣ କିଏ ଲେଖିଥିଲେ?
୩. କାହାର ନାମ ଥିଲା 'କଳହପ୍ରିୟ'?
୪. ରାଜା ଜନକଙ୍କ ସାନ ଭାଇଙ୍କ ନାଁ କ'ଣ?
୫. ମହର୍ଷି ବଶିଷ୍ଠଙ୍କ ଗାଈର ନାମ କ'ଣ?

**ଉତ୍ତର**
(୧)ବୀଣା(୨) ଏକନାଥ (୩) ନାରଦ (୪) କୁଶଧ୍ୱଜ (୫) ସୁରଭି

## ଗୋଡ଼ରେ କଳାଫିତା ବାନ୍ଧିବାର ମହତ୍ତ୍ୱ

**ଆଜିକାଲି ମହିଳା, ପୁରୁଷ, ପିଲାମାନେ ସମସ୍ତେ ଗୋଡ଼ବଳାରେ କଳାଫିତା ବାନ୍ଧୁଛନ୍ତି । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହାକୁ ବାନ୍ଧିଲେ କାହାର ଖରାପ ନଜର ପଡ଼ି ନ ଥାଏ ଏବଂ ନକାରାତ୍ମକ ଶକ୍ତି ଦୂରରେ ରହେ । ତେବେ ଗୋଡ଼ରେ କଳା ଫିତା ବାନ୍ଧିବା ପଛରେ ଧାର୍ମିକ ମହତ୍ତ୍ୱ ସମ୍ପର୍କରେ ଜାଣିବା।**



**ଶନି ମହାଦଶାରୁ ରକ୍ଷା କରେ:** ନବଗ୍ରହ ମଧ୍ୟରୁ କୌଣସି ଗ୍ରହର ସ୍ଥିତି ଦୁର୍ବଳ ହେଲେ ଜୀବନରେ ଅଶାନ୍ତି ସୃଷ୍ଟି ହୁଏ। ଗୋଡ଼ରେ କଳାଫିତା ବାନ୍ଧିବା ଦ୍ୱାରା ଶନି ମହାଦଶା, ସାଢ଼େ ସାତିର ପ୍ରଭାବ କମ୍ ହୋଇଥାଏ । ଏହା ସହ ଶନି ଗ୍ରହ ମଜଭୁତ୍ ହୁଏ । ସେହିପରି ରାହୁ-କେତୁ ଦୁର୍ବଳ ଥିଲେ ବି କଳାଫିତା ଗୋଡ଼ରେ ବାନ୍ଧିବାକୁ କୁହାଯାଏ ।

**ନଜର ଲାଗେ ନାହିଁ:** ନଜର ଉତାରିବାର ଅନେକ ଉପାୟ ଅଛି । ଏଥିରୁ ଅନ୍ୟତମ କଳାଫିତା । ଗୋଡ଼ରେ କଳା ଫିତା ବାନ୍ଧିବା ଦ୍ୱାରା କାହାର ନଜର ଲାଗି ନ ଥାଏ । ଏପରିକି ନକାରାତ୍ମକ ଶକ୍ତି ଦୂରରେ ରହେ ।

**କଳାଫିତା ବାନ୍ଧିବାର ନିୟମ:** ଗୋଡ଼ରେ କଳାଫିତା ବାନ୍ଧିବାର କିଛି ନିୟମ ଅଛି। ପୁରୁଷମାନେ ଡାହାଣ ଓ ମହିଳାମାନେ ବାମ ଗୋଡ଼ରେ କଳାଫିତା ବାନ୍ଧିବା ଉଚିତ ।

## ଜନକଲ୍ୟାଣରେ ଜ୍ଞାନ

**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ଓ ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ। ସେଥିପାଇଁ ଜ୍ଞାନାଲୋକକୁ ଅଧିକ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାର ଅବଶ୍ୟ ଆପଣାଇବା ଉଚିତ। ଏହି ପରିପ୍ରେକ୍ଷୀରେ ଜନକଲ୍ୟାଣକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ଓ ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା।**

ବୁଦ୍ଧ କଥା

ଜଣେ ବ୍ୟକ୍ତି ଅଧିକ ଚିନ୍ତାଗ୍ରସ୍ତ ଥିଲେ। ଆତ୍ମା କ'ଣ? ମଣିଷ ମଲାପରେ କେଉଁଠିକୁ ଯାଏ? ସୃଷ୍ଟିର ନିର୍ମାତା କିଏ? ସ୍ୱର୍ଗ ଓ ନର୍କ କଥା କେତେ ଦୂର ସତ ଏବଂ ଈଶ୍ୱର ଅଛନ୍ତି କି ନାହିଁ? ଏହିଭଳି ଆହୁରି କିଛି ପ୍ରଶ୍ନ ତାଙ୍କ ମନରେ ଉଙ୍କି ମାରି ତାଙ୍କୁ ବାରମ୍ବାର ବ୍ୟତିବ୍ୟସ୍ତ କରୁଥିଲା। ଏହାପରେ ସେ ଗୌତମବୁଦ୍ଧଙ୍କ ପାଖରେ ଯାଇ ପହଞ୍ଚିଲେ। ଯେତେବେଳେ ବ୍ୟକ୍ତିଜଣକ ବୁଦ୍ଧଙ୍କ ପାଖରେ ପହଞ୍ଚିଲେ, ସେତେବେଳେ ଏକାଧିକ ଲୋକ ଗୌତମବୁଦ୍ଧଙ୍କୁ ଘେରି ରହିଥିବା ସେ ଦେଖିଲେ। ସେଠାରେ ଉପସ୍ଥିତ ସମସ୍ତ ଲୋକଙ୍କ ପ୍ରଶ୍ନକୁ ବେଶ୍ ସହଜରେ ସମାଧାନ କରି ଦେଉଥିଲେ ବୁଦ୍ଧ। ସମସ୍ୟା ସମାଧାନର ଧାରା ବହୁ ସମୟ ପର୍ଯ୍ୟନ୍ତ ଜାରି ରହିଲା। ବୁଦ୍ଧ ବି ନିଜ ଜ୍ଞାନ ମାଧ୍ୟମରେ ଧୈର୍ଯ୍ୟପୂର୍ବକ ପ୍ରତ୍ୟେକଙ୍କୁ ସନ୍ତୁଷ୍ଟ କରି ଚାଲିଥିଲେ। ସେହି ବ୍ୟକ୍ତିଜଣକ ଏହି ଦୃଶ୍ୟକୁ ଦେଖି ଆହୁରି ଚିନ୍ତାରେ ପଡ଼ିଗଲେ।

ଅନ୍ୟପଟେ ଏହାକୁ ଦେଖି ସେ ଏହି ସାଂସାରିକ ମୋହମାୟାରେ ପଡ଼ି କିଛି ଲାଭ ନାହିଁ ବୋଲି ଭାବିଲେ। ତେଣୁ ଭଗବାନଙ୍କ ନାମ ଜଣାଣ କରିବା ଉଚିତ ହେବ ବୋଲି ଚିନ୍ତା କଲେ। କିନ୍ତୁ ବୁଦ୍ଧଙ୍କୁ ଦେଖି ତାଙ୍କୁ ଏମିତି ଲାଗିଲା ଯେ, ଅନ୍ୟମାନଙ୍କ ଦୁଃଖ ଯେଭଳି ବୁଦ୍ଧଙ୍କ ନିଜ ଦୁଃଖ। ଶେଷରେ ସେ ନିଜକୁ ରୋକି ନ ପାରି ବୁଦ୍ଧଙ୍କୁ ପଚାରିଲେ, 'ଆଜ୍ଞା, ଆପଣଙ୍କର ଏହି ସାଂସାରିକ ଜୀବନ ସହିତ କ'ଣ ସମ୍ବନ୍ଧ ଅଛି?

ବୁଦ୍ଧ କହିଲେ, 'ମୁଁ ଜ୍ଞାନୀ ନୁହେଁ। କିନ୍ତୁ ମୁଁ ଜଣେ ମଣିଷ। ତେବେ ଜ୍ଞାନକୁ ନେଇ ଅହଂଭାବ ରଖିଲେ ସେ ଜ୍ଞାନ କେଉଁ କାମର? ଯଦି ଜ୍ଞାନ ଅନ୍ୟର ଚିନ୍ତା କରିବନି, ସେଭଳି ଜ୍ଞାନ ତ ଅଜ୍ଞାନଠାରୁ ମଧ୍ୟ ଖରାପ। ତେଣୁ ଜ୍ଞାନ ମାଧ୍ୟମରେ ହିଁ ସମସ୍ତଙ୍କ ଚିନ୍ତା କରିବା ଜରୁରି। କାରଣ ସମସ୍ତଙ୍କ ହିତରେ ହିଁ ମଙ୍ଗଳ ହୋଇଥାଏ। ବୁଦ୍ଧଙ୍କ କଥା ଶୁଣିବା ପରେ ବ୍ୟକ୍ତିଙ୍କ ଦ୍ୱନ୍ଦ୍ୱ ଦୂର ହୋଇଗଲା। ସେହି ଦିନ ହିଁ ତାଙ୍କ ଚିନ୍ତାଧାରା ଓ ଆଚରଣ ବଦଳିଗଲା। ବୁଦ୍ଧ ତାଙ୍କୁ ଖୁବ୍ ସହଜରେ ବୁଝାଇ ଦେଲେ ଯେ, ଜ୍ଞାନ ସେତେବେଳେ ସାର୍ଥକ ହୁଏ, ଯେତେବେଳେ ତାହା ଜନ କଲ୍ୟାଣ ସହ ଜଡ଼ିତ ହୁଏ।



## ଆଇଏସ୍‌ଏଲ୍: ଏଫ୍‌ସି ଗୋଆ ବିଜୟୀ

ମାର୍ଗାଓ, ୩।୧୨(ଏଜେନ୍ସି): ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ଚଳିତ ୧୦ମ ସଂସ୍କରଣରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଘରୋଇ ଏଫ୍‌ସି ଗୋଆ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ସ୍ଥାନୀୟ ଫଟୋର୍ଡା ଷ୍ଟାଡିୟମରେ ଗୋଆ ୧-୦ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ଗୋଆ ତରଫରୁ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମ୍‌ର ପ୍ରଥମ ମିନିଟ୍‌ରେ ରୋଲିନ ବୋର୍ଗେସ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ବଲ ପଜେସନ, ପାସ୍‌ରେ କେରଳ ଏବଂ ପାସ୍ ଆକ୍ୟୁରେସିରେ ଗୋଆ ଆଗରେ ରହିଥିଲା। ଗୋଆ ଏଥିସହ ୭ଟି ମ୍ୟାଚ୍ ଖେଳି ୬ ବିଜୟ ଗୋଟିଏ ଡ୍ର ସହ ୧୯ ପଏଣ୍ଟ ପାଇଁ ତାଲିକା ଶୀର୍ଷରେ ରହିଛି।

## ୧୦ରୁ ତମାଣ୍ଡୋ କପ୍ ଫୁଟବଲ

ଭୁବନେଶ୍ୱର, ୩।୧୨(ସମିସ): ସ୍ଥିତ ଶିବ ଶକ୍ତି କ୍ଲବ ଆନୁକୂଲ୍ୟରେ ଆସନ୍ତା ୧୦ ତାରିଖରୁ 'ତମାଣ୍ଡୋ କପ୍' ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥିରେ କଟକ, ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାର ମୋଟ୍ ୧୦ଟି ଦଳ ଅଂଶଗ୍ରହଣ କରିବେ। ୨୦ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ।

ପୁଣି ହାରିଲା ଅଷ୍ଟ୍ରେଲିଆ

# ୪-୧ରେ ଟି-୨୦ ସିରିଜ୍ ଜିତିଲା ଭାରତ

■ ଅକ୍ଷର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି
■ ସିରିଜ୍‌ରେ ରବି ବିଷ୍ଣୋଇ ଶ୍ରେଷ୍ଠ
■ ନେତୃତ୍ୱ ପଦାର୍ପଣରେ ସୂର୍ଯ୍ୟକୁମାର ଜିତାଇଲେ ସିରିଜ୍




ବେଙ୍ଗାଲୁରୁ, ୩।୧୨(ଏଜେନ୍ସି): ମୁକେଶ କୁମାରଙ୍କ ନେତୃତ୍ୱରେ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଏଠାରେ ରବିବାର ଖେଳାଯାଇଥିବା ୫ମ ତଥା ଶେଷ ଟି-୨୦ ମ୍ୟାଚ୍‌ରେ ଭାରତ ୬ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହା ଫଳରେ ଦଳ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୪-୧ରେ ଜିତିନେଇଛି। ଏହି ମ୍ୟାଚ୍‌ରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ଅକ୍ଷର ପଟେଲ (୩୧ ରନ୍, ୧୪ ରନ୍‌ରେ ୧ ୱିକେଟ)ଙ୍କୁ ଶ୍ରେଷ୍ଠ ଖେଳାଳି ଓ ୫ଟି ମ୍ୟାଚ୍‌ରେ ୯ଟି ୱିକେଟ ନେଇଥିବା ରବି ବିଷ୍ଣୋଇଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍ ପରେ ଭାରତୀୟ କ୍ରିକେଟ ଦଳ ଏକ ପୂର୍ଣ୍ଣାଙ୍ଗ ସିରିଜ୍ ଖେଳିବାକୁ ଦକ୍ଷିଣ ଆଫ୍ରିକା ଯିବ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଘରୋଇ ମାଟିରେ ପାକିସ୍ତାନ ସହ ଟେଷ୍ଟ ସିରିଜ୍ ଖେଳିବ।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟରେ ୧୬୦ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ସମାନ ସଂଖ୍ୟକ ଓଭର ଖେଳି ୮ ୱିକେଟରେ ୧୫୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ବେନ ମ୍ୟାକଡର୍ମଟ ସର୍ବାଧିକ ୫୪, ଟ୍ରାଭିସ ହେଡ ୨୮ ଓ ଅଧିନାୟକ ମାଥ୍ୟୁ ୱେଡ୍ ୨୨ ରନ୍ କରିଥିଲେ। ୱେଡ୍ ଶେଷଭାଗରେ ଦ୍ରୁତ ରନ୍ ସଂଗ୍ରହ କରିଥିଲେ ମଧ୍ୟ ଦଳକୁ ଜିତାଇବାରେ ସମର୍ଥ ହୋଇ ନଥିଲେ। ମୁକେଶ କୁମାରଙ୍କ ୩ ୱିକେଟ ପରେ ଅର୍ଶଦୀପ ସିଂ ଓ ରବି ବିଷ୍ଣୋଇ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଅକ୍ଷର ପଟେଲ ତାଙ୍କ ୪ ଓଭରରେ ମାତ୍ର ୧୪ ରନ୍ ଦେଇ ଗୋଟିଏ ୱିକେଟ ପାଇଥିଲେ। ବିସ୍ଫୋରକ ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କ ପ୍ରଥମଥର ନେତୃତ୍ୱରେ ଭାରତ ସିରିଜ୍ ଜିତିବାରେ ସମର୍ଥ ହୋଇଛି।

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଭଲ ଆରମ୍ଭ କରି ପାରି ନଥିଲା। ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ୨୧ ଓ ଋତୁରାଜ ଗାଏକ୍ୱାଡ ୧୦ ରନ୍ କରିପାରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୫ ଓ ନୂଆ ଫିନିସର ରିଙ୍କୁ ସିଂ ୬ ରନ୍‌ରେ ଆଉଟ ହୋଇଥିଲେ। ୧୦ମ ଓଭ ଆରମ୍ଭ ବେଳକୁ ଭାରତ ୫୫ ରନ୍‌ରେ ୪ଟି ୱିକେଟ ହରାଇସାରିଥିଲା। ନୂଆ ୱିକେଟ ରକ୍ଷକ ଜିତେଶ ଶର୍ମା କିଛି ବଡ ସଟ୍ ମାରି ଆଶା ସଞ୍ଚାର କରିଥିଲେ ମଧ୍ୟ ୨୪ ରନ୍‌ରେ ପାଭିଲିୟନ ଫେରିଯାଇଥିଲେ। ୯୭ ରନ୍‌ରେ ୫ଟି ୱିକେଟ ହରାଇବା ପରେ ଭାରତ କମ୍ ରନ କରିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଜିତେଶ ୧୬ ବଲ୍‌ରେ ୨୪ ରନ୍ କରିଥିଲେ ଓ ଆୟରଙ୍କ ସହ ମିଶି ୨୪ ବଲ୍‌ରେ ୪୨ ରନ୍ ଉଠାଇଥିଲେ। ଏହି ସମୟରେ ଗୋଟିଏ ପଟେ ଧୈର୍ଯ୍ୟର ସହ ଖେଳୁଥିବା ଉପଅଧିନାୟକ ଶ୍ରେୟସ ଆୟରଙ୍କ ସହ ବାମହାତୀ ଅକ୍ଷର ପଟେଲ ଯୋଗ ଦେବା ପରେ କିଛି ରନ୍ ସଂଗୃହୀତ ହୋଇଥିଲା। ଏମାନେ ୬ଷ୍ଠ ୱିକେଟରେ ୩୩ ବଲ୍‌ରୁ ୪୬ ରନ୍ ଉଠାଇବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିବାକୁ ସମର୍ଥ ହୋଇଥିଲା। ଉଭୟ ଖେଳାଳି ୫ଟି ବଲ ବ୍ୟବଧାନରେ ଆଉଟ ହୋଇଯିବା ଫଳରେ ଭାରତ ବଡ଼ ସ୍କୋର କରିପାରି ନଥିଲା। ଆୟର ୩୬ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବାର ପରବର୍ତ୍ତୀ ବଲ୍‌ରେ ଆଉଟ ହୋଇଥିଲେ। ସେ ୩୭ଟି ବଲରୁ ୫ ଚୌକା ଓ ୨ଛକା ସହ ୫୩ ରନ୍ କରିଥିଲେ। ଅକ୍ଷର ମଧ୍ୟ ଧୂଆଁଧାର ବ୍ୟାଟିଂ କରି ୨୧ ବଲ୍‌ରୁ ୨ ଚୌକା ଓ ୧ଛକା ସହ ୩୧ ରନ୍ କରିଥିଲେ। ଅଷ୍ଟ୍ରେଲିଆର ବୋଲରମାନେ ଏହି ମ୍ୟାଚ୍‌ରେ ଶୃଙ୍ଖଳିତ ପ୍ରଦର୍ଶନ କରିଥିଲେ। ବିଶେଷ କରି ଫାଷ୍ଟ ବୋଲର ଜେସନ ବେହେରନଡର୍ଫଙ୍କ ବିପକ୍ଷରେ ବଡ଼ ସଟ ଖେଳିବା ଭାରତୀୟ ବ୍ୟାଟରଙ୍କ ଲାଗି କଷ୍ଟକର ହୋଇଥିଲା। ସେ ଓ ବେନ୍ ଡ୍ୱାରଶୁଇସ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଚଳିତ ସିରିଜ୍‌ରେ ବେହେରନଡର୍ଫ ୧୩ଟି ୱିକେଟ ନେଇ ଅଷ୍ଟ୍ରେଲିଆ ରେକର୍ଡ ଭାଙ୍ଗିଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ** : ୧୬୦/୮, ୨୦ ଓଭର (ଶ୍ରେୟସ ଆୟର-୫୩, ଅକ୍ଷର ପଟେଲ-୩୧, ଜିତେଶ ଶର୍ମା-୨୪, ଜେସନ ବେହେରନଡର୍ଫ-୨/୩୮, ବେନ୍ ଡ୍ୱାରଶୁଇସ-୨/୩୦)।

**ଅଷ୍ଟ୍ରେଲିଆ : ୧୫୪/୮**, ୨୦ ଓଭର (ବେନ୍ ମ୍ୟାକ୍‌ଡର୍ମଟ-୫୪, ଟ୍ରାଭିସ ହେଡ୍-୨୮, ମୁକେଶ କୁମାର-୩/୨୯, ରବି ବିଷ୍ଣୋଇ-୨/୨୯, ଅର୍ଶଦୀପ ସିଂ-୨/୪୦)।

ଦକ୍ଷିଣ ଏସୀୟ କରାଟେ

## ୫ ଓଡ଼ିଆଙ୍କୁ ୫ ପଦକ



ଭୁବନେଶ୍ୱର, ୩।୧୨(ସମିସ): ନେପାଳରେ ଆରମ୍ଭ ହୋଇଥିବା ଦକ୍ଷିଣ ଏସୀୟ କରାଟେ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଭାଗ ନେଇଥିବା ୫ଜଣ ଓଡ଼ିଆ କରାଟେକାଙ୍କୁ ୬ଟି ପଦକ ମିଳିଛି। ଏହା ମଧ୍ୟରେ ରହିଛି ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ କାଂସ୍ୟ ପଦକ। ପ୍ରତିଯୋଗିତା ରବିବାର ଶେଷ ହୋଇଥିଲାବେଳେ ଏହି ଦିନ ଭାରତୀୟ ମହିଳା ଟିମ୍ କାଟା ରୌପ୍ୟ ପଦକ ବିଜୟୀ ହୋଇଛି। ଏହି ଟିମ୍‌ରେ ଓଡ଼ିଶାର ଦୁଇ ଖେଳାଳି ଭାଲେନା ଭାଲେନ୍ତିନା ଓ ସୁରମିତ ସିହ୍ନା ସଦସ୍ୟ ଅଛନ୍ତି। ମହିଳା ଫାଇଟିଙ୍ଗ୍‌ରେ ଲୋମା ସ୍ୱାଇଁ ରୌପ୍ୟ ଓ ବାଳକ ଫାଇଟିଂରେ କାଂସ୍ୟ ପଦକ ମିଳିଛି। ପୂର୍ବରୁ ଶନିବାର ସୁରମିତା ସିହ୍ନା ୨୧ ବର୍ଷରୁ କମ୍ ମହିଳା କାଟାରେ ଓ ସୁମନ ଶେଖର ଦାସ ପୁରୁଷ ଫାଇଟିଙ୍ଗ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ପଦକ ଜିତିଥିବା ଦୁଇ ପ୍ରତିଯୋଗୀଙ୍କୁ ଓଡ଼ିଶା କରାଟେ ଡୋ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଯାଇଅଛି। ଆସନ୍ତା ୫ ତାରିଖ ମଙ୍ଗଳବାର ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚିବେ।

## ମୁମ୍ବାଇକୁ ହରାଇଲା ତ୍ରିପୁରା

ବେଙ୍ଗାଲୁରୁ, ୩।୧୨(ଏଜେନ୍ସି): ଏଠାରେ ଖେଳାଯାଇଥିବା ଗ୍ରୁପ୍-ଏ' ମ୍ୟାଚ୍‌ରେ ଦୁର୍ବଳ ତ୍ରିପୁରା ୫୩ ରନ୍ (ଭିଜେଡି ମେଥଡ)ରେ ଶକ୍ତିଶାଳୀ ତଥା ତାରକାଖଚିତ ମୁମ୍ବାଇକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ତ୍ରିପୁରା ୫ ୱିକେଟରେ ୨୮୮ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ବିକ୍ରମ କୁମାର ଦାସ ସର୍ବାଧିକ ୭୦, ସୁଦୀପ ଚାଟାର୍ଜୀ ୬୦, ଗଣେଶ ସତୀଶ ୫୦ ଓ ମଣିଶଙ୍କର ମୁରାସିଂ ୨୬ ବଲ୍‌ରେ ଅପରାଜିତ ୫୫ ରନ୍ କରିଥିଲେ। ମୁମ୍ବାଇର ବୋଲିଂ କାମ ଦେଇ ନଥିଲା। ତୁଷାର ଦେଶପାଣ୍ଡେ ୨ଟି, ଶାର୍ଦ୍ଦୁଳ ଠାକୁର, ସାମ୍ସ ମୁଲାନି ଓ ଜୟ ଗୋକୁଳ ବିସ୍ତା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ମୁମ୍ବାଇ ଅଧିନାୟକ ଆଜିଙ୍କ୍ୟ ରାହାଣେଙ୍କ ୭୮ ରନ୍ ଓ ବିସ୍ତାଙ୍କ ୫୨ ରନ୍ ସତ୍ତ୍ୱେ ୪୦.୧ ଓଭରରେ ୨୧୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଅନ୍ୟ ତାରକା ଖେଳାଳିଙ୍କ ମଧ୍ୟରେ ସର୍ଫରାଜ ଖାନ ୨୬ ଓ ଶାର୍ଦ୍ଦୁଳ ଠାକୁର ୧୩ ରନ୍ କରିବାକୁ ସମର୍ଥ ହୋଇଥିଲେ। ତ୍ରିପୁରା ପକ୍ଷରୁ ମୁରାସିଂ ୨୩ ରନ୍‌ରେ ୪ଟି, ପରଭେଜ ସୁଲତାନ ୨୬ ରନ୍‌ରେ ୩ଟି ୱିକେଟ ଅକ୍ତିଆର କରି ଦଳକୁ ଐତିହାସିକ ବିଜୟ ଆଣିଦେଇଥିଲେ।

■ କୁଚ୍ ବିହାର ଟ୍ରଫି

## ଓଡ଼ିଶା ୨୭୪ରେ ଅଲଆଉଟ୍

ଭୁବନେଶ୍ୱର, ୩।୧୨(ସମିସ): ମହାରାଷ୍ଟ୍ରର ବାରାମତୀଠାରେ ଚାଲିଥିବା ମହାରାଷ୍ଟ୍ର ବିପକ୍ଷ ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି ମ୍ୟାଚ୍‌ରେ ଟସ୍ ଜିତି ଓଡ଼ିଶା ପ୍ରଥମ ଇନିଂସରେ ୧୦୧.୧ ଓଭରରେ ୨୭୪ ରନ କରି ଅଲଆଉଟ ହୋଇଛି। ଓଡ଼ିଶା ପାଇଁ ଶ୍ରୀୟାଂଶୁ ୭୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ସ୍ୱୟମ ଶ୍ରୀବାସ୍ତବ ୩୯ ରନ ସଂଗ୍ରହ କରିଥିଲେ। ମହାରାଷ୍ଟ୍ରର ସୋହନ ଜମାଲେ ୫ ଓ ସ୍ୱରାଜ ଚାଭନ ୨ ୱିକେଟ ନେଇଥିଲେ। ଜବାବରେ ମହାରାଷ୍ଟ୍ର ପ୍ରଥମ ଇନିଂସ ଆରମ୍ଭ କରି ରବିବାର ତୃତୀୟ ଦିବସ ଶେଷ ସୁଦ୍ଧା ୧୮.୪ ଓଭରରେ ଗୋଟିଏ ୱିକେଟ ହରାଇ ୮୮ ରନ ସଂଗ୍ରହ କରିଛି। ସାହିଲ ପରଖ ୬୭ ରନକରି ଆଉଟ ହୋଇଥିବା ବେଳେ ଅନିରୁଦ୍ଧ ସାବ୍‌ଲେ ୨୧ ରନ କରି ଅପରାଜିତ ରହିଛନ୍ତି। ଓଡ଼ିଶାର ସମ୍ବିଦ ବେଜ ଗୋଟିଏ ୱିକେଟ ନେଇଛନ୍ତି।


ଶ୍ରୀୟାଂଶୁ ପଟ୍ଟନାୟକ

ପୂର୍ବରୁ ପ୍ରବଳ ବର୍ଷା ଯୋଗୁଁ ପ୍ରଥମ ଦିନ ଖେଳ ସମ୍ପୂର୍ଣ୍ଣ ବାତିଲ କରିବାକୁ ପଡ଼ିଥିଲା। ଦ୍ୱିତୀୟ ଦିନ ଅର୍ଥାତ ଶନିବାର ବର୍ଷା ହୋଇ ନଥିଲେ ମଧ୍ୟ ଓଦା ପଡ଼ିଆ ଯୋଗୁଁ ଖେଳ ବିଳମ୍ବରେ ଆରମ୍ଭ ହୋଇଥିଲା। ଦ୍ୱିତୀୟ ଦିନ ମାତ୍ର ୨୩ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ଓଡ଼ିଶା ଦଳ ୨ ୱିକେଟ ହରାଇ ୭୪ ରନ୍ କରିବାକୁ ସମର୍ଥ ହୋଇଛି।

■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ଓଡ଼ିଶା-ବିଦର୍ଭ ମ୍ୟାଚ୍ ଅମୀମାଂସିତ

ଭୁବନେଶ୍ୱର, ୩।୧୨(ସମିସ): ଆସାମର ଗୁଆହାଟୀଠାରେ ଚାଲିଥିବା ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶା ବିପକ୍ଷରେ ବିଦର୍ଭ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିବା ସତ୍ତ୍ୱେ ମ୍ୟାଚ୍ ଡ୍ର ରହିଛି। ଏହି ମ୍ୟାଚ୍‌ର ପ୍ରଥମ ଦିନରେ ସ୍ୱାଗତ ସୌରଭ ମିଶ୍ରଙ୍କ ୮୦ ରନ୍ ଓ ମୟଙ୍କ ପଟ୍ଟନାୟକଙ୍କର ୪୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୨୨୪ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଜବାବରେ ବିଦର୍ଭ ପ୍ରଥମ ଇନିଂ ଆରମ୍ଭ କରି ୧୦୫ ଓଭରରେ ୪ ୱିକେଟ ହରାଇ ୪୨୪ ରନର ବିଶାଳ ସ୍କୋର ଛିଡ଼ା କରିଥିଲା। ବିଦର୍ଭ ପାଇଁ କ୍ରିସ୍ ସୋନକୁର୍ସ ୧୨୪ ଓ ସର୍ଭେସ ଇଖାନକର ୧୦୫ ରନର ଶତକୀୟ ପାଳି ଖେଳିଥିଲେ। ଜବାବରେ ଓଡ଼ିଶା ରବିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ଦ୍ୱିତୀୟ ଇନିଂସ ଆରମ୍ଭ କରି ୮୦ ଓଭରରେ ୯ ୱିକେଟ ହରାଇ ୨୪୦ ରନ ସଂଗ୍ରହ କରିଛି। ଓଡ଼ିଶା ପାଇଁ ରୁଦ୍ର ମଲିକ ୬୭ ଓ ସୁଭାଶିଷ ମଲିକ ୬୭ ରନ ସଂଗ୍ରହ କରିଥିଲେ।


ରୁଦ୍ର ପ୍ରସାଦ


ଶୁବାଶିଷ ମଲିକ




ବିଜୟ ହଜାରେ ଟ୍ରଫି

## ଓଡ଼ିଶାର ତୃତୀୟ ବିଜୟ

ଭୁବନେଶ୍ୱର, ୩।୧୨(ସମିସ): ସିକିମକୁ ୯ ୱିକେଟରେ ପରାସ୍ତ କରି ଓଡ଼ିଶା କର୍ଣ୍ଣାଟକରେ ଚାଲିଥିବା ବିଜୟ ହଜାରେ ଟ୍ରଫି ଜାତୀୟ ଦିନକିଆ





କ୍ରିକେଟରେ ତୃତୀୟ ବିଜୟ ହାସଲ କରିଛି। ଏହି ବିଜୟ ସତ୍ତ୍ୱେ ଦଳ ୩ ପଏଣ୍ଟ ପାଇ ଗ୍ରୁପ-ଏ' ପଏଣ୍ଟ ଟେବଲର ଷଷ୍ଠ ସ୍ଥାନରେ ରହିଛି। ଏହି ଗ୍ରୁପ୍‌ରେ ଓଡ଼ିଶା ଅନ୍ୟ ଦୁଇଦଳ ତ୍ରିପୁରାକୁ ୪ ୱିକେଟରେ ଓ ପୁଡୁଚେରୀକୁ ୭ ୱିକେଟରେ ପରାସ୍ତ କରିଥିଲା। କିନ୍ତୁ ଶକ୍ତିଶାଳୀ ଦଳ ରେଳବାଇଠାରୁ ୨୪ ରନ୍‌ରେ, କେରଳଠାରୁ ୭୮ ରନ୍‌ରେ ଓ ସୌରାଷ୍ଟ୍ର ନିକଟରୁ ୪ ୱିକେଟରେ ପରାଜିତ ହୋଇଛି। ଓଡ଼ିଶା ତାହାର ପରବର୍ତ୍ତୀ ତଥା ଶେଷ ଗ୍ରୁପ୍ ମୁକାବିଲା ମୁମ୍ବାଇ ସହ ମଙ୍ଗଳବାର ଖେଳିବ। ଏହି ମ୍ୟାଚ୍‌ଟି ଡିସେମ୍ବର ୫ ତାରିଖ ଅଲୁରରେ ଖେଳାଯିବ। ରବିବାର ଖେଳାଯାଇଥିବା ଅନ୍ୟ ଏକ ମୁକାବିଲାରେ ତ୍ରିପୁରା ୫୩ ରନ୍‌ରେ ମୁମ୍ବାଇକୁ ହରାଇ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି।

ଅଲୁରରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦୁର୍ବଳ ସିକ୍କିମ ପ୍ରଥମେ ବ୍ୟାଟିଂ କରି ୩୪.୪ ଓଭରରେ ମାତ୍ର ୧୧୧ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୪ଜଣ ଖେଳାଳି ଦୁଇ ଅଙ୍କ ଛୁଇଁଥିଲାବେଳେ ପାଲଜର ତାମଙ୍ଗ ସର୍ବାଧିକ ୪୨ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଦୁଇ ପେସ ବୋଲର ଦେବବ୍ରତ ପ୍ରଧାନ ୧୬ ରନ୍‌ରେ ୪ଟି ଓ ତାରିଣୀ ସ ୩୭ ରନ୍‌ରେ ୩ଟି ୱିକେଟ ନେଇ ଓଡ଼ିଶାକୁ ଭଲ ସ୍ଥିତିରେ ରଖିଥିଲେ। ଗୋବିନ୍ଦ ପୋଦ୍ଦାର ଓ ଅଭିଷେକ ରାଉତ ଅନ୍ୟ ଦୁଇଟି ୱିକେଟ ପାଇଥିଲେ। ଜବାବରେ ଓଡ଼ିଶା ଦଳ ଏହି ଲକ୍ଷ୍ୟକୁ ମାତ୍ର ଗୋଟିଏ ୱିକେଟ ହରାଇ ୨୧.୫ ଓଭରରେ ହାସଲ କରିନେଇଥିଲା। ଦଳ ପକ୍ଷରୁ ସନ୍ଦୀପ ପଟ୍ଟନାୟକ ୫୭ ଓ କାର୍ତ୍ତିକ ବିଶ୍ୱାଳ ୪୪ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଏମାନେ ଅବିଭକ୍ତ ଦ୍ୱିତୀୟ ୱିକେଟ ଭାଗିଦାରୀରୁ ୧୧୦ ରନ୍ ଉଠାଇଥିଲେ। ଏହି ମ୍ୟାଚରେ ନିୟମିତ ଅଧିନାୟକ ବିପ୍ଳବ ସାମନ୍ତରାୟ ଖେଳୁ ନଥିଲାବେଳେ କାମଚଳା ନେତୃତ୍ୱ ନେଇଥିବା ଶାନ୍ତନୁ ମିଶ୍ର ଏକମାତ୍ର ଖେଳାଳିଭାବେ ୪ ରନ୍ କରି ଆଉଟ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର